

# ଉତ୍କଳ ପ୍ରସଙ୍ଗ

ସାଧାରଣତନ୍ତ୍ର ଦିବସ ବିଶେଷାଙ୍କ

ସତ୍ୟମେବ ଜୟତେ





ଆର୍ମେନିଆ ଭୂମିକମ୍ପରେ ପ୍ରାଣ ହରାଇଥିବା
ଜନ ସାଧାରଣଙ୍କ ପ୍ରତି 'ଶୋକ ପୁସ୍ତିକା'ରେ
ପ୍ରଧାନ ମନ୍ତ୍ରୀଙ୍କ ସ୍ୱାକ୍ଷର ..

# ଉତ୍କଳ ପ୍ରସଙ୍ଗ

ପୌଷ ୧୯୧୦ ଶକାବ୍ଦ ୪୪ ଭାଗ ୬ ସଂଖ୍ୟା ଜାନୁଆରୀ ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ବିଶ୍ୱଜିତ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ଅସିତ୍ ମୁଖାର୍ଜୀ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଭୁବନେଶ୍ୱର ଓ ଜବାହରଲାଲ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ସ୍ୱାଧୀନତାର ଆହ୍ୱାନ .. | ଡକ୍ଟର ବୈଦ୍ୟନାଥ ମିଶ୍ର .. | ୫ |
| କର୍ମବୀର ବିନୋବା ଭାବେ .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ .. | ୮ |
| ଭାରତ, ପାକିସ୍ତାନ ଓ ବେନଜୀର .. | ଶ୍ରୀମତୀ ସ୍ମିତା ମିଶ୍ର .. | ୧୪ |
| ଆମ ସମ୍ବିଧାନ .. | ଶ୍ରୀ ନୃସିଂହ ପ୍ରସାଦ ଦେବ .. | ୨୧ |
| ଗୋପବନ୍ଧୁ ଓ ନୀଳକଣ୍ଠ . | ଶ୍ରୀ ରାଧାମୋହନ ଗଡ଼ନାୟକ .. | ୨୪ |
| ଗାନ୍ଧିଜୀ ଓ ଶୃଙ୍ଖଳା .. | ଶ୍ରୀ ବୈକୁଣ୍ଠ ନାଥ ମହାନ୍ତି .. | ୨୫ |
| ଆଗାମୀ ବିଶ୍ୱ ଓ ଭାରତବର୍ଷ .. | ଡକ୍ଟର ଶରତ ଚନ୍ଦ୍ର ରଥ .. | ୨୭ |
| ତିର୍ତ୍ତୋଲରେ ୧୯୪୨ ବିପ୍ଳବ .. | ଶ୍ରୀ ଗଣେଶ ପ୍ରସାଦ ପରିଡ଼ା .. | ୨୯ |
| ଓଡ଼ିଶା ଓ ଆସାମର ଲୋକ ସଂସ୍କୃତିରେ ସାମ୍ୟ .. | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି .. | ୩୫ |
| ଶୈକ୍ଷିକ ଉନ୍ନୟନରେ ଗୋଷ୍ଠୀର ଅଂଶ ଗ୍ରହଣ .. | ଡକ୍ଟର ସୁନୀଲ ବିହାରୀ ମହାନ୍ତି .. | ୩୮ |
| ଭାରତ ଓ ସଂସ୍କୃତ .. | ଶ୍ରୀ ସଦାନନ୍ଦ ଦୀକ୍ଷିତ .. | ୪୧ |
| ସରଳ ଭାଷା: ନାଗରିକର ଗଣତାନ୍ତ୍ରିକ ଅଧିକାର.. | ଶ୍ରୀ ସହଦେବ ସାହୁ .. | ୪୪ |
| ସମୁଦ୍ର ମାଛଧରାରେ ନୂଆ ପ୍ରବର୍ତ୍ତନ .. | ଶ୍ରୀ ପ୍ରଶାନ୍ତ ମହାପାତ୍ର .. | ୪୮ |
| ସାର୍ଥକ ସ୍ୱପ୍ନ .. | .. | ୫୦ |
| ସମ୍ବାଦ ପରିକ୍ରମା .. | .. | ୫୪ |
| ଜଳଶକ୍ତି ଓ ପ୍ରଗତି .. | ଶ୍ରୀ ବରଦା ପ୍ରସନ୍ନ ଦାସ .. | ୬୨ |
| ଜାତୀୟ ସଂହତି ପାଇଁ ବୁଦ୍ଧବାଣୀ .. | ଶ୍ରୀ ବଳରାମ ରାଉତ .. | ୬୫ |
| ଦର୍ଶା: ପଣସନ୍ଥ ପଇସା: ହାଟ ସଉଦା .. | ଶ୍ରୀ ବୈକୁଣ୍ଠ ନାଥ ସାହୁ .. | ୬୯ |

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

# ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା ●●

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ - ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଛୁ ।"

## ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ଧୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

ଆକାର—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—
(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ୯ × ୬

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଉର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ବୁଡ଼ୁଡ଼ିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ୍ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର
(୬୦) କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :


## • ଜାତୀୟ ପତାକା



## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟ ଗାଥା !
ଜନଗଣ ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ !

## • ଜାତୀୟ ସଙ୍କେତ



ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଅମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ ତୁଚ୍ଛ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତା'ର ଆତ୍ମା ଅଜେୟ, ଅମର ।

ଆ
ମ
ର
ପ
ତା
କା
—ବିଶ୍ୱଟିର ପରିଚୟ ସମସ୍ତେ ଜାଣନ୍ତି ।





## ୧୯୮୯ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ

## ରାଜ୍ୟପାଳଙ୍କ

# ବାର୍ତ୍ତା

ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଏସ୍. ନୁରୁଲ ହାସାନ ୧୯୮୯ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ବାର୍ତ୍ତା ଦେଇଛନ୍ତି :—

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

୩୯ବର୍ଷ ପୂର୍ବେ ଆଜିର ଏହି ଐତିହାସିକ ଦିବସରେ ଆମେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରୂପେ ଘୋଷଣା କରିଥିଲୁ । ପରେ ଭାରତର ଲକ୍ଷ୍ୟ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ବୋଲି ଆମେ ସ୍ପଷ୍ଟ କରିଥିଲୁ । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କପାଇଁ ସାମାଜିକ ତଥା ଅର୍ଥନୈତିକ ନ୍ୟାୟ ପ୍ରଦାନ କରି ସେମାନଙ୍କର କଲ୍ୟାଣ ସାଧନ କରିବା ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ ହୋଇଥିଲୁ । ଆମେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଥିଲୁ ତାହା ବାସ୍ତବରେ ଅତି କଠିନ ଓ ଦୁରୁହ ଥିଲା । ଭାରତ ଭଳି ଏକ ବିରାଟ ଦେଶରେ ବହୁ ସମସ୍ୟା ରହିଥିବା ସତ୍ତ୍ୱେ ଆମ ସମ୍ବିଧାନର ପ୍ରାଣପ୍ରତିଷ୍ଠାତାଙ୍କ ନିର୍ଦ୍ଦେଶିତ ଲକ୍ଷ୍ୟ ହାସଲ ଦିଗରେ ଆମେ ଯେଉଁଳି ଉଚିତମାର୍ଗ ଅନୁସରଣ କରି ଆଗେଇ ଚାଲିଛୁ, ସେଥିପାଇଁ ଆମେ ଯଥାର୍ଥରେ ଗର୍ବିତ । ଆମ ଇତିହାସରେ ବିଗତବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ଓ ଘଟଣା ବହୁଳ ସମୟ ଭାବରେ ଲିପିବଦ୍ଧ ହୋଇ ରହିବ । ବହୁ ବାଧା ବିଘ୍ନ ସତ୍ତ୍ୱେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଆମେ ଯେଉଁଳି ଧୈର୍ଯ୍ୟ ଓ ସାହାସର ସହିତ ବହୁ ସମସ୍ୟାର ସମାଧାନ କରି ପାରିଛୁ, ତାହା ଆମ ସାଧାରଣତନ୍ତ୍ରର ପରିପକ୍ୱତା ଓ ଦୃଢ଼ତାର ପ୍ରମାଣ ଦିଏ ।

ଆଜିର ଓଡ଼ିଶା ହେଉଛି ଗୌରବମୟ ଅତୀତ ଓ ସମସାମୟିକ ଅଭିବ୍ୟକ୍ତିର ଏକ ବର୍ଣ୍ଣିଳ ପ୍ରତିଛବି । ଓଡ଼ିଶା ବିପୁଳ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ । ଏଠାରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଏକ ଉଚ୍ଚ ପରମ୍ପରା ରହିଛି । ଏହାର ଜନସାଧାରଣ କର୍ମଠ, ଗତିଶୀଳ ଓ ଅନିସହିଷ୍ଣୁ । ସେମାନେ ଯେ କୌଣସି ଆହ୍ୱାନର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ । ରାଜ୍ୟ ସରକାର ରାଜ୍ୟ ତଥା ଜନସାଧାରଣଙ୍କର ଉନ୍ନତି ଉଦ୍ଦେଶ୍ୟରେ ଏସବୁ ସମ୍ପଦର ଯଥା ସମ୍ଭବ ଉପଯୋଗ ପାଇଁ ଅବିରତ ଉଦ୍ୟମ କରି ଆସିଛନ୍ତି । ଅଦ୍ୟାବଧି ଆମେ ଯେଉଁ ସଫଳତା ହାସଲ କରିଛୁ ତାହା ବେଶ୍ ଉଲ୍ଲେଖନୀୟ । ମାତ୍ର ଆଗାମୀ ବର୍ଷମାନଙ୍କରେ ପ୍ରତ୍ୟେକ କ୍ଷେତ୍ରରେ ଆମେ ଆମର ଉଦ୍ୟମକୁ ଦ୍ୱିଗୁଣିତ କରିବାକୁ ପଡ଼ିବ, ଯାହାଦ୍ୱାରା ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଭାରତର ଅନ୍ୟତମ ଅଗ୍ରଗାମୀ ରାଜ୍ୟ ଭାବେ ଏହାର ନ୍ୟାଯ୍ୟ ସ୍ଥାନ ହାସଲ କରିପାରିବ ।

ପାରମ୍ପାରିକ ଭାବେ କୃଷି ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ । ରାଜ୍ୟର ଆୟର ଦୁଇ-ତୃତୀୟାଂଶ କୃଷିରୁ ହିଁ ମିଳିଥାଏ ଓ ଏହା ରାଜ୍ୟର ତିନି-ଚତୁର୍ଥାଂଶ ଶ୍ରମଜୀବୀଙ୍କୁ ନିଯୁକ୍ତି ପ୍ରଦାନ କରେ । ତେଣୁ କୃଷିର ବ୍ୟାପକ ଉନ୍ନତି ହେଉଛି ସରକାରଙ୍କର ଏକ ମୁଖ୍ୟ କାର୍ଯ୍ୟକ୍ରମ । ବିଭିନ୍ନ ଧରଣର ଫସଲ ଖସଡ଼ା, ଆଧୁନିକ ତଥା ବୈଜ୍ଞାନିକ ଚାଷ ପ୍ରଣାଳୀ, ଉନ୍ନତ କୃଷି ସାମଗ୍ରୀ ଓ ସମ୍ପ୍ରସାରଣ ସେବା ଜରିଆରେ କୃଷି ଉତ୍ପାଦନ ବୃଦ୍ଧି କରିବା ଲାଗି ଏକ ସୁଚିନ୍ତିତ ପରିକଳ୍ପନା କାର୍ଯ୍ୟକାରୀ କରାଯାଇଛି । ଏବେ ହେକ୍ଟର ପିଛା ୧୭ କିଲୋଗ୍ରାମ ରାସାୟନିକ ସାର ପ୍ରୟୋଗ କରାଯାଉଥିଲା ବେଳେ ଚଳିତ ବର୍ଷ ଏହା ୩୦ କିଲୋ

ଗ୍ରାମକୁ ବୃଦ୍ଧି କରାଯିବାକୁ ସ୍ଥିର ହୋଇଛି । ସ୍ୱାଧୀନତା ପ୍ରାପ୍ତି ବେଳେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ
ପ୍ରାୟ ୧୫ ଲକ୍ଷ ଟନ ଥିବା ସ୍ଥଳେ ୧୯୮୩-୮୪ ମସିହାରେ ଏହା ୭୦ ଲକ୍ଷ ଟନକୁ ବୃଦ୍ଧି ପାଇଥିବା ବାସ୍ତବିକ ଏକ
ଉଲ୍ଲେଖଯୋଗ୍ୟ ସଫଳତା । ଚଳିତ ବର୍ଷ ଶେଷସୁଦ୍ଧା ଏହାକୁ ୮୨.୭୮ ଲକ୍ଷ ମେଟ୍ରିକ ଟନକୁ ବର୍ଦ୍ଧି କରିବାର
ଲକ୍ଷ୍ୟ ହାସଲ ହୋଇ ପାରିବ ବୋଲି ଆଶା କରାଯାଉଛି

୧୯୮୦ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଏକ ଅଭିବୃଦ୍ଧି ଭିତ୍ତିକ ଶିଳ୍ପନୀତି ଫଳରେ ଏବଂ
୧୯୮୬ ମସିହାରେ ଏହି ନୀତିକୁ ଅଧିକ କୋହଳ କରାଯିବା ଦ୍ୱାରା ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଲାଗି ଏକ
ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଛି । ବୃହତ ଓ ମଧ୍ୟମ ଶିଳ୍ପଗୁଡ଼ିକର ଉନ୍ନତି ବିଧାନ କରାଯିବା
ସଙ୍ଗେ ସଙ୍ଗେ କ୍ଷୁଦ୍ର ଓ କାରିଗରୀ ଭିତ୍ତିକ ଶିଳ୍ପର ବିକାଶ ଦିଗରେ ମଧ୍ୟ ସମୁଚିତ ଧ୍ୟାନ ଦିଆଯାଉଛି ।
ରୁଗ୍ଣ ଶିଳ୍ପ ସଂସ୍ଥାଗୁଡ଼ିକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ, ଅନ୍ୟାନ୍ୟ ବାଣିଜ୍ୟିକ
ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆନୁଷ୍ଠାନିକ ସଂସ୍ଥା ଜରିଆରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

ରାଜ୍ୟରେ ଜଳସେଚନ ବ୍ୟବସ୍ଥାର ଅଧିକ ସମ୍ପ୍ରସାରଣ ପାଇଁ ସରକାର ୧୯୮୮-୮୯ ଓ ୧୯୮୯-୯୦
ଦୁଇବର୍ଷକୁ ଜଳସେଚନ ବର୍ଷ ରୂପେ ଘୋଷଣା କରିଛନ୍ତି । କ୍ଷୁଦ୍ର, ମଧ୍ୟମ, ବୃହତ ଜଳସେଚନ ଯୋଜନା
ତଥା ଉଠା ଜଳସେଚନ, ସେଚକୂପ, ଜଳ ଅମଳ ପ୍ରକଳ୍ପ ଓ ଜଳାଶୟ ସମେତ ସମସ୍ତ ଜଳ ସମ୍ପଦର
ବିନିଯୋଗ କରିବା ଦିଗରେ ସକ୍ରିୟ ଉଦ୍ୟମ କରାଯାଉଛି । ଷଷ୍ଠ ଯୋଜନା ଶେଷସୁଦ୍ଧା ରାଜ୍ୟରେ ୧୬.୨୨ ଲକ୍ଷ
ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଥିଲା । ଚଳିତ ଯୋଜନା ଶେଷ ସୁଦ୍ଧା ରାଜ୍ୟର
ଚାଷଯୋଗ୍ୟ ଜମିର ଶତକଡ଼ା ୩୪ ଭାଗ ଜମିରେ ଜଳ ସେଚନର ସୁବିଧା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

୧୯୮୦ ମସିହାରେ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ରୂପେ ପରିଗଣିତ ହେଉଥିଲା ।
ରାଜ୍ୟରେ ଶିଳ୍ପର ବ୍ୟାପକ ପ୍ରସାର ଯୋଗୁଁ ବିଦ୍ୟୁତ୍ ଶକ୍ତିର ଚାହିଦା ବହୁ ପରିମାଣରେ ବୃଦ୍ଧି ପାଇବା ଫଳରେ
ଏବେ ଓଡ଼ିଶା ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଏକ ନିଅଣ୍ଟିଆ ରାଜ୍ୟ ହୋଇପଡ଼ିଛି । ଷଷ୍ଠ ଯୋଜନା ଶେଷସୁଦ୍ଧା
ଓଡ଼ିଶାରେ ୧୧୩୪ ମେଗାୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହେଉଥିଲା । ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପର
ଆଉ ଦୁଇଟି ୟୁନିଟ କାର୍ଯ୍ୟକାରୀ ହେବା ଫଳରେ ବିଦ୍ୟୁତ୍ ଉତ୍ପାଦନ ୧୨୩୪ ମେଗାୱାଟକୁ ବୃଦ୍ଧି ପାଇଛି ।
୧୯୮୭-୮୮ ମସିହାରେ ଉପର କୋଲାବର ଆଉ ଦୁଇଟି ୟୁନିଟ କାର୍ଯ୍ୟକାରୀ ହେବା ଫଳରେ ଆହୁରି ୧୬୦
ମେଗାୱାଟ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଲା ଏବଂ ମୋଟ ବିଦ୍ୟୁତ୍ ଉତ୍ପାଦନ ୧୩୯୪ ମେଗାୱାଟକୁ
ବୃଦ୍ଧି ପାଇଲା । ବିଦ୍ୟୁତ୍ ଶକ୍ତିର ଚାହିଦା ଅଧିକରୁ ଅଧିକ ବୃଦ୍ଧି ପାଉଛି ଏବଂ ଅନିଶ୍ଚିତ ମୌସୁମୀ ପ୍ରବାହ
ଫଳରେ ଜଳବିଦ୍ୟୁତ୍ ଯୋଜନା ବ୍ୟାହତ ହୋଇପଡୁଛି । ଏହାକୁ ଆଖି ଆଗରେ ରଖି ତାଳଚେରଠାରେ
କେନ୍ଦ୍ର ସରକାରଙ୍କ ଦ୍ୱାରା ୩୦୦୦ ମେଗାୱାଟ ଶକ୍ତି ସମ୍ପନ୍ନ ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ଏବଂ ଇବ୍
ଉପତ୍ୟକାଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ୮୪୦ ମେଗାୱାଟ ଶକ୍ତି ବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ର ଶୀଘ୍ର
ସ୍ଥାପନ କରାଯିବ । ଏହା ଫଳରେ ଚଳିତ ଶତାବ୍ଦୀର ଶେଷସୁଦ୍ଧା ଓଡ଼ିଶା ବିଦ୍ୟୁତ୍ ଶକ୍ତି ଉତ୍ପାଦନ
କ୍ଷେତ୍ରରେ ଏକ ବିଶିଷ୍ଟ ସ୍ଥାନ ହାସଲ କରିପାରିବ ।

ସରକାର ୧୯୯୦ ମସିହା ସୁଦ୍ଧା ରାଜ୍ୟରେ ସମସ୍ତ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା
ଲାଗି ଦୃଢ଼ ପରିକର । ବିଗତ ବର୍ଷ ଶେଷ ସୁଦ୍ଧା ୨୬,୬୮୭ ଗ୍ରାମରେ ୯୩,୯୮୨ଟି ନଳକୂପ ଖନନ କରାଯାଇ
ଥିଲା । ଡେନମାର୍କ ସରକାରଙ୍କ ସହାୟତାକ୍ରମେ ରାଜ୍ୟର ଉପକୂଳବର୍ତ୍ତୀ ୨୦ଟି ବ୍ଲକ୍‌ର ଲୁଣାପାଣି ଅଞ୍ଚଳରେ
ସରକାର ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । କୋରାପୁଟ,
ଫୁଲବାଣୀ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚଟି ଲେଖାଏଁ ବ୍ଲକକୁ ଟେକ୍ନୋଲୋଜି ମିଶନ୍‌ର ପରିସରଭୁକ୍ତ
କରାଯାଇଛି ।

ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ସଂପ୍ରଦାୟ ରାଜ୍ୟର ମୋଟ୍ ଜନସଂଖ୍ୟାର ଯଥାକ୍ରମେ ଶତକଡ଼ା
୨୨.୪୩ ଭାଗ ଓ ୧୪.୬୬ ଭାଗ । ଅନୁନ୍ନତ ଶ୍ରେଣୀର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସରକାର
ଉଚ୍ଚ ଅଗ୍ରାଧିକାର ଦେଉଛନ୍ତି । ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ସଂପ୍ରଦାୟର ଲୋକମାନଙ୍କର
ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ସଙ୍ଗେ ସଙ୍ଗେ ସେମାନଙ୍କୁ ସବୁ ପ୍ରକାର ଶୋଷଣରୁ ମୁକ୍ତ କରିବା ପାଇଁ
ତଥା ପ୍ରାକୃତିକ ବିପର୍ଯ୍ୟୟରୁ ସେମାନଙ୍କୁ ରକ୍ଷାକରିବା ପାଇଁ ବିଶେଷ ଉଦ୍ୟମ କରାଯାଉଛି । ଏଥିଲାଗି ଆଦିବାସୀ
ଉପଯୋଜନା, ତପସିଲଭୁକ୍ତ ଜାତି ପାଇଁ କଂପୋନେଣ୍ଟ ଯୋଜନା, ଖଣ୍ଡ ଯୋଜନା, ସଂଶୋଧିତ ଅଞ୍ଚଳ ଉନ୍ନୟନ
କାର୍ଯ୍ୟକ୍ରମ ତଥା ବିଶେଷ ଶିକ୍ଷା କାର୍ଯ୍ୟକ୍ରମ ଇତ୍ୟାଦି କାର୍ଯ୍ୟକାରୀ କରାଯାଉଛି । ଆନନ୍ଦର କଥା ଯେ ଷଷ୍ଠ ଯୋଜନା
କାଳରେ ରାଜ୍ୟରେ ୪.୮୯ ଲକ୍ଷ ତପସିଲଭୁକ୍ତ ସଂପ୍ରଦାୟ ଓ ୪.୬୪ଲକ୍ଷ ତପସିଲଭୁକ୍ତ ଜାତିର ପରିବାର ଦାରିଦ୍ର୍ୟ
ସୀମାରେଖା ଅତିକ୍ରମ କରିପାରିଛନ୍ତି । ସପ୍ତମ ଯୋଜନା ଶେଷବେଳକୁ ୫.୧୫ଲକ୍ଷ ତପସିଲଭୁକ୍ତ ଜାତି ଓ ୫.୧୦ଲକ୍ଷ
ତପସିଲଭୁକ୍ତ ସଂପ୍ରଦାୟର ପରିବାରଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସାହାଯ୍ୟ ଦିଆଯାଇଥିବ ।

ଶିକ୍ଷାକ୍ଷେତ୍ରରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ସଙ୍ଗେ ସଙ୍ଗେ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ନାରୀଶିକ୍ଷାକୁ ଉତ୍ସାହିତ କରିବାପାଇଁ ସରକାର ନାରୀମାନଙ୍କପାଇଁ ସ୍ନାତକୋତ୍ତରସ୍ତର ପର୍ଯ୍ୟନ୍ତ ବିନା ଦରମାରେ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି । ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମହିଳା-ମାନଙ୍କୁ ଶିକ୍ଷୟିତ୍ରୀଭାବରେ ନିଯୁକ୍ତି ଦେବାପାଇଁ ଅଗ୍ରାଧିକାର ଦିଆଯାଉଛି ।

ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରିକରଣଲାଗି ରାଜ୍ୟ ଓ କେନ୍ଦ୍ର ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଇଛି । ଦାରିଦ୍ର୍ୟ ଦୂରିକରଣ କାର୍ଯ୍ୟକ୍ରମ ସହିତ ଆଦିବାସୀ ଉପଯୋଜନା ଓ ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ ପରିକଳ୍ପନା ରାଜ୍ୟର ଅର୍ଥନୀତି ଉପରେ ଅନୁକୂଳ ପ୍ରଭାବ ପକାଇପାରିଛି । କେନ୍ଦ୍ର ସରକାରଙ୍କ ଯୋଜନା ଆୟୋଗଙ୍କ ଅଟକଳ ଅନୁଯାୟୀ ୧୯୭୭-୭୮ରେ ଓଡ଼ିଶାରେ ଶତକଡ଼ା ୬୬·୪୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାସ୍ଥଳେ ୧୯୮୩-୮୪ରେ ସେମାନଙ୍କର ସଂଖ୍ୟା ଶତକଡ଼ା ୪୨·୮ଭାଗକୁ ଖସିଆସିଛି । ଜାତୀୟସ୍ତରରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟାର ହାର ଶତକଡ଼ା ୨୨ ହ୍ରାସ ପାଇଥିବାସ୍ଥଳେ ଓଡ଼ିଶାରେ ଏହା ଶତକଡ଼ା ୩୮ ହ୍ରାସ ପାଇଛି । ୧୯୮୩-୮୪ରେ ସରକାରଙ୍କ ବହୁ ଉନ୍ନୟନ ମୂଳକ ତଥା ଜନକଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଫଳରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ଜନସଂଖ୍ୟା ଆହୁରି ହ୍ରାସପାଇଛି ।

ଅତିରିକ୍ତ ପୁଷ୍ଟିସାଧନ କାର୍ଯ୍ୟକ୍ରମଗୁଡ଼ିକୁ ସଂପ୍ରସାରିତ କରାଯିବାଫଳରେ ଉପକୃତ ବ୍ୟକ୍ତିମାନଙ୍କ ସଂଖ୍ୟା ୧୬·୯୨ ଲକ୍ଷରୁ ୨୨·୧୬ ଲକ୍ଷକୁ ବୃଦ୍ଧିପାଇଛି ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାର ସଂଖ୍ୟା ୬୦ରୁ ୮୪କୁ ବୃଦ୍ଧିପାଇଛି ।

ଆମ ରାଜ୍ୟର ବିବିଧ ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାର ପୁଷ୍ଟିସାଧନ, ବିକାଶ ଓ ପ୍ରସାର ପାଇଁ ଅନେକ ପ୍ରଶଂସନୀୟ ଉଦ୍ୟମ କରାଯାଇଛି । ରାଜ୍ୟର ଗୌରବମୟ ସାଂସ୍କୃତିକ ପରମ୍ପରା ପୁଣିଥରେ ଦରିଆପାରି ଅଞ୍ଚଳରେ ଆଦୃତ ହୋଇଉଠୁଛି । କ୍ରୀଡ଼ା କସରତର ବିକାଶ ପ୍ରତି ସରକାର ବିଶେଷ ଧ୍ୟାନ ଦେଉଛନ୍ତି ।

ଓଡ଼ିଶାକୁ ପ୍ରଗତି ଓ ଅଭିବୃଦ୍ଧି ପଥରେ ଆଗେଇନେବା ପାଇଁ ଅକ୍ଳାନ୍ତ ଉଦ୍ୟମ କରାଯାଉଛି । ଦାରିଦ୍ର୍ୟ ଓ ଅନଗ୍ରସରତାର କଳଙ୍କ ଦୂର ନହେବା ଯାଏ ଏବଂ ସମସ୍ତଙ୍କ ମୁହଁରେ ହସ ନଫୁଟିବା ଯାଏ ଆମର ସଫଳତା ସଂପୂର୍ଣ୍ଣ ବୋଲି କୁହାଯାଇ ପାରିବ ନାହିଁ । ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମିଳିତ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାକୁ ଆସନ୍ତୁ, ଆଜି ଆମେ ପୁଣି ଥରେ ସଂକଳ୍ପବଦ୍ଧ ହେବା ।

ଜୟହିନ୍ଦ୍



# ୧୯୮୯
# ସାଧାରଣତନ୍ତ୍ର ଦିବସରେ
# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ୪୦ତମ ଜନରାଜ୍ୟ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ପରେ ଭାରତ କିପରି ଭାବରେ ଶାସିତ ହେବ, ତାର ଲକ୍ଷ୍ୟ ଓ ଆଦର୍ଶ କ'ଣ ହେବ, ଭାରତର ସମ୍ବିଧାନ ତା'ର ସୂଚନା ଦେଇଛି ଏବଂ ଜନରାଜ୍ୟ ଦିବସ ହେଉଛି ସେହି ଆଦର୍ଶ ଓ ମୂଲ୍ୟବୋଧର ପ୍ରତୀକ । ପୃଥିବୀର ପ୍ରଧାନ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ବହୁଧର୍ମ, ବହୁଜାତି, ଭାଷା ଓ ସଂପ୍ରଦାୟ ମଧ୍ୟରେ ଭାରତର ଏକତା ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଏଦେଶରେ ଗଣତନ୍ତ୍ର ଶାସନଛଡ଼ା ଅନ୍ୟ ପନ୍ଥା ନାହିଁ । କୋଟି କୋଟି ଗରିବ ଲୋକଙ୍କୁ ଓ ଅନଗ୍ରସର ରାଜ୍ୟମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାକୁ ହେଲେ ସମାଜବାଦ ତା'ର ହେଉଛି ଏକମାତ୍ର ରାସ୍ତା । ତେଣୁ ଗଣତାନ୍ତ୍ରିକ ସମାଜବାଦ ଓ ଧର୍ମନିରପେକ୍ଷତା ହେଉଛି ଏହି ମହାନ୍ ଦିବସର ଘୋଷଣା । ଏହା ସହିତ ସାମ୍ରାଜ୍ୟବାଦ, ନବ୍ୟ ଉପନିବେଶବାଦ ଓ ବର୍ଣ୍ଣବୈଷମ୍ୟର କବଳରୁ ପୃଥିବୀର ନରନାରୀଙ୍କୁ ମୁକ୍ତକରି ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ମଧ୍ୟ ଭାରତର ଅନ୍ୟତମ ଲକ୍ଷ୍ୟ ।

ଭାରତର ଏହି ଆଦର୍ଶ ଓ ଲକ୍ଷ୍ୟର ସାଧନ ପାଇଁ ପଣ୍ଡିତ ଜବାହରଲାଲ ନେହେରୁ, ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉଦ୍ୟମ କରି ଆସିଛନ୍ତି ଓ ଜୀବନ ବଳିଦାନ କରିଛନ୍ତି । ବର୍ତ୍ତମାନ ଦେଶର ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଦୃଢ଼ତାର ସହିତ ଏହି ରାସ୍ତାରେ ଚାଲିଛନ୍ତି ଓ ଦେଶରେ ଯୁଗଯୁଗଧରି ରହିଥିବା ବହୁ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶର ସ୍ୱାଧୀନତା ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ କରିଛନ୍ତି । ଦଳବଦଳ ନିରୋଧ ଆଇନ ପ୍ରଣୟନ ଓ କାର୍ଯ୍ୟକାରୀ କରି ସେ ଦୁର୍ନୀତି ବିରୁଦ୍ଧରେ ଏକ ବିଶାଳ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶର ଅଗଣିତ ଯୁବକ ଯୁବତୀଙ୍କର ବହୁଦିନର ଆଶା ଆକାଂକ୍ଷା ପୂରଣକରି ସେମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସେ ନିର୍ବାଚନ ପଦ୍ଧତିରେ ସଂସ୍କାର ଆଣିଛନ୍ତି, ଯାହା ଫଳରେକି ୧୮ବର୍ଷ ବୟସର ଯୁବକ ଯୁବତୀଙ୍କୁ ଭୋଟଦେବାର ଅଧିକାର ମିଳିଛି । ଆଗାମୀ ଏଗାର ବର୍ଷ ମଧ୍ୟରେ ଦେଶରୁ ବେକାରୀ ଓ ଦାରିଦ୍ର୍ୟ ଦୂର କରି ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ଆଦି କ୍ଷେତ୍ରରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯୋଗାଇଦେବା ପାଇଁ ସେ ସଂକଳ୍ପ ନେଇଛନ୍ତି । ଏହି ଶତାବ୍ଦୀର ଶେଷରେ ଭାରତ ଯେପରି ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବ, ତାହାହିଁ ହେଉଛି ତାଙ୍କର ଏବଂ ଆମ ସମସ୍ତଙ୍କର ଆଜିର ସଂକଳ୍ପ ।

ବିଗତ ଆଠବର୍ଷ ମଧ୍ୟରେ ଓଡ଼ିଶାରେ ଏକ ଦୃଢ଼ ଓ ନିରବଚ୍ଛିନ୍ନ ସରକାର ପ୍ରତିଷ୍ଠିତ ହେବା ଫଳରେ ଆମେ ରାଜ୍ୟବାସୀଙ୍କର ବହୁ ସମସ୍ୟାର ସମାଧାନ କରିବାକୁ ସମର୍ଥ ହୋଇଛୁ । କୃଷି, ଶିଳ୍ପ ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ଆଦିରେ ଆମର ଅଗ୍ରଗତି ଉଲ୍ଲେଖଯୋଗ୍ୟ । ବିଗତ କେତେବର୍ଷ ମଧ୍ୟରେ ଓଡ଼ିଶାରେ ବହୁକ୍ଷେତ୍ରରେ ବିପୁଳ ଅଗ୍ରଗତି ସାଧିତ ହୋଇଛି, ଯାହାକି ଆଜି ଯେକୌଣସି ବ୍ୟକ୍ତି ହୃଦୟଂଗମ କରିପାରିବ । ଶିକ୍ଷା, ପର୍ଯ୍ୟଟନ, ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ମଧ୍ୟ ଆମର ସଫଳତା ଉଲ୍ଲେଖଯୋଗ୍ୟ । ଦାରିଦ୍ର୍ୟ ଓ ବେକାରୀ ବିରୁଦ୍ଧରେ ଆମର ସଂଗ୍ରାମ ଅବ୍ୟାହତ ରହିଛି । ଗ୍ରାମାଂଚଳରେ ବସବାସ କରୁଥିବା ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଉନ୍ନତି ପାଇଁ ବିଗତ ଆଠବର୍ଷ ମଧ୍ୟରେ ଚାଲିଥିବା କାର୍ଯ୍ୟକ୍ରମ ଜରିଆରେ ଅଧିକାଂଶ ପରିବାର ସେମାନଙ୍କର ଉନ୍ନତି ସାଧନ କରାଯାଇ ପାରିଛି । ସର୍ବୋପରି ବେକାର ସମସ୍ୟାର ସମାଧାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ଯୋଗୁଁ ଓଡ଼ିଶା ଭାରତର ତିନୋଟି ରାଜ୍ୟକୁ ପଛରେ ପକାଇ ଆଗକୁ ଯିବାରେ ସମର୍ଥ ହୋଇଛି । ତଥାପି ଆମକୁ ଦୀର୍ଘପଥ ଅତିକ୍ରମ କରିବାକୁ ହେବ; ଭାରତରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ପ୍ରତିଷ୍ଠିତ କରିବା ପାଇଁ । ଏହି ପବିତ୍ର ଗଣରାଜ୍ୟ ଦିବସରେ ଏହାହିଁ ଆମର ସଂକଳ୍ପ ।

ଜୟହିନ୍ଦ୍

# ମୋ ଦୃଷ୍ଟିରେ ....

ଭାରତବର୍ଷର ୪୦ତମ ଜନରାଜ୍ୟ ଦିବସ ଉପଲକ୍ଷେ ଉତ୍କଳ ପ୍ରସଙ୍ଗ ଓଡ଼ିଶାର ଜନତାଙ୍କୁ ସମ୍ବର୍ଦ୍ଧନା ଜଣାଇ ଆତ୍ମ ପ୍ରକାଶ କରୁଛି । ଏହି ଦିବସରେ ଆମେ ଉତ୍କଳବାସୀ ତଥା ଭାରତବାସୀଙ୍କୁ ଆନନ୍ଦ ମୁଖର ଅଭିନନ୍ଦନ ଜଣାଉଛୁ ।

ଏହି ସଂଖ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭୁବନେଶ୍ୱର ଓ ଜବାହରଲାଲ ନେହେରୁଙ୍କ ସମ୍ବନ୍ଧରେ ଯେଉଁ ଲେଖା ପ୍ରକାଶ କରିଛନ୍ତି ସେଥିପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିବୁ । ଭୁବନେଶ୍ୱର ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ରାଜଧାନୀ । ଶାନ୍ତି, ମୈତ୍ରୀ ତଥା ସମୃଦ୍ଧିର ଏହି ଭୁବନେଶ୍ୱର ସହର ସ୍ଥାପନା କରି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଯେଉଁ ଉଜ୍ଜ୍ୱଳ ଆଶା ପୋଷଣ କରିଥିଲେ ତାହାକୁ ଚରିତାର୍ଥ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଆହ୍ୱାନ ପ୍ରଣିଧାନ ଯୋଗ୍ୟ ।

ଏହି ସଂଖ୍ୟାରେ ଡକ୍ଟର ବୈଦ୍ୟନାଥ ମିଶ୍ର "ସ୍ୱାଧୀନତାର ଆହ୍ୱାନ" ପ୍ରବନ୍ଧରେ ଯେଉଁ ତଥ୍ୟ ଅବତାରଣା କରିଛନ୍ତି ତାହା ବିଶେଷ ଭାବରେ ଆମକୁ ପ୍ରଭାବିତ କରିବ । ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଭାରତର ଅନ୍ୟତମ କର୍ମବୀର ବିନୋବା ଭାବେଙ୍କ ସମ୍ବନ୍ଧରେ ଯେଉଁ ଆଲୋକପାତ କରିଛନ୍ତି, ତାହା ପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ । ଭାରତର ପଡୋଶୀ ଦେଶ ପାକିସ୍ତାନରେ ଏବେ ଏକ ନୂତନ ଯୁଗର ସମ୍ଭାବନା ଦେଖା ଦେଇଛି । ରଣସଜ୍ଜା ଓ ଚିର ଶତ୍ରୁତା ଭାବ ପରିହାର କରି ଏକ ନୂତନ ଶାନ୍ତି ଓ ମୈତ୍ରୀର ଯୁଗ ଗଠନ କରିବାକୁ ଏହି ଆହ୍ୱାନ ଭାରତବାସୀ ଏବେ ଗ୍ରହଣ କରିବେ ବୋଲି ଶ୍ରୀମତୀ ସ୍ମିତା ମିଶ୍ର ତାଙ୍କ ପ୍ରବନ୍ଧରେ ଯେଉଁ ଆଶା ପ୍ରକାଶ କରିଛନ୍ତି ତାର ସଫଳତା କାମନା ଆମର ପ୍ରତ୍ୟେକ ପାଠକଙ୍କର ଧ୍ୟେୟ ହେଉ ।

ଗଣତନ୍ତ୍ର ଦିବସରେ ଉତ୍କଳ ପ୍ରସଙ୍ଗ ରାଜ୍ୟର ସମଗ୍ର ଜନସାଧାରଣଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କାମନା କରୁଛି ।

# ଭୁବନେଶ୍ୱର ଓ ଜବାହରଲାଲ



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏକ ଐତିହାସିକ ନଗରୀ । ମଗଧ ସମ୍ରାଟ ଅଶୋକଙ୍କଠାରୁ ଆରମ୍ଭ କରି ଆମର ପ୍ରିୟ ନେତା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ଇତିହାସ ସହିତ ସଂଶ୍ଳିଷ୍ଟ । ଇତିହାସର ପଦକ୍ଷେପ ସଙ୍ଗେ ତାଳ ମିଳେଇ ଚାଲିଥିବା ଭୁବନେଶ୍ୱର ପକ୍ଷରେ ଏହା ଅତ୍ୟନ୍ତ ସୌଭାଗ୍ୟର ବିଷୟ । ଭୁବନେଶ୍ୱର ଭାରତର ସେହି ମୁଷ୍ଟିମେୟ ସହରମାନଙ୍କ ମଧ୍ୟରେ ଅନ୍ୟତମ, ଯାହାର ଇତିହାସ ହେଉଛି ଦୁଇ ହଜାର ପାଞ୍ଚଶହ ବର୍ଷର ନିରବଚ୍ଛିନ୍ନ ଇତିହାସ ।

ଭୁବନେଶ୍ୱରକୁ ଅଶୋକ ଆସିଥିଲେ କଳିଙ୍ଗ ବିଜୟ କରିବାକୁ । ସେତେବେଳେ ତାଙ୍କୁ ଚଣ୍ଡାଶୋକ କୁହା ହେଉଥିଲା । ବହୁ ଭାଗ୍ୟର ବିଜୟରେ ଦୃପ୍ତ ଏହି ସମ୍ରାଟ, କଳିଙ୍ଗକୁ ଯାତ୍ରା କଲାବେଳେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିବେ ଯେ ତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣି ଦେବ କଳିଙ୍ଗ ଯୁଦ୍ଧ । ଏଠାରେ ବହି ଯାଉଥିବା ଦୟା ନଦୀ ପାର୍ଶ୍ୱରେ ରକ୍ତାକ୍ତ ସଂଗ୍ରାମ ଫଳରେ ଯେଉଁ ଅଶୋକ ଶସ୍ତ୍ର ଦ୍ୱାରା ବିଜୟ ଲାଭ କରିଥିଲେ, ସେହି ମୁହୂର୍ତ୍ତରେ ସେହି ଅଶୋକ ଧର୍ମ ଦ୍ୱାରା ବିଜିତ ହୋଇ ଯାଇଥିଲେ । କଳିଙ୍ଗର ଯୋଦ୍ଧାମାନେ ଯେପରି ବୀରତ୍ୱ ପ୍ରଦର୍ଶନ କରିଥିଲେ କଳିଙ୍ଗର ଜନସାଧାରଣ ସେହିପରି ଭାବରେ ଧର୍ମର ମହାନ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସେମାନେ ଅଶୋକଙ୍କୁ ଧର୍ମଦ୍ୱାରା ବିଜୟ କରିଥିଲେ ଏବଂ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଯାଇଥିଲେ । ସେହି ମହାନ୍ ମୁହୂର୍ତ୍ତ ଭାରତ ଇତିହାସରେ ଏକ ପବିତ୍ରତମ ସନ୍ଧିକ୍ଷଣ । ସେହି ଦିନଠାରୁ ବୌଦ୍ଧ ଧର୍ମର ବିଜୟ ଯାତ୍ରା କେବଳ ଭାରତ ନୁହେଁ, ବରଂ ଭାରତ ବାହାରକୁ ଚୀନ, ସିଂହଳ, ଶ୍ୟାମ, ବର୍ମା ପ୍ରଭୃତି ବିଦେଶକୁ ପରିବ୍ୟାପ୍ତ ହୋଇଥିଲା ।

ବୀର ସମ୍ରାଟ ଖାରବେଳ ମଧ୍ୟ ତାଙ୍କର ବିଶାଳ ସାମ୍ରାଜ୍ୟର କେନ୍ଦ୍ର ପ୍ରତିଷ୍ଠା କରିଥିଲେ ଭୁବନେଶ୍ୱରଠାରେ । ସେ ଜଣେ ଯେ ବଡ଼ ବିଜେତା ଥିଲେ ଏବଂ ଅନେକ ସାମ୍ରାଜ୍ୟ ଜୟ କରିଥିଲେ, ଏହା ତ ଇତିହାସର କଥା । କିନ୍ତୁ ବିଜୟୀ ସମ୍ରାଟ ହେବା ସଙ୍ଗେସଙ୍ଗେ ସେ ଥିଲେ ଜଣେ ଅସାଧାରଣ ନିର୍ମାତା । ସେତେବେଳେ ସେ ଯେଉଁ ପ୍ରକାର କେନାଲ ପ୍ରଣାଳୀ, ଜଳସେଚନ ବ୍ୟବସ୍ଥା ଓ ନଗର ନିର୍ମାଣ କରାଇ-ଥିଲେ ତାହା ଆଜି ଓଡ଼ିଆମାନଙ୍କ ପକ୍ଷରେ ଗୌରବ ଏବଂ ଅନ୍ୟାନ୍ୟ ଐତିହାସିକମାନଙ୍କ ପକ୍ଷରେ ଆଶ୍ଚର୍ଯ୍ୟର ବିଷୟ ହୋଇ ରହିଛି । ଏତଦ୍ ବ୍ୟତୀତ ଖାରବେଳ ଥିଲେ ଜଣେ ଧର୍ମପ୍ରାଣ ବ୍ୟକ୍ତି । ଓଡ଼ିଶାରେ ଜୈନଧର୍ମର ସେ ପ୍ରତିଷ୍ଠାତା ଓ ପ୍ରସାରକର୍ତ୍ତା । ଭୁବନେଶ୍ୱରଠାରେ ସେ ନିର୍ମାଣ କରାଇଥିଲେ ସଙ୍ଗୀତ ଏବଂ ନାଟକର ଉଚ୍ଚକୋଟୀ ରଙ୍ଗଶାଳା । ସଂସ୍କୃତ ସାହିତ୍ୟର ସେ ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ । ତାଙ୍କ ନିର୍ମିତ ଖଣ୍ଡଗିରି ଓ ଧଉଳଗିରି କୀର୍ତ୍ତି ଅନେକ ଦିନ ଧରି ବିଶ୍ୱବାସୀଙ୍କ ସମ୍ମୁଖରେ ଦଣ୍ଡାୟମାନ ।

ଭୁବନେଶ୍ୱରରେ ଶହ ଶହ ବର୍ଷ ଧରି ସୋମବଂଶୀୟ ରାଜାମାନେ ଓ ଭୋଇ ବଂଶୀୟ ରାଜାମାନେ ରାଜତ୍ୱ କରିଛନ୍ତି ଏବଂ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହୋଇ ଆସିଛି । ଦୁଇ ହଜାର ପାଞ୍ଚଶହ ବର୍ଷରୁ ଆରମ୍ଭ କରି ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭୁବନେଶ୍ୱରରେ ନିରବଚ୍ଛିନ୍ନ ଭାବରେ



ଶିଖର ପରାକାଷ୍ଠା ଦେଖା ଦେଇ ଆସିଛି । ଏହା ଏକ ନିର୍ମାଣର ଯୁଗ ଥିଲା । ଏହାର ପରାକାଷ୍ଠା ବିଭିନ୍ନ ମନ୍ଦିର ଗାତ୍ରରେ, ଗୁମ୍ଫା ଦେହରେ ଓ ଶିଳାଲେଖରେ ଯେପରି ଭାବରେ ଇତିହାସ ହୋଇ ଅଙ୍କିତ ହୋଇ ରହିଛି, ତାହା ବିସ୍ମୟକର ।


ଆଧୁନିକ ଭୁବନେଶ୍ୱରର ନିର୍ମାତା ପଣ୍ଡିତ ଜବାହରଲାଲ ନେହେରୁ । ପଣ୍ଡିତ ନେହେରୁ ଭାରତବର୍ଷର ପ୍ରଥମ ପ୍ରଧାନ ମନ୍ତ୍ରୀ ଏବଂ ମହାତ୍ମାଗାନ୍ଧୀଙ୍କ ପରେ ସ୍ୱାଧୀନତା ସଂଗ୍ରାମର ସର୍ବଶ୍ରେଷ୍ଠ ନେତା । କିନ୍ତୁ ଭୁବନେଶ୍ୱରର ସୌଭାଗ୍ୟ ଯେ ଏହି ଅଦ୍ୱିତୀୟ କଳାପ୍ରେମୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଆଧୁନିକ ସଂସ୍କରଣର ପ୍ରାଣ ପ୍ରତିଷ୍ଠାତା । ୧୯୪୮ ମସିହା ଅପ୍ରେଲ ମାସ ୧୩ ତାରିଖ ଦିନ ଦିବା ଦଶଟା ବାଉଶି ମିନିଟରେ ପଣ୍ଡିତ ଜବାହରଲାଲ ନେହେରୁ ଆଧୁନିକ ଭୁବନେଶ୍ୱର ସହରର ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ କଲବେଳେ ଭୁବନେଶ୍ୱରର ଭବିଷ୍ୟତ ଚିତ୍ର ତାଙ୍କ ମନରେ ଯେପରି ରଚିତ ହୋଇଥିଲା, ତାର ଆଭାସ ଦେଇ ସେ କହିଥିଲେ ଯେ, ମୁଁ ଚାହେଁ ଭୁବନେଶ୍ୱର ସହର ସରକାରୀ କର୍ମଚାରୀଙ୍କର ସହର ନ ହୋଇ ଓଡ଼ିଶାର ଜନସାଧାରଣଙ୍କର ସହର ହେଉ। ସେ ଚାହିଁଥିଲେ, ଭୁବନେଶ୍ୱର ସହରରେ ମଣିଷ ମଣିଷ ଭିତରେ ଯେଉଁ ଭ୍ରାତୃଭାବ ପ୍ରତିଷ୍ଠିତ ହେବ, ଯେପରି ଭାବରେ ଜାତୀୟତା ଭାବ ପ୍ରତିଷ୍ଠିତ ହେବ, ଯେପରି ସାମ୍ପ୍ରଦାୟିକ ଭାବ ଏ ସହରକୁ କଳୁଷିତ ନ କରିବ, ଯେପରି ଭାବରେ ହିଂସାପୂର୍ଣ୍ଣ ବାତାବରଣରୁ ଏ ସହର ମୁକ୍ତ ହୋଇ ରହିବ ଏବଂ ସହରରେ ଯେଉଁମାନେ ବାସ କରୁଥିବେ ସେମାନେ ଯେପରି ଶାନ୍ତି, ସୁଖ ଓ ସମୃଦ୍ଧିର ସହ ବଞ୍ଚିରହି ପାରିବେ—ତାହା ଭାରତର ଆଦର୍ଶ ସ୍ଥାନୀୟ ହେଉ । ଏ ସହରର ପରିବେଶ ଶାନ୍ତ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ହେଉ । ସରଳତା ଭିତରେ ଯେପରି ସୌନ୍ଦର୍ଯ୍ୟ ଫୁଟାଇବାକୁ ହୁଏ ତାର ପ୍ରତୀକ ହୋଇ ରହୁ ଏହି ଭୁବନେଶ୍ୱର ସହର । ଏହିପରି ଭାବରେ ଭୁବନେଶ୍ୱର ସହର ଦିଲ୍ଲୀ ସହରଠାରୁ ଓ ଭାରତର ଅନ୍ୟ କେତେକ ସହରଠାରୁ ତାର ନୂତନତ୍ୱ ପ୍ରତିଷ୍ଠା କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଜବାହରଲାଲ କେବଳ ଯେ ଭୁବନେଶ୍ୱର ପ୍ରତିଷ୍ଠା କରିଥିଲେ ତାହା ନୁହେଁ ବରଂ ଭାରତବର୍ଷ ଓ ଭାରତୀୟ ଜାତୀୟ କଂଗ୍ରେସର ଦର୍ଶନରେ ଭୁବନେଶ୍ୱରକୁ ଏକ ଅତୁଳନୀୟ ସ୍ଥାନ ସେ ଦାନ କରି ଯାଇଛନ୍ତି । ସେ ଭୁବନେଶ୍ୱର ସହରକୁ ବାଛିଛନ୍ତି ଭାରତବର୍ଷର ଆଦର୍ଶ ସମାଜବାଦ ବୋଲି ଘୋଷଣା କରିବା ନିମନ୍ତେ ୧୯୬୪ ଖ୍ରୀଷ୍ଟାବ୍ଦରେ । ତେଣୁ ଆଜି ଯେତେବେଳେ ଦେଶସାରା ସେହି ମହାନ ଆତ୍ମାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରା ଯାଉଛି, ସେତେବେଳେ ଭୁବନେଶ୍ୱରବାସୀ କୃତଜ୍ଞ ହୋଇ ତାଙ୍କୁ ସଦା ସର୍ବଦା ସ୍ମରଣ କରୁଛନ୍ତି ।

ପଣ୍ଡିତ ଜବାହରଲାଲ ନେହେରୁ ଯେଉଁ ସହରର ରୂପ ଅଙ୍କନ କରିଥିଲେ ସେହି ସ୍ୱପ୍ନର ବାସ୍ତବତା ଆଣିବା ନିମନ୍ତେ ଆମେ କେତେଦୂର ସକ୍ଷମ ହୋଇଛୁ ତାହା ଆଜି ଚିନ୍ତା କରିବାର ବିଷୟ । ଭୁବନେଶ୍ୱର ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ସହରରେ ପରିଣତ କରିବା ନିମନ୍ତେ ଆମ ପ୍ରୟାସ ଅବ୍ୟାହତ ରହିଛି । ଏହି ସହରର ପରିବେଶ ଯେପରି



ସ୍ୱାସ୍ଥ୍ୟକର ହୁଏ, ଯେପରି ନିର୍ମଳ ହୁଏ, ଯେପରି ଭାବରେ ଦୂଷିତ ବାୟୁ ଏବଂ ଜଳରୁ ମୁକ୍ତ ରହେ, ଏବଂ ଏ ସହରର ଜନସାଧାରଣ ଯେପରି ଶାନ୍ତିରେ ବସବାସ କରି ପାରନ୍ତି ସେଥିନିମନ୍ତେ ଆମେ ସର୍ବଦା ଉଦ୍ୟମ କରି ଆସୁଛୁ ।




ଏ ଭୁବନେଶ୍ୱର ସହର ନିକଟରେ ନନ୍ଦନ କାନନକୁ ସଂପ୍ରସାରିତ କରି ଏହାକୁ ଏକ ପ୍ରାକୃତିକ ପ୍ରାଣୀ ଉଦ୍ୟାନରେ ପରିଣତ କରିବା ନିମନ୍ତେ ଉଦ୍ୟମ କରାଯାଉଅଛି । ଭୁବନେଶ୍ୱର ନିକଟସ୍ଥ ଚନ୍ଦକା ଜଙ୍ଗଲ ସଂପୂର୍ଣ୍ଣ ଭାବରେ ନଷ୍ଟ ହେବା ପୂର୍ବରୁ ସେଠାରେ ଏକ ହସ୍ତୀ ସଂରକ୍ଷଣ ଜଙ୍ଗଲ ପ୍ରତିଷ୍ଠା କରା ଯାଉଅଛି । ଭୁବନେଶ୍ୱରରେ ଭାରତବର୍ଷର ଏକ ଶ୍ରେଷ୍ଠ ଉଦ୍ୟାନ ପ୍ରତିଷ୍ଠା କରିବା ନିମରେ ତ୍ରିଶ ଏକର ପରିମିତି ଏକ ବିଶାଳ ଗୋଲାପ ଉଦ୍ୟାନ ଜବାହରଲାଲ ନେହେରୁଙ୍କ ନାମରେ ନାମିତ ହେବ ଏବଂ ଏହି ଉଦ୍ୟାନ ତାଙ୍କର ଏହି ବର୍ଷ ଜନ୍ମ ଦିବସରେ ଉଦ୍‌ଘାଟନ କରାଯିବ । ଏହି ଉଦ୍ୟାନ ଭାରତବର୍ଷରେ ସର୍ବବୃହତ ଗୋଲାପ ଉଦ୍ୟାନ ହେବ । ଏହା ଛଡ଼ା ଭୁବନେଶ୍ୱର ସହରର ଭିତରେ ବହୁ ଉଦ୍ୟାନ ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ ଚାଲୁଅଛି । ଲକ୍ଷଲକ୍ଷ ବୃକ୍ଷରୋପଣ ହୋଇଅଛି । ଭୁବନେଶ୍ୱରକୁ ସବୁବେଳେ ସରଳ ଏବଂ ସୁନ୍ଦର କରିବା ନିମନ୍ତେ ଆମର ଅନବରତ ଉଦ୍ୟମ ଚାଲିଅଛି ।

ଆମେ ଗର୍ବର ସହିତ କହି ପାରିବା ଯେ, ଏହି ଭୁବନେଶ୍ୱରରେ ଲୋକମାନେ ଯେପରି ଭାବରେ ପରସ୍ପର ମଧ୍ୟରେ ମୈତ୍ରୀ ପ୍ରତିଷ୍ଠା କରି ଜୀବନ ଯାପନ କରୁଛନ୍ତି, ସାମ୍ପ୍ରଦାୟିକ ସଦ୍‌ଭାବ ଏଠାରେ ଯେପରି ରହିଅଛି ଏବଂ ଲୋକେ ଶାନ୍ତିରେ ବସବାସ କରିପାରୁଛନ୍ତି, ତାହା ଭାରତରେ ଅନନ୍ୟ । ଆମର ଆଜି ଏହା କହିବାରେ କୌଣସି ଦ୍ୱିଧାନାହିଁ ବା ଦ୍ୱିରୁକ୍ତି ନାହିଁ ।

ପଣ୍ଡିତ ନେହେରୁଙ୍କର ସେହି ସ୍ୱପ୍ନକୁ ସାକାର କରିବା ପାଇଁ, ସେହି ସହରର ସ୍ୱରୂପକୁ ରୂପଦାନ କରିବା ନିମନ୍ତେ ଆମେ ସତତ ଉଦ୍ୟମ କରି ଚାଲିଛେ । ଭୁବନେଶ୍ୱର କିପରି ଏକ ସମୃଦ୍ଧିଶାଳୀ ସହରରେ ପରିଣତ





ହେବ, କଟକ୍-ଭୁବନେଶର, ହାଇଦ୍ରାବାଦ-ସକନ୍ଦରାବାଦ ପରି ଏକ ଦ୍ୱୈତ ସହରରେ ଯେପରି ପରିଣତ ହେବ ଏବଂ ଦୁଇଟିଯାକ ସହର ହେବ ଓଡ଼ିଶାର ସଂସ୍କୃତିର ସମନ୍ୱୟର ବାର୍ତ୍ତାବହ । ଭୁବନେଶ୍ୱର ହେବ ଓଡ଼ିଶାର ସମୃଦ୍ଧିର ପ୍ରତୀକ । ମୈତ୍ରୀର ପ୍ରତୀକ ।

ପଣ୍ଡିତ ଜବାହରଲାଲ ନେହେରୁଙ୍କର ପ୍ରିୟ ଗୋଟିଏ ଇଂରାଜି କବିତାର ଗୁରୋଟି ଧାଡ଼ି ଏହି ଅବସରରେ ଉଲ୍ଲେଖ କଲେ ଅତ୍ୟୁକ୍ତି ହେବନାହିଁ ।

" ଏ ଘନ ଗହନ ବନ ଗଭୀର ସୁଶୋଭନ
କିନ୍ତୁ ପ୍ରତିଶ୍ରୁତି-ବଦ୍ଧ ମୁଁ ପଥିକ ଜନ,
ଅନେକ ଅନେକ ପଥ ଯିବାକୁ ମୋ ବାକୀ
ବୁଜିବା ଆଗରୁ ମୋର କ୍ଳାନ୍ତ ବେନି ଆଖି ॥

ସେ ଅବିଶ୍ରାନ୍ତ ଭାବରେ ଦେଶ ଓ ଜାତିର ଉନ୍ନତି ପାଇଁ ସାରା ଜୀବନ କର୍ମକରି ଆସିଛନ୍ତି । ଭାରତର ସୌନ୍ଦର୍ଯ୍ୟ ତାଙ୍କର ମନ ପ୍ରାଣକୁ ଆଚ୍ଛନ୍ନ କରି ରଖିଥିଲେ ମଧ୍ୟ ଭାରତକୁ ଆଗେଇ ନେବାପାଇଁ ସେ ଯେଉଁ ଅବିରାମ ଚେଷ୍ଟା କରି ଆସିଛନ୍ତି, ତାର ପ୍ରତୀକ ଏହି କବିତା । ସେ ସବୁବେଳେ କହୁଥିଲେ " ଆରାମ ହାରାମ ହେ " — ଭାରତବର୍ଷର ଯେଉଁ ଯାତ୍ରା ଆରମ୍ଭ ହେଉଛି, ତା'ର ମୂଳଦୁଆ ସେ ସ୍ଥାପନ କରି ଯାଇଛନ୍ତି । କିନ୍ତୁ ସେହି ଯାତ୍ରାର ଶେଷ ହୋଇନାହିଁ । ସେହି ମୂଳଦୁଆ ଉପରେ ଆମକୁ ଗଢ଼ିବାକୁ ହେବ ଏକ ସୁରମ୍ୟ ସୌଧ । ଏ ଦେଶରୁ ଦାରିଦ୍ର୍ୟ, ଅନଟନ ଲୋପ କରିବାକୁ ହେଲେ ଏ ଦେଶର ଜନସାଧାରଣଙ୍କ ମଧ୍ୟରେ ମୈତ୍ରୀ ଓ ସଂହତି ପ୍ରତିଷ୍ଠା କରିବାକୁ ହେବ । ଭାରତବର୍ଷକୁ ପୃଥିବୀର ଏକ ଶ୍ରେଷ୍ଠ ଦେଶରେ ପରିଣତ କରିବାକୁ ହେବ ।

ସେହି ଲକ୍ଷ୍ୟରେ ଆଜି ଆମେ ଭୁବନେଶ୍ୱରଙ୍କୁ ଆଗେଇ ନେବାକୁ ପଡ଼ିବ । ଭୁବନେଶ୍ୱର ଭାରତବର୍ଷର ଶାନ୍ତି, ମୈତ୍ରୀ ତଥା ସମୃଦ୍ଧିର ଯାତ୍ରା ପଥରେ ଏକ ଦୀପସ୍ତମ୍ଭ ସ୍ୱରୂପ ଏକ ପ୍ରତୀକ ଆମକୁ ସୃଷ୍ଟି କରିବାକୁ ପଡ଼ିବ । ଏହାହିଁ ଆଜି ଆମର କାମନା ।

(୪-୧-୮୯ ତାରିଖରେ ଭୁବନେଶ୍ୱରଠାରେ ଦେଇଥିବା ଭାଷଣରୁ ସଂଗୃହୀତ) ।



"ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥିବ ଓ ଦେଶର ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରକ୍ଷି ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

# ସ୍ୱାଧୀନତାର ଆହ୍ୱାନ

ଡକ୍‌ଟର ବୈଦ୍ୟନାଥ ମିଶ୍ର

ଗତ ୪୦।୪୧ ବର୍ଷ ଭିତରେ ଭାରତର ରାଜନୈତିକ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇଛି । ଭାରତକୁ ଏବେ କେହି ଏକ ଅନୁନ୍ନତ ଦେଶବୋଲି କହୁନାହାନ୍ତି । ଏହା ଏକ ବିକାଶଶୀଳ ଦେଶ ହିସାବରେ ସାରା ପୃଥିବୀରେ କିଛି ଖ୍ୟାତି ଅର୍ଜନ କରି ପାରିଛି । ରାଜନୀତିକ କ୍ଷେତ୍ରରେ ଅନେକ ଝଡ଼ ଝଂଜା ବହିଛି । ତଥାପି ଭାରତପରି ଏକ ବିରାଟ ଜନବହୁଳ ଦେଶରେ ଯେ ଗଣତାନ୍ତ୍ରିକ ଶାସନ ତିଷ୍ଠି ରହିଛି, ସେଥିପାଇଁ ଆମେ ନିଶ୍ଚୟ ଗର୍ବକରି ପାରିବା । ଗଣତାନ୍ତ୍ରିକ ଶାସନ ଆଉ ଟିକିଏ ଭଲହେଲେ, ଆମେ ନିଶ୍ଚୟ ଅଧିକ ଖୁସି ହୁଅନ୍ତେ । କିନ୍ତୁ ଇଂରେଜୀରେ ଗୋଟିଏ କଥାଅଛି ଯେ ଉତ୍କୃଷ୍ଟତା ଭଲର ଏକ ବିରାଟ ଶତ୍ରୁ । ଭାରତରେ ଅନେକ ଉଚ୍ଚାଭିଳାଷୀ ରାଜନୀତିଜ୍ଞ ଅଛନ୍ତି । କ୍ଷମତାପାଇଁ ସେମାନେ ଖୁବ୍ ଜୋରରେ ଲଢ଼େଇ କରିବାରେ ଲାଗିଛନ୍ତି । ସେଥିପାଇଁ ରାଜନୀତି କ୍ଷେତ୍ରରେ ଅନେକ ଚକ୍ରାନ୍ତ ଚାଲିଛି । ପୁଣି ଆମ ଦେଶରେ ବି ଅନେକ ଜଟିଳ ସମସ୍ୟା ଅଛି । ତଥାପି ଯେ ଗଣତନ୍ତ୍ର ଅଛି, ମଝିରେ ମଝିରେ ନିର୍ବାଚନ ହେଉଛି, ସେହି ହେଉଛି ରାଜନୀତିକ ନେତାମାନଂକର ଦେଶକୁ ବିରାଟଦାନ । ସାମାଜିକ କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଅବଶ୍ୟ ପୁରୀ ଶଙ୍କରାଚାର୍ଯ୍ୟଙ୍କ ଭଳିଆ ଲୋକ ଏଦେଶରେ ଅଛନ୍ତି ଯେଉଁମାନେକି ସତୀଦାହକୁ ସମର୍ଥନ କରୁଛନ୍ତି, ହରିଜନଂକର ମଂଦିର ପ୍ରବେଶକୁ ବିରୋଧ କରୁଛନ୍ତି, ହୁଏତ ପରୋକ୍ଷରେ ନରବଳୀକୁ ମଧ୍ୟ ସମର୍ଥନ କରି ପାରୁଥାନ୍ତି । ତେବେ ଦେଶରେ ତାଂକ ବିରୁଦ୍ଧରେ ଯେ ପ୍ରବଳ ଜନମତ ସୃଷ୍ଟି ହୋଇଛି, ତାହା ଆଧୁନିକୀକରଣର ଏକ ବିରାଟ ସଂକେତ । ଏକଥା ସତ ଯେ ଆଧୁନିକୀକରଣ ଓ କୁସଂସ୍କାର ଭିତରେ ଏପର୍ଯ୍ୟନ୍ତ ଲଢ଼େଇ ଚାଲିଛି । ଏକ ପାରଂପରିକ ସମାଜକୁ ପରିବର୍ତ୍ତନ କରିବା ସହଜନୁହେଁ । ବିଶେଷକରି ଅନେକଲୋକ ଯେତେବେଳେ ଅଶିକ୍ଷିତ, ସେତେବେଳେ କୁସଂସ୍କାରର ପ୍ରଭାବ ନିଶ୍ଚୟ ସମାଜକୁ ଗ୍ରାସ କରିବାକୁ ଚେଷ୍ଟାକରିବ । ତଥାପି ଆଧୁନିକୀକରଣର ଯେଉଁ ବାତ୍ୟା ଦେଶରେ ବହୁଛି, ତାହା ଯେ ସମାଜର ଆଭିମୁଖ୍ୟ ପରିବର୍ତ୍ତନ କରିବାରେ ଅନେକ ସାହାଯ୍ୟ କରିବ, ଏଥିରେ କୌଣସି ସଂଦେହନାହିଁ ।

ଆମେ ବିଶେଷକରି ଅର୍ଥନୈତିକ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ହୋଇଛି, ସେ ବିଷୟରେ ୨/୩ଟି କଥା ଲେଖିବୁ । ପ୍ରଥମ ହେଉଛି କୃଷିର ଉନ୍ନତି । ୧୯୫୦-୫୧ ବେଳକୁ ଆମେ ମୋଟେ ୫କୋଟି ମେଟ୍ରିକ୍‌ଟନ ଖାଦ୍ୟଶସ୍ୟ ଉତ୍ପନ୍ନ କରୁଥିଲୁ । ଏହା ଆମର ଚାହିଦା ମେଣ୍ଟାଇ ପାରୁ ନ ଥିଲା । ସେଥିପାଇଁ ପ୍ରତ୍ୟେକବର୍ଷ ଆମେ ବିଦେଶରୁ ବହୁ ପରିମାଣରେ ଖାଦ୍ୟ ଆମଦାନୀ କରୁଥିଲୁ । ସେଥିରେ ଅନେକ ବିଦେଶପୁଂଜି ଖର୍ଚ୍ଚ ହେଉଥିଲା । ଏବେ କିନ୍ତୁ ଆମେ ପ୍ରାୟ ୧୫ କୋଟି ମେଟ୍ରିକ ଟନ ଖାଦ୍ୟ ଉତ୍ପନ୍ନ କରିବାକୁ ସମର୍ଥ ହୋଇଛୁ । ଅବଶ୍ୟ ଏପର୍ଯ୍ୟନ୍ତ ଆମେ ବନ୍ୟା ଓ ମରୁଡ଼ି ହାତରୁ ରକ୍ଷା ପାଇପାରିନାହୁଁ । ଗତ ୩-୪ବର୍ଷଧରି ବର୍ଷା ଅଭାବରୁ ଦେଶରେ ମରୁଡ଼ି ଦେଖାଯାଉଛି । ବିଶେଷକରି ଗତବର୍ଷର ମରୁଡ଼ି ଅତି ଭୟାବହବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । କିନ୍ତୁ ଏହି ମରୁଡ଼ି ସତ୍ତ୍ୱେ ଦେଶରେ ଯେ ଦୁର୍ଭିକ୍ଷ ପଡ଼ିନାହିଁ, ତାହା ଅର୍ଥନୈତିକ କ୍ଷେତ୍ରରେ ଏକ ବିରାଟ ସଫଳତା । କେବଳ ଖାଦ୍ୟଶସ୍ୟ ଉତ୍ପାଦନରେ ଉନ୍ନତି ହୋଇନାହିଁ । ଏହି ସମୟ ଭିତରେ କୃଷି ଉତ୍ପାଦନ ମଧ୍ୟ ପ୍ରାୟ ଦୁଇଗୁଣ କି ଅଢ଼େଇଗୁଣ ବୃଦ୍ଧି ପାଉଛି ।

ଶିଳ୍ପ କ୍ଷେତ୍ରରେ ଯେଉଁ ଉନ୍ନତି ହୋଇଛି, ତାହା ଅତି ବ୍ୟାପକ । ସ୍ୱାଧୀନତା ଅବ୍ୟବହିତ ପୂର୍ବରୁ ଆମେ ଗୋଟିଏ ପିନ୍ କି ବ୍ଲେଡ୍ ଉତ୍ପନ୍ନ କରିବାକୁ ଶକ୍ତି ହାସଲକରି ପାରିନଥିଲୁ । ଏସବୁ ଜିନିଷ ବିଦେଶରୁ ଆମଦାନୀ ହୋଇ ଦେଶକୁ ଆସୁଥିଲା । ଏବେ ପିନ୍ କି ବ୍ଲେଡ୍ କାହିଁକି, ଉଡ଼ାଜାହାଜ, ବୁଡ଼ାଜାହାଜ,

ରେଲଇଂଜିନ ଓ ମଟରକାର ପ୍ରଭୃତି ଅନେକ କଡ଼ାକଡ଼ା ଜିନିଷ ଦେଶରେ ଉତ୍ପାଦିତ ହେଉଛି । ଆମର ଶିଳ୍ପଜାତ ଦ୍ରବ୍ୟର ଉତ୍ପାଦନ ଏହାଭିତରେ ପ୍ରାୟ ୮-୯ଗୁଣ ବୃଦ୍ଧି ପାଇଛି । ସବୁଠାରୁ ବଡ଼କଥା ହେଉଛି ଯେ କୃଷି ଓ ଶିଳ୍ପର ଉନ୍ନତିପାଇଁ ଦେଶରେ ଅନେକ ବିଶେଷଜ୍ଞ ସୃଷ୍ଟି ହୋଇ ପାରିଛନ୍ତି । ସେମାନଂକର ପ୍ରଚେଷ୍ଟା ଓ ସରକାରୀ ସାହାଯ୍ୟଯୋଗୁଁ କୃଷି ଓ ଶିଳ୍ପରେ ଅନେକ ଆଧୁନିକୀକରଣ ସମ୍ଭବହୋଇ ପାରିଛି । ଆମେରିକା ଓ ସୋଭିଏତ ରୁଷିଆକୁ ଛାଡ଼ିଦେଲେ ଭାରତରେ ଏହି ବିଶେଷଜ୍ଞମାନଂକ ସଂଖ୍ୟା ସବୁଠାରୁ ଅଧିକବୋଲି କୁହାଯାଉଛି । ସାରାପୃଥିବୀରେ ଭାରତର ସ୍ଥାନ ଏଦିଗରେ ତୃତୀୟ ବୋଲି ହିସାବ କରାଯାଉଛି ।

ଅର୍ଥନୈତିକ ପ୍ରଗତି ପାଇଁ ସଂଚୟ ଓ ନିବେଶ ମୁଖ୍ୟତଃ ଦାୟୀବୋଲି କୁହାଯାଏ । ଯେତିକି ଅଧିକ ପୁଂଜି ଅର୍ଥନୈତିକ ପ୍ରଗତିରେ ବିନିଯୋଗହେବ, ଅର୍ଥନୈତିକ ପ୍ରଗତି ସେତିକି ସହଜହେବ । ୧୯୫୦-୫୧ ବେଳକୁ ମୋଟ ଜାତୀୟ ଉତ୍ପାଦନର ଶତକଡ଼ା ପ୍ରାୟ ୯-୧୦ଭାଗ ଦେଶରେ ସଂଚୟ କରାଯାଉଥିଲା । ଏବେ ଏହି ସଂଚୟମାତ୍ରା ବୃଦ୍ଧି ପାଇ ପ୍ରାୟ ଶତକଡ଼ା ୨୨-୨୩ ଭାଗ ହୋଇଛି । ଅବଶ୍ୟ ଏତିକି ସଂଚୟ ଅର୍ଥନୈତିକ ପ୍ରଗତିପାଇଁ ଯଥେଷ୍ଟ ନୁହେଁ ବୋଲି ଅର୍ଥଶାସ୍ତ୍ରୀମାନେ କହୁଛନ୍ତି । ଉନ୍ନତ ଦେଶମାନଂକରେ ସଂଚୟର ମାତ୍ରା ମୋଟ ଜାତୀୟ ଉତ୍ପାଦନର ୩୫-୩୬ଭାଗ । ଆମର ନିବେଶର ମାତ୍ରା ଏବେ ମୋଟେ ଶତକଡ଼ା ୨୪-୨୫ଭାଗ । ଏହାକୁ ଅନ୍ତତଃ ୩୪-୩୫ ଭାଗ ପର୍ଯ୍ୟନ୍ତ ବୃଦ୍ଧି ନକଲେ ଆମେ ଅର୍ଥନୈତିକ ପ୍ରଗତିକୁ ସହଜରେ ତ୍ୱରାନ୍ୱିତ କରିପାରିବୁନାହିଁ । ତେବେ ଏକ ଦରିଦ୍ର ଦେଶରେ ସଂଚୟର ମାତ୍ରା ମୋଟ ଜାତୀୟ ଉତ୍ପାଦର ୨୨-୨୩ଭାଗ ଯେ ହୋଇ-ପାରିଛି, ଏହାକମ୍ ସୌଭାଗ୍ୟର କଥାନୁହେଁ । ଏକଥା ମଧ୍ୟ ମାନିବାକୁ ହେବ ଯେ ସଂଚୟ ଓ ନିବେଶର ବୃଦ୍ଧି ଯୋଗୁଁ ଭାରତୀୟ ଅର୍ଥନୀତି ସ୍ଥିତିଶୀଳ ନହୋଇ ଗତିଶୀଳ ହୋଇଛି । କେବଳ କୃଷି, ଶିଳ୍ପ, ବ୍ୟବସାୟ ଓ ଆଧାରିକ ସଂରଚନାର ଉନ୍ନତି ହୋଇନାହିଁ, ସାମାଜିକ ପୁଂଜି (social capital) ର ମଧ୍ୟ ଅନେକ ପରିବର୍ତ୍ତନ ହୋଇଛି ।

ତେବେ ଏହିସବୁ ଉନ୍ନତି ସତ୍ତ୍ୱେ, ଭାରତୀୟ ଅର୍ଥନୀତିର ଦୁଇ ତିନୋଟି ବିଭାଗ ବୁଦ୍ଧିଜୀବୀମାନଂକୁ ଚିନ୍ତିତ କରିବାରେ ଲାଗିଛି । ପ୍ରଥମ ହେଉଛି ଅର୍ଥନୈତିକ ପ୍ରଗତି ଯେତେ ଅଧିକ ହେଉଛି, ଅଭାବବୋଧ ସେତିକି ବୃଦ୍ଧି ହେବାରେ ଲାଗିଛି । ଏହାଏକ ସ୍ୱାଭାବିକ ଅର୍ଥନୈତିକ ନୀତି । ଏକ ଗତିଶୀଳ ଅର୍ଥନୀତିରେ ମନୁଷ୍ୟର ଗୋଟିଏ ଅଭାବ ପୂରଣ ହୋଇଗଲେ ସେ ଅନ୍ୟ ଏକ ନୂତନ ଅଭାବ ସୃଷ୍ଟି କରିବାକୁ ଚେଷ୍ଟାକରେ । ସେ ଅଭାବ ପୂରଣ ନହୋଇ ପାରିଲେ, ମନରେ ଅଶାନ୍ତି ଓ ଅସନ୍ତୋଷ ଦେଖାଦିଏ । ଏହିପ୍ରକାର ଅଶାନ୍ତି ଓ ଅସନ୍ତୋଷ ଦେଶରେ ବର୍ତ୍ତମାନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବା ସହଜନୁହେଁ । ବିଶେଷକରି ଏକ ମୁକ୍ତ ସମାଜରେ ଏହି ଅଭାବ ବୋଧର ମାତ୍ରା ଖୁବ୍ ଅଧିକ ପରିମାଣରେ ବୃଦ୍ଧି ପାଏ । ରୁଷିଆ ଓ ଚୀନ ନିଜ ଦେଶକୁ ଲୁହା ବା ବାଉଁଶ ପରଦା ଭିତରେ ରଖି ଏହି ଅଭାବବୋଧକୁ ନିୟନ୍ତ୍ରଣ କରିବାକୁ ସୁବିଧା ପାଉଥିଲେ । ଏବେ ଯେତେବେଳେ ସେଠାରେ ପରଦାର ଆଢୁଆଳରୁ ଲୋକମାନଂକୁ ସରକାର ଟିକିଏ ମୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି, ସେଠାରେ ମଧ୍ୟ ଅଶାନ୍ତି ଓ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେବେ ଭାରତରେ ଏବେ ଯେତେବେଳେ ଏକ ଖାଉଟି ସମାଜ ପ୍ରତିଷ୍ଠା କରିବା ପାଇଁ ପ୍ରବଳ ଉଦ୍ୟମ ଚାଲିଛି, ସେତେବେଳେ ଏହି ଅଶାନ୍ତି ଓ ଅସନ୍ତୋଷ ତୀବ୍ରଆକାର ଧାରଣ କରିବା ସ୍ୱାଭାବିକ । ତେଣୁ ଏହିଖାଉଟି ସମାଜକୁ ଯେକୌଣସିମତେ ନିୟନ୍ତ୍ରଣ କରିବାକୁ ପଡ଼ିବ । ରେଡ଼ିଓ, ଟେଲିଭିଜନ, ସିନେମା ଓ ଖବରକାଗଜ ପ୍ରଭୃତିରେ ଭିନ୍ନ ଭିନ୍ନ ଖାଉଟିଦ୍ରବ୍ୟ ପ୍ରଚାରର ଯେଉଁ ପ୍ରତିଯୋଗିତା ଚାଲିଛି, ତାକୁ ବନ୍ଦ ନକଲେ, ଲୋକମାନଂକର ଆକାଶଛୁଆଁ ଅଭିରୁଚିକୁ ବନ୍ଦକରି ହେବନାହିଁ । ଏକ ବିକାଶଶୀଳ ଦେଶରେ ଖାଉଟି ଦ୍ରବ୍ୟର ପ୍ରଚାର ଓ ପ୍ରସାର ଫଳରେ ସଂଚୟରମାତ୍ରା ଯେ କମହେଉଛି, ତା ନୁହେଁ, ନିବେଶ ମଧ୍ୟ ଉପଯୁକ୍ତ କ୍ଷେତ୍ରରେ ବିନିଯୋଗହୋଇ ପାରୁନାହିଁ । ଯେତିକି ନିବେଶ ଅଛି, ତାହା ଯଦି ଅଧିକ ଖାଉଟି ଜିନିଷ ଉତ୍ପାଦନ କରିବାରେ ବିନିଯୋଗ ହେବ ତାହାହେଲେ ଅର୍ଥନୈତିକ ଭିତ୍ତି ମଜବୁତ କରିବାକୁ ସୁଯୋଗ ମିଳିବନାହିଁ ।

ଦ୍ୱିତୀୟରେ ଅର୍ଥନୀତିକୁ ନିୟନ୍ତ୍ରଣ କରିବାପାଇଁ ସରକାରଙ୍କ ତରଫରୁ ଅନେକ କଟକଣାଜାରି କରାଯାଉଛି । ଏହି କଟକଣା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ବର୍ତ୍ତମାନ ଦେଶରେ ଏତେ କଟକଣା ଜାରି ହେଲାଣି ଯେ ଅନେକ ଲୋକ ଏହି କଟକଣା ଯୋଗୁଁ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେଣି, ଅନେକ ଉଦ୍ୟମୀ ଲୋକଙ୍କର ଏହି କଟକଣା ଯୋଗୁଁ ଉଦ୍ୟମ ଭାଂଗିଯାଉଛି । ଯୋଜନାପାଇଁ କିଛି କଟକଣା ଦରକାର । ସମାଜବାଦପାଇଁ ମଧ୍ୟ କିଛି କଟକଣା ଦରକାର । କିନ୍ତୁ ସମାଜବାଦ ବା ଯୋଜନା ଅର୍ଥ ଖାଲି କଟକଣାନୁହେଁ । ଆମେ ଅଧିକ କଟକଣା ଜାରିକରି ଏକ ଔପନିବେଶିକ ଅମଲାତନ୍ତ୍ରର ହାତ-ମୁଠାକୁ ଟାଣକରିବାକୁ ଚେଷ୍ଟାକରୁଛୁ । କିନ୍ତୁ ଅମଲାତନ୍ତ୍ର ଗତିଶୀଳ ନୁହେଁ, ଏପରିକି ସ୍ଥିତିଶୀଳ ମଧ୍ୟନୁହେଁ, ଏହା ଗତିରୋଧକାରୀ, ଏକ ନିଷେଧାତ୍ମକ ଅନୁଷ୍ଠାନ । ଏହି ପରି-ବେଷ୍ଟନୀରେ ବେସରକାରୀ କି ସରକାରୀ ଉଦ୍ୟମ ଅଗ୍ରଗତି କରିବା ସହଜନୁହେଁ । ଆମର ଧାରଣା ଅନେକ କଟକଣାକୁ ଯଦି କୋହଳ କରାଯାଇ ପାରିବ, ତାହାହେଲେ ଅର୍ଥନୈତିକ ପ୍ରଗତି କେବଳ ତ୍ୱରାନ୍ୱିତ ହେବନାହିଁ । ଜନସାଧାରଣଙ୍କର ଅଶାନ୍ତି ଓ ଅସନ୍ତୋଷ ମଧ୍ୟ ଅନେକ ପରିମାଣରେ ଦୂର କରାଯାଇ ପାରିବ ।

ତୃତୀୟରେ ଭାରତରେ ଅନେକ ଅର୍ଥନୈତିକ ପ୍ରଗତି ହୋଇ-ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂର ହୋଇନାହିଁ, ବେକାରୀ ଦୂର ହୋଇନାହିଁ, ଅର୍ଥନୈତିକ ବୈଷମ୍ୟ ଦୂର ହୋଇନାହିଁ । କେତେ ଦାରିଦ୍ର୍ୟ ଅଛି, କେତେ ବେକାରୀ ଅଛି ଓ କେତେ ଅର୍ଥନୈତିକ ବୈଷମ୍ୟ ଅଛି, ସେସବୁ ବିଷୟରେ ଅନେକ ହିସାବ ଏହାଭିତରେ ପ୍ରକାଶ ପାଇଲାଣି । ସେସବୁର ହିସାବଦେଇ ପରିବନ୍ଧଟିକୁ ଭାର-

ଛାଡ କରିବାକୁ ଆମେ ଚାହୁଁ ନାହୁଁ । ଆମର କହିବାର କଥା ଯେ ଖାଲି ଅର୍ଥନୈତିକ ପ୍ରଗତିପାଇଁ ଉଦ୍ୟମ କଲେ ଦାରିଦ୍ୟ, ବେକାରୀ ଓ ଅର୍ଥନୈତିକ ବୈଷମ୍ୟ ଦୂର ହେବନାହିଁ । ଭାରତପରି ଏକ ବିକାଶଶୀଳ ଦେଶରେ ଅର୍ଥନୈତିକ ପ୍ରଗତିର ପ୍ରସାରଣ ପ୍ରଭାବ (spreed effect) ବହୁତ କମ୍ । ତେଣୁ ପ୍ରତ୍ୟକ୍ଷ ଭାବରେ କେତେକ କାର୍ଯ୍ୟକ୍ରମ ଗ୍ରହଣକରି ଦାରିଦ୍ର୍ୟ, ବେକାରୀ ଓ ଅର୍ଥନୈତିକ ବୈଷମ୍ୟ ଦୂର କରିବାକୁ ପଡ଼ିବ । ଗତ ୪୦-୪୧ ବର୍ଷର ଅଭିଜ୍ଞତାରୁ ଦେଖାଯାଉଛି ଯେ ରାଜକୋଷୀୟ ନୀତି ଦ୍ୱାରା ଏହିସବୁ ବ୍ୟାଧି ଦୂରହୋଇ ପାରିବନାହିଁ । ଏକଥା ମଧ୍ୟ ମନେରଖିବାକୁ ପଡ଼ିବ ଯେ ଏହିସବୁ ବ୍ୟାଧିକୁ ଦୂର ନକଲେ ଯୋଜନା, ଗଣତାନ୍ତ୍ରିକ ପଦ୍ଧତି ବା ସାମାଜିକ ପରିବର୍ତ୍ତନପାଇଁ ଜନସାଧାରଣଙ୍କର ଶ୍ରଦ୍ଧା ବା ସମର୍ଥନ ମିଳିବନାହିଁ । ସେମାନଙ୍କର ସକ୍ରିୟ ସହଯୋଗ ଓ ସମର୍ଥନ ନ ମିଳିଲେ କୌଣସି ସଂସ୍ଥା ସହଜରେ କାର୍ଯ୍ୟକାରୀ ହୋଇପାରେ ନାହିଁ ।ତେଣୁ ପ୍ରଜାତନ୍ତ୍ର ଦିବସରେ ଏହି ଆହ୍ୱାନକୁ ଗ୍ରହଣକରି ସେହି ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ବର୍ତ୍ତମାନ ପ୍ରଧାନ କର୍ତ୍ତବ୍ୟବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।



# କର୍ମବୀର ବିନୋବା ଭାବେ

ଡକ୍‌ଟର ସତ୍ୟନାରାୟଣ ରାଜଗୁରୁ

ଭାରତର ଇତିହାସ ପ୍ରସିଦ୍ଧ ହିନ୍ଦୁବୀର ଶିବାଜୀଙ୍କ ଜନ୍ମଭୂମି ମହାରାଷ୍ଟ୍ରର ରତନଗିରି ଜିଲ୍ଲାରେ 'ଭାବେ' ସଂଜ୍ଞାଧାରୀ ଏକ ବ୍ରାହ୍ମଣ ପରିବାର ପୂର୍ବେ ବାସ କରୁଥିଲେ । କିଛିକାଳ ପରେ ସେଠାରୁ ସେ ଉଠିଯାଇ କୋଲବା ଜିଲ୍ଲାର ଗାଗୋଦା ନାମକ ଗ୍ରାମରେ ବାସ ସ୍ଥାପନ କରନ୍ତି । ସେହି ପରିବାରରେ ବିନୋବା ଜନ୍ମ ଲଭ କରିଥିଲେ । ତାଙ୍କ ପିତୃଦତ୍ତ ନାମ ଥିଲା, 'ବିନାୟକ' । ପରେ ମହାତ୍ମା ଗାନ୍ଧୀ ତାଙ୍କୁ 'ବିନୋବା' ବୋଲି ସମ୍ବୋଧନ କରିବାରୁ ତାହାହିଁ ତାଙ୍କୁ ପରିଚିତ କଲା ।

ବାଲ୍ୟକାଳରୁ ବିନୋବା ତାଙ୍କ ପିତାମହ ପଣ୍ଡିତ ଶମ୍ଭୁରାଓ ଏବଂ ପିତାମହୀ ଗଙ୍ଗାବାଇଙ୍କ ଦ୍ୱାରା ଲାଳିତ ପାଳିତ ହୋଇ ଶିକ୍ଷାଲାଭ କରନ୍ତି । ଶମ୍ଭୁରାଓ ଜଣେ ନୈଷ୍ଠିକ ଈଶ୍ୱର ଭକ୍ତ । ସେ ତାଙ୍କ କୁଳ ଦେବତା କୋଟେଶ୍ୱରଙ୍କ ସେବାରେ ନିଯୁକ୍ତ ହୋଇ ସାଧୁ-ଜୀବନ ଅତିବାହିତ କରୁଥିଲେ । କୋଟେଶ୍ୱରଙ୍କ ମନ୍ଦିର ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଥାଏ ।

ଏକଦା ପଣ୍ଡିତ ଶମ୍ଭୁରାଓ ସେଠାରେ ହରିଜନମାନଙ୍କୁ ପଂକ୍ତି ଭୋଜନ ଦେଇ ଆପ୍ୟାୟିତ କରିଥିଲେ । ତଦ୍‌ବଧି ମନ୍ଦିରଟି ସବୁ ଶ୍ରେଣୀର ଏକ ଧର୍ମ କେନ୍ଦ୍ରରେ ପରିଣତ ହୋଇଥିଲା । ସେ ସମୟରେ ଉଚ୍ଚ ଶ୍ରେଣୀର ବ୍ରାହ୍ମଣ ଓ ଅନ୍ୟ କେତେକ ଜାତି ହରିଜନଙ୍କ ଛାଇ ମଧ୍ୟ ମାଡୁ ନ ଥିଲେ । ତଥାପି ପଣ୍ଡିତ ଓ ସାଧୁ ଶମ୍ଭୁରାଓଙ୍କ ସେହି କାର୍ଯ୍ୟରେ ଆପତ୍ତି କରିବାକୁ ସେମାନେ ସାହାସୀ ହେଲେ ନାହିଁ ।

ଥରେ ଶମ୍ଭୁରାମ ଜଣେ ମୁସଲମାନ ଓସ୍ତାଦଙ୍କୁ ଡାକି ଆଣି ମନ୍ଦିର ବେଢ଼ାରେ ବସାଇ ତାଙ୍କ ଦ୍ୱାରା ଗାନଭଜନ କରିବା ଦେଖି ସେ କାର୍ଯ୍ୟରେ ବ୍ୟଥିତ ହୋଇ ଗ୍ରାମର କେତେ-ଜଣ ବ୍ରାହ୍ମଣ ପ୍ରଶ୍ନ କରିବାରୁ ସେ ତାଙ୍କୁ ବୁଝାଇବାକୁ ଯାଇ କହିଥିଲେ "ଈଶ୍ୱର ମନୁଷ୍ୟ ମନୁଷ୍ୟ ମଧ୍ୟରେ ଆଦୌ ଭେଦ ସୃଷ୍ଟି କରି ନାହାନ୍ତି । ସମସ୍ତେ ତାଙ୍କରି ସନ୍ତାନ । ତେଣୁ ତାଙ୍କୁ ଆରାଧନା କରିବା ଅଧିକାର ସମସ୍ତଙ୍କ ପକ୍ଷରେ ସମାନ ।

ଶମ୍ଭୁରାଓଙ୍କ ତିନି ପୁତ୍ରଙ୍କ ନାମ ହେଉଛି ନରହର, ଗୋପାଳ ଓ ଗୋବିନ୍ଦ । ପ୍ରଥମ ପୁତ୍ର ନରହର ସେପ୍ଟେମ୍ବର ୧୧ ତାରିଖ ୧୮୯୫ରେ ଜନ୍ମଲାଭ କରିଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ଥିଲା ରକ୍ମିଣୀବାଈ । ନରହର ଅତି ବୁଦ୍ଧିମାନ ହୋଇ ବିଦ୍ୟାଭ୍ୟାସରେ ଆଗ୍ରହ ପ୍ରକାଶ କରୁଥିଲେ । କିନ୍ତୁ ପିତା ଶମ୍ଭୁରାଓଙ୍କ ଆପତ୍ତି ହେତୁ ଇଂରାଜୀ ସ୍କୁଲରେ ପଢ଼ିବା ତାଙ୍କ ଭାଗ୍ୟରେ ସମ୍ଭବ ହେଲାନାହିଁ । ତେଣୁ ସେ ସଂସ୍କୃତ ଓ ସାହିତ୍ୟ, ଦର୍ଶନ ପ୍ରଭୃତି ଶିକ୍ଷା କରି ବରୋଦାରେ ଅଳ୍ପ ବୟସରେ ଏକ ଚାକିରିରେ ନିଯୁକ୍ତ ହେଲେ । ରକ୍ମିଣୀବାଈଙ୍କ ଗର୍ଭରୁ ବିନୋବାଙ୍କୁ ମିଶାଇ ଚାରିଟି ପୁତ୍ର ଓ ଏକ କନ୍ୟା ଜନ୍ମ ଲାଭ କରିଥିଲେ । ବିନୋବାଙ୍କ କନିଷ୍ଠ ଭ୍ରାତା ଅଳ୍ପ ବୟସରେ ମୃତ୍ୟୁ ଲାଭ କରିଥିଲେ ଏବଂ ଅନ୍ୟ ଦୁଇ ଭ୍ରାତା କୌଣସି ଧର୍ମଶାଳାରେ ନିଯୁକ୍ତ ହୋଇଥିଲେ ।

ଗାଗୋଦା ଗ୍ରାମରେ ବିନୋବାଙ୍କ ବାଲ୍ୟକାଳ ଅତି-ବାହିତ ହୋଇଥିଲା । ଗ୍ରାମାଞ୍ଚଳର ଜୀବନ ସଙ୍ଗେ ସେ କେବଳ ଯେ ଘନିଷ୍ଠ ପରିଚୟ ଲାଭ କରିଥିଲେ ତାହା ନୁହେଁ ତାଙ୍କର ସେଥିପ୍ରତି ପ୍ରବଳ ଅନୁରାଗ ମଧ୍ୟ ଜାତ ହୋଇଥିଲା । ଗ୍ରାମ୍ୟ ଜୀବନର ମାଧୁର୍ଯ୍ୟ ତାଙ୍କୁ ଅଭିଭୂତ କରି ଦେଇଥିଲା । ତେଣୁ ୧୯୩୫ ମସିହାରେ ସେ ରୁଗଣ ହୋଇ ସ୍ୱାସ୍ଥ୍ୟଲାଭ ସକାଶେ ଦୁଇ ମାସ ନିଜ ଗ୍ରାମ ଗାଗୋଦା-ଠାରେ ହିଁ ବିଶ୍ରାମ ନେଇଥିଲେ ।

ଗାଗୋଦାରେ ଯେଉଁମାନେ ରହିଥାନ୍ତି ସେମାନଙ୍କ ହୃଦୟରେ ପ୍ରବଳ ଦେଶ ପ୍ରେମର ବାତାବରଣ ଦେଖା ଦେଇ ଥାଏ । ତେଣୁ ବହୁ ପତ୍ରପତ୍ରିକା ଅଣାଇ ସେଠାରେ ଏକ ପାଠାଗାର ସ୍ଥାପନ କରିବାକୁ ବିନୋବା ପ୍ରବଳ ଯତ୍ନ କରିଥିଲେ । ବିଭିନ୍ନ ପତ୍ରପତ୍ରିକା ଅଣାଇ ଗ୍ରାମବାସୀଙ୍କୁ ତାହା ପଢ଼ିବା ପାଇଁ ସେ ଦେଉଥାନ୍ତି । ତାଙ୍କ ଗୃହରେ ମଧ୍ୟ ଧର୍ମ ସଂକ୍ରାନ୍ତ ବହୁ ଗ୍ରନ୍ଥ ଗଚ୍ଛିତ ହୋଇ ରହିଥାଏ । ବୟସ୍କ ଲୋକଙ୍କ ମଧ୍ୟରେ ଭାରତର ରାଜନୈତିକ ସମସ୍ୟାରେ ଆଲୋଚନା ବେଳେ ସେ ନୀରବରେ ବସିରହି ତାହା ଶୁଣନ୍ତି । ବାଳକ ଅବସ୍ଥାରୁହିଁ ଦେଶ ପ୍ରେମ ଓ ଜାତୀୟତା ବିଷୟରେ ତାଙ୍କର ପ୍ରାଣ ଉଦ୍ଭାସିତ ହୋଇଥିଲା ।

ବିନୋବା ନିଜ ମନରେ ଦୃଢ଼ ସଂକଳ୍ପ କରିଥିଲେ ଯେ, ଚିରବ୍ରହ୍ମଚାରୀ ହୋଇ ଭୀଷ୍ମଙ୍କ ପରି ସେ କର୍ତ୍ତବ୍ୟ ପରାୟଣ-ବ୍ରତ ପାଳନ କରିବେ । ତାଙ୍କର ସେହି ସଂକଳ୍ପଟି ପିଲାଦିନୁ ମନରେ ଖେଳା କରୁଥିଲା । ବୋଧହୁଏ ସେ ତାଙ୍କ ପିତାମହ ଶମ୍ଭୁରାଓଙ୍କ ସାଧୁ ଚରିତ୍ରରେ ଅନୁପ୍ରାଣୀତ ହୋଇଥିବା ଫଳରେ ମହାତ୍ମା ଗାନ୍ଧୀଙ୍କଠାକୁ ୧୯୧୮ ମସିହା ଫେବୃୟାରୀ ୧୦ ତାରିଖରେ ସେ ଲେଖିଥିବା ଗୋଟିଏ ପତ୍ରରେ ପ୍ରକାଶ କରିଥିଲେ "ଯେତେବେଳେ ମୋର ବୟସ ଥିଲା ଦଶବର୍ଷ, ମୁଁ ମନରେ ସ୍ଥିର କରିଥିଲି ଜୀବନରେ ବ୍ରହ୍ମଚର୍ଯ୍ୟ-ବ୍ରତ ପାଳନ କରିବି ।"ଏଥିରୁ ଜଣାଯାଉଛି ଯେ, ବାଲ୍ୟକାଳରୁ ତାଙ୍କ ହୃଦୟ ଭାରତର ଦାର୍ଶନିକ ପ୍ରେରଣାରେ ଅନୁପ୍ରାଣିତ ହୋଇଥିଲା । ଏଣୁ ପରିଣତ ବୟସରେ ସେ ଜଣେ ମହାନ୍ ପଣ୍ଡିତ ଓ ଦାର୍ଶନିକ ହୋଇ ପାରିଥିଲେ ।

ତାଙ୍କର ପ୍ରାଥମିକ ଶିକ୍ଷା ଗାଗୋଦା ଗ୍ରାମର ପାଠଶାଳାରେ ସମ୍ପନ୍ନ ହୋଇଥିଲା । ତା'ପରେ ସେ ବରୋଦାରେ ରହି ଉଚ୍ଚ ପ୍ରାଥମିକ ଶିକ୍ଷା ସେଠାରେ ଏକ ବିଦ୍ୟାଳୟରେ ଶେଷ କଲେ । ବରୋଦାରେ ଯେଉଁ ବିରାଟ ଗ୍ରନ୍ଥାଗାର ଥିଲା, ତାହା ତାଙ୍କର ଜ୍ଞାନାହରଣ କ୍ଷୁଧାକୁ ଯଥେଷ୍ଟ ଆହାର ଯୋଗାଇ ଦେଉଥିଲା । ଗ୍ରନ୍ଥଗୁଡ଼ିକ ପଢ଼ିଲା ବେଳେ ସେଥିରେ ସେ ନିମଗ୍ନ ହୋଇ ରହୁଥିଲେ । ଅଧିକାଂଶ କ୍ଷେତ୍ରରେ ଧର୍ମ ସଂପର୍କିତ ସାଧୁ-ସନ୍ଥମାନଙ୍କ ରଚିତ ଗ୍ରନ୍ଥଗୁଡ଼ିକ ମନ-ପ୍ରାଣ ଦେଇ ଅଧ୍ୟୟନ କରୁଥାନ୍ତି, ସେହି ଗ୍ରନ୍ଥମାନଙ୍କ ରଚୟିତା ଥିଲେ ଜ୍ଞାନଦେବ, ଏକନାଥ, ତୁକାରାମ, ନାମଦେବ, ବାମଦେବ ପ୍ରଭୃତି ମହାପୁରୁଷ । ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ଲେଖକ ଗିବ୍‌ବନ୍, କାରଲିଲ୍ ପ୍ରଭୃତିଙ୍କ ଲେଖାଗୁଡ଼ିକ ମଧ୍ୟ ସେ ମନ ଦେଇ ପଢ଼ୁଥିଲେ ।

ବିନୋବାଙ୍କ ପିତା ନରହର ପୁତ୍ରର ପୁସ୍ତକ ପାଠରେ ଶ୍ରଦ୍ଧା ଓ ଏକାଗ୍ରତା ଦେଖି ତାଙ୍କର ଉଚ୍ଚ ଶିକ୍ଷା ପାଇଁ ୟୁରୋପ ପଠାଇବାକୁ ସ୍ଥିର କଲେ । ତେଣୁ ଦ୍ୱିତୀୟ ଭାଷା ରୂପେ ଫରାସୀ ଭାଷା ଓ ସାହିତ୍ୟ ଅଧ୍ୟୟନ କରିବାକୁ ସେ ବିନୋବାଙ୍କୁ ଆଦେଶ ଦେଲେ । ପିତାଙ୍କ ଆଦେଶ ସେ ରକ୍ଷା କରିଥିଲେ ମଧ୍ୟ ସଂସ୍କୃତ ଶିକ୍ଷା କରିବାକୁ ତାଙ୍କର ବଳବତ୍ତର ଆଗ୍ରହ ଥିଲା । ତେଣୁ ଗୃହରେ ସେ ଜିରୋଲାରେ ବସି ସଂସ୍କୃତ ଅଧ୍ୟୟନ କରିବାକୁ ଲାଗିଲେ । ଭାରତୀୟ ସ୍ମୃତି ଗ୍ରନ୍ଥରେ ଲେଖା ହୋଇଥିବା ବ୍ରହ୍ମଚର୍ଯ୍ୟ-ବ୍ରତ ସେ ନିଷ୍ଠାର ସହିତ ପାଳନ କରି ଆତ୍ମ ସଂଯମ ଓ ମାନସିକ ଦୃଢ଼ତା ପାଇଁ ଆବଶ୍ୟକୀୟ ଅଭ୍ୟାସ କରିବାକୁ ଲାଗିଲେ । ତାଙ୍କର ସେହି ନିଷ୍ଠା ଏପରି ଦୃଢ଼ତା ଆଣି ଦେଲା ଯାହା ଫଳରେ ସେ ଗ୍ରୀଷ୍ମ-ଉତାପରେ ମଧ୍ୟ ପାଦରେ ଚର୍ମ ପାଦୁକା (ଯୋତା) ବ୍ୟବହାର କଲେ ନାହିଁ; ମଦ୍ୟ-ମାଂସ ତ ଦୂରର କଥା ସୁସ୍ୱାଦୁ ଖାଦ୍ୟ ମଧ୍ୟ ତାଙ୍କର ରୁଚିକର ହେଲା ନାହିଁ । ଏପରିକି ଭଗିନୀଙ୍କ ବିବାହରେ ଲୌକିକ ରୀତିରେ ପଂକ୍ତି ଭୋଜନରେ ବସି ସେ କେବଳ ଦୁଇଖଣ୍ଡ ଭକରି (ରୋଟି) ବ୍ୟତୀତ ଅନ୍ୟ କିଛି ବିଳାସ ଦ୍ରବ୍ୟ ସ୍ପର୍ଶ କରି ନ ଥିଲେ ।

ବାଲ୍ୟକାଳରୁ ସେ ଅତ୍ୟନ୍ତ ମାତୃଭକ୍ତ ଥିଲେ । ମା'ଙ୍କ ସାଥୀରେ ମିଶି ସେ ନିଜେ ଗୃହର ଯାବତୀୟ କର୍ମ ସମ୍ପାଦନ କରୁଥିଲେ । ଯାହା ଫଳରେ ମାଙ୍କ ପରିଶ୍ରମ ଲାଘବ ହେଉଥିଲା । ସେ ମା'ଙ୍କ ସାଥିରେ ମିଶି ଗହମ ଚୂରିବା ବେଳେ ପାଖରେ ବସିଥିବା ଉଦ୍ଗ୍ରୀଙ୍କୁ ଭାରତର ପୌରାଣିକ ଆଖ୍ୟାନ ସଙ୍ଗେ ସ୍ମରଣୀୟ ବ୍ୟକ୍ତିମାନଙ୍କ ଜୀବନ ଚରିତ ଶୁଣାଉଥାନ୍ତି । ଥରେ ତାଙ୍କ ମା କହିଲେ "ବିନୁ ତୁ ମୋତେ ସବୁବେଳେ ଗୀତାର ଯେଉଁ ଶ୍ଳୋକଗୁଡ଼ିକ ଶୁଣାଉଛୁ, ମୁଁ ସେହି ସଂସ୍କୃତ ଶ୍ଳୋକର ଅର୍ଥ ବୁଝି ପାରୁନି । ମରାଠୀ ଭାଷାରେ 'ଗୀତା ନାହିଁକି ? ଯଦି ଥାଏ ମୋପାଇଁ ବହିଟିଏ ଆଣିଦେବୁ" । ମା'ଙ୍କ ସେହି ଆଦେଶ ଶିରୋଧାର୍ଯ୍ୟ କରି ନିଜେ ବିନୋବା ମରାଠୀ ଭାଷାରେ 'ଗୀତା' ଅନୁବାଦ ଓ ତର୍ଜମା ଲେଖି ସେଥିରେ ନାମ ଦେଇଥିଲେ "ମାତା-ଗୀତା" । ତାଙ୍କର ସେହି ପୁସ୍ତକଟି ମରାଠୀ ସାହିତ୍ୟର ଏକ ଅପୂର୍ବ ଗ୍ରନ୍ଥ ରୂପେ ମହାରାଷ୍ଟ୍ରର ଜନସାଧାରଣ ଗ୍ରହଣ କରନ୍ତି ।

ବିନୋବା ପ୍ରାଥମିକ ଶିକ୍ଷା ଶେଷ କରି ମହାବିଦ୍ୟାଳୟରେ ନାମ ଲେଖାଇଲେ । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭବେଳେ ସେ ଇଣ୍ଟରମିଡ଼ିଏଟ୍ ଶ୍ରେଣୀରେ ପଢ଼ୁଥାନ୍ତି । ସେତେବେଳେ ଭାରତରେ ସ୍ୱାଧୀନତା ଆନ୍ଦୋଳନର ତୀବ୍ରତା ତାଙ୍କ ପ୍ରାଣକୁ ଆଘାତ କଲା । ବମ୍ବେରେ ପରୀକ୍ଷା ଦେବାକୁ ଗାଡ଼ିରେ ଗଲାବେଳେ ସୁରାଟ ଷ୍ଟେସନରେ ଓହ୍ଲାଇପଡ଼ି ସେଠାରୁ 'ତାପ୍ତିଭେଲି ରେଲୱେ' ଯୋଗେ ସିଧା ବଙ୍ଗଳାକୁ ଯାତ୍ରା କଲେ । ଯିବା ପୂର୍ବରୁ ସେ ତାଙ୍କ ପିତାଙ୍କଠାକୁ ସୁରାଟରୁ ଗୋଟିଏ ପତ୍ର ଲେଖି ଜଣାଇଲେ: "ମୁଁ ପରୀକ୍ଷା ଦେବାକୁ ବମ୍ବେ ଯାଉ ନାହିଁ । ମୋର ଗତି ଏବେ ଅନ୍ୟ ଦିଗରେ । ମୋର ଦୁଇ ଆଖି ଯେଉଁ ଆଡେ ଯିବ ମୁଁ ସେଠାକୁ ଯିବି । କିନ୍ତୁ ଆପଣ ସ୍ଥିର ଜାଣି ରଖନ୍ତୁ, ମୁଁ ଯେଉଁଠାକୁ ଯାଏ ବା ଯାହାକରେ ପଡ଼େ, ନୈତିକତା

ଆଦୌ ହରାଇବି ନାହିଁ । କୋଡ଼ିଏ ବର୍ଷର ବାଳକ ବିନୋବା ୧୯୧୫ ମସିହାରେ ବଙ୍ଗଳାକୁ ଯାଇ ସେଠାରେ ସ୍ୱାଧୀନତା ଆନ୍ଦୋଳନରେ ବିଭିନ୍ନ ଦିଗ ଅନୁଧ୍ୟାନ କରନ୍ତି । କିନ୍ତୁ ତାହା ତାଙ୍କ ମନକୁ ସନ୍ତୁଷ୍ଟ କଲା ନାହିଁ ତେଣୁ ସେଠାରୁ ସେ ଫେରିଲେ କିନ୍ତୁ ଗୃହକୁ ନୁହେଁ—ଯାହାକି ସେ ଚିରଦିନ ପାଇଁ ତ୍ୟାଗ କରିଛନ୍ତି ।

ବଙ୍ଗ ଦେଶରୁ ସଂସ୍କୃତର କେନ୍ଦ୍ର ସ୍ଥଳୀ ବନାରସରେ ସେ ପ୍ରବିଷ୍ଟ ହେଲେ । ସଂସ୍କୃତ ଓ ଦର୍ଶନ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ତେଣୁ ଏକ ଅନ୍ନଛତ୍ର ଧର୍ମଶାଳାରେ ଆଶ୍ରୟ ନେଇ ସଂସ୍କୃତ ଶିକ୍ଷା କରିବାକୁ ଲାଗିଲେ ।

୧୯୧୬ ମସିହା ଫେବୃୟାରୀ ମାସରେ ମଦନ ମୋହନ ମାଲବ୍ୟଙ୍କ ଆହ୍ୱାନକ୍ରମେ ମହାତ୍ମା ଗାନ୍ଧୀ ସେଠାରେ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସଭାରେ ଭାଷଣ ଦେଇଥାନ୍ତି । ସେହି ସଭାରେ ସର୍ବ ପ୍ରଥମେ ବିନୋବା ମହାତ୍ମା ଗାନ୍ଧୀଙ୍କୁ ଦେଖି ତାଙ୍କ ଭାଷଣ ଶୁଣି କେତେକ ପ୍ରଶ୍ନ କରିଥିଲେ । ତେଣୁ ମହାତ୍ମାଙ୍କ ଆହ୍ୱାନକ୍ରମେ ସେ ତାଙ୍କ ଆଶ୍ରମକୁ ଯାଇ ଅଧିକ ଆଲୋଚନା କରିବାକୁ ସାବରମତି ଯାତ୍ରା କରନ୍ତି । ମହାତ୍ମାଙ୍କ ଆଶ୍ରମକୁ ଯିବା ପୂର୍ବରୁ ବିନୋବା କେତେଗୁଡ଼ିଏ ଅନୁଶୀଳନାତ୍ମକ ପ୍ରବନ୍ଧ ଲେଖିଥାନ୍ତି । କିନ୍ତୁ ସେ ସମସ୍ତ କାଶୀର ଗଙ୍ଗା ପ୍ରବାହରେ ବିସର୍ଜନ କରିଦେଇ ଅନାବିଳ ମନରେ ସେ ସାବରମତି ଆଶ୍ରମକୁ ଯାତ୍ରା କରିଥିଲେ ।

ସାବରମତି ଆଶ୍ରମରେ ୧୯୧୬ ସାଲରୁ ଅବସ୍ଥାନ କରି ଗାନ୍ଧୀଙ୍କ ପ୍ରବର୍ତ୍ତିତ ସମସ୍ତ ପ୍ରକାର ଆଶ୍ରମ ନିୟମ ସେ ଅତି ନିଷ୍ଠାର ସହ ପାଳନ କରୁଥିଲେ । କେବେ କେବେ ଗାନ୍ଧୀ ଓ ବିନୋବା ଉଭୟେ ମିଶି ଏକା ଘୋରଣା ଚକିରେ ଗହମ ଘୋରୁଥାନ୍ତି । ବିନୋବା ତାଙ୍କର ସେ ଆଶ୍ରମ ନିବାସ ପ୍ରସଙ୍ଗ ପିତାମାତାଙ୍କୁ ଜଣାଇ ନ ଥିଲେ । ସୁରାଟରୁ ପିତାଙ୍କ ଠିକଣାରେ ସେଇଁ ଛୋଟ ପତ୍ରଟି ଲେଖିଥିଲେ ତା'ପରେ ପରିବାର ସଙ୍ଗେ ତାଙ୍କର ସମସ୍ତ ସଂପର୍କ ଛିନ୍ନ ହୋଇ ଯାଇଥିଲା । ବିନୋବାଙ୍କ ଏ କାର୍ଯ୍ୟକୁ ଗାନ୍ଧୀ ପସନ୍ଦ କରୁ ନ ଥିଲେ । ତେଣୁ ସେ ନିଜେ ବିନୋବାଙ୍କ ପିତାଙ୍କୁ ତାଙ୍କ ଅବସ୍ଥିତି ସମ୍ବାଦପତ୍ର କରିଆରେ ଜଣାଇଦେଇ ଲେଖିଲେ:

"ଆପଣଙ୍କ ବିନୋବା ମୋ ନିକଟରେ ରହିଛନ୍ତି । ଏହି ଅଳ୍ପ ବୟସରେ ଆପଣଙ୍କ ପୁତ୍ରଙ୍କ ନୈତିକ ଜ୍ଞାନ ଓ ସାଧୁ ପ୍ରକୃତି ଯଥେଷ୍ଟ ବଢ଼ିଯାଇଛି । ଯାହା ଲାଭ କରିବାକୁ ମୋ ପକ୍ଷରେ ବହୁ କାଳ ଅତିବାହିତ ହୋଇଥିଲା ।" ଗାନ୍ଧିଜୀ ସେହି ପତ୍ରଟିରେ ସର୍ବ ପ୍ରଥମେ 'ବିନାୟକ' ପରିବର୍ତ୍ତେ 'ବିନୋବା' ନାମରେ ତାଙ୍କୁ ଅଭିହିତ କରିଥିଲେ, ଯାହାକି ପରବର୍ତ୍ତୀ କାଳରେ ସେହି ନାମରେହିଁ ସେ ପରିଚିତ ହେଲେ ।

ବିନୋବାଜୀ, ଶଙ୍କର ଭାଷ୍ୟ ଅଧ୍ୟୟନ କରିବାକୁ ଇଚ୍ଛା ପ୍ରକାଶ କରି ଗାନ୍ଧୀଙ୍କଠାରୁ ଅନୁମତି ପାଇ ଗୁଜୁରାଟର ଭଇ ନାମକ ସ୍ଥାନକୁ ଯାତ୍ରା କରି ସେଠାରେ ପଣ୍ଡିତ ଶ୍ରୀନାରାୟଣ ଶାସ୍ତ୍ରୀଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ସେଠାରେ ମଧ୍ୟ ସେ ଯେତେ ଦିନ ରହିଥିଲେ, ତାହା ମଧ୍ୟ କଠୋର ବ୍ରହ୍ମଚାରୀ ସାଧୁଙ୍କ ବ୍ରତ ଅନୁରୂପ କହିଲେ ଚଳେ । ସେତେବେଳେ ସେ ଗୋଟିଏ ମାତ୍ର ବସ୍ତ୍ର ପରିଧାନ କରୁଥିଲେ ଓ ରାତ୍ରିରେ ଭୂତଳରେ ଶୟନ କରୁଥିଲେ । କେବେ କେବେ ସେ ଉପବାସ ପାଳନ କରନ୍ତି ଓ ସାଧୁ-ସନ୍ଥ ଜୀବନାନୁସାରେ ସେ ଲବଣ ବର୍ଜିତ ଆହାର ଭୋଜନ କରନ୍ତି । ଏ ସମସ୍ତ ବର୍ଣ୍ଣନା ସେ ଗାନ୍ଧିଜୀଙ୍କଠାକୁ ପଠାଇଥିବା ପତ୍ରଗୁଡ଼ିକରେ ପ୍ରକଟିତ ହୁଏ । ସେହି ପତ୍ରରେ ସେ ଲେଖି ଜଣାଇଥିଲେ ଯେ, ଉପନିଷଦ, ଗୀତା ପାତଞ୍ଜଳ ଯୋଗଦର୍ଶନ, ବ୍ରହ୍ମସୂତ୍ର ଓ ଯାଜ୍ଞବଲ୍କ୍ୟସ୍ମୃତି, ମନୁସ୍ମୃତି, ନ୍ୟାୟସୂତ୍ର, ବୈଶେଷିକ ସୂତ୍ର ପ୍ରଭୃତି ସେ ଅଧ୍ୟୟନ କରି ପାରିଅଛନ୍ତି । ଏଥିରେ ମହାତ୍ମା ଗାନ୍ଧୀ ଅପାର ଆନନ୍ଦ ପ୍ରକାଶ କରି କହିଥିଲେ "ଗୋରକ୍ଷ ପରାସ୍ତ କରି ପାରିଛି (ନିଜଗୁରୁ)! ମତ୍ସ୍ୟେନ୍ଦ୍ରଙ୍କୁ । ଭୀମ ପରାକ୍ରମରେ "ସେ ବିନୋବାଙ୍କୁ ଗୋଟିଏ ପତ୍ରରେ ଜଣାଇଲେ "ମୁଁ ଜାଣି-ପାରୁନି, କେଉଁ ବିଶେଷଣରେ ତୁମକୁ ମଣ୍ଡିତ କରିବି । ତୁମ ସ୍ନେହ ଓ ସ୍ୱଚ୍ଛ ଚରିତ୍ର ମୋତେ ଅଭିଭୂତ କରି ଦେଇଛି; ତୁମର ପ୍ରତିଭାର ଅନୁଶୀଳନ ମୋର ସାଧ୍ୟାତୀତ" ଚିଠିରେ ମହାତ୍ମା ସ୍ୱାକ୍ଷର ଦେଇ କହିଥିଲେ "ସେ ଜଣେ ବିରାଟ ପ୍ରତିଭାସଂପନ୍ନ ବ୍ୟକ୍ତି । ମୁଁ ଭାଗ୍ୟବାନ ଯେ, ଏପରି ମହାରାଷ୍ଟ୍ର ଓ ମାନ୍ଦ୍ରାଜ ଲୋକଙ୍କ ସଂପର୍କ ମୁଁ ପାଇପାରେ । କିନ୍ତୁ ଏ ପର୍ଯ୍ୟନ୍ତ କେହି ମାନ୍ଦ୍ରାଜରୁ ଲୋକ ଏଠାରେ ମୁଁ ପାଇନାହିଁ । ମହାରାଷ୍ଟ୍ରରୁ ଆଗତ କେହି ହେଲେ ମୋତେ ଠକି ନାହାନ୍ତି । ସେମାନଙ୍କ ମଧ୍ୟରେ ବିନୋବା ଅତ୍ୟନ୍ତ ବରିଷ୍ଠ ବ୍ୟକ୍ତି ।"

ଠିକ୍ ନିର୍ଦ୍ଦିଷ୍ଟ ଦିନ ବିନୋବାଜୀ ଆଗରୁ ନ ଜଣାଇ ଆଶ୍ରମରେ ପହଞ୍ଚିବା ଦେଖି ମହାତ୍ମା ଗାନ୍ଧୀ ସମେତ ଆଶ୍ରମବାସୀ ସମସ୍ତେ ଚକିତ ହୋଇଗଲେ । ବିନୋବାଙ୍କ କଠୋର ପରିଶ୍ରମ ଓ ଅବିଶ୍ରାନ୍ତ ବହି ପଢ଼ିବା ହେତୁ ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ହୋଇଗଲା । ତେଣୁ ଗାନ୍ଧୀ ତାଙ୍କ ପାଇଁ ଚଷମା ଖରିଦ କରି ଆଣି ଦେଲେ ।

୧୯୨୧ ମସିହାରେ ଯମୁନାଲାଲ ବଜାଜ୍ ସାବରମତି ଆଶ୍ରମକୁ ଆସି ଗାନ୍ଧୀଙ୍କୁ ଅନୁରୋଧ କରି ତାଙ୍କର ପଞ୍ଚମ ପୁତ୍ର ରୂପେ ରହି ଆଧ୍ୟାତ୍ମିକ ଶିକ୍ଷାରେ ପ୍ରବୃତ୍ତ ହୋଇଥିଲେ । ଏକଦା ସେ ଗାନ୍ଧୀଙ୍କୁ କହିଲେ; "ବାପୁ, ଏହି ସାବରମତି ଆଶ୍ରମଟି ଏବେ ଯଥେଷ୍ଟ ଗହଳି ହେଲଣି; ତେଣୁ ଏଥିର ଶାଖା ପରି ୱାର୍ଦ୍ଧାରେ ଆଉ ଏକ ଆଶ୍ରମ ପ୍ରତିଷ୍ଠା କଲେ ଉତ୍ତମ ହେବ ।" ବଜାଜ୍‌ଙ୍କ ସେହି ପ୍ରସ୍ତାବ ଅନୁସାରେ ୱାର୍ଦ୍ଧାରେ ଅନ୍ୟ ଏକ ଆଶ୍ରମ ଖୋଲାଗଲା ଓ ସେଥିର ପରିଚାଳନ ଭାର ବିନୋବାଜୀଙ୍କ ଉପରେ ନ୍ୟସ୍ତ ହେଲା । ସେ ନିଷ୍ଠାର ସହିତ ୱାର୍ଦ୍ଧାରେ ୩୦ ବର୍ଷ ବା ତଦୂର୍ଦ୍ଧ୍ୱ କାଳ ରହି କର୍ତ୍ତବ୍ୟ ସଂପାଦନ କରିଥିଲେ । ସେତିକିବେଳେ ସେ ଅତି ଉତ୍ସାହଜନକ ବିଭିନ୍ନ ପ୍ରକାର ଉନ୍ନତ ପ୍ରବନ୍ଧମାନ

ହାତକୁ ନେଇ ଓ୍ୱାର୍ଦ୍ଧା ଆଶ୍ରମ ଓ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ପରୀକ୍ଷା ସ୍ୱରୂପ କାର୍ଯ୍ୟ କରୁଥାନ୍ତି । ସେହି କାର୍ଯ୍ୟଗୁଡ଼ିକର ସୁପରିକଳ୍ପନା ମୂଳରେ ତାଙ୍କର ନିଷ୍ଠା ଓ ସାଧନା ସନ୍ନିହିତ ହୋଇଥିବା ଜଣାଯାଏ ।

ବିନୋବାଜୀ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଜେଲ ବରଣ କରିଥିଲେ । ୧୯୩୨ ମସିହାରେ ସେ ଧୁଲିଆ ଜେଲରେ ଆବଦ୍ଧ ଥିଲାବେଳେ, ପ୍ରତି ରବିବାର ଦିନ 'ଗୀତା'ର ବ୍ୟାଖ୍ୟାନମୂଳକ ଆଲୋଚନାରେ ପ୍ରବୃତ୍ତ ହେଉଥିଲେ । ସେଠାରେ ଆବଦ୍ଧ ଥିବା ସ୍ୱର୍ଗତ ସାନେଗୁରୁଜୀ ସେହି ବ୍ୟାଖ୍ୟାନକୁ ମରାଠୀ ଭାଷାରେ ଟିପି ରଖୁଥିଲେ । କିଛିକାଳ ପରେ ସେହି ଟିପ୍ପଣୀ ପୁସ୍ତକାକାରରେ ଛପା ହୋଇଥିଲା । ସେହି ପୁସ୍ତକରୁ ବିନୋବାଜୀଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଓ ତାଙ୍କର କର୍ମଯୋଗ ପରାୟଣ ପ୍ରତିଭାର ଯଥେଷ୍ଟ ଆଭାସ ମିଳିପାରିଛି । ବିନୋବାଜୀ ତାଙ୍କ ଭାଷଣରେ କହିଥାନ୍ତି "ମୁଁ ମାଙ୍କ ସ୍ତନ୍ୟପାନ ଅପେକ୍ଷା ଗୀତା–ମା'ଙ୍କ ଦୁଗ୍ଧ ପାନ କରି ବଳିଷ୍ଠ ହୋଇ ପାରିଛି । 'ଗୀତା' ରୂପକ ଗଭୀର ସିନ୍ଧୁ ଜଳରେ ମୁଁ ସର୍ବଦା ବୁଡ଼ି ରହେ; କେବେ କେବେ ସେଥିର ତୀରକୁ ଭାସି ଆସି କ୍ରୀଡ଼ା କରେ ଆଉ କେବେ ସେହି ଜଳରାଶି ମଧ୍ୟରେ ନିମଜ୍ଜିତ ହୋଇଥାଏ । 'ଗୀତା' ସଂପର୍କରେ ଆଲୋଚନା କରିବାକୁ ମୁଁ ଆଗରୁ କେବେ ପ୍ରସ୍ତୁତ ହୁଏ ନାହିଁ–କାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ମୋ ହୃଦୟରେ ଭଗବଦ୍‌ଗୀତା ପୂର୍ଣ୍ଣ ହୋଇ ରହିଛନ୍ତି ।"

ବାସ୍ତବରେ 'ଗୀତା' ହିଁ ବିନୋବାଜୀଙ୍କ ମନ ଓ ପ୍ରାଣରେ ଭରପୂର ହୋଇ ପଥପ୍ରଦର୍ଶକ ହୋଇଥିଲା । ଯେତେବେଳେ ସେ 'ଗୀତା' ବିଶ୍ଳେଷଣ କରନ୍ତି, ତାଙ୍କର ବାହ୍ୟଜ୍ଞାନ ପ୍ରାୟ ଲୁପ୍ତ ହୋଇଥାଏ । 'ଗୀତା'ର ପ୍ରତ୍ୟେକ ଅଧ୍ୟାୟ ପବିତ୍ର କିନ୍ତୁ ସେଥିର ୫ମ, ୯ମ, ୧୨ଶ ଓ ୧୫ଶ ଅଧ୍ୟାୟଗୁଡ଼ିକ ବିନୋବାଜୀଙ୍କ ସର୍ବାଧିକ ପ୍ରିୟ । ସେହି ଅଧ୍ୟାୟଗୁଡ଼ିକ ବ୍ୟାଖ୍ୟାନ କଲାବେଳେ ତାଙ୍କ ହୃଦୟ ଆଧ୍ୟାତ୍ମିକ ଭାବରେ ବିଭୋର ହେଉଥିଲା ଓ ନେତ୍ରରୁ ଲୋତକ ଧାରା ବହୁଥିଲା । ବାସ୍ତବରେ ତାଙ୍କର ହୃଦୟ ଅତି କୋମଳ ଓ ସହାନୁଭୂତିଶୀଳ । ୧୯୪୩ରେ ବଙ୍ଗର ଦୁର୍ଭିକ୍ଷରେ ଲୋକଙ୍କ ନିର୍ଯ୍ୟାତନା ଓ ଦୁଃଖ ସ୍ମରଣ କରି ସେ ଭାଷଣ ଦେଲାବେଳେ ତାଙ୍କର ଚକ୍ଷୁ ଲୋତକପୂର୍ଣ୍ଣ ହେଉଥିଲା ।

ଏକଦା ଧୁଲିଆ ଜେଲରେ ଦଳେ ସତ୍ୟାଗ୍ରହୀଙ୍କୁ ସେଠାରୁ ବିଜାପୁରକୁ ସ୍ଥାନାନ୍ତରିତ କରାଯାଇଥିଲା । ସେ ଉପଲକ୍ଷେ କେତେ ସତ୍ୟାଗ୍ରହୀ ଭାଷଣ ଦେଇଥିଲେ । ବିନୋବାଜୀ ତାଙ୍କ ଭାଷଣରେ ବ୍ୟଙ୍ଗକରି କହିଲେ, "ସ୍ୱାଧୀନତା ରୂପିଣୀ ସୀତାଙ୍କୁ ଉଦ୍ଧାର କରିବାକୁ ଯେଉଁମାନେ ଇଂରାଜୀ–ଶାସନ ରୂପୀ ରାବଣ ବିରୁଦ୍ଧରେ ଯୁଦ୍ଧ ଚଳାଇ ଥିଲେ, ସେଥିରେ ଶ୍ରୀରାମ ଭୂମିକାରେ ମହାତ୍ମାଗାନ୍ଧୀ, ହନୁମାନ ଭୂମିକାରେ ବଲ୍ଲଭଭାଇ ପଟେଲ, ଅଙ୍ଗଦ ଭୂମିକାରେ ଜବାହରଲାଲ ପ୍ରଭୃତି ବୀରମାନେ ଅଂଶ ଗ୍ରହଣ କରିଛନ୍ତି । ମୋ ପକ୍ଷରେ ବୋଧହୁଏ ପ୍ରସ୍ତରରୁ ପୁନର୍ଜନ୍ମ ଲାଭ କରିଥିବା ଅହଲ୍ୟା ଭୂମିକା ପ୍ରଯୁଜ୍ୟ ହୋଇପାରେ" ।

୧୯୪୦ ମସିହାରେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଥମ ସତ୍ୟାଗ୍ରହୀ ରୂପେ ଯେଉଁ ସମୟରେ ବିନୋବାଜୀ ନିର୍ବାଚିତ ହେଲେ, ସେତେବେଳେ ମହାତ୍ମାଗାନ୍ଧୀ ତାଙ୍କର ପରିଚୟ ଦେବାକୁ ଯାଇ କହିଥିଲେ "ବିନୋବା କିଏ ? ତାଙ୍କୁ ପ୍ରଥମ ସତ୍ୟାଗ୍ରହୀ ରୂପେ କାହିଁକି ନିରୂପଣ କରାଗଲା ? ଏଥିର ଉତ୍ତର ହେଉଛି, ସେ ଜଣେ ଅର୍ଦ୍ଧ ଇଂରାଜୀ ଶିକ୍ଷିତ ଅର୍ଥାତ୍ ଇଣ୍ଟରମିଡ଼ିଏଟ ପରୀକ୍ଷା ପୂର୍ବରୁ କଲେଜ ବର୍ଜନ କରିଥିଲେ, ଯେତେବେଳେ ମୁଁ ୧୯୧୫ ସାଲରେ ଭାରତକୁ ଫେରି ଆସିଥିଲି । ସଂସ୍କୃତରେ ସେ ପାଣ୍ଡିତ୍ୟ ଲାଭ କରି ମୋର ସାବରମତି ଆଶ୍ରମରେ ସର୍ବପ୍ରଥମ ଦଳରେ ଯୋଗ ଦିଅନ୍ତି । ଅଧିକ ଜ୍ଞାନ ଆହରଣ ସକାଶେ ସେ ଆଶ୍ରମରୁ ବର୍ଷେ ଛୁଟି ନେଇଥିଲେ । କିନ୍ତୁ ବର୍ଷକ ପୂର୍ବରୁ ଅଗ୍ରନକ ସେ ଆଶ୍ରମକୁ ଆସି ଅତ୍ୟନ୍ତ ନିଷ୍ଠାର ସହ ଆଶ୍ରମର ନିୟମ ମାନି ଅବସ୍ଥାନ କରନ୍ତି । ଆତ୍ମନିର୍ଭରଶୀଳ ନୀତି ତାଙ୍କୁ ଏତେ ଦୂର ଆବଦ୍ଧ କରିଥିଲା ଯେ ପାଇଖାନା ସଫା କରିବାଠାରୁ ରୋଷେଇ କରିବା କାମ ସେ ନିଷ୍ଠାର ସହ କରି ପାରୁଥିଲେ । ତାଙ୍କର ଅଧିକାଂଶ ସମୟ ସୂତା କାଟିବାରେ ଅତିବାହିତ ହେଉଥିଲା । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ସୂତାକଟା ଓ ଖଦଡ଼ ବୁଣି ତାହା ସର୍ବତ୍ର ବ୍ୟବହୃତ ହେଲେ ଭାରତୀୟ ପଲ୍ଲୀର ଅର୍ଥନୈତିକ ଅବସ୍ଥା ବଦଳି ଯିବ । ସେ ଯଥେଷ୍ଟ ପାଣ୍ଡିତ୍ୟ ଅର୍ଜନ କରିଥିଲେ ସୁଦ୍ଧା ଅଧିକ ଜ୍ଞାନ ଆହରଣ ପାଇଁ ପଢ଼ିବା ଅଭ୍ୟାସ ଚଳାଇଥାନ୍ତି । ସେ ସ୍ୱଭାବତଃ ଉପାଧ୍ୟାୟ ହୋଇ ଗଠନମୂଳକ ସର୍ବୋଦୟ ଶିକ୍ଷା କାର୍ଯ୍ୟରେ ଆଶାଦେବୀଙ୍କୁ ସାହାଯ୍ୟ କରୁଥିଲେ । ଅଗଟରେ ସୂତା କାଟିବା କୌଶଳ ଓ ସେଥିରେ ଗ୍ରାମାଞ୍ଚଳର ଅର୍ଥନୀତି–ବିକାଶ ପ୍ରସଙ୍ଗ ବୁଝାଇ ସେ ଗୋଟିଏ ପୁସ୍ତକ ଲେଖି ଅଛନ୍ତି । ସୂତାକଟା ପାଇଁ 'ତକଲି' ବ୍ୟବହାରର ନୂତନ ପନ୍ଥା ସେ ନିଜେ ଆବିଷ୍କାର କରି ଅଛନ୍ତି–ଯାହା ଫଳରେ ଏ ଦିଗରେ ବିପ୍ଳବାତ୍ମକ ବିକାଶ ଦେଖାଦେଇଛି । ଉତ୍ତମ ସୂତା କାଟିବା କୌଶଳରେ ସେ ଭାରତରେ ସର୍ବଶ୍ରେଷ୍ଠ କଟାଳୀ ରୂପେ ପରିଚିତ ହୁଅନ୍ତି । ତାଙ୍କ ହୃଦୟକୁ ଅସ୍ପୃଶ୍ୟଜନଙ୍କ ଆଦୌ କଳୁଷିତ କରି ନାହିଁ । ମୋ ପରି ସେ ମଧ୍ୟ ଜାତି–ବର୍ଣ୍ଣ–ଧର୍ମ ନିର୍ବିଶେଷରେ ସମସ୍ତେ ଏକ ବୋଲି ଗ୍ରହଣ କରନ୍ତି । ମୁସଲମାନ ଧର୍ମ ନିର୍ବିଶେଷରେ ସମସ୍ତେ ଏକ ବୋଲି ଗ୍ରହଣ କରନ୍ତି । ମୁସଲମାନ ଧର୍ମ ଓ ନୀତିର ମୌଳିକ ଶିକ୍ଷା କରିବାକୁ ଯାଇ ବର୍ଷେ ଯାଏ ସେ 'କୋରାନ୍' ଅଧ୍ୟୟନ କରିଥିଲେ । ଏଥିପାଇଁ ତାଙ୍କୁ 'ଆରବୀ' ଭାଷା ଶିକ୍ଷା କରିବାକୁ ପଡ଼ିଥିଲା । ତାଙ୍କ ପଡ଼ୋଶୀ ମୁସଲମାନ ଜାତିକୁ ଉତ୍ତମ ରୂପେ ଚିହ୍ନିବା ସକାଶେ ଏହା ତାଙ୍କ ପକ୍ଷରେ ଆବଶ୍ୟକ ହୋଇଥିଲା ।

ତାଙ୍କର ବହୁ ଶିଷ୍ୟ ଥିଲେ, ଯେଉଁମାନେ ତାଙ୍କ ନୀତି ଓ ଆଦର୍ଶକୁ ଅକ୍ଷରେ ଅକ୍ଷରେ ମାନି ଚଳୁଥିଲେ ।

ଭାରତରେ ସର୍ବୋଦୟ-ବିକାଶ ପାଇଁ ଶାସନଗତ ସ୍ୱାଧୀନତାର ଆବଶ୍ୟକତା ସେ ଦୃଢ଼ ଭାବରେ ଅନୁଭବ କରିଥିଲେ । ଭାରତର ଇତିହାସ ଓ ପ୍ରାଚୀନ ସଂସ୍କୃତି ତାଙ୍କୁ ଏ କ୍ଷେତ୍ରରେ ଯଥେଷ୍ଟ ପ୍ରେରଣା ଦେଇଥିଲା । ତାଙ୍କ ଭାଷାରେ 'ସ୍ୱାଧୀନତାର-ବିକାଶର କେନ୍ଦ୍ର ହେଉଛି ପଲ୍ଲୀ ଅଞ୍ଚଳରେ ସର୍ବତ୍ର 'ଚରଖା' ଓ ଖଦୀର ବ୍ୟବହାର । ତେଣୁ 'ଚରଖାହିଁ ଭାରତର ମୁକ୍ତି "ଲାଞ୍ଛନ" (ସିମ୍ବଲ) ରୂପେ ରହିବା ଉଚିତ । ସତ୍ୟାଗ୍ରହ ଆନ୍ଦୋଳନରେ ବିନୋବାଜୀ ଅଗ୍ରସୈନିକର ଭୂମିକା ଗ୍ରହଣ କରିଥିଲେ । ରାଜନୈତିକ ବିସ୍ମରମୂଳକ ପ୍ରତ୍ୟେକ ସଭାରେ ତାଙ୍କ ଉପସ୍ଥିତି ଓ ଅଂଶ ଗ୍ରହଣ ଲକ୍ଷିତ ହେଉଥିଲା । ତାଙ୍କର କେତେକ ସାଥୀ ସତ୍ୟାଗ୍ରହୀଙ୍କ ପରି ସେ ଜଣେ ନୀରବ କର୍ମୀ ଥିଲେ । କାରଣ ସେ ବିଶ୍ୱାସ କରୁଥିଲେ ଯେ, କୌଣସି ଆନ୍ଦୋଳନ ପଛରେ ରହି ଯେଉଁ କର୍ମୀମାନେ କାର୍ଯ୍ୟ ତୁଲାଇଥାନ୍ତି, ତାଙ୍କରି ଯୋଗୁଁହିଁ ସତ୍ୟାଗ୍ରହ ଆନ୍ଦୋଳନ ସଫଳତା ଲାଭ କରିଥାଏ । ଆଉ ମଧ୍ୟ ସେ ଜାଣିଥିଲେ ଯେ, ଅହିଂସ ସ୍ୱାଧୀନତା ସଂଗ୍ରାମ ଆନ୍ତରିକତା ଅଭାବରେ ଜୟଲାଭ କରିବା ଆଦୌ ସମ୍ଭବ ନୁହେଁ । ବାସ୍ତବରେ ସେ ଥିଲେ ରକ୍ତାକ୍ତଯୁଦ୍ଧର ଘୋର ବିରୋଧାତ୍ମକ ସୈନିକ ।

ଓ୍ୱାର୍ଦ୍ଧା ଆଶ୍ରମର ସଂଗଠନମୂଳକ କାର୍ଯ୍ୟରେ ଦୀର୍ଘ ୩୦ ବର୍ଷ କଟାଇଲା ପରେ ଆତତାୟୀଙ୍କ ହସ୍ତରେ ମହାତ୍ମା-ଗାନ୍ଧୀଙ୍କ ମୃତ୍ୟୁ ସମ୍ବାଦ ତାଙ୍କ ହୃଦୟରେ ଘୋର ଆଘାତ ଆଣିଦେଲା । ତଥାପି ସେ ଅନ୍ୟ କେତେକ କଂଗ୍ରେସକର୍ମୀ ଓ ନେତାଙ୍କ ପରି ହତାଶରେ କିଂକର୍ତ୍ତବ୍ୟବିମୂଢ଼ ହେଲେ ନାହିଁ । ତାଙ୍କ ସୁଦୃଢ଼ ମନୋବଳ ଓ ଗୀତାର ପ୍ରବଚନ ତାଙ୍କୁ କର୍ତ୍ତବ୍ୟ ପଥରୁ ଘୁଞ୍ଚାଇଲା ନାହିଁ । ଅନ୍ୟାନ୍ୟ ସହକର୍ମୀ ସତ୍ୟାଗ୍ରହୀମାନଙ୍କ ମନରେ ଦମ୍ଭ ଦେବାକୁ ସେ ଅଗ୍ରସର ହେଲେ । ସେ ଦିଲ୍ଲୀକୁ ଯାଇ ସେଠାରେ ପୂର୍ବପରି ପ୍ରାର୍ଥନା-ସଭା ପରିଚାଳନା କରି ପ୍ରବଚନ ଦେବାକୁ ପାର୍ଶ୍ୱବର୍ତ୍ତୀ ବିଭିନ୍ନ ଅଞ୍ଚଳ ଓ ପଞ୍ଜାବ ଗସ୍ତ କରିବାକୁ ଲାଗିଲେ । ବାପୁଜୀଙ୍କ ମୃତ୍ୟୁର ପରଦିନ, ଅର୍ଥାତ୍ ୧୯୪୮ ଜାନୁୟାରୀ ୩୧ ତାରିଖରେ ସେ ପୌନାରଠାରେ ଏକ ସମ୍ମିଳନୀରେ ଭାଷଣ ଦେଇ କହିଥିଲେ : "ବାପୁଜୀ" ଆମ୍ଭ ମାନଙ୍କପାଇଁ ପ୍ରଚୁର କାମ କରିବାକୁ ଛାଡ଼ିଯାଇ ଅଛନ୍ତି । ତାଙ୍କର ସେ ଅଭିଳାଷ ଆମେ ଏବେ ପୂର୍ଣ୍ଣ କରିବା ଆବଶ୍ୟକ । ଆମ ଦେଶ ବିଭିନ୍ନ ସଂପ୍ରଦାୟ ଓ ଧର୍ମରେ ପୂର୍ଣ୍ଣ । ଏହା ଆମ ମହତ୍ ସୌଭାଗ୍ୟର ସୂଚନା । କିନ୍ତୁ ଆମେ ସମସ୍ତେ ଏକମନ ଏକ ପ୍ରାଣରେ ମିଳିମିଶି ସେଥିର ସୁରକ୍ଷା କରିବା ଆବଶ୍ୟକ । ଗାନ୍ଧିଜୀ ତାଙ୍କ ଶେଷ ଉପବାସରେ ଆମମାନଙ୍କ ପ୍ରତି ପ୍ରେମ ଶିକ୍ଷା ଦେଇ ଚାଲିଗଲେ । ମଣିଷ ମଣିଷ ମଧ୍ୟରେ ପ୍ରଭେଦ ନାହିଁ । ଏକଥା ଗାନ୍ଧିଜୀ ଆମକୁ ଶିଖାଇଛନ୍ତି । ଆମ ପାଇଁ ସେ ଯେଉଁ କାମ ଛାଡ଼ିଯାଇଛନ୍ତି, ତାହା ହେଉଛି, ହରିଜନ-କଲ୍ୟାଣ-ଜନକ ସେବା, ଗ୍ରାମାଞ୍ଚଳର ଅଭ୍ୟୁନ୍ନତି ଓ ନିର୍ମଳ ଜୀବନ । ଆସ, ଆମେ ସମସ୍ତେ ମିଳିମିଶି ସେହି ମହାନ୍ କାର୍ଯ୍ୟରେ ବ୍ରତୀ ହେବା । ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ପରେ ତାଙ୍କ ପ୍ରିୟ କେନ୍ଦ୍ର ସାବରମତି ଆଶ୍ରମରେ ୧୯୪୮, ମାର୍ଚ୍ଚ ୧୩, ୧୪ ଓ ୧୫ ତାରିଖ ତିନିଦିନ ଧରି ବିନୋବାଜୀଙ୍କ ଉଦ୍‌ଭାବିତ ସର୍ବପ୍ରଥମ 'ସର୍ବୋଦୟ ସମ୍ମେଳନ' ଅନୁଷ୍ଠିତ ହୋଇଥିଲା । ସେଥିରେ ପ୍ରାୟ ୫୦୦ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ । ପଣ୍ଡିତ ଜବାହରଲାଲ ନେହେରୁ, ମୌଲାନା ଆବୁଲ କାଲାମ୍ ଆଜାଦ୍ ଓ ଜୟପ୍ରକାଶ ନାରାୟଣ ମଧ୍ୟ ସେହି ସଭାରେ ଉପସ୍ଥିତ ଥିଲେ । ସେହି 'ସର୍ବୋଦୟ ସମାଜରେ' ହିଁ ମହାତ୍ମାଙ୍କ ଚିରପୋଷିତ ଆଶା ଓ ଆକାଂକ୍ଷା ସଙ୍ଗେ ତାଙ୍କର ମହାନ୍ ନୀତି "କର ବା ମର" ପ୍ରତିଫଳିତ ହୋଇଥିଲା । ତଦବଧି "ସର୍ବୋଦୟ" ଅନୁଷ୍ଠାନ ଭାରତରେ ଜନପ୍ରିୟତା ଏବଂ ଆଗ୍ରହ ସୃଷ୍ଟି କଲା ।

ଗାନ୍ଧିଜୀଙ୍କ ସେହି ନୀତି "କର ବା ମର"କୁ ଆଧାର କରି ବିନୋବାଜୀ ତାଙ୍କ ସର୍ବୋଦୟ ଦର୍ଶନର ପ୍ରଚାର କାର୍ଯ୍ୟ ଆରମ୍ଭ କଲେ । ତାଙ୍କ ପ୍ରଚାର କାର୍ଯ୍ୟର ଶେଷ ଦୁଇବର୍ଷ ପରୀକ୍ଷା ସ୍ୱରୂପ ପୌନାରଠାରେ 'ସାମ୍ୟଯୋଗ', ଅର୍ଥାତ୍ ସାମାଜିକ ସମତା ଓ ଆତ୍ମନିର୍ଭରଶୀଳତା ନୀତି ପ୍ରଚାର କରିବାକୁ ଲାଗିଲେ । ନୀତି ଅନୁସାରେ ନିଜେ ନିଜ ସକାଶେ ପରିଶ୍ରମ କରି ଖାଦ୍ୟଶସ୍ୟ, ପରିବା ଓ କପା ଗ୍ରାମାଞ୍ଚଳ ଜମିରୁ ଉତ୍ପାଦନ କରିବା ଏକ ବିଶେଷତ୍ୱ । ନିଜ ଉତ୍ପାଦିତ କପାରୁ ଚରଖାରେ ସୂତାକାଟି ନିଜ ପରିଧାନ ବସ୍ତ୍ର ବୁଣିବା ନୀତି ସେଥିରେ ପ୍ରୟୋଗ କରାଗଲା । ଏହା ଫଳରେ ଗ୍ରାମାଞ୍ଚଳର ଜନସାଧାରଣ ପରମୁଖାପେକ୍ଷୀ ନ ହୋଇ ନିଜର ଯାବତୀୟ କାର୍ଯ୍ୟ ନିଜେ ନିଜେ ସଂପାଦନ କରିପାରିବେ । ଯାହାକି ଗ୍ରାମ୍ୟ-ଅର୍ଥନୀତିକୁ ଯଥେଷ୍ଟ ସଂଯତ କରିଦେବ । ବିନୋବାଙ୍କ ଏହି ଚିନ୍ତା ମୂଳରେ ଯେଉଁ ମହତ୍ ସାଫଲ୍ୟର ସୂଚନା ରହିଥିଲା ତାହା ହେଉଛି ଗ୍ରାମାଞ୍ଚଳରୁ 'ଟଙ୍କା ପଇସାରେ କାରବାର ଦୂରକରି ଦେବା ଯାହା ଫଳରେ ଗ୍ରାମ୍ୟ ଜୀବନ ଆଶା ଓ ସଂଘର୍ଷରୁ ବଞ୍ଚିତ ହୋଇ ଶାନ୍ତିର ବାତାବରଣ ଦେଖାଦେବ । ଏହି ନୀତିର ପ୍ରଚାର କରିବାକୁ ସେ ଗ୍ରାମାଞ୍ଚଳରେ ଯେଉଁ ପଦ ଯାତ୍ରା ଆରମ୍ଭ କରି ଲୋକଙ୍କୁ ବୁଝାଉ ଥିଲେ, କାଞ୍ଚନ-ମୋହ-ମୁକ୍ତି ହିଁ ଆର୍ଥିକ-ଦାସତ୍ୱରୁ ମଣିଷକୁ ଉଦ୍ଧାର କରି ପାରିବ ।

ସେ ବର୍ଷ ମାର୍ଚ୍ଚ ଶେଷରେ ତାଙ୍କ ପଦଯାତ୍ରା ଶିବରାମ ପଲ୍ଲୀ ଓ ତେଲାଙ୍ଗାନା ପର୍ଯ୍ୟନ୍ତ ହୋଇଥିଲା । ସେଠାରେ ସେ ତାଙ୍କର ସର୍ବୋଦୟ-ନୀତି ପ୍ରଚାର କଲେ । ସେତେବେଳେ ସେ ଅଞ୍ଚଳ ଭୟଙ୍କର ଭାବେ ନକ୍ସଲ-ପନ୍ଥୀ-କମ୍ୟୁନିଷ୍ଟମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ଗ୍ରାମବାସୀମାନେ ଭୟଭୀତ ହୋଇ ରହିଥାନ୍ତି । କିନ୍ତୁ ବିନୋବାଙ୍କ ପ୍ରଚାର ଫଳରେ ସର୍ବପ୍ରଥମେ ୫୫ ଜଣ ଦୁର୍ଦ୍ଦାନ୍ତ ନକ୍ସାଲପନ୍ଥୀ ଯୁବକ ତାଙ୍କ ନୀତିକୁ ମାନି ପରସ୍ପର ସ୍ନେହ ବନ୍ଧନରେ ଆବଦ୍ଧ ହେଲେ ଓ ଭବିଷ୍ୟତରେ ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ସୁରକ୍ଷା କରିବାକୁ ପ୍ରତିଜ୍ଞା କଲେ । ସେଥିର

ବିନୋବାଜୀଙ୍କ ପଦଯାତ୍ରା ପ୍ରାୟ ୮୦୦ ମାଇଲ ମଧ୍ୟରେ ପର୍ଯ୍ୟବସିତ ହେଲ ଏବଂ ସେଥିରେ ସେ ସାଢ଼େ ତିନିଶହ ଗ୍ରାମରେ 'ସର୍ବୋଦୟ' ସଂପର୍କରେ ଭାଷଣ ଦେଇଥିଲେ । ଏକା ତେଲଙ୍ଗାନାରେ ଶତାଧିକ ସଭାରେ ଲକ୍ଷାଧିକ ଗ୍ରାମବାସୀଙ୍କୁ ତାଙ୍କ 'ସର୍ବୋଦୟ' ବାଣୀ ଶୁଣାଇ ଥିଲେ । 'ଗ୍ରାମଦାନ' ଓ 'ଭୂଦାନ' ପାଇଁ ତାଙ୍କ ବାଣୀକୁ ସମର୍ଥନ ମିଳିବାରୁ ପ୍ରାୟ ୧୬୦୦୦,ଏକର ଜମି ସେ ଦାନ ଗ୍ରହଣ କରି ଭୂମିହୀନ ଶ୍ରମିକଙ୍କ ମଧ୍ୟରେ ତାହା ବଣ୍ଟନ କରିଥିଲେ । ତାଙ୍କ ଭୂଦାନ 'ପଦଯାତ୍ରା'ର ଦ୍ୱିତୀୟ ପର୍ଯ୍ୟାୟ ସେପ୍‌ଟେମ୍ବର ୧୨ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ । ସେ ମଧ୍ୟ ପ୍ରାୟ ଏକ ହଜାର ଏକର ଜମି ଦାନ ସୂତ୍ରରେ ଗ୍ରହଣ କଲେ । ସେହି ଦୁଇଟି ପଦଯାତ୍ରା ବେଳେ ସେ ଯେଉଁ 'ଭୂଦାନ-ଯଜ୍ଞ' ସଂପର୍କରେ ଭାଷଣ ଦେଉଥିଲେ, ସେଥିସଙ୍ଗେ ଗ୍ରାମାଞ୍ଚଳରେ ସର୍ବୋଦୟ ଆତ୍ମନିର୍ଭରଶୀଳତା ବିଷୟ ମଧ୍ୟ ଲୋକଙ୍କୁ ବୁଝାଇ ଦେଉଥିଲେ । ସାମାଜିକ ଅଭ୍ୟୁତ୍‌ଥାନ ପାଇଁ ନିଜ ପାଇଁ ନିଜେ କର୍ମ କରିବା, କୁଟୀର ଶିଳ୍ପର ବିକାଶ କରି ଗ୍ରାମ୍ୟ ଅର୍ଥନୀତିକୁ ଉନ୍ନତରୁ ଉନ୍ନତ କରିବା ଓ ଗ୍ରାମମାନଙ୍କରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ଭାବେ ପରସ୍ପର ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସମାଜକୁ ଉଚ୍ଚ ସ୍ତରକୁ ଉଠାଇବା ଇତ୍ୟାଦି ହିତକର ବାଣୀ ବିନୋବାଜୀଙ୍କ ମୁଖରୁ ଶୁଣି ଲୋକେ ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ କରିବାକୁ ଲଗିଲେ ।

ଯୋଗୀ ଓ ମହାଜ୍ଞାନୀ କର୍ମବୀର ବିନୋବାଜୀଙ୍କ ସେହି ଅଦ୍‌ଭୁତ ମନ୍ତ୍ରତୁଲ୍ୟ ସର୍ବୋଦୟ- ଆନ୍ଦୋଳନକୁ ଲକ୍ଷ୍ୟ କରି ଭାରତର ବହୁ ଜାତୀୟ ନେତା ଓ ମନୀଷୀ ତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବାକୁ ଲଗିଲେ । ସେମାନଙ୍କ ମଧ୍ୟରେ ମହାଦେବ ଦେଶାଇ କହିଥିଲେ :—"ଲୋକେ ହୁଏତ ବିନୋବାଜୀଙ୍କ ମହତ୍ୱ ବର୍ତ୍ତମାନ ବୁଝି ନ ପାରନ୍ତି, କିନ୍ତୁ ସମୟ ଆସିବ ଯେତେବେଳେ ତାଙ୍କୁ ଶତ ମୁଖରେ ପ୍ରଶଂସା ନ କରି ଲୋକେ ରହିପାରିବେ ନାହିଁ...... ସେ ଭାରତର ବହୁ ନୈଷ୍ଠିକ ବ୍ରହ୍ମଚାରୀଙ୍କ ମଧ୍ୟରେ ଜଣେ । କେବଳ ସେତିକି ନୁହେଁ ସେ ମଧ୍ୟ ଅଗାଧ ପାଣ୍ଡିତ୍ୟର ଅଧିକାରୀ । ତାଙ୍କର ସାଧାରଣ ଜୀବନ-ନିର୍ବାହ, ଗାନ୍ଧୀଙ୍କ ସଙ୍ଗେ ଆଶ୍ରମ ଜୀବନ ନିର୍ବାହ, ଗାନ୍ଧୀଙ୍କ ସଙ୍ଗେ ଆଶ୍ରମ ଜୀବନ ଯାପନ କରୁଥିବା କର୍ମୀଙ୍କଠାରୁ ଭିନ୍ନ ନୁହେଁ । ଗଠନ ମୂଳକ କାର୍ଯ୍ୟରେ ସେ କେବଳ ନିପୁଣତା ଲଭ କରିଛନ୍ତି ତାହା ନୁହେଁ ସେଥିରେ ଦିବାନିଶି ବୁଡ଼ି ରହିଛନ୍ତି କହିଲେ ଚଳେ । ହୁଏତ ଆମ ଦେଶରେ ତାଙ୍କଠାରୁ ଅଧିକ କର୍ମିଷ୍ଠ ଗାନ୍ଧିଜୀଙ୍କ ସହଯୋଗରେ ଦେଖାଦେଇଛନ୍ତି, ତାଙ୍କ ତୁଲ୍ୟ ଜ୍ଞାନୀ ଓ ପଣ୍ଡିତ ମଧ୍ୟ ରହିଛନ୍ତି, ତଥାପି ବିନୋବାଙ୍କ ବ୍ୟକ୍ତିତ୍ୱରେ ଏପରି କିଛି ଶକ୍ତି ରହିଥିଲା, ଯାହାକି ଅନ୍ୟମାନଙ୍କ ପକ୍ଷରେ ଦୁର୍ଲ୍ଲଭ । ଯେ କୌଣସି ଉତ୍ତମ କାର୍ଯ୍ୟ ତାଙ୍କ ମନରେ ପ୍ରବେଶ କଲକ୍ଷଣି ତାହା ସେ ଅବିଳମ୍ବେ କାର୍ଯ୍ୟରେ ପରିଣତ କରିଥାନ୍ତି । ତାଙ୍କର ଦ୍ୱିତୀୟ ଗୁଣ ହେଉଛି ସେ ନିରବଚ୍ଛିନ୍ନ ଭାବେ ଆତ୍ମୋନ୍ନତିର ପୁରୋଧା ରୂପେ କାମ କରିଥାନ୍ତି । ଆମମାନଙ୍କ ମଧ୍ୟରେ ଅଳ୍ପ ଲୋକ ଅଛନ୍ତି ଯେ କି ଦମ୍ଭର ସହିତ କହିବେ ଯେ, ଜୀବନର ପ୍ରତିମୁହୂର୍ତ୍ତରେ ସେ ଉନ୍ନତି ପଥଗାମୀ ଗାନ୍ଧୀଙ୍କୁ ଛାଡ଼ିଦେଲେ ଏକା ବିନୋବାଙ୍କଠାରେ ହିଁ ସେହି ମହତ୍‌ ଗୁଣ ମୁଁ ଦେଖି ପାରିଛି । ଏହି ଗୁଣ ହେତୁ ୪୬ ବର୍ଷ ବୟସରେ ବିନୋବା ଆରବୀ ଭାଷା ପରି ଅତ୍ୟନ୍ତ କଷ୍ଟସାଧ୍ୟ ଭାଷା ସଙ୍ଗେ କୋରାନ୍‌ର ମୌଳିକ ଭାବରାଶି ଆୟତ୍ତ କରିବାକୁ ସମର୍ଥ ହୋଇଥିଲେ । ବାପୁଜୀଙ୍କ ସହଯୋଗରେ ବହୁ ଉଚ୍ଚସ୍ତରର କର୍ମୀ ରହିଥିଲେ ସତ', କିନ୍ତୁ ବିନୋବାଙ୍କ ପରି ନୈଷ୍ଠିକ ଓ ବାସ୍ତବବାଦୀ କର୍ମୀ ବିରଳ କହିଲେ ଚଳେ । "ତାଙ୍କପରି ଚିନ୍ତା, କଥା ଓ କାର୍ଯ୍ୟରେ ସାମ୍ୟ ରକ୍ଷା କରିବା ଅଳ୍ପ ଲୋକ ଦେଖାଯାନ୍ତି" ।

---

ଚିତ୍ରକର ଲେନ୍
ପାରଳାଖେମଣ୍ଡି, ଗଞ୍ଜାମ



# ଭାରତ, ପାକିସ୍ଥାନ ଓ ବେନଜୀର

ଶ୍ରୀମତୀ ସ୍ମିତା ମିଶ୍ର

ଭାରତୀୟ ଗଣତନ୍ତ୍ରର ଏବେ ୩୯ ବର୍ଷ ପୂରିଗଲା ଏହି ଦୀର୍ଘ ୩୯ ବର୍ଷ ସମୟ ଭାରତ ତା'ର ପଡ଼ୋଶୀ ରାଷ୍ଟ୍ର ପାକିସ୍ଥାନ ସହ ଉତ୍ତମ ସଂପର୍କ ରଖିବାକୁ ଯେଉଁ ଚେଷ୍ଟା ଚଳାଇ ଆସିଅଛି ତା'ର ସୁଫଳ ଏବେ ମିଳିବାକୁ ଯାଉଛି । ୧୯୮୮ ଅଗଷ୍ଟ ୧୭ ଦିନ ଦିନାନ୍ତ ବେଳେ ଗୋଟିଏ ମୁହୂର୍ତ୍ତରେ ସମଗ୍ର ଉପମହାଦେଶର ରାଜନୈତିକ ସ୍ଥିତି ସଂପୂର୍ଣ୍ଣ ଭାବରେ ବଦଳି ଯାଇଅଛି ଏବଂ ପାକିସ୍ଥାନର ଆକାଶରେ ନୂତନ ସୂର୍ଯ୍ୟର ରଶ୍ମି ଭାରତକୁ ବିଶେଷ ପ୍ରଭାବିତ କରିବ ବୋଲି ଆଶା କରାଯାଉଅଛି ।

ଏହି ନୂତନ ସୂର୍ଯ୍ୟର ନାମ ହେଉଛି ଶ୍ରୀମତୀ ବେନଜୀର ଭୁଟ୍ଟୋ । ବେନଜୀର ଅର୍ଥ ଅନୁପମା, ଯାହାର ଉପମା ବା ପଟାନ୍ତର ନାହିଁ । ବାସ୍ତବିକ ବେନଜିରଙ୍କର ସାହସ, ଧୈର୍ଯ୍ୟ ଓ ସାଫଲ୍ୟର ତୁଳନା ବିରଳ । ୩୫ ବର୍ଷ ବୟସା ବେନଜୀରଙ୍କର ଡାକ ନାମ ପିଙ୍କି । ସିନ୍ଧୁ ପ୍ରଦେଶର ଅନ୍ୟତମ ଧନାଢ୍ୟ ଜମିଦାର ପରିବାରରେ ଜୁଲଫିକର ଆଲୀ ଭୁଟ୍ଟୋ ଏବଂ ନୁସରତ ଭୁଟ୍ଟୋଙ୍କର କରାଚୀର ୭୦, କ୍ଲିଫ୍‌ଟନ୍‌ଠାରେ ୧୯୫୩ରେ ଯେଉଁ କନ୍ୟା ଜନ୍ମଗ୍ରହଣ କରିଥିଲେ ତାର ଦୁଗ୍ଧବତ୍ ଗୌର ବର୍ଣ୍ଣ, ସୁଠାମ ନାସିକା, ରକ୍ତବର୍ଣ୍ଣ ଓଷ୍ଠାଧାର ଦେଖି ପିତାମାତା ତାଙ୍କୁ ଡ୍ରାକିଥିଲେ ପିଙ୍କି । ତାଙ୍କର ପିତାମହ ସାର ଶାନଓ୍ବାଜ ଖାଁ ଭୁଟ୍ଟୋ ଅବିଭକ୍ତ ଭାରତର ଜୁନାଗଡ଼ ରାଜ୍ୟର ପ୍ରଧାନମନ୍ତ୍ରୀ ଥିଲେ । ଜୁଲଫିକର ପାକିସ୍ଥାନର ରାଜନୈତିକ ଆକାଶରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ରୂପେ ଓ ଶେଷରେ ଜଣେ ଶହୀଦ ଭାବରେ ଜାଜ୍ଜ୍ୱଲ୍ୟମାନ ।

ବେନଜୀର ୧୬ ବର୍ଷ ବୟସରେ ଆମେରିକା ଯୁକ୍ତରାଷ୍ଟ୍ରର ହାରଭାର୍ଡ଼ ବିଶ୍ୱବିଦ୍ୟାଳୟର ରେଡ଼କ୍ଲିଫ କଲେଜରେ "ତୁଳନାତ୍ମକ ସରକାରମାନଙ୍କ ବିଷୟ ପଢିବା ନିମନ୍ତେ ନାମ ଲେଖାଇ ଥିଲେ । ଚାରି ବର୍ଷ ପଢିବା ପରେ ପିତାଙ୍କ ଆଦେଶରେ ସେ ବିଲାତର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି, ରାଜନୀତି ଏବଂ ଦର୍ଶନ ବିଷୟ ନେଇ ନାମ ଲେଖାଇଥିଲେ ଏବଂ ସେଠାରେ ସମ୍ମାନ ସହ ସେ ପାଶ କରିଥିଲେ । ଅକ୍ସଫୋର୍ଡର ଛାତ୍ରୀ ଥିବାବେଳେ ସେ ସେଠାର ଛାତ୍ର ସଂଘର ସଭାନେତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଏପରି ଗୌରବ ଲାଭ କରିବା ନିମନ୍ତେ ସେ ଥିଲେ ପ୍ରଥମ ଅଣ-ବ୍ରିଟିଶ୍ ମହିଳା । ତା ବ୍ୟତୀତ ଛାତ୍ର ଅବସ୍ଥାରେ ହିଁ ତାଙ୍କ ପିତା ପାକିସ୍ଥାନର ବୈଦେଶିକ ମନ୍ତ୍ରୀ ଏବଂ ପ୍ରଧାନ ମନ୍ତ୍ରୀ ଥିବା ବେଳେ ବିଭିନ୍ନ ଆନ୍ତର୍ଦେଶୀୟ ସଭା, ବିଶ୍ୱରଗୋଷ୍ଠୀ ଏପରିକି ଜାତିସଂଘ ଏବଂ ନିରାପତ୍ତା କାଉନ୍‌ସିଲ୍‌କୁ ତାଙ୍କୁ ନେଇ ଯାଉଥିବାରୁ ରାଷ୍ଟ୍ରୀୟ ରାଜନୀତି ସଂପର୍କରେ ତାଙ୍କର ପ୍ରଚୁର ଜ୍ଞାନ ଓ ଅଭିଜ୍ଞତା ହୋଇଯାଇଥିଲା । ଯେତେବେଳେ ଜୁଲଫିକରଆଲୀ ଭୁଟ୍ଟୋ ଭାରତର ସିମଲା ନଗରୀଠାରେ ପାକିସ୍ଥାନୀ ଯୁଦ୍ଧବନ୍ଦୀଙ୍କୁ ମୁକ୍ତି ଦେବା ନିମନ୍ତେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା-ଗାନ୍ଧୀଙ୍କ ସହିତ ଆଲୋଚନା କରି 'ସିମଲା ରାଜିନାମା'ରେ ଦସ୍ତଖତ କରିବାକୁ ଆସିଥିଲେ, ସେତେବେଳେ ମଧ୍ୟ ବେନେଜୀରଙ୍କୁ ସାଙ୍ଗରେ ଆଣିଥିଲେ । ବିଂଶ ବର୍ଷରେ ପାଦ ନଦେଇଥିବା ଏହି ସ୍ନିଗ୍ଧା ସୁନ୍ଦରୀ ସମଗ୍ର ଭାରତୀୟ ଜାତିକୁ ସ୍ୱୀୟ ସୌନ୍ଦର୍ଯ୍ୟ, ବାକ୍‌ଚାତୁରୀ ଏବଂ ତୀକ୍ଷ୍ଣ ବୁଦ୍ଧି ଦ୍ୱାରା ଜୟ କରି ପାରିଥିଲେ । ତାଙ୍କର ଏହି ସିମ୍‌ଲା ଯାତ୍ରା ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା ଏବଂ ସେ ପୃଥିବୀର ଅନ୍ୟତମ ମହୀୟସୀ ମହିଳା ପ୍ରଧାନମନ୍ତ୍ରୀଙ୍କ ସାନ୍ନିଧ୍ୟରେ ଆସିଥିଲେ । ନିଶ୍ଚିତ ଭାବରେ ସ୍ନେହାନ୍ଧ ପିତା ଜୁଲଫିକର ତାଙ୍କର କନ୍ୟାଙ୍କଠାରେ ପାକିସ୍ଥାନର ଭବିଷ୍ୟତ ପ୍ରଧାନମନ୍ତ୍ରୀଙ୍କ ପ୍ରତିଛବି ଦେଖି ପାରିଥିଲେ ।

କିନ୍ତୁ ବିଧିର ବିଧାନ ଅତ୍ୟନ୍ତ ବିଚିତ୍ର । ବେନେଜୀର ଅକ୍ସଫୋର୍ଡଠାରେ ପଢା ଶେଷ କରି ପାକିସ୍ଥାନକୁ ଫେରି

ଆସିବାର ମାତ୍ର କେଇ ଦିନ ମଧ୍ୟରେ ତାଙ୍କର ପ୍ରିୟ ପିତାଙ୍କୁ ପାକିସ୍ଥାନର ବନ୍ଦୀଶାଳାର ନିଭୃତ କୋଠରୀରେ ଆବଦ୍ଧ କରି ରଖାଯାଇଥିଲା । ୧୯୭୭ରେ ପାକିସ୍ଥାନରେ ହୋଇଥିବା ସାଧାରଣ ନିର୍ବାଚନରେ ମିଥ୍ୟା ଏବଂ ଜାଲିଆତିର ଆଶ୍ରୟ ନେଇ ଜୟଯୁକ୍ତ ହୋଇଥିବା ଅଭିଯୋଗରେ ଶ୍ରୀ ଜୁଲ୍‌ଫିକର ଅଲୀ ଭୁଟ୍ଟୋଙ୍କୁ ଜେନେରାଲ ଜିଆ-ଉଲ୍-ହକ ଶାସନ କ୍ଷମତାରୁ ଅପସାରଣ କରିଦେଇଥିଲେ ଏବଂ ପାକିସ୍ଥାନରେ ସେନା-ଶାସନ ପ୍ରଚଳନ କରାଯାଇଥିଲା । ସେନାଶାସନ ପ୍ରଚଳନ ହେବାର ଅବ୍ୟବହିତ ପରେ ଏକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରିବା ଅଭିଯୋଗରେ ଶ୍ରୀ ଭୁଟ୍ଟୋଙ୍କ ବିଚାର ଆରମ୍ଭ କରାଯାଇଥିଲା ଏବଂ ଭୁଟ୍ଟୋ ପରିବାର ଉପରେ ଦୁର୍ଦ୍ଦିନର ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା ଘୋଟି ଆସିଥିଲା । ଯେଉଁଥିରେ ସମଗ୍ର ଭୁଟ୍ଟୋ ପରିବାର ତ୍ରସ୍ତ ବିତ୍ରସ୍ତ ହୋଇ ପଡ଼ିଥିଲେ । ଭୁଟ୍ଟୋଙ୍କର ଦୁଇପୁତ୍ରଙ୍କୁ ଦେଶ ଦ୍ରୋହ ଅପରାଧରେ ଗିରଫ କରିବା ପରଓ୍ୱାନା ଜାରି କରାଗଲା । ସେତେବେଳେ ବେନେଜୀରଙ୍କର ସ୍ମୃତି ପଟଳରେ ଫେରି ଆସିଲା ସେହି ଦିନର ଘଟଣା, ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ଭୁଟ୍ଟୋ ତାଙ୍କର ମନୋନୀତ ସେନାଧ୍ୟକ୍ଷ ଜିଆ-ଉଲ-ହକଙ୍କ ସାଥିରେ ବେନେଜୀରଙ୍କ ପରିଚୟ କରାଇ ଦେଇଥିଲେ । ବେନେଜୀରଙ୍କୁ ଜେନେରାଲ ଜିଆ ଅନୁଚ୍ଚ ଦୁର୍ବଳମନା ତଥା ଅକ୍ଷମବୋଲି ମନେ କରୁଥିଲେ । କିନ୍ତୁ ସେହି ଲୋକ ତାଙ୍କ ପିତାଙ୍କୁ ଶାସନ କ୍ଷମତାରୁ ଅପସାରଣ କରି ଶେଷରେ ଜଘନ୍ୟ ହତ୍ୟା ଅପରାଧରେ ଯେ ଫାଶୀ ଦେଇ ପାରିବେ ତାହା ତାଙ୍କର କଳ୍ପନା ବାହାରେ ଥିଲା ।

ନିଜକୁ ପ୍ରାଚ୍ୟକନ୍ୟା (Daughter of the East) ଅଭିହିତ କରି ଶ୍ରୀମତୀ ବେନଜୀର ଯେଉଁ ଆବେଗ ମୟ ଆତ୍ମଜୀବନୀ ଲେଖିଛନ୍ତି ସେଥିରେ ସେ ଆମେରିକାର ସି. ଆଇ. ଏ ସଂସ୍ଥାକୁ ତାଙ୍କ ପିତାଙ୍କ ସହ ବିଶ୍ୱାସଘାତକତା କରି ତାଙ୍କୁ ଶାସନରୁ ଅପସାରଣ କରିଥିବା ସଂପର୍କରେ ସଂପୂର୍ଣ୍ଣ ଦାୟୀ କରିଅଛନ୍ତି ଏବଂ ସେଥିନିମନ୍ତେ ଆମେରିକା ଯୁକ୍ତରାଷ୍ଟ୍ର ସରକାର ଏବଂ ସି. ଆଇ. ଏ. ସଂସ୍ଥାର ତୀବ୍ର ସମାଲୋଚନା ମଧ୍ୟ କରିଅଛନ୍ତି । ଶାସନ କ୍ଷମତା ଗ୍ରହଣ କରିବା ପରେ ଆମେରିକା ଯୁକ୍ତରାଷ୍ଟ୍ର ସରକାରଙ୍କର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସାହାଯ୍ୟ ବିନା ଜେନେରାଲ ଜିଆଙ୍କ ଶାସନ ଭାଙ୍ଗି ପଡ଼ିଥାନ୍ତା ଏବଂ ଏପରି ସାହାଯ୍ୟ ଗୋଟିଏ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ, ଆମେରିକାର ନିବିଡ଼ ବନ୍ଧୁ ଭାବରେ ପରିଚିତ ଭୁଟ୍ଟୋଙ୍କ ଶାସନ ବିରୁଦ୍ଧରେ ଦିଆଯାଇଥିବାରୁ ଶ୍ରୀମତୀ ବେନଜିର ଭୁଟ୍ଟୋ ଆମେରିକା ଯୁକ୍ତରାଷ୍ଟ୍ରର ପ୍ରେସିଡେଣ୍ଟ କାର୍ଟର ଏବଂ ରେଗାନଙ୍କର ତୀବ୍ର ନିନ୍ଦା କରିବାକୁ ସେ ଭୁଲିଯାଇ ନାହାନ୍ତି । ତଥାପି ତାଙ୍କର ହାରବାର୍ଡରେ ଥିବା ବନ୍ଧୁ ଏବଂ ବାନ୍ଧବୀମାନଙ୍କ ଚେଷ୍ଟା ଯୋଗୁଁ ଜିଆଉଲ-ହକ୍‌ଙ୍କ ଶାସନର ତୀବ୍ର ଏବଂ ଚରମ ଦଣ୍ଡ ସେ ଭୋଗି ନାହାନ୍ତି । ତାଙ୍କର ଅହିଂସ ଉପାୟରେ ଏବଂ ସମ୍ବିଧାନ-ସମ୍ମତ ବିଧିରେ ବିରୋଧିଭାବ ପ୍ରକାଶ କରିଥିବାରୁ ନିରଙ୍କୁଶ ଶାସନର ରଥଚକ୍ର ତଳେ ବେନଜୀରଙ୍କ ପରି ଏକ କୋମଳ ପୁଷ୍ପ ପଦଦଳିତ ହୋଇ ନିଷ୍ପ୍ରାଣ ହୋଇଯାଇ ନଥିଲେ ।

କିନ୍ତୁ ଏହି ଦୀର୍ଘ ଏକାଦଶ ବର୍ଷ ତାଙ୍କୁ ବାସ୍ତବିକ ଯେପରି ଅତ୍ୟାଚାରର ପ୍ରଖର ଏବଂ ପ୍ରଚଣ୍ଡ ବହ୍ନି ଭିତରେ କାଳାତିପାତ କରିବାକୁ ପଡ଼ିଥିଲା ତାହା ଭାବିଲେ ବାସ୍ତବିକ ଆଶ୍ଚର୍ଯ୍ୟ ହେବାକୁ ହୁଏ । ବିଶେଷତଃ ତାଙ୍କ ପିତାଙ୍କୁ ବିଚାରର ଯୂପ କାଠିରେ ଦୋଷୀ ସାବ୍ୟସ୍ତ କରି ଫାଶୀ ଦେବା ପରେ ଭୁଟ୍ଟ ପରିବାରଙ୍କ ପ୍ରତି ଆକ୍ରୋଶମୂଳକ ଭାବରେ ଜେନେରାଲ ଜିଆ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ । ତାଙ୍କର ସାନ ଭାଇଙ୍କୁ ଫ୍ରାନ୍ସ ଦେଶରେ ପାକିସ୍ଥାନୀ ଗୋଇନ୍ଦାମାନେ ହତ୍ୟା କରି ଦେଇଥିବାର ସୂଚନା ବେନଜୀର ତାଙ୍କର ଆତ୍ମ ଜୀବନୀରେ ଦେଇ ଅଛନ୍ତି । ତାଙ୍କର ମାତା ନୁସରତ୍ ଭୁଟ୍ଟୋଙ୍କୁ କର୍କଟ ରୋଗ ହୋଇଥିବା ବେଳେ ଚିକିତ୍ସା ନିମନ୍ତେ ପାକିସ୍ଥାନରେ କୌଣସି ବ୍ୟବସ୍ଥା କରଯାଇନଥିଲା । ନିଜେ ବେନଜୀରଙ୍କ କାନରେ ହୋଇଥିବା ରୋଗର ଚିକିତ୍ସା ନିମନ୍ତେ ତାଙ୍କୁ ଲଣ୍ଡନ ଯିବାକୁ ପଡ଼ିଥିଲା । କେବଳ ଏତିକି ନୁହେଁ, ବେନଜୀରଙ୍କୁ ଦୀର୍ଘଦିନ ଧରି ନିଃସଙ୍ଗ କାରାଦଣ୍ଡ, ଅନେକ ଦିନ ଧରି ଗୃହ ବନ୍ଦିନୀ ଏବଂ ଅବଶେଷରେ ନିର୍ବାସନ ଦଣ୍ଡ ଦେଇ ଜେନେରାଲ ଜିଆ ଶ୍ରୀମତୀ ବେନଜିରଙ୍କର ଉତ୍ସାହ ଏବଂ ମନୋଭାବକୁ କ୍ଷତବିକ୍ଷତ କରି, ତାଙ୍କର ଭାବମୂର୍ତ୍ତିକୁ ନଷ୍ଟ କରିଦେବାକୁ ଚାହିଁଥିଲେ କିନ୍ତୁ ଏହାର ଫଳ ହେଲା ବିପରିତ । ଶୁଦ୍ଧ ସୁବର୍ଣ୍ଣ ବାରମ୍ବାର ଅଗ୍ନିର ଉତ୍ତାପରେ ତପ୍ତ ହେବା ଫଳରେ ଯେପରି ଆହୁରି ଝଲସି ଉଠେ, ବେନଜୀର ସେପରି ଅନେକ ନିର୍ଯ୍ୟାତନା ଫଳରେ ଆହୁରି ଦୃଢ଼ ପ୍ରତିଜ୍ଞ ହୋଇଗଲେ ଜିଆଙ୍କର ସରକାରର ପତନ ନିମନ୍ତେ । ନୂତନ ଶକ୍ତିରେ ଅନୁପ୍ରାଣିତ ହୋଇ, ଶହୀଦର ପ୍ରଭାବରେ ମଣ୍ଡିତ ହୋଇ ଏବଂ ନେତୃତ୍ୱର ଦାବୀ ନେଇ ୧୯୮୬ର ଏପ୍ରିଲ ମାସରେ ଶ୍ରୀମତୀ ବେନଜୀର ଯେତେବେଳେ ଲାହୋରର ରାଜପଥରେ ଉପସ୍ଥିତ ହୋଇଥିଲେ, ସେତେବେଳେ ଏକ ପ୍ରତିଶୋଧ-ପରାୟଣା ଯୁବତୀ ରୂପରେ ନୁହେଁ, ବରଂ ପାକିସ୍ଥାନର ଭାବୀ ଶାସକ ରୂପେ ଲକ୍ଷଲକ୍ଷ ନାଗରିକ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଏଭଳି ଅଭୂତପୂର୍ବ ସମ୍ବର୍ଦ୍ଧନା ପାକିସ୍ଥାନ ଇତିହାସରେ କେବଳ ପାକିସ୍ଥାନର ପ୍ରତିଷ୍ଠାତା ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବ୍ୟତୀତ ଆଉ କେହି ପାଇ ନାହାନ୍ତି । ସ୍ୱୟଂ ଜୁଲଫିକର ଅଲ୍ଲୀ ଭୁଟ୍ଟୋ ମଧ୍ୟ ନୁହନ୍ତି । "ବେନଜୀର, ବେନଜୀର—ମିଟା ଦୋ ହମାରା ଏ ଜଂଜିର", "ଗ୍ୱର ମୁବାକି ଜନଜିର ବେନଜୀର-" ବେନଜିର ଇତ୍ୟାଦି ସ୍ଲୋଗାନରେ ସେ ଦିନ ଚମକି ଉଠିଥିଲା । ଜିଆ-ଉଲ୍-ହକ୍‌ଙ୍କ ଶାସନ, ଜିଆଙ୍କୁ ଫିଲିପିନ୍‌ସର ପୂର୍ବତନ ରାଷ୍ଟ୍ରପତି ମାର୍କୋସଙ୍କୁ ତୁଳନା କରି ଲାହୋରବାସୀ ଗାଇ ଉଠିଥିଲେ, "ମାର୍କୋସଜିଆ ଭାଇ ଭାଇ—କୋରି ଆଇ, କୋରି ଆଇ," । କିନ୍ତୁ ଜନ ସମର୍ଥନ ଏବଂ ବିପୁଳ ସମ୍ବର୍ଦ୍ଧନା ସହିତ ଶାସନ ଡୋରିର ସଂପର୍କ ସବୁବେଳେ ନିବିଡ଼ ନଥାଏ । ପାକିସ୍ଥାନରେ ସେନାବାହିନୀର ନିରଙ୍କୁଶ ଆଧିପତ୍ୟ, ମୌଳିକତାବାଦୀ ଇସଲାମୀକରଣ ଏବଂ ମୁଲ୍ଲା-ମୌଲବୀଙ୍କର କୂଟନୀତି ଫଳରେ ନାରୀମାନଙ୍କୁ ଶାସନ କ୍ଷମତାରେ ରହିବା ନିମନ୍ତେ ବାରଣ ଓ ଉନ୍ମତ୍ତ ଧର୍ମାନ୍ଧତା ଶ୍ରୀମତି ବେନଜୀରଙ୍କୁ ଆହୁରି ଅନେକ ଅନେକ ଦିନ କ୍ଷମତାର ବଳୟ ଭିତରକୁ

ପ୍ରବେଶ କରିବାକୁ ଦେଉନଥିଲେ । ତାଙ୍କୁ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିଥିଲା ତାଙ୍କର ପିତାଙ୍କ କବର ନିକଟରେ ସେ ଦେଇଥିବା ପ୍ରତିଶ୍ରୁତି ଓ ପ୍ରତିଜ୍ଞାକୁ ରକ୍ଷା କରିବାକୁ ।

ସେହି ପ୍ରତିଶ୍ରୁତି ଏବଂ ପ୍ରତିଜ୍ଞା ରକ୍ଷା କରିବା ନିମନ୍ତେ ପ୍ରଧାନ ଅନ୍ତରାୟ ଥିଲେ ପାକିସ୍ଥାନର ରାଷ୍ଟ୍ରପତି ଜିଆ-ଉଲ-ହକ୍, ଯାହାଙ୍କୁ ଶ୍ରୀମତି ବେନଜୀର ନିଜ ପିତାଙ୍କ ହତ୍ୟାକାରୀ ବୋଲି ମନେ କରୁଥିଲେ । ଜେନେରାଲ ଜିଆଙ୍କର ପାକିସ୍ଥାନ ପାଇଁ ଯେଉଁ ଭବିଷ୍ୟତ୍ର ଯୋଜନା ଥିଲା ସେଥିରେ ଭୁଟ୍ଟୋ ପରିବାରର କୌଣସି ବ୍ୟକ୍ତିଙ୍କର ସ୍ଥାନ ନଥିଲା । ସେ ମୁଲ୍ଲା ଓ ମୌଲବୀମାନଙ୍କ ଉପଦେଶ ଏବଂ ପରାମର୍ଶ ଅନୁସାରେ ମୁସଲିମ ମୌଳିକତାବାଦୀଙ୍କୁ ପାକିସ୍ଥାନ ରାଷ୍ଟ୍ରର ଏକମାତ୍ର ଉପାଦାନ ବୋଲି ସ୍ଥିର କରିଥିଲେ ଏବଂ ସେହି ନିୟମ ଅନୁସାରେ ଦୋଷୀମାନଙ୍କୁ ସର୍ବ ସମକ୍ଷରେ ଚାବୁକମାଡ଼ ଏବଂ ମୃତ୍ୟୁ ଦଣ୍ଡ ଦିଆଯାଉଥିଲା ଓ ଇସ୍ଲାମକୁ ଦେଶର ରାଜଧର୍ମ ବୋଲି ଘୋଷଣା କରଯାଇଥିଲା । ତେଣୁ ଇସ୍ଲାମର ପବିତ୍ର ନିୟମ ଅନୁସାରେ କୌଣସି ମହିଳା ଦେଶର ଶାସନ କ୍ଷମତା ଗ୍ରହଣ କରିପାରିବେ ନାହିଁ ବୋଲି ସ୍ଥିର ହୋଇଥିଲା । ଜିଆପାକିସ୍ଥାନରେ ଏକ ନୂତନ ସମ୍ବିଧାନ ପ୍ରଚଳନ କରିଥିଲେ ଏବଂ ଏକ ଅଭିନବ ନିର୍ବାଚନ ପଦ୍ଧତି ଦ୍ୱାରା ଦେଶର ଶାସନ କ୍ଷମତା ସବୁବେଳେ ନିଜ ହସ୍ତରେ ରଖିବାକୁ ଚାହୁଁଥିଲେ । ଏହି ନୂତନ ପ୍ରଚଳିତ ସମ୍ବିଧାନ ଅନୁଯାୟୀ ନିର୍ବାଚନରେ କୌଣସି ରାଜନୈତିକ ଦଳ ଭାଗ ନେବାକୁ ନିଷିଦ୍ଧ କରଯାଇଥିଲା, ନିର୍ବାଚନ କେବଳ ବ୍ୟକ୍ତି-କେନ୍ଦ୍ରିକ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ନିର୍ବାଚନ ପରେ ରାଷ୍ଟ୍ରପତି ନିଜର ଇଚ୍ଛାନୁସାରେ, ନିଜର ପସନ୍ଦ ମୁତାବକ ଜଣେ ବଚସର ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତି ଦେଇ ପାରିବା ବ୍ୟବସ୍ଥା ଏହି ସମ୍ବିଧାନରେ ରହିଛି ଏବଂ ଏହି ନବ ନିଯୁକ୍ତ ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇବାର ୬୦ ଦିନ ଭିତରେ ଜାତୀୟ ଆସେମ୍ବ୍ଲିରେ ଆସ୍ଥା ସୂଚକ ଭୋଟ ପାଇବାକୁ ହେବ । ଜାତୀୟ ସମ୍ବିଧାନରେ ଆହୁରି ବ୍ୟବସ୍ଥା ରହିଅଛି ଯେ ରାଷ୍ଟ୍ରପତି ନିଜ ଇଚ୍ଛାରେ ଯେ କୌଣସି ସମୟରେ ପ୍ରଧାନମନ୍ତ୍ରୀଙ୍କୁ କୌଣସି କାରଣ ନ ଦର୍ଶାଇ ବରଖାସ୍ତ କରି ଦେଇ ପାରିବେ ଏବଂ ଜାତୀୟ ଆସେମ୍ବ୍ଲିକୁ ମଧ୍ୟ ଭାଙ୍ଗି ଦେଇ ପାରିବେ । ତେଣୁ ସଂବିଧାନ ସମ୍ପୂର୍ଣ୍ଣ ଭାବରେ ରାଷ୍ଟ୍ରପତି-କେନ୍ଦ୍ରିକ ଶାସନର ଅନୁପନ୍ଥୀ ହୋଇଅଛି କେବଳ ରାଷ୍ଟ୍ରପତି ଜିଆ-ଉଲ୍-ହକ୍ଙ୍କ ସୁବିଧା ନିମନ୍ତେ । ନିର୍ବାଚନ ପ୍ରଣାଳୀରେ ମଧ୍ୟ ଭୋଟରମାନଙ୍କୁ ଗୋଟିଏ ଗୋଟିଏ ପରିଚୟ ପତ୍ର ଦେବା ବ୍ୟବସ୍ଥା ରହିଅଛି । ଯେଉଁ ଭୋଟରଙ୍କ ନିକଟରେ ତାଙ୍କ ପରିଚୟ ପତ୍ର ଥିବ କେବଳ ସେ ହିଁ ଭୋଟ ଦେବାକୁ ଯୋଗ୍ୟ ବୋଲି ବିବେଚିତ ହେବେ । ଏହି ପରିଚୟ ପତ୍ର କେବଳ ଜେନେରଲେ ଜିଆଙ୍କ ସମର୍ଥକ ମାନଙ୍କୁ ଦିଆଯାଉଥିଲା । ତେଣୁ ଯେ କୌଣସି ନିର୍ବାଚନରେ ଜେନେରାଲ ଜିଆଙ୍କ ସମର୍ଥିତ ପାର୍ଥୀମାନେ ହିଁ ନିର୍ବାଚିତ ହୋଇପାରିବେ ଏବଂ ତାଙ୍କର ବିଶ୍ୱସ୍ତ ଅନୁଗତ ରାଜନୀତିଜ୍ଞହିଁ ପ୍ରଧାନମନ୍ତ୍ରୀ ହୋଇପାରିବେ ।

ଏହି ସବୁ ବ୍ୟକ୍ତିଗତ, ସାମ୍ବିଧାନିକ ଏବଂ ଆନୁଷଙ୍ଗି ପ୍ରତିବନ୍ଧକ ଅତିକ୍ରମ କରି ଦେଶର ପ୍ରଧାନମନ୍ତ୍ରୀ ହେବାର ସ୍ୱ ତେଣୁ ଶ୍ରୀମତୀ ବେନଜୀରଙ୍କ ନିମନ୍ତେ କେବଳ କଳ୍ପନା ବିଳା ମାତ୍ର ଥିଲା କିନ୍ତୁ ନିୟତିର ବିଚିତ୍ର ବିଧ୍ୱରା ମଧ୍ୟରେ ମନୁଷ୍ୟ ସମସ୍ତ ଅବାସ୍ତବ ରଙ୍ଗୀନ ସ୍ୱପ୍ନ ହଠାତ୍ ପରିଣତ ହୋଇଯା ସ୍ୱାଗତଯୋଗ୍ୟ ସତ୍ୟରେ । ସେହିପରି ଗୋଟିଏ ବିସ୍ମରଣ ୧୭ ଅଗଷ୍ଟ ୧୯୮୮ ଦିନ ସଂଧ୍ୟାରେ ଜେନେରାଲ ଜିଆ ଗୋଟି ବିମାନ ଦୁର୍ଘଟଣାରେ ହଠାତ୍ ପାକିସ୍ଥାନର ଭାଗ୍ୟ ନିୟନ୍ତ ହୋଇ ରହିପାରିଲେ ନାହିଁ, ସେ ଦୁର୍ଘଟଣାରେ ରାଷ୍ଟ୍ରପତି ଜି ପ୍ରାଣ ହରାଇଥିଲେ । (ଏହି ଦୁର୍ଘଟଣା ସମ୍ପର୍କରେ ଉତ୍କ ପ୍ରସଙ୍ଗର ସେପ୍ଟେମ୍ବର ସଂଖ୍ୟାରେ ମୋର ପ୍ରବନ୍ଧ ପଠିତ ଏହି ଦୁର୍ଘଟଣା ପରେପରେ ପାକିସ୍ଥାନର ସୁପ୍ରିମକୋ ଗୋଟିଏ ରାୟ ଦେଇ ଘୋଷଣା କରିଥିଲେ ଯେ ପାକିସ୍ଥାନ ନିର୍ବାଚନରେ ରାଜନୈତିକ ଦଳମାନେ ଅଂଶ ଗ୍ରହଣ କରିପାରିବେ ଦଳ ହିସାବରେ । ଶ୍ରୀମତୀ ବେନଜୀରଙ୍କ ସୁନେଲି ସ୍ୱପ୍ନ ଯାହା କୁହୁକ ପରଶ ପାଇ ସତ୍ୟରେ ପରିଣତ ହେବାକୁ ବସିଲା ।

ପାକିସ୍ଥାନର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ଅନ ଏକ ଧନୀ ଜମିଦାର ପରିବାରରେ ଶ୍ରୀମତୀ ବେନଜୀରଙ୍କ ବିବାହ ଶ୍ରୀ ଅସିଫ ଜରଦାରୀଙ୍କ ସହିତ ଫେବୃଆରୀ ୧୯୮୮ ହୋଇ ଯାଇଅଛି । ଆମେରିକା ଓ ବିଲାତରେ ମୁକ୍ତ ସମ୍ପ୍ରଦାୟ ଭିତରେ ଯୌବନ ବିତାଇଥିବା ଶ୍ରୀମତୀ ବେନଜୀରଙ୍କ ବିବା ପରମ୍ପରାଗତ ଭାବରେ ପିତାମାତାଙ୍କ ଦ୍ୱାରା ଆୟୋଜି ହୋଇଥିଲା । ଏହି ପରମ୍ପରାଗତ ବିବାହ ପାକିସ୍ଥାନ ଜନସାଧାରଣଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ବେନଜୀ ସର୍ବଦା ନିଜକୁ ଏକ ରକ୍ଷଣଶୀଳ ମୁସଲମାନ ଯୁବତୀ ବୋ ପ୍ରମାଣିତ କରିବାକୁ ଚାହାନ୍ତି । ବିବାହର ଅଷ୍ଟମ ମାସରେ ୨୧ ସେପ୍ଟେମ୍ବର ୧୯୮୮ ଦିନ ତାଙ୍କର ପୁତ୍ର ବିଲାୱାଲଙ୍କ ଜନ୍ମ

ବେନଜୀରଙ୍କ ନବଜାତପୁତ୍ର ସମ୍ବନ୍ଧରେ ଗୋଟିଏ କୌତୁ ପୂର୍ଣ୍ଣକଥା ପ୍ରଚଳିତହୋଇ ଯାଇଅଛି । ବେନଜୀର ବିବାହ କରିବା ପରେ ସନ୍ତାନସମ୍ଭବା ହୋଇଥିଲେ ଏବଂ ତାଙ୍କ ସନ୍ତାନର ଜନ୍ମ ନଭେମ୍ବର ମାସର ଅଧାଅଧି ବେଳକୁ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଥିଲେ । ପାକିସ୍ଥାନର ରାଷ୍ଟ୍ରପତି ଜିଆ ମଧ୍ୟ ଏହିଖବର ଠିକ୍ସମୟରେ ପାଇଥଲେ । ଏହି ଖବର ପାଇ ରାଷ୍ଟ୍ରପତି ଜିଆ ସଂଗେସଂଗେ ପାକିସ୍ଥାନରେ ସାଧାରଣ ନିର୍ବାଚନ ନଭେମ୍ବର ୧୭ଦିନ ଧାର୍ଯ୍ୟ କରିଦେଲେ । ରାଷ୍ଟ୍ରପତିଙ୍କ କୌଶଳ ଥିଲା ଯେ ଶ୍ରୀମତୀ ବେନଜିର ଏହି ନିର୍ବାଚନରେ ସକ୍ରିୟ ଅଂଶ ଗ୍ରହଣ ନକରନ୍ତୁ । କିନ୍ତୁ ଶ୍ରୀମତୀ ବେନଜିର ବି ଛାଡ଼ିବାର ପାତ୍ରୀ ନୁହନ୍ତି । ସେ ଡାକ୍ତରମାନଙ୍କ ପରାମର୍ଶନେଇ ଠିକ୍କଲେ ଯେ ତାଙ୍କର ସନ୍ତାନର ଜନ୍ମହେବ ୨୧ ସେପ୍ଟେମ୍ବରଦିନ, ଯେପରି ନିର୍ବାଚନର ଅନ୍ତତଃ ଦେଢ଼ମାସ ପୂର୍ବରୁ ତାଙ୍କର ସନ୍ତାନ ହୋଇପାରିବ । ଏପରି ପ୍ରତି କୌଶଳ ପ୍ରୟୋଗକରି ଶ୍ରୀମତୀ ବେନଜିର ଜେନେରଲ ଜିଆଙ୍କ ଯୋଜନା ଭଣ୍ଡୁରକରି ଦେଇଥିଲେ ଏବଂ ପାକିସ୍ଥାନର ସାଧାରଣ ନିର୍ବାଚନରେ ଶ୍ରୀମତୀ ବେନଜୀର ଏକ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

ବିନା ରକ୍ତପାତରେ ସୈନ୍ୟ ଶାସନରୁ ଗଣତାନ୍ତ୍ରିକ ଶାସନକୁ ପ୍ରତ୍ୟାବର୍ତ୍ତନ ଏକ ବିରଳ ଘଟଣା ଏବଂ ସେହି ଗଣତାନ୍ତ୍ରିକ ଶାସନ ଏକ ନବନିର୍ବାଚିତ ଜାତୀୟ ଆସେମ୍ବ୍ଲି ଦ୍ୱାରା ହେବା ଆହୁରି ବେଶୀ ଦୁଷ୍କର ଅଟେ । ପାକିସ୍ତାନରେ ଏହି ଯେଉଁ ପରିବର୍ତ୍ତନ ଘଟିପାରିଲା ସେଥିନିମନ୍ତେ ପ୍ରଶଂସା ପାଇବା ନିମନ୍ତେ ଦାବୀ ରଖୁଥିବା ବ୍ୟକ୍ତି ହେଉଛନ୍ତି ଦୁଇଜଣ ପାକିସ୍ତାନୀ—ପ୍ରଥମଜଣକ ହେଉଛନ୍ତି ଜିଆଙ୍କ ଉତ୍ତରାଧିକାରୀ କାର୍ଯ୍ୟନିର୍ବାହକ ରାଷ୍ଟ୍ରପତି ଇଶାକ୍ ଖାଁ ଏବଂ ଦ୍ୱିତୀୟବ୍ୟକ୍ତି ହେଉଛନ୍ତି ଜିଆଙ୍କ ଉତ୍ତରାଧିକାରୀ ସେନାଧ୍ୟକ୍ଷ ମିର୍ଜା ଅସଲମ ବେଗ୍ । ଆଜି ଅକୁଣ୍ଠଚିତ୍ତରେ ପାକିସ୍ତାନ ସ୍ୱୀକାର କରିବ ଯେ ଏ ଦୁଇଜଣଙ୍କ ପ୍ରକୃତ ସଦିଚ୍ଛା, ବାସ୍ତବ ଦୃଷ୍ଟିଭଙ୍ଗୀ ଏବଂ ସହନଶୀଳ ମନୋଭାବବିନା ପାକିସ୍ତାନର ପ୍ରଥମ ନିରପେକ୍ଷ ସାଧାରଣ ନିର୍ବାଚନ ସମ୍ଭବ ହୋଇପାରିନଥାନ୍ତା ।

ପାକିସ୍ତାନରେ ସାଧାରଣ ନିର୍ବାଚନ ପୂର୍ବରୁ ଗଠିତ ହୋଇଥିବା ବିରୋଧୀଦଳର ମେଣ୍ଟ ଭାଂଗିଯାଇଥିଲା । ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ନିମନ୍ତେ ଆନ୍ଦୋଳନ ବା ଏମ୍. ଆର.ଡ଼ି. ଦଳ ବିଭିନ୍ନ କ୍ଷୁଦ୍ର ଏବଂ ବୃହତ୍ ଦଳ ହୋଇ ବିଭାଜିତ ହୋଇଗଲା । ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ଅନେକଦଳ ମାନଙ୍କ ଭିତରୁ ଜୟଯୁକ୍ତହେଲେ ମାତ୍ର ଛଅ ଗୋଟି ଦଳ ଏବଂ କେତେକ ସ୍ୱାଧୀନ ସଭ୍ୟ । ଏହି ଛଅଗୋଟି ଦଳ ହେଲେ—(୧) ବେନଜୀରଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପି. ପି. ପି.), (୨) ଜିଆ-ଉଲ-ହକ୍‌କୁ ସମର୍ଥନ କରୁଥିବା ଇସଲାମିକ୍ ଡ଼େମୋକ୍ରାଟିକ୍ ଏଲାଏନ୍‌ସ (ଆଇ. ଡ଼ି. ଏ.) ଯାହାର ନେତାଥିଲେ ପଞ୍ଜାବର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନଉଆଜ ଶରିଫ୍, (୩) ଭାରତ ବିଭାଜନବେଳେ ଭାରତରୁ ପଳାଇଯାଇ ପାକିସ୍ତାନରେ ବସବାସ-କରୁଥିବା ଲୋକମାନଙ୍କର ଗଠିତ ମୋହାଜିର କ୍ୱାଏମ ଆନ୍ଦୋଳନ (ଏମ୍. କ୍ୟୁ. ଏମ.) ଯାହାର ତରୁଣନେତା ଆଲତାପ୍ ହୁସେନ୍, (୪) ମୌଳିକତାବାଦୀ ମୌଲାନା ଫଜଲର ରହମନଙ୍କ ନେତୃତ୍ୱରେ ପରିଚାଳିତ ଜମାଏତ୍-ଇ-ଉଲେମା ଇସଲାମ୍ ( ଜେ. ୟୁ. ଆଇ.) (୫) ଭାରତରେ ସୀମାନ୍ତ ଗାନ୍ଧି ରୂପେ ପରିଚିତ ଖାଁ ଅବଦୁଲ ଗଫର ଖାଁଙ୍କ ପୁତ୍ର ଉଆଲି ଖାଁଙ୍କ ପରିଚାଳିତ ଆଉଆମୀ ନ୍ୟାଶନାଲ ପାର୍ଟି (ଏ. ଏନ. ପି.) ଓ (୬) ବେଲୁଚିସ୍ତାନ ନ୍ୟାଶନାଲ ଏଲାଏନ୍‌ସ (ବି. ଏନ୍. ଏ) ଯାହାର ନେତା ଆକବର ବୁଗତି ।

ଜିଆ-ଉଲ୍-ହକ୍‌ଙ୍କ ଶାସନ ସମୟରେ ପାକିସ୍ତାନର ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ବୋମା, ବନ୍ଧୁକ ଓ ଗୁଣ୍ଡାମାନେ ପାକିସ୍ତାନ ଶାସକମାନଙ୍କର ପ୍ରତ୍ୟକ୍ଷ ଓ ପ୍ରଚ୍ଛନ୍ନ ସହାୟତାରେ ଦେଶରେ ଅସ୍ୱାଭାବିକ କ୍ଷମତା ହାତେଇକରି ରଖିଥିଲେ । ବିଶେଷତଃ ଆଫଗାନିସ୍ଥାନ ସମସ୍ୟା ଯୋଗୁଁ ପାକିସ୍ତାନରେ ଖୋଲାରେ ଯେପରି ଖେଚର ଅସ୍ତ୍ରଶସ୍ତ୍ର ବ୍ୟବସାୟ ଚାଲିଥିଲା, ତାହା ପାକିସ୍ତାନର ଆଭ୍ୟନ୍ତରୀଣ ଅବସ୍ଥାକୁ ବିପନ୍ନ କରି ଦେଇଥିଲେ । ଏହାଛଡ଼ା ଜିଆଉଲହକ୍‌ଙ୍କର ପ୍ରତ୍ୟକ୍ଷ ସହାୟତାରେ ଇସଲାମ୍ ଏବଂ ମୌଳିକତାବାଦୀ ବିଗ୍ରହ ପ୍ରାଧାନ୍ୟ ଲାଭ କରିଥିଲା । ମୌଲବୀ ଓ ମୁଲ୍ଲାମାନଙ୍କର ଆଦେଶହିଁ ପାକିସ୍ତାନ ନିମନ୍ତେ ସାମାଜିକ ବ୍ୟବସ୍ଥାକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରୁଥିଲା । ଦେଶରେ ନିଷିଦ୍ଧ ନିଶାଦ୍ରବ୍ୟ ହେରୋଇନ୍, ଗଞ୍ଜା ଓ ଅଫିମର ଚାଷ, ବ୍ୟବସାୟ ଏବଂ ରପ୍ତାନୀ ପାକିସ୍ତାନୀ ଶାସକମାନଙ୍କର ଏକ ଅତ୍ୟନ୍ତ ଲାଭଜନକ ବ୍ୟବସାୟ ହୋଇଯାଇଥିଲା । ବର୍ତ୍ତମାନ ପାକିସ୍ତାନର ପ୍ରାୟ ପଚିଶ ଲକ୍ଷ ଯୁବକ ଏବେ ଏହି ନିଶାଗ୍ରସ୍ତ ହୋଇ ପଡ଼ିଛନ୍ତି ବୋଲି ଜଣାଯାଏ । ମୃତ୍ୟୁର ଅପରପାରରେ ଆଜି ଜିଆଉଲହକ୍ ଅବଶ୍ୟ ରହିଯାଇ ଅଛନ୍ତି, କିନ୍ତୁ ତାଙ୍କର ଶାସନର ଦୀର୍ଘ ୧୧ବର୍ଷ ଭିତରେ ପାକିସ୍ତାନର ମୂଳଦୁଆ ଦୋହଲି ଯାଇଅଛି ବୋଲି ମନେହୁଏ ।

| ଦଳମାନଙ୍କର ସଂକ୍ଷିପ୍ତ ନାମ | | ଜାତୀୟ ଆସେମ୍ବ୍ଲି | ପଞ୍ଜାବ | ସିନ୍ଧୁ | ଉତ୍ତର-ପଶ୍ଚିମ ସୀମାନ୍ତ | ବେଲୁଚିସ୍ଥାନ |
|---|---|---|---|---|---|---|
| ମୋଟ ସଭ୍ୟ ସଂଖ୍ୟା | .. | ୨୩୭ | ୨୬୦ | ୧୧୪ | ୮୭ | ୪୫ |
| ନିର୍ବାଚନ ହୋଇଥିବା ସ୍ଥାନର ସଂଖ୍ୟା | .. | ୨୦୫ | ୨୪୦ | ୧୦୦ | ୭୭ | ୪୦ |
| ପି.ପି.ପି. | .. | ୯୩ | ୯୪ | ୬୭ | ୨୦ | ୩ |
| ଆଇ.ଡ଼ି.ଏ. | .. | ୫୪ | ୧୦୮ | ୧ | ୨୮ | ୮ |
| ଜେ.ୟୁ.ଆଇ. | .. | ୭ | .. | .. | ୨ | ୧୧ |
| ଏମ୍.କ୍ୟୁ.ଏମ | .. | ୧୩ | .. | ୨୬ | .. | .. |
| ଏ.ଏନ୍.ପି. | .. | .. | .. | .. | ୧୨ | — |
| ବି.ଏନ୍.ଏ. | .. | .. | .. | .. | .. | ୬ |
| ସ୍ୱାଧୀନ | .. | ୨୭ | ୩୨ | ୫ | ୧୫ | ୬ |
| ଅନ୍ୟାନ୍ୟ | .. | ୧୧ | ୬ | ୧ | .. | ୫ |

ଆତ୍ମସାତ୍ କରି ବହୁ ସେନା ବାହିନୀ ଅଫିସର ଅତ୍ୟନ୍ତ ଧନୀ । ତେଣୁ ସେନା ବାହିନୀରେ ବର୍ତ୍ତମାନ ଏକ ଭୂମି ସହିତ ସମାନ୍ତରାଳ ବିଭାଜନ ରେଖା ଦେଖା ଦେଉଛି, ଯାହାର ଉପରେ ଅଛନ୍ତି ଦୁର୍ନୀତିଗ୍ରସ୍ତ ଧନାଢ୍ୟ ଶ୍ରେଣୀର ଅଫିସରମାନେ ଏବଂ ଯାହାର ନିମ୍ନରେ ଅଛନ୍ତି ପାକିସ୍ଥାନର ସ୍ଥଳ ଏବଂ ନୌ ସେନା । ଏହି ବିକ୍ଷୋଭକ ଅବସ୍ଥାକୁ ହୃଦୟଙ୍ଗମ କରି ଜେନେରାଲ ବେଗ୍ ପ୍ରଥମେ ନିଜ ଘର ସଜାଡ଼ିବା ବୋଲି ବିଚାର କରିଥିଲେ, ଏବଂ ଏହା ତୁରନ୍ତ ନ କଲେ ପାକିସ୍ଥାନ ସେନାବାହିନୀରେ ବିଦ୍ରୋହ ଅବଶ୍ୟମ୍ଭାବୀ ବୋଲି ସେ ଜାଣିଥିଲେ । ତେଣୁ ଜେନେରାଲ ବେଗ୍ ଶାସନକୁ ନିର୍ବାଚିତ ପ୍ରତିନିଧିଙ୍କ ହାତରେ ଛାଡ଼ି ସେନାବାହିନୀକୁ ଛାଉଣୀକୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ତାର ଅର୍ଥ ନୁହେଁ ଯେ ପାକିସ୍ଥାନ ସେନାବାହିନୀ ଏବେ ଏକ ବିଷହୀନ ସର୍ପ ରୂପେ ରହିବାକୁ ପଡ଼ିବ । ଦୀର୍ଘ ପଚିଶ ବର୍ଷ ହେଲା ପାଇ ଆସୁଥିବା ସୁବିଧା, ସୁଯୋଗ ଏବଂ ଅଧିକାର ଛାଡ଼ିବାକୁ ସେନାବାହିନୀ ରାଜି ହେବ ନାହିଁ କସ୍ମିନ୍ କାଳେ । ପାକିସ୍ଥାନର ଦେଶରକ୍ଷା ବାବଦ ବ୍ୟୟ ପ୍ରାୟ ୫୦୦୦ କୋଟି ଟଙ୍କା ଏବଂ ଏହା ପାକିସ୍ଥାନ ବଜେଟ୍‌ର ଅଧା । ତେଣୁ ସେନାବାହିନୀ କେବେ ଏହି ଉଚ୍ଚସ୍ଥାନରୁ ତଳକୁ ଓହ୍ଲାଇ ଆସିବାକୁ ରାଜି ହେବେ ନାହିଁ । ଏହା ବେନଜୀର ଭଲ ଭାବରେ ଜାଣି ଅଛନ୍ତି । ବେନଜୀର ଜାଣିଛନ୍ତି ଯେ ପାକିସ୍ଥାନ ପାଇଁ ଏକ ସନ୍ତୁଷ୍ଟ ଓ ବିଳାସୀ ସେନା-ବାହିନୀ ଦେଶରକ୍ଷା ନିମନ୍ତେ ଉପଯୁକ୍ତ ହୁଅନ୍ତୁ ବା ନ ହୁଅନ୍ତୁ, କିନ୍ତୁ ତାଙ୍କ ନିଜର ସ୍ଥିତି ରକ୍ଷା ନିମନ୍ତେ ଅନ୍ତତଃ ୪ ବା ୫ ବର୍ଷ ବିଶେଷ ଆବଶ୍ୟକ । କାରଣ ସେନାବାହିନୀର ଇଚ୍ଛା ଏବଂ ମର୍ଜି ଉପରେ ହିଁ ଗଣତନ୍ତ୍ର ପାକିସ୍ଥାନରେ ରାଜୁତି କରିପାରେ ।

ବେନଜୀରଙ୍କୁ ପ୍ରଧାନ ମନ୍ତ୍ରୀତ୍ୱ ନିମନ୍ତେ ଦ୍ୱିତୀୟ ସର୍ତ୍ତ ରହିଛି ନିଜେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଗୁଲାମ୍ ଇଶାକ୍ ଖାଁଙ୍କୁ କେନ୍ଦ୍ରକରି । ଗୁଲାମ୍ ଇଶାକ୍ ଖାଁ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ପଠାଣ ବଂଶୋଦ୍ଭବ ଏବଂ ସେ ବାନୁଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ପ୍ରାଦେଶିକ ପ୍ରଶାସନରେ ପ୍ରଥମେ ଚାକିରୀ ପାଇଥିଲେ ଓ କ୍ରମ ପଦୋନ୍ନତି ବଳରେ ସେ ପାକିସ୍ଥାନ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟମାନଙ୍କର ସଚିବ ହୋଇଥିଲେ । ସେ ଦେଶରକ୍ଷା ବିଭାଗ, ଅର୍ଥ ବିଭାଗ ଏବଂ କ୍ୟାବିନେଟ୍ ସେକ୍ରେଟେରୀ ହୋଇଥିଲେ । କ୍ୟାବିନେଟ ସେକ୍ରେଟେରୀ ପଦରେ ସେ ଜୁଲଫିକର ଅଲି ଭୁଟ୍ଟୋଙ୍କର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ ହେବା ଘୋଷଣାପତ୍ର ପାଠ କରିଥିଲେ । କିନ୍ତୁ ସେନା-ବାହିନୀ କ୍ଷମତାକୁ ଆସିବାରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିଲା ଏବଂ ଜିଆଙ୍କର ବିଶ୍ୱାସଭାଜନ ଉପଦେଷ୍ଟାଙ୍କ ମଧ୍ୟରେ ଇଶାକ୍ ଖାଁ ଅନ୍ୟତମ ଥିଲେ । ସାମରିକ ଶାସନ ସମୟରେ ସେ ଅର୍ଥ ବିଭାଗର ମନ୍ତ୍ରୀ ରୂପେ ନିଯୁକ୍ତି ପାଇଥିଲେ ଏବଂ ପରେ ପାକିସ୍ତାନ ସିନେଟ୍‌ର ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ । ଇଶାକ୍ ଖାଁ ମୁସଲିମ୍ ଲିଗ୍‌ର ଜଣେ ସକ୍ରିୟ ସଭ୍ୟ ହିସାବରେ ଆଇ. ଡି. ଏ. ରାଜନୈତିକ ଦଳର ଜଣେ ପ୍ରତିଷ୍ଠାତା ସଭ୍ୟ ଅଟନ୍ତି । ସ୍ୱକୀରାରେ ଘୋଷିତ ହୋଇଥିବା ୭୩ ବର୍ଷ ବୟସ ଇଶାକ୍ ଖାଁଙ୍କ ବିଷ୍ଣୁର, ବୁଦ୍ଧି, ସ୍ଥିରତା ଏବଂ ପ୍ରତ୍ୟୟମତି ନି ଶସ୍ତ୍ର ପ୍ରଶଂସନୀୟ ହୋଇଥିବ, ନଚେତ ସାମାନ୍ୟ ପ୍ରଦେଶିକ ପ୍ରଶାସନିକ

ଏପରି ପରିସ୍ଥିତିରେ କ୍ଷମତାକୁ ଆସିଥିବା ବେନେଜୀର ସୀମିତ ସ୍ୱାଧୀନତା ଅବଶ୍ୟ ସ୍ୱୀକାର୍ଯ୍ୟ । ଏତଦ୍‌ବ୍ୟତ ମନେରଖିବାକୁ ହେବ ଯେ ବେନଜୀର ହେଉଛନ୍ତି ପାକିସ୍ଥା ସବୁଠୁ ବେଶୀ ଭାରତ ବିରୋଧୀ ପ୍ରଧାନମନ୍ତ୍ରୀ, ଯେ ଭାରତ ବିରୁଦ୍ଧରେ ଏକ ସହସ୍ର ବର୍ଷ ବ୍ୟାପୀ ଯୁଦ୍ଧର ଆହ୍ୱ ଦେଇଥିଲେ, ସେହି ଜୁଲଫିକର ଅଲୀ ଭୁଟ୍ଟୋଙ୍କର ଆଦରଣ ପ୍ରାଣସମା କନ୍ୟା ଏବଂ ବେନଜୀରଙ୍କର ଅବଚେ ମନରେ ନିଶ୍ଚୟ ତାଙ୍କ ପିତାଙ୍କ ଭାବ ଏବଂ ଭା ସବୁବେଳେ ଜାଗରୂକ ହୋଇ ରହିଥିବ ।

ତେଣୁ ଭାରତ ତାର ପାକିସ୍ଥାନ ସହ ସଂପର୍କ ସ୍ଥା କରିବା ନିମନ୍ତେ ନୀତିର ପୁନର୍ବିଚାର କରିବା ବେଳକୁ ସମସ୍ତ ବିଷୟକୁ ଆଖି ଆଗରେ ରଖି ଚାଲିବାକୁ ପଡ଼ିବ ଭାରତ ନିଶ୍ଚୟ ଚାହେଁ ଯେ ଗଣତନ୍ତ୍ର ପାକିସ୍ଥାନରେ ଆଉଥ ବୀଜ ରୋପଣ କରୁ ଏବଂ ସୁସ୍ଥ ଏବଂ ନିର୍ବାଚିତ ସରକ କ୍ଷମତାକୁ ଆସିବା ନିମନ୍ତେ । ଭାରତରେ ଜନସାଧାର ନିଶ୍ଚିତ ଭାବରେ ବେନେଜୀରଙ୍କ ପ୍ରତି ଆକୃଷ୍ଟ ଏବଂ ତାଙ୍କ ସଫଳ କାମନା କରନ୍ତି । ତା' ଛଡ଼ା କୌଣସି ମୁସଲମ ଦେଶର ଶାସନ କ୍ଷମତା ଜଣେ ମହିଳାଙ୍କ କରକବଳିତ ହେ ସତ୍ୟଟିକୁ ଆଜି ପର୍ଯ୍ୟନ୍ତ ସାଉଦୀ ଆରବ, ଇରାନ୍, ଇରା ଉପସାଗରୀୟ ମୁସଲମାନ୍ ଦେଶ ସମୂହ (ଓମାନ୍, କୁଆଇ ଇତ୍ୟାଦି) ସହଜ ଭାବରେ ଗ୍ରହଣ କରିପାରି ନାହାନ୍ତି । ସେ ଦେଶମାନେ ଏପରିକି ବେନଜୀରଙ୍କୁ ସାଧାରଣ ଭଦ୍ରତାନୋଚି ଶୁଭକାମନା ମଧ୍ୟ ଜଣାଇ ନାହାନ୍ତି । ତେଣୁ ସ୍ୱାଭାବି ଭାବରେ ଆଶାକରାଯାଏ ଯେ ପାକିସ୍ଥାନ ସାହାଯ୍ୟ ସହାନୁଭୂତି ନିମନ୍ତେ ଭାରତକୁ ଚାହିଁ ରହିବ ।

ପାକିସ୍ଥାନର ପ୍ରଧାନମନ୍ତ୍ରୀଙ୍କର କେତେକ ବଢ଼ବ ଏ ଭିତରେ ଭାରତକୁ ମୁଗ୍ଧ କରି ଦେଉଛି । କାରଣ ବେନେଜୀର ଓ ଜୁଲଫିକର, କନ୍ୟା ଏବଂ ପିତା ଉଭୟ ଦୁ ଯୁଗର ଦୁଇ ନେତା । ଦୀର୍ଘ ୧୧ ବର୍ଷ କାଳ ସାମରିକ ଶାସନ ବିରୋଧରେ ତୀବ୍ର ସଂଗ୍ରାମ ଓ ଜିଆ-ଉଲ-ହକ୍‌ଙ୍କର ନିଷ୍ଠୁର ଅତ୍ୟାଚାର ବେନେଜୀରଙ୍କୁ ପାକିସ୍ଥାନର ଅନ୍ୟ ସମସ୍ତ ପୂର୍ବତନ ଏବଂ ବର୍ତ୍ତମାନ ନେତାଙ୍କଠାରୁ ପୃଥକ୍ କରି ଦେଇଅଛି । ୧୯୪୭ ଠାରୁ ପାକିସ୍ଥାନର କେବଳ ଖାଁ ଅବଦୁଲ ଗଫର ଖାଁଙ୍କ ବ୍ୟତୀତ ଅନ୍ୟ କୌଣସି ଜାତୀୟ ନେତା ଏତେ ସଂଘର୍ଷ ଏବଂ ସଂଗ୍ରାମ ଭିତର ଦେଇ ଆସି ନଥିଲେ ବୋଲି ଧାରଣା ହୁଏ । ଆଉ ବେନେଜୀରଙ୍କୁ ଜିଆଙ୍କ ଉତ୍ତରାଧିକାରତ୍ୱ ଭାଙ୍ଗି, ଚୂରମାର କରି ଏକ ନୂତନ ଗଣତାନ୍ତ୍ରିକ ପାକିସ୍ଥାନ ଗଢ଼ିବାକୁ ଯେଉଁ ଅବସ୍ଥା ଏବଂ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ୁଛି ତାହା ଏହି ଉପମହାଦେଶରେ ସଂପୂର୍ଣ୍ଣ ନୂତନ ପରୀକ୍ଷା ।

ଶାସନ କ୍ଷମତା ଗ୍ରହଣ କରିବା ପରେ ବେନେଜୀର ଯେଉଁସବୁ ସୂଚନା ଦେଉଛନ୍ତି ସେଥିରୁ ପାକିସ୍ଥାନକୁ ଏକ ଗଣତାନ୍ତ୍ରିକ, ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରରୂପେ ପୃଥିବୀର ରାଜନୈତିକ ରଙ୍ଗଭୂମିରେ ପରିଚୟ କରାଇବାକୁ ତାଙ୍କର

ଏଭଳି ପରିସ୍ଥିତିରେ ନିର୍ବାଚନ ପାକିସ୍ତାନର ଜଣେ ବିଚାରପତିଙ୍କ ନିୟନ୍ତ୍ରଣରେ ହୋଇଯାଇଅଛି । କିନ୍ତୁ ନିର୍ବାଚନରେ ସବୁଭୋଟର ଭାଗନେବାକୁ ସମର୍ଥ ହୋଇପାରିନଥିଲେ । ଭୋଟରମାନଙ୍କ ନିକଟରେ, ନିର୍ବାଚନ ନିୟମ ଅନୁସାରେ, ଗୋଟିଏ ପରିଚୟପତ୍ର ରହିବା ଦରକାର, ଯାହାଦ୍ୱାରା ପ୍ରତ୍ୟେକ ଭୋଟର ନିଜର ପରିଚୟ ସାବ୍ୟସ୍ତ କରି ପାରିବେ । କିନ୍ତୁ ଏହି ଉତ୍ତମ ବ୍ୟବସ୍ଥାର ଉଲ୍ଲଂଘନ କରାଗଲା ଯେତେବେଳେ ଦେଖାଗଲା ଯେ ଗ୍ରାମାଂଚଳର ପ୍ରାୟ ଶତକଡ଼ା ୭୫ଭାଗ ଏବଂ ନଗର ଓ ସହରମାନଙ୍କର ମହିଳାମାନଙ୍କ ମଧ୍ୟରେ ଶତକଡ଼ା ୩୦ଭାଗ ଭୋଟରମାନଙ୍କର ପରିଚୟପତ୍ର ନଥିଲା ଏବଂ ସେମାନେ ଭୋଟଦେବାରୁ ବଂଚିତ ହୋଇଥିଲେ । ଏତଦ୍ୱାରା ପି.ପି.ପି.ଦଳ ପ୍ରଭୂତ କ୍ଷତିର ସମ୍ମୁଖୀନ ହୋଇଅଛି । ପି. ପି. ପି. ଦଳର ଆବେଦନକ୍ରମେ ପାକିସ୍ତାନର ଲାହୋର ହାଇକୋର୍ଟ ଏହି ପରିଚୟପତ୍ର ବ୍ୟବସ୍ଥାକୁ ଅଣ-ସମ୍ବିଧାନିକ ବୋଲି ଘୋଷଣା କରିଥିଲେ ମଧ୍ୟ ପାକିସ୍ତାନ ସରକାର ସୁପ୍ରିମକୋର୍ଟରୁ ଏକ ରହିତ ଆଦେଶ ବଳରେ ପରିଚୟପତ୍ର ପ୍ରଥାକୁ ଆଇନସଙ୍ଗତ କରାଇ ଦେଇପାରିଥିଲେ ।

ନିର୍ବାଚନ ଫଳ ଜଣାପଡ଼ିବା ପରେ ଦେଖାଗଲା ଯେ କେନ୍ଦ୍ର ବା କୌଣସି ପ୍ରଦେଶରେ କୌଣସି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହାନ୍ତି । ତେଣୁ ସରକାର ଗଠନ କରିବାକୁ ବିଭିନ୍ନ ଦଳ ପରସ୍ପର ମଧ୍ୟରେ କଥାବାର୍ତ୍ତା କରି, ସ୍ୱାଧୀନ ପ୍ରାର୍ଥୀ ଏବଂ ଅନ୍ୟ କ୍ଷୁଦ୍ର ଦଳଗୁଡ଼ିକର ସାହାଯ୍ୟ ନେଇ ଚେଷ୍ଟା କରିଥିଲେ ।

ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ବାସ୍ତବରେ ପାକିସ୍ତାନରେ ପାକିସ୍ତାନ ପିପୁଲସ ପାର୍ଟି ଏବଂ ଇସ୍‌ଲାମିକ ଡେମୋକ୍ରାଟିକ ଏଲାଏନସ ହେଉଛନ୍ତି ଜାତୀୟ ଦଳ ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ମୁଖ୍ୟତଃ ପ୍ରାଦେଶିକ ଦଳ ଅଟନ୍ତି । ଏ ଦୁଇ ଜାତୀୟ ଦଳ ଭିତରୁ ଇସଲାମିକ୍ ଡେମୋକ୍ରଟିକ ଏଲାଏନ୍‌ସ ଦଳ ହେଉଛି ନିଛକ ଦକ୍ଷିଣପନ୍ଥୀ ଏବଂ ଏହି ଦଳ ଇସଲାମିକ୍ ମୌଳିକତାବାଦରେ ବିଶ୍ୱାସ କରେ । ପାକିସ୍ତାନ ପିପୁଲସ ପାର୍ଟି ହେଉଛି ମଧ୍ୟପନ୍ଥାଧାରୀ । ଅବଶ୍ୟ ମନେ ରଖିବାକୁ ହେବ ଯେ ପାକିସ୍ତାନରେ କମ୍ୟୁନିଷ୍ଟ ଦଳକୁ ଅନେକ ଦିନ ତଳୁ ବେଆଇନ ଘୋଷଣା କରାଯାଉଅଛି । ନିର୍ବାଚନ ପ୍ରମାଣ କରି ଦେଇଛି ଯେ ପାକିସ୍ତାନର ଜନସାଧାରଣ ବୁଦ୍ଧିମତ୍ତାର ସହ ଭୋଟ ଦେଇ ପ୍ରମାଣ କରିଦେଇ ପାରିଛନ୍ତି ଯେ ଗଣତନ୍ତ୍ରରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ଏଭଳି ବିଶ୍ୱାସର ଦୃଢ଼ ଘୋଷଣା, ବିଶେଷତଃ ଦୀର୍ଘ ୧୧ ବର୍ଷର ସାମରିକ ଶାସନର ପୃଷ୍ଠଭୂମିରେ ନିଶ୍ଚୟ ଅନେକ ହୃଦୟରେ ଆଶା ସଂଚାର କରିବ । ଏହି ନିର୍ବାଚନରେ ପାକିସ୍ତାନ ଜନତା ପ୍ରାଦେଶିକତା ଏବଂ ଦୃଢ଼ କେନ୍ଦ୍ରର ବିରୋଧୀ ଶକ୍ତି ମାନଙ୍କୁ ସମର୍ଥନ ଜଣାଇ ନାହାନ୍ତି ବୋଲି ଜଣା ପଡୁଛି । ଯେଉଁ ସୁବିଧାବାଦୀ ରାଜନୀତିଜ୍ଞମାନେ ଜିଆ-ଉଲ-ହକ୍‌ଙ୍କ ଗୋଡ଼ାଣିଆ ହୋଇ ରହିଥିଲେ ସେମାନଙ୍କୁ ପଞ୍ଜାବ ବ୍ୟତୀତ ଅନ୍ୟ ପ୍ରଦେଶର ଲୋକମାନେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରି ଦେଇଅଛନ୍ତି । ଏପରି ପ୍ରତ୍ୟାଖ୍ୟାତ ନେତାମାନଙ୍କ ମଧ୍ୟରେ ଅଛନ୍ତି ପାକିସ୍ତାନର ଭୂତପୂର୍ବ ପ୍ରଧାନମନ୍ତ୍ରୀ ମହମଦ ଖାଁ ଜୁନେଜୋ, ଧର୍ମଗୁରୁ ପାଗୋଡ଼ାର ପୀର, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଫଜଲ୍ ହକ୍ ଓ ଇସଲାମିକ୍ ଡେମୋକ୍ରାଟିକ ଏଲାଏନସ୍‌ର ଜାତୀୟ ସଭାପତି ଗୁଲାମ ମୁସ୍ତଫା ଜାଟୋଇ । ବିଗତ ୧୧ ବର୍ଷ ଧରି ପାକିସ୍ତାନକୁ ଏକ ଇସଲାମ ରାଷ୍ଟ୍ରରେ ପରିଣତ କରିବାକୁ ପ୍ରଗାଢ଼ ଚେଷ୍ଟା କରି ଆସିଥିବା ଜେ. ୟୁ. ଆଇ. ଦଳ ଜାତୀୟ ଆସେମ୍ବ୍ଲିରେ ୨୦୫ଟି ସ୍ଥାନରୁ ପାଇଛନ୍ତି ମାତ୍ର ୭ ଗୋଟି ସ୍ଥାନ । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ପାକିସ୍ତାନି ଜନତା ଦୃଢ଼ ଭାବରେ ଜିଆଙ୍କ ରାଜନୀତି, ଧର୍ମ ସାଙ୍ଗରେ ରାଜନୀତିର ସୁବିଧାବାଦୀ ମିଶ୍ରଣ ଏବଂ ସେନା ଶାସନକୁ ପ୍ରତ୍ୟାଖ୍ୟାନ କରି ଆଧୁନିକ ରାଷ୍ଟ୍ର ଗଠନକୁ ଗ୍ରହଣ କରି ନେଇ ଅଛନ୍ତି ।

ତଥାପି, ଆଇ. ଡ଼ି. ଏ. ଦଳ କେନ୍ଦ୍ରର କ୍ଷମତାକୁ ଆସିବା ନିମନ୍ତେ ପ୍ରବଳ ଚେଷ୍ଟା କରିଥିଲା । ଏବଂ ସେ ଚେଷ୍ଟା କରିବାରେ କୌଣସି ଅସୁବିଧା ହୋଇ ନ ଥିଲା, କାରଣ ପାକିସ୍ତାନର କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଇଶାକ୍ ଖାଁ ଆଇ. ଡ଼ି. ଏ. ଦଳର ଜଣେ ମୁଖ୍ୟ ନେତା । କିନ୍ତୁ ପାକିସ୍ତାନ ଜନତାର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶକୁ ଅମାନ୍ୟ କରିବାକୁ ଏବଂ ଶ୍ରୀମତୀ ବେନ୍‌ଜିରଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବଞ୍ଚିତ କରିବାକୁ କେହି ସାହାସ କରି ପାରି ନ ଥିଲେ । ସେମାନଙ୍କ ସ୍ମୃତିରେ ସେହି କରାଳ ଓ ଭୟାବହ ଘଟଣା, ଯାହାର ଶେଷ ଫଳଶ୍ରୁତି ହୋଇଥିଲା ୧୯୭୧ରେ ପାକିସ୍ତାନ ବିଭାଜନ, ଆଉଥରେ ଆସିଯାଇଥିଲା । ସେଥର ମଧ୍ୟ ଗୋଟିଏ ଅବାଧ ନିର୍ବାଚନରେ ଶେଖ୍ ମୁଜିବୁର ରହମାନ୍‌ଙ୍କ ନେତୃତ୍ୱରେ ଗଠିତ ଆଓାମୀ ଦଳ ପାକିସ୍ତାନ ଜାତୀୟ ଆସେମ୍ବ୍ଲିରେ ସଂଖ୍ୟା ଗରିଷ୍ଠ ଦଳ ହୋଇଥିଲା । କିନ୍ତୁ ଜୁଲଫିକର ଅଲି ଭୁଟ୍ଟୋ ଏବଂ ଜେନେରାଲ ୟାହ୍ୟା ଖାଁଙ୍କ ହୀନ ଚକ୍ରାନ୍ତ ଫଳରେ ଜାତୀୟ ଆସେମ୍ବ୍ଲି ଡକା ହୋଇ ପାରି ନ ଥିଲା ଏବଂ ତାହାରି ଫଳ ହେଲା ପୂର୍ବ ପାକିସ୍ତାନରେ ବିଦ୍ରୋହ ।

କିନ୍ତୁ ବେନଜିରଙ୍କୁ ପ୍ରଧାନମନ୍ତ୍ରୀ ରୂପେ ମନୋନୀତ କରିବା ପୂର୍ବରୁ କାର୍ଯ୍ୟ ନିର୍ବାହୀ ରାଷ୍ଟ୍ରପତି ଇଶାକ୍ ଖାଁ ଏବଂ ପାକିସ୍ତାନର ସେନାବାହିନୀର ନୂତନ ମୁଖ୍ୟ ଜେନେରାଲ ମିର୍ଜା ଅଫଜଲ୍ ବେଗ୍‌ଙ୍କ ମଧ୍ୟରେ ବହୁତ ଥର ଆଲୋଚନା କରାଯାଇଥିଲା । ସଂପୂର୍ଣ୍ଣ ଭାବରେ ଦେଶ ବିଷୟ ଆଲୋଚନା କରିବା ପରେ ବେନ୍‌ଜିରଙ୍କୁ ପ୍ରଧାନମନ୍ତ୍ରୀ ରୂପେ ମନୋନୀତ କରାଯାଇଥିଲା, କିନ୍ତୁ କେତେଗୋଟି ସର୍ତ୍ତରେ ।

ଦୀର୍ଘ ୧୧ ବର୍ଷ ଶାସନ କ୍ଷମତାରେ ରହି ପାକିସ୍ତାନର ସେନାବାହିନୀ ଏବେ ଦୁର୍ନୀତିଗ୍ରସ୍ତ, ବିଭକ୍ତ ଏବଂ କ୍ଲାନ୍ତ । ସେନାବାହିନୀର ବହୁ ଉଚ୍ଚ ପଦସ୍ଥ କର୍ମକର୍ତ୍ତା ଏବେ ହିରୋଇନ୍ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟର ଉତ୍ପାଦନ ଏବଂ ବ୍ୟବସାୟିକ ବଣ୍ଟନ କରି ପ୍ରଚୁର ସଂପତ୍ତିର ମାଲିକ ହୋଇ ଯାଇଛନ୍ତି । ତା' ବ୍ୟତୀତ ଆଫଗାନିସ୍ତାନ ସମସ୍ୟା ଯୋଗୁଁ ଆମେରିକା, ସାଉଦି ଆରବ, ଉପମହାସାଗରୀୟ ମୁସଲମାନ ଦେଶ ଏବଂ ଅନ୍ୟାନ୍ୟ ସଂଗଠନମାନଙ୍କଠାରୁ ପାଉଥିବା ଅସ୍ତ୍ରଶସ୍ତ୍ର ଶସ୍ତାରେ ବିକି ସେ ଟଙ୍କା

ଆନ୍ତରିକ ଅଭିଳାଷର ଇଙ୍ଗିତ ମିଳେ । ଭାରତ ସହ ଦ୍ୱିପାକ୍ଷିକ ଭିତ୍ତିରେ ସ୍ୱାଭାବିକ ଏବଂ ସଦ୍‌ଭାବପୂର୍ଣ୍ଣ ସଂପର୍କ ସ୍ଥାପନ କରିବା ତାଙ୍କର ଇଚ୍ଛା । ଭାରତରେ ଅନେକ ଆଶା ଜାଗ୍ରତ କରିଅଛି । ସ୍ୱାଧୀନୋତ୍ତର ଦୀର୍ଘ ୪୦ ବର୍ଷ ଭିତରେ ଭାରତ ନିମନ୍ତେ ପାକିସ୍ଥାନରେ ବେନେଜୀରଙ୍କ ପରି ଏକ ସଂବେଦନାପୂର୍ଣ୍ଣା ଓ ସହାନୁଭୂତିଶୀଳା ନେତ୍ରୀ କେବେ ନଥିଲେ । ତାଙ୍କର ପିତା ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ମାତା ସିମଲାଠାରେ ଦୁଇ ପଡ଼ୋଶୀ ଦେଶର ବିଭିନ୍ନ ସମସ୍ୟା ସଂପର୍କରେ ବିଶଦ ଆଲୋଚନା କରି ସାରିବା ପରେ ଯେଉଁ ସିମଲା ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ତାହାହିଁ ଦୁଇଦେଶ ମଧ୍ୟରେ ଭବିଷ୍ୟତ ସଂପର୍କର ଭିତ୍ତିଭୂମି ହେବ ବୋଲି ବେନେଜୀରଙ୍କର ଦୃଢ଼ ଘୋଷଣା ଏ ଉପମହାଦେଶରେ ଯେପରି ଆଶା ଓ ଆନନ୍ଦର ଝଙ୍କାର ଛୁଟାଇ ଦେଇଛି ତାହା ଅସଲ୍‌ କେବେ ହୋଇ ନଥିଲା । ସିମଲା ଚୁକ୍ତିନାମା ଅନୁସାରେ କାଶ୍ମୀର, ସିଆଚୀନ ସମେତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବେନେଜୀରଙ୍କ ଆଗ୍ରହ ବାସ୍ତବିକ ପ୍ରଶଂସନୀୟ । ପଞ୍ଜାବର ଉଗ୍ରପନ୍ଥୀ ଶିଖମାନଙ୍କୁ ଏଥର ଆଉ ପାକିସ୍ଥାନ ବିଭିନ୍ନ ପ୍ରୋତ୍ସାହନ ଦେବା ବନ୍ଦ କରିଦେବ ବୋଲି ତାଙ୍କର ଖୋଲାଖୋଲି ଘୋଷଣାରେ ଅନେକ ଆତଙ୍କବାଦୀ ଶିଖଙ୍କ ମନରେ ନିରୁତ୍ସାହ ଏବଂ ହତାଶା ଖେଳି ଯାଇଅଛି । ଏହା ଭାରତ-ପାକିସ୍ଥାନ ସଂପର୍କରେ ଏକ ନବ ପ୍ରଭାତର ସୂଚନା ଦିଏ । ଭାରତର କାଶ୍ମୀରରେ ପାକିସ୍ଥାନୀମାନଙ୍କର ଅନୁପ୍ରବେଶ ଏବଂ ଗୁଳି ଓ ବୋମା ବ୍ୟବହାର ମଧ୍ୟ ଏଥର ବେନେଜୀରଙ୍କ ଦୃଷ୍ଟି ଆକର୍ଷଣ କରିଅଛି ଏବଂ ତାହା ଏଥର ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବାର ସଂଭାବନା ରହିଅଛି ।

୧୯୮୮ରେ ପୃଥିବୀରେ ପରାଶକ୍ତିମାନଙ୍କର ଏକ ଆପୋଷ ମିଳାମିଶା ଭାବ ସୃଷ୍ଟି ହୋଇ ଏକ ଶାନ୍ତିପୂର୍ଣ୍ଣ ଏବଂ ଗଠନମୂଳକ ପରିବେଶ ସୃଷ୍ଟି ହେବାରୁ ଆଞ୍ଚଳିକ ସଂଘର୍ଷମାନ ମଧ୍ୟ ଏବେ କ୍ରମେ କମିବାକୁ ଆରମ୍ଭ କରିଛି । ଇରାକ୍-ଇରାନ୍ ଯୁଦ୍ଧ, ଭିଏତ୍‌ନାମ୍-କାମ୍ପୁଚିଆ କ୍ଷେତ୍ର, ଆଫ୍ରିକାର ଆଙ୍ଗୋଲା-ନାମିବିଆ ଅଞ୍ଚଳ ପରି ଭାରତୀୟ ଉପମହାଦେଶରେ ଏବେ ଆଉଥରେ ଶାନ୍ତିର ଦୂତମାନେ ସେମାନଙ୍କ ପକ୍ଷ ବିସ୍ତାର କରିଅଛନ୍ତି ଏବଂ ମଳୟର ବାତାବରଣ ଆଉଥରେ ଖେଳି ବୁଲୁଛି ଏହି ଉପମହାଦେଶରେ । ତେଣୁ ଭାରତ ଓ ପାକିସ୍ଥାନର ସଂପର୍କ ଏଥର କ୍ରମେ ଉନ୍ନତ ହେବା ଆଶା କରାଯାଏ ।

ଏହି ପରିପ୍ରେକ୍ଷୀରେ ଡିସେମ୍ବର ୧୯୮୮ ଶେଷ ସପ୍ତାହରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ପାକିସ୍ଥାନ ଗସ୍ତ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ । ଗୋଟିଏ ମାସରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଚୀନ ଓ ପାକିସ୍ଥାନ ଗସ୍ତ ଭାରତ ନିମନ୍ତେ ଏକ ଅତ୍ୟନ୍ତ ଶୁଭସୂଚକ ୧୯୮୯ର ଆଗମନୀ ବାର୍ତ୍ତା ବହନ କରି ଆଣିଅଛି । ଭାରତ-ପାକିସ୍ଥାନ-ଚୀନ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭ୍ରାତୃଭାବ ଏକ ନୂତନ ଜୀବନର ସଂକେତ ଦିଏ, ଯାହାର କଳ୍ପନା କରିବା ଅଳ୍ପ କେତେମାସ ପୂର୍ବେ ଏକ ଦିବା ସ୍ୱପ୍ନ ହୋଇ ରହିଥିଲା ।

ପୃଥିବୀର କନିଷ୍ଠତମା ପ୍ରଧାନମନ୍ତ୍ରୀ ବେନଜୀର ଓ ଭାରତର ତରୁଣ ପ୍ରଧାନ ମନ୍ତ୍ରୀ ରାଜୀବଙ୍କ ଆଲୋଚନା ଅନେକ ନୂତନ ଆଶା ଓ ଦିଗନ୍ତର ସୂଚନା ଦିଏ । ଦୀର୍ଘ ୪୦ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଏବେ ପାକିସ୍ଥାନକୁ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ଯିବେ ଭାରତ-ପାକିସ୍ଥାନର ସଂପର୍କର ପର୍ଯ୍ୟାଲୋଚନା କରିବାକୁ ଏବଂ ସେଠାରେ ଅପେକ୍ଷାରତା ଆମର ବନ୍ଧୁ ବେନଜୀରଙ୍କ ପ୍ରତ୍ୟେକ ଅଙ୍ଗଭଙ୍ଗୀ ଓ ପଦକୁ ସମଗ୍ର ଉପମହାଦେଶ ଅପେକ୍ଷା କରି ରହିଅଛି । ରାଜନୈତିକ ବିଜ୍ଞାନୀମାନଙ୍କ ଧାରଣା ଯେ ସନ୍ଦେହର ଅବସାନହିଁ ଏବେ ସେମାନଙ୍କର ଏହି ମହାଦେଶକୁ ସବୁ ବଡ଼ ଦାନ ହୋଇ ପାରିବ ଏବଂ ଗଣତନ୍ତ୍ର ଦିବସର ଉପହାର ରୂପେ ପରିଗଣିତ ହେବ ।

---

ଅଧ୍ୟାପିକା,
ଶୈଳବାଳା ମହିଳା ମହାବିଦ୍ୟାଳୟ
କଟକ,



# ଆମ ସମ୍ବିଧାନ

ଶ୍ରୀ ନୃସିଂହ ପ୍ରସାଦ ଦେବ

ରାଷ୍ଟ୍ର ଶାସନ ପାଇଁ ଆବଶ୍ୟକୀୟ ଆଇନ୍‌କାନୁନ୍ ବା ବିଧାନର ସମ୍ମିଳିତ ରୂପକୁ ସମ୍ବିଧାନ କୁହାଯାଏ । ସମ୍ବିଧାନର ଧାରା ଓ ଉପଧାରା ଶାସନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇ ଥାଆନ୍ତି । ସମ୍ବିଧାନ ଅନ୍ତର୍ଗତ ସମସ୍ତ ଆଇନ ଜନସାଧାରଣଙ୍କ ଚଳଣୀକୁ ଆଧାର କରି ପ୍ରଣୀତ ହୋଇଥାଏ । ତେଣୁ, ସମ୍ବିଧାନ ଜୀବନଯାପନ ପ୍ରଣାଳୀର ଏକ ପ୍ରତୀକ ।

୧୯୩୪ ମସିହାରୁ ଦାବୀ ହୋଇ ଆସୁଥିବା ସମ୍ବିଧାନ ପ୍ରଣୟନ ସଭା ଇଂରେଜ ସରକାରଙ୍କ ଦ୍ୱାରା ୧୯୪୨ ମସିହାରୁ ଗ୍ରହଣ କରାଯାଇ ଥିଲେ ମଧ୍ୟ ତାହା ୧୯୪୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନଥିଲା । ୧୯୪୬ ଡିସେମ୍ବର ୯ ତାରିଖରେ ଏହି ସଭାର ପ୍ରଥମ ବୈଠକ ଅନୁଷ୍ଠିତ ହେଲା ଓ ଶ୍ରୀ ସଚ୍ଚିଦାନନ୍ଦ ସିହ୍ନା ଏହାର ଅସ୍ଥାୟୀ ସଭାପତି ହେଲେ । ୧୯୪୬ ଡିସେମ୍ବର ୧୧ ତାରିଖ ଦିନ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏହି ସଭାର ସ୍ଥାୟୀ ସଭାପତି ରୂପେ ନିର୍ବାଚିତ ହୋଇ କାର୍ଯ୍ୟ ପରିଚାଳନା କଲେ । ସମ୍ବିଧାନ ପ୍ରସ୍ତୁତି କମିଟିର ସଭାପତି ଡକ୍ଟର ବି.ଆର୍.ଆମ୍ବେଦକର ଓ ପରାମର୍ଶଦାତା ଶ୍ରୀ ବି.ଏନ୍.ରାଓ ଓ ଅନ୍ୟାନ୍ୟ ସଭ୍ୟମାନେ ସମ୍ବିଧାନ ପ୍ରସ୍ତୁତି ଶେଷ କଲେ ଏବଂ ତାହା ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଗୃହୀତ ହେଲା । ଭାରତୀୟ ଜାତୀୟ କଂଗ୍ରେସର ୧୯୩୦ ମସିହା ଲାହୋର ଅଧିବେଶନର ଐତିହାସିକ ନିଷ୍ପତ୍ତି ଅନୁସାରେ ଜାନୁଆରୀ ୨୬ ତାରିଖକୁ ଭାରତୀୟ ସ୍ୱାଧୀନତା ଦିବସ ରୂପେ ଗ୍ରହଣ କରାଯାଇ ଥିବାରୁ ଏହି ସମ୍ବିଧାନକୁ ନଭେମ୍ବର ୨୬ ତାରିଖରେ କାର୍ଯ୍ୟକାରୀ କରା ନଯାଇ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ କରାଗଲା । ସେହି ଦିନଠାରୁ ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେଲା । ଇଂଲଣ୍ଡର ରାଜାଙ୍କ ସହିତ ଭାରତର ସମସ୍ତ ସଂପର୍କ ଛିନ୍ନ ହୋଇଗଲା । ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ରାଷ୍ଟ୍ରପତି ଆମର ରାଷ୍ଟ୍ରମୁଖ୍ୟ ହେଲେ ଏବଂ ନୂତନ ସମ୍ବିଧାନ ଅନୁସାରେ ଆମ ଦେଶର ଶାସନ କାର୍ଯ୍ୟ ପରିଚାଳିତ ହେଲା ।

ସମ୍ବିଧାନ ସଂପର୍କରେ ଏକ ଦୃଢ଼କାୟ ବିସ୍ତୃତ ଆଲୋଚନା କଲାବେଳେ ଆମେ ଭାରତର ଜନସାଧାରଣ ଆମ ପବିତ୍ର ସମ୍ବିଧାନର ମୋଟାମୋଟି ରୂପରେଖ, ବିଶେଷତ୍ୱ, ଆମର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଓ ସମ୍ବିଧାନରେ ଲିପିବଦ୍ଧ ଆମର ମୌଳିକ କର୍ତ୍ତବ୍ୟ ବିଷୟରେ ସମ୍ୟକ ଭାବେ ଅବଗତ ହେବାକୁ ପଡ଼ିବ । ଆମ ସମ୍ବିଧାନର ପ୍ରସ୍ତାବନା ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଅଛି । ତାହା ହେଲା—

''ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ; ଆମମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଅଛୁ ।''

ଆମ ରାଷ୍ଟ୍ରର ସମ୍ବିଧାନ ପ୍ରଣେତାଗଣ ଦୂରଦୃଷ୍ଟି ସଂପନ୍ନ ହୋଇଥିବାରୁ ବିଶ୍ୱର ବହୁ ରାଷ୍ଟ୍ରର ଶାସନ ପ୍ରଣାଳୀ ଅନୁଧ୍ୟାନ କଲାପରେ ଏହିସବୁ ରାଷ୍ଟ୍ରର ସର୍ବୋତ୍କୃଷ୍ଟ ଶାସନ ନୀତିଗୁଡ଼ିକୁ ସଂକଳନ କରି ଆମର ଜନଜୀବନ ଓ ପାଣିପବନକୁ ଖାପ ଖୁଆଇ ଭାରତର ସମ୍ବିଧାନ ପ୍ରଣୟନ କରିଛନ୍ତି । ଆମ ସମ୍ବିଧାନର ଅନେକଗୁଡ଼ିଏ ବିଶେଷତ୍ୱ ରହିଛି । ସେଗୁଡ଼ିକ ହେଲା—

**ଭାରତର ସମ୍ବିଧାନ ଏକ ବିଶାଳକାୟ ସମ୍ବିଧାନ:**

ଭାରତ ଏକ ବିଶାଳ ଦେଶ । ଏଠାରେ ବିଭିନ୍ନ ଧର୍ମାବଲମ୍ବୀ, ବିଭିନ୍ନ ଭାଷାଭାଷୀ, ବିଭିନ୍ନ ଜାତି, ବିଭିନ୍ନ ସଂପ୍ରଦାୟ ଓ ବିଭିନ୍ନ ଚଳଣୀର ଲୋକ ବସବାସ କରନ୍ତି । ଭାରତର ସମ୍ବିଧାନ ଏକ ଧର୍ମନିରପେକ୍ଷ ସମ୍ବିଧାନ ହୋଇଥିବାରୁ ପ୍ରତ୍ୟେକ ଧର୍ମର ଆଦର୍ଶକୁ ଉପଯୁକ୍ତ ସମ୍ମାନ ଦିଆଯାଇଛି । ସମ୍ବିଧାନର ଧାରା ଓ ଉପଧାରାଗୁଡ଼ିକୁ ଏପରି ଭାବରେ ବ୍ୟାଖ୍ୟା କରାଯାଇଛି ଯେ କୌଣସି ବ୍ୟକ୍ତି ବିଶେଷର ଧର୍ମ ଓ ନୀତି ସମ୍ମତ ଆଚରଣ ବାଧାପ୍ରାପ୍ତ ହେବ ନାହିଁ । ପ୍ରତ୍ୟେକ ଭାରତୀୟର ସ୍ୱଚ୍ଛନ୍ଦ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନଯାପନ ପାଇଁ ଆବଶ୍ୟକ ସୁବିଧା ସୁଯୋଗଗୁଡ଼ିକ ଏହି ସମ୍ବିଧାନରେ ଚିହ୍ନିନିଖୁଣ ଭାବେ ସନ୍ନିବେଶିତ ହୋଇଛି । ଆମ ଦେଶରେ ଗଣତନ୍ତ୍ର ଶାସନର ପରମ୍ପରା ନଥିବାରୁ ଭବିଷ୍ୟତରେ ଶାସନ

ସଂକଟରୁ ଯେପରି ଦେଶକୁ ରକ୍ଷା କରାଯାଇପାରିବ, ତାହା ଆମର ସମ୍ବିଧାନରେ ସବିସ୍ତୃତ ଆଲୋଚନା କରାଯାଇଛି ।

**ଆମ ସମ୍ବିଧାନ ଗୋଟିଏ ଲିଖିତ ସମ୍ବିଧାନ:**

ଆମର ସମ୍ବିଧାନ ପୃଥିବୀର ସର୍ବବୃହତ ଲିଖିତ ସମ୍ବିଧାନ । ଏଥିରେ ଥିବା ସମସ୍ତ ଆଇନ୍, ଧାରା ଓ ଉପଧାରା ନିର୍ଦ୍ଦିଷ୍ଟ ଏବଂ ସୁସ୍ପଷ୍ଟ । ଲିଖିତ ସମ୍ବିଧାନ ନାଗରିକମାନଙ୍କର ଅଧିକାର ଓ ସ୍ୱାଧୀନତାକୁ ସୁଦୃଢ଼ୀଭୂତ କରେ ଓ ଶାସନ କ୍ଷେତ୍ରରେ ସ୍ଥିରତା ଆଣେ ।

**ଆମ ଦେଶ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଦେଶ:**

ଆମର ସମ୍ବିଧାନ ଗଣତନ୍ତ୍ର ଉପରେ ଆଧାରିତ । ଭାରତର ଜନସାଧାରଣଙ୍କୁ ଏହି ସମ୍ବିଧାନ ଦେଶ ଶାସନରେ ସବୁ କ୍ଷମତା ଦେଇଛି । ପ୍ରତ୍ୟେକ ସାବାଳକ ପୁରୁଷ ଓ ନାରୀ ଭୋଟ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟରେ ପ୍ରତିନିଧି ନିର୍ବାଚନ କରନ୍ତି । ଜନସାଧାରଣଙ୍କ ରାୟକୁ ସରକାର ମାନି ଚଳନ୍ତି । ନିର୍ବାଚିତ ରାଷ୍ଟ୍ରମୁଖ୍ୟ ସମ୍ବିଧାନ ବହିର୍ଭୂତ କାର୍ଯ୍ୟ କଲେ ବହିଷ୍କୃତ ହେବାର ବ୍ୟବସ୍ଥା ମଧ୍ୟ ଆମ ସମ୍ବିଧାନରେ ରହିଛି ।

**ସଂସଦୀୟ ଶାସନ ବ୍ୟବସ୍ଥା:**

ଭାରତରେ କେନ୍ଦ୍ର ଓ ରାଜ୍ୟ ଶାସନରେ ରାଷ୍ଟ୍ରପତି ଓ ରାଜ୍ୟପାଳ ମୁଖ୍ୟ ହେଲେ ମଧ୍ୟ ମନ୍ତ୍ରୀ ପରିଷଦ ଉପରେ ଶାସନ ନ୍ୟସ୍ତ ଥାଏ । ରାଷ୍ଟ୍ରପତି ଓ ରାଜ୍ୟପାଳ ସାମ୍ବିଧାନିକ ମୁଖ୍ୟ ରୂପେ ସ୍ୱୀକୃତ । ପ୍ରକୃତ ଶାସନ କ୍ଷମତା ମନ୍ତ୍ରୀ ପରିଷଦ ଓ ପାର୍ଲିଆମେଣ୍ଟ କିମ୍ବା ରାଜ୍ୟ ବିଧାନ ସଭା ଉପରେ ନ୍ୟସ୍ତ ରହିଛି । ବ୍ୟବସ୍ଥାପକ ସଭା ଓ କାର୍ଯ୍ୟପାଳିକା ମିଳିତ ଭାବେ ଶାସନ ପରିଚାଳନା କରନ୍ତି । ମନ୍ତ୍ରୀ ପରିଷଦ ସମୂହ ଭାବେ ଓ ସଦସ୍ୟ ମନ୍ତ୍ରୀମାନେ ବ୍ୟକ୍ତିଗତ ଭାବେ ବ୍ୟବସ୍ଥାପକମାନଙ୍କ ନିକଟରେ ଦାୟୀ ରହନ୍ତି । ଅନାସ୍ଥା ପ୍ରସ୍ତାବ ଦ୍ୱାରା ମନ୍ତ୍ରୀ ପରିଷଦକୁ ମଧ୍ୟ ଭାଙ୍ଗି ଦିଆଯାଇ ପାରେ । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ପରିଷଦର ନେତୃତ୍ୱ ନେଇ ଥାଆନ୍ତି ।

**ସଂଘୀୟ ଶାସନର ନିୟମ:**

ଆମ ସମ୍ବିଧାନ ଅନୁସାରେ ଭାରତରେ ସଂଘୀୟ ଶାସନର ସମସ୍ତ ନିୟମକୁ ରକ୍ଷା କରାଯାଇଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବିଧାନ ଅନୁଯାୟୀ କ୍ଷମତା ବଣ୍ଟନ ହୋଇଛି । କ୍ଷମତା ବଣ୍ଟନ ଓ ପ୍ରୟୋଗ ସମ୍ବନ୍ଧୀୟ ସମସ୍ତ ମତଭେଦକୁ ନିଷ୍ପତ୍ତି କରିବା ବ୍ୟବସ୍ଥା ସମ୍ବିଧାନରେ ରହିଛି ଏବଂ ସେଥିପାଇଁ ଆମର ଏକ ସୁସଂହତ ସ୍ୱାଧୀନ ନ୍ୟାୟ ବିଭାଗ ମଧ୍ୟ ରହିଛି । ଭାରତରେ ସଂଘୀୟ ଶାସନର ବହୁ ଲକ୍ଷଣ ଥିଲେ ମଧ୍ୟ ସମ୍ବିଧାନରେ ସଂଘୀୟ ଶାସନର କୌଣସି ଉଲ୍ଲେଖ ନାହିଁ । ଭାରତକୁ ଏକ ସଂଘୀୟ ଶାସନ ନକହି ସଂଘୀୟ ଓ ଏକକ ଶାସନର ଏକ ମିଶ୍ରିତ ରୂପ ବୋଲି କୁହାଯାଏ ।

**ମୌଳିକ ଅଧିକାର ପ୍ରଦାନ:**

ଆମ ସମ୍ବିଧାନ ଆମକୁ ସାତଗୋଟି ମୌଳିକ ଅଧିକାର ପ୍ରଦାନ କରିଛି । ସେଗୁଡ଼ିକ ହେଲା– ସାମ୍ୟର ଅଧିକାର, ସ୍ୱାଧୀନତାର ଅଧିକାର, ସଂପତ୍ତିର ଅଧିକାର, ଧର୍ମ ବିଶ୍ୱାସର ସ୍ୱାଧୀନତା ପାଇଁ ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଓ ସାମ୍ବିଧାନିକ ପ୍ରତିକାର ପାଇବାର ଅଧିକାର ।

**ଆମର ମୌଳିକ କର୍ତ୍ତବ୍ୟ:**

ଆମ ସମ୍ବିଧାନରେ ଆମର ଦଶଗୋଟି ମୌଳିକ କର୍ତ୍ତବ୍ୟ ଲିପିବଦ୍ଧ ହୋଇଛି । ଏଗୁଡ଼ିକ ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ବଳରେ ୧୯୭୬ ଡିସେମ୍ବର ୧୮ ତାରିଖରୁ ସାମ୍ବିଧାନିକ ଆଇନ୍ ରୂପେ ପରିଗଣିତ । ଏହି ଦଶଗୋଟି ମୌଳିକ କର୍ତ୍ତବ୍ୟ ହେଉଛି–

* ସମ୍ବିଧାନକୁ ମାନିବା, ପାଳନ କରିବା ଏବଂ ସମ୍ବିଧାନର ଭାବନା ତଥା ଉଦ୍ଦେଶ୍ୟ ଥିବା ବ୍ୟବସ୍ଥାଗୁଡ଼ିକୁ ପାଳନ କରିବା ସଙ୍ଗେସଙ୍ଗେ ଜାତୀୟ ପତାକା ଏବଂ ଜାତୀୟ ସଂଗୀତକୁ ସମ୍ମାନ ପ୍ରଦର୍ଶନ କରିବା ।
* ସ୍ୱାଧୀନତା ପାଇଁ ଆମର ଜାତୀୟ ଆନ୍ଦୋଳନକୁ ପ୍ରେରଣା ଯୋଗାଇଥିବା ମହତ୍ ଆଦର୍ଶଗୁଡ଼ିକୁ ବଞ୍ଚେଇ ରଖିବା ସଙ୍ଗେସଙ୍ଗେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ।
* ଭାରତର ସଂହତି, ଏକତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ।
* ଦେଶକୁ ଶତ୍ରୁ ହାତରୁ ରକ୍ଷା କରିବା ଏବଂ ଦେଶର ସେବା କରିବା ।
* ଧର୍ମ, ଭାଷା, ଆଞ୍ଚଳିକତା କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ପାଶୋରି ଦେଇ ଭାରତର ଲୋକମାନଙ୍କ ମଧ୍ୟରେ ଅଭିନ୍ନ ଭାତୃଭାବ ତଥା ସଦ୍‌ଭାବର ବିକାଶ ଲାଗି ଉଦ୍ୟମ କରିବା ଏବଂ ମହିଳାମାନଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ହେଲା ଭଳି ଆଚରଣ ପରିହାର କରିବା ।
* ଆମ ମିଶ୍ରିତ ସଂସ୍କୃତିର ଗୌରବମୟ ପରମ୍ପରାକୁ ରକ୍ଷା କରିବା ଓ ମୂଲ୍ୟ ଦେବା ।
* ଜୀବଜନ୍ତୁଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ ବନ୍ୟଜନ୍ତୁ, ନଦୀ, ହ୍ରଦ ଓ ଜଙ୍ଗଲ ସମେତ ପ୍ରାକୃତିକ ବାତାବରଣକୁ ରକ୍ଷା କରିବା ଓ ତା'ର ବିକାଶ ଦିଗରେ ଉଦ୍ୟମ କରିବା ।
* ମାନବିକତା, ସଂସ୍କାର, ସବୁକଥା ଜାଣିବା ପାଇଁ ଜିଜ୍ଞାସୁ ମନୋଭାବ ଓ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଦିଗରେ ମନ ବଳାଇବା ।
* ସରକାରୀ ସମ୍ପତ୍ତି ସୁରକ୍ଷା କରିବା ଓ ହିଂସାଭାବ ପରିହାର କରିବା ।
* ଦେଶ ଯେପରି ଅଧିକ ଉନ୍ନତର ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହୋଇ ପାରିବ, ସେଥିପାଇଁ ସମସ୍ତ ବ୍ୟକ୍ତିଗତ ଓ ସମୂହ କାର୍ଯ୍ୟକଳାପ କ୍ଷେତ୍ରରେ ଚରମ ସାର୍ଥକତା ଲାଗି କଠିନ ପରିଶ୍ରମ କରିବା ।

**ନିର୍ଦ୍ଦେଶମୂଳକ ନୀତି:**

ଆମ ସମ୍ବିଧାନର ଚତୁର୍ଥ ପରିଚ୍ଛେଦରେ ରାଷ୍ଟ୍ର ନିର୍ଦ୍ଦେଶ ନୀତିର ଉଲ୍ଲେଖ ରହିଛି । ଦେଶର ଜନସାଧାରଣଙ୍କ ହିତ ପାଇଁ ଓ ଦେଶ ଶାସନର ସୁବିଧା ପାଇଁ ରାଷ୍ଟ୍ରକୁ କେତେକ ନିର୍ଦ୍ଦେଶ ଦିଆଯାଇଛି । ଏହି ନୀତିଗୁଡ଼ିକୁ ପୂରଣ କରିବାକୁ ସରକାର ବାଧ୍ୟ ନୁହନ୍ତି କିମ୍ବା ଏହାର ଖିଲାପ କରାଗଲେ ଅଦାଲତର ଆଶ୍ରୟ ନେଇ କେହି ସରକାରଙ୍କୁ କୌଣସି ପ୍ରକାରେ ବାଧ୍ୟ କରି ପାରିବେ ନାହିଁ । ଏହି କାରଣରୁ ମୌଳିକ ଅଧିକାର ଓ ନିର୍ଦ୍ଦେଶମୂଳକ ନୀତି ମଧ୍ୟରେ ପ୍ରଭେଦ ରହିଛି । ଏହା ନାଗରିକମାନଙ୍କର ଅର୍ଥନୈତିକ ଅଧିକାର, କର୍ମ ସଂସ୍ଥାନର ଅଧିକାର, ସମାନ କାର୍ଯ୍ୟ ପାଇଁ ସମାନ ଦରମା ପାଇବାର ଅଧିକାର, ବେକାର, ବାର୍ଦ୍ଧକ୍ୟ, ଅଙ୍ଗହାନି ଓ ପୀଡ଼ିତ ଅବସ୍ଥାରେ ସରକାରୀ ସାହାଯ୍ୟ ପାଇବା ଅଧିକାର, ଧନର ନିରପେକ୍ଷ ବିତରଣ, ଅବୈତନିକ ପ୍ରାଥମିକ ଶିକ୍ଷା ଦାନ ଇତ୍ୟାଦି । ଏସବୁର ପ୍ରଚଳନ ପାଇଁ ସରକାର ଉଦ୍ୟମ କରିବେ ବୋଲି ସମ୍ବିଧାନରେ ନିର୍ଦ୍ଦେଶମୂଳକ ନୀତିର ବ୍ୟବସ୍ଥା ରହିଛି ।

**ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର:**

ଆମ ସମ୍ବିଧାନର ପ୍ରସ୍ତାବନାରେ 'ଧର୍ମ ନିରପେକ୍ଷ' ଶବ୍ଦ ସ୍ଥାନ ପାଇଛି । ଭାରତରେ ନାନା ଧର୍ମର ଲୋକ ରହିଥିଲେ ହେଁ କୌଣସି ଧର୍ମକୁ ଭାରତର ଜାତୀୟ ଧର୍ମ ଭାବରେ ଗ୍ରହଣ କରାଯାଇ ନାହିଁ । ଭାରତୀୟ ନାଗରିକମାନଙ୍କୁ ସେମାନଙ୍କର ଧର୍ମଗତ ଅଧିକାର ଦିଆଯାଇଛି ଏବଂ ଏହାକୁ ଜାରି ରଖିବାକୁ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ରହିଛି । ଆମ ସମ୍ବିଧାନର ଧର୍ମ ନିରପେକ୍ଷତା ଆମର ଜାତୀୟ ଏକତା ରକ୍ଷା କରିବା ସଙ୍ଗେସଙ୍ଗେ ଭାରତର ଉଦାରତା ମଧ୍ୟ ପ୍ରକାଶ କରୁଛି ।

**ସ୍ୱତନ୍ତ୍ର ନ୍ୟାୟପାଳିକା:**


ନ୍ୟାୟପାଳିକା ସଂସ୍ଥାକୁ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପକ ସଭାଠାରୁ ପୃଥକ କରି ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଏହା ଫଳରେ ଆମେ ନିରପେକ୍ଷ ନ୍ୟାୟ ପାଇବାକୁ ସକ୍ଷମ ହୋଇଛୁ ।

**ଆମ ସମ୍ବିଧାନ ପରିବର୍ତ୍ତନଶୀଳ:**

ଆମର ସମ୍ବିଧାନ ପରିବର୍ତ୍ତନ କରିବା ପାଇଁ ଯେଉଁ ପ୍ରଣାଳୀ ରହିଛି, ସେଥିରେ ସରଳ ଓ ଜଟିଳର ମିଶ୍ରଣ ହୋଇଥିବାରୁ ଆମର ସମ୍ବିଧାନ ଆଂଶିକ ନମନୀୟ ଓ ଆଂଶିକ ଦୁର୍ନମନୀୟ ହୋଇଛି । ଏଥିଯୋଗୁଁ ସମ୍ବିଧାନ ର ସ୍ଥାୟିତ୍ୱ ଓ ଦୃଢ଼ତା ରହିଛି ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବିଧାନ ସ୍ୱଚ୍ଛନ୍ଦ ରୂପେ କାର୍ଯ୍ୟ ସମ୍ପାଦନ କରିଆସୁଛି ।

ଆମର ପ୍ରିୟ ଜନ୍ମଭୂମି ଭାରତ ହେଉଛି ଏକ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ ସାଧାରଣତନ୍ତ୍ର । ଆମ ସମ୍ବିଧାନ ଆମ ସମସ୍ତଙ୍କ ପାଇଁ ପ୍ରଦାନ କରିଛି ଧର୍ମ ବିଶ୍ୱାସର ସ୍ୱାଧୀନତା ନିମନ୍ତେ ଅଧିକାର ଏବଂ ସାମ୍ୟର ଅଧିକାର । ଆମେ ଏଭଳି ବିଶାଳ ଦେଶର ନାଗରିକ । ଆମର ପବିତ୍ର କର୍ତ୍ତବ୍ୟ ହେଉଛି ଭାରତରେ ସଂହତି, ସଂସ୍କୃତି, ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା, ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବା; ଧର୍ମ, ଭାଷା, ଆଞ୍ଚଳିକତା କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ପାଶୋରି ଦେଇ ଭାରତର ଲୋକମାନଙ୍କ ମଧ୍ୟରେ ଅଭିନ୍ନ ଭାତୃଭାବର ବିକାଶ ଲାଗି ଆଜୀବନ ଉଦ୍ୟମ କରିବା । ବିବିଧତା ମଧ୍ୟରେ ଐକ୍ୟ ହେଉଛି ଭାରତର ବୈଶିଷ୍ଟ୍ୟ । ଭାରତ ଗୋଟିଏ ଦେଶ ଏବଂ ଆମେ ସମସ୍ତେ ଗୋଟିଏ ଜାତି 'ଭାରତୀୟ' ରୂପେ ସାରା ବିଶ୍ୱରେ ପରିଚିତ ।

ବରିଷ୍ଠ ଅନୁବାଦ ସହାୟକ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।



ପୁରୀ ସିଂହଦ୍ୱାର ସମ୍ମୁଖରେ ରାଷ୍ଟ୍ରପତି

# ଗୋପବନ୍ଧୁ ଓ ନୀଳକଣ୍ଠ

ଶ୍ରୀ ରାଧାମୋହନ ଗଡ଼ନାୟ

ବୈତରଣୀ–ବନ୍ୟାରେ ଫୁଲିଅଛି ନାଥା,
ତରଙ୍ଗର ଉଲ୍ଲାସରେ କାଟି କାଟି ରାହା,
କେତୋଟି ମୃତକ ବସ୍ତା,
କେତେ ଗାଣ୍ଡି ଲୁଗାପଟା,
ଚୂଡ଼ା ମୁଢ଼ି
ଖାଦ୍ୟ ପେୟ
ଆଉ କ'ଣ ଅନାବନା କିଛି
ତା ଭିତରେ ବୋହାଇ ହୋଇଛି ।
ସେ ନାଥାରେ
କେତେ ଜଣ ସ୍ୱେଚ୍ଛାସେବୀ ଘେନି,
ଆର ପାରି ଗ୍ରାମାଞ୍ଚଳେ
ଯାଉଥିଲେ
ଗୋପବନ୍ଧୁ
ନୀଳକଣ୍ଠ
ଜନନେତା ବେନି ।
ବନ୍ୟାକ୍ଲିଷ୍ଟ ଲୋକଙ୍କର ଦୁଃଖବ୍ୟଥା
ଦୁରବସ୍ଥା
ନାନାମତେ କଥା ହେଉଥିଲେ,
ମେଘାଖରା ଉପରକୁ ବୁଦକାଳି
ବେଳେ ବେଳେ ଦେଖି ନେଉଥିଲେ ।
ବୁଢ଼ିନ ବୋଲିଲା ତେବେ –
"ନାଉରିଆ ଭାଇ,
ଡଙ୍କର ଡଙ୍କର ଟିକେ ହାତ ଗୁଳ
ଏ ପାଣିକୁ ବିଶ୍ୱାସ ତ ନାହିଁ ।
ଖରା ତ ହେଉଛି ଖର,
ଆସିଯିବ ନିଶ୍ଚିତ ବରଷା,
ଯଥା ସମୟରେ ଯାଇ
ପହଞ୍ଚିବା କଅଣ ଭରସା ?"
ଲୋଚିନ କହିଲା ପୁଣି –
"ନାଉରିଆ ଭାଇ,
ମନ ଦିଅ ନାଆ ଯେବେ,
ମିଳିଯିବ ଆର ତୀରେ ଯାଇ ।"
"ଦୁଇ ଜଣ ନାଉରିଆ
ଭାଇଟିଏ ତ ଆମେ,
ଦେଖୁ ନାହିଁ ତୁମ ଭଳି
ଆମେ କ'ଣ ବସିଛୁ ଆରାମେ ?"
"କଅଣ ଲାଗିଛି କିଏ ?"
ଗୋପବନ୍ଧୁ ଉଠି ପଡ଼ି ନଜର କରିଲେ,
ପାଣିଆ ଜଳ ତ ଆଉ
ନାହିଁ କଳସରେ ।"

ପ୍ରବାହର ସଲିଳରେ ଡାଳ ଟିକି ଭରି
ହସ୍ତେ ଧରି
ପିଇବାକୁ ତୋଳୁଥିଲେ ମୁଖେ
ନୀଳକଣ୍ଠ ଉଚ୍ଚାରିଲେ
ଅତିହିଁ ଉତ୍ସୁକେ–
"ପିଅନ୍ତୁନି, ପିଅନ୍ତୁନି କରୁଛନ୍ତି କ'ଣ ?
ଏ ଜଳ ତ ବିଷଠାରୁ ଅଧିକ ଭୀଷଣ,
ସହଜରେ ଏ ଜଳ ତ ମାଟିଆ, ଗୋଳିଆ
ଦିଶୁଅଛି କଅଣ ଭଳିଆ,
ଦେଖନ୍ତୁ ଶୁଖିଲା ପତ୍ର, କାଠି, କୁଟାମାନ,
ଏ ସ୍ରୋତରେ ଭାସମାନ
କେତେ ପରିମାଣ,
ଜୀବଜନ୍ତୁମାନଙ୍କର
ପଚି ସଢ଼ା ଶବ ପୁଣି
କାହିଁ କାହୁଁ ଆସି,
ଆମ ଆଖି ସାମନାରେ ଯାଉଅଛି ଭାସି
ମାଳ ମାଳ,
ଅଦୂରେ ଦେଖନ୍ତୁ ହେଉ ମହିଷ ମୁର୍ଦାର ।
ପିଇବାର ଲୁଚିହେଁ ଜମା, ଅପେୟ ଏ ବାରି,
ପିଅନ୍ତୁନି, ପିଅନ୍ତୁନି,
ତୃଷା ଅବା ତୃଷା ଟିକେ
କିଛିକ୍ଷଣ ନିଅନ୍ତୁ ସମାଳି ।"
ଗୋପବନ୍ଧୁ ଭଣାଇଲେ–
"ସର୍ବହରା ଲୋକଙ୍କର ପାଇଁ
ନୀଳକଣ୍ଠ,
ସେବା କାର୍ଯ୍ୟ ଆମେ କରୁଥାଇଁ ।
ଦେଖୁ ନାହିଁ,
ଦିନ ନାହିଁ ଅବା ରାତି ନାହିଁ ।
ଆମର ପ୍ରକୃତି ମାଆ
ନିଶ୍ଚିତ ହୋଇବେ ସାହା,
ଅନ୍ତରେ ଅନ୍ତରେ ତାହା
ଦେଖୁଅଛି ମୁଁ ତ,
ବିଷକୁ ସେ କରିବେ ଅମୃତ ।"
କହିଁ କହୁ କ୍ଷିପ୍ର ଗୁଳି କର
ପିଇଦେଲେ ଡାଳର ସେ ଜଳ ।
ନୀଳକଣ୍ଠ ଦେଖୁଥିଲେ
କଣ୍ଠ ସ୍ୱର ଟେକି ଭଣାଇଲେ
ଅବିଳମ୍ବ–
"ସୀମାରେ ମୁଁ କହୁଥିଲି
ଅଗାମ ଆପଣ,
ବୁଝୁଅଛି କଅଣ ତପାତ୍ ।"

ବାଣୀବିହାର, ଅନୁଗୁଳ, ଢେଙ୍କାନାଳ ।

# ଗାନ୍ଧିଜୀ ଓ ଶୃଙ୍ଖଳା

ଶ୍ରୀ ବୈକୁଣ୍ଠନାଥ ମହାନ୍ତି (ବଇଭାଇ)

ଯେଉଁ ମହାପୁରୁଷଙ୍କ ନାମ ସ୍ମରଣରେ ବିଶ୍ୱର କୋଟିକୋଟି ମଥା ତଳକୁ ନଇଁ ଯାଏ ଯିଏ ଜାତିର ଜନକ, ଭାରତର ଭାଗ୍ୟ ନିୟନ୍ତା, ସତ୍ୟ, ଅହିଂସାର ଏକନିଷ୍ଠ ପୂଜକ ସେହି ଯୁଗମାନବ ଗାନ୍ଧିଜୀଙ୍କ ଚରଣ ତଳେ ଶତ ସହସ୍ର ପ୍ରଣତୀ ଜଣାଇ ଏ ଲେଖାଟି ଲେଖୁଛି । ଏ ମୋର ଏକାନ୍ତ ବ୍ୟକ୍ତିଗତ ଅନୁଭୂତି । ଶୃଙ୍ଖଳା ଓ ସଂଯମ ଯୋଗେ ଯେ ଗାନ୍ଧିଜୀ ମହାତ୍ମା ହୋଇ ପାରିଛନ୍ତି ଏ ତା'ର ଏକ ଛୋଟ ନମୁନା ।

୧୯୩୮ ମସିହା ଏପ୍ରିଲ୍ । ଡେଲାଙ୍ଗ ସମ୍ମିଳନୀ ପାଖେଇ ଆସିଲା । ଆମେ ବାଲିକୁଦାରୁ ଗୋଟିଏ ପଦଯାତ୍ରୀ ଦଳ ହରେକୃଷ୍ଣ ବିଶ୍ୱାଳଙ୍କ ନେତୃତ୍ୱରେ ଭିନ୍ନଭିନ୍ନ ଗ୍ରାମରେ ଗାନ୍ଧିଜୀଙ୍କର ବାର୍ତ୍ତା ପ୍ରଚାର କରି ଚାଲିଥାଉ । ନିର୍ଦ୍ଦିଷ୍ଟ ସମୟରେ ଡେଲାଙ୍ଗରେ ହାଜର ହେଲୁ । ଡେଲାଙ୍ଗ ଷ୍ଟେସନ୍‌କୁ ଲାଗି ବେରବୋଇ ଗ୍ରାମ । ସମ୍ମିଳନୀର ସ୍ଥାନ ସେଇଠି । ଭାରତର ବିଭିନ୍ନ ରାଜ୍ୟରୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଓ କର୍ମୀ ସେଠାରେ ସମବେତ ହେଉଥାନ୍ତି । ଆମ ଘରର ଓଡ଼ିଆ ବୋହୂ ଓ ଝିଅମାନେ ଦିନରାତି ଲାଗି ଓଡ଼ିଆ ଘରର ବିଭିନ୍ନ ପିଠାପଣା ରାନ୍ଧଣା ରାନ୍ଧି ପରିବେଷଣ କରୁଥାନ୍ତି । ବହିରାଗତ ଅତିଥିମାନେ ଆମ ଝିଅ ବୋହୂମାନଙ୍କ ହାତ ପରଷା ରନ୍ଧା ଖାଇ ବିଶେଷ ପରିତୋଷ ଲାଭ କରୁଥାନ୍ତି । ନିଜେ ଗୋପବାବୁ ଗେଞ୍ଜି ଖୋଲା ଦେହରେ ମୁଣ୍ଡରେ ଓଦା ଗାମୁଛା ପକାଇ ଦେଇ ସମସ୍ତ ତଦାରଖ କରୁଥାନ୍ତି । ଅଦ୍ଭୁତ ସଂଗଠନ ଶକ୍ତି ତାଙ୍କର । ଟିକିଏ ଗଲ୍‌ତି ହେବାର ଯୁ ନାହିଁ ।

ସମ୍ମିଳନୀକୁ ଲାଗି ହସ୍ତ ଶିଳ୍ପ ପ୍ରଦର୍ଶନୀ ଖୋଲା ଯାଇଥାଏ । ଅତି ଆକର୍ଷଣୀୟ ଓ ଅତି ଶିକ୍ଷଣୀୟ ହୋଇଥାଏ । ଗ୍ରାମାଞ୍ଚଳର ତଥା ପୁରୀ କଟକର ଆଖ ପାଖରୁ ବହୁ ଲୋକ ଆସି ପ୍ରଦର୍ଶନୀ ଦେଖି ନେତାମାନଙ୍କ ଭାଷଣ ଶୁଣି ମୁଗ୍ଧ ହେଉଥାନ୍ତି । ପ୍ରତି ଦିନ ସନ୍ଧ୍ୟାରେ ଗାନ୍ଧିଜୀଙ୍କର ପ୍ରାର୍ଥନା ସଭା ହେଉଥିଲା ।

ଷ୍ଟେସନ୍‌ରେ ମୋର ଡ୍ୟୁଟି ଥାଏ । ମୋ ଅଧିନରେ ପ୍ରାୟ ୧୦/୧୨ ଜଣ ସ୍ୱେଚ୍ଛାସେବକ ଥାଆନ୍ତି । ବାହାରୁ କେହି ଆସିଲେ ତାଙ୍କୁ ଶିବିରରେ ପହଞ୍ଚାଇ ଦେବା ଏବଂ କେହି ଗଲେ ତାଙ୍କ ଯିବାର ସୁବ୍ୟବସ୍ଥା କରିଦେବା ଥିଲା ଆମର କାମ । ସଦ୍ୟ ଭାରତ ଭ୍ରମଣରୁ ଫେରିଛି । ବିଭିନ୍ନ ପ୍ରଦେଶର ଭାଷା ଜାଣିଛି ବୋଲି ମୋତେ ଏ ଦାୟିତ୍ୱ ଗୋପବାବୁ ଦେଇଥିଲେ ।

ଦିନେ କସ୍ତୁରବା ଜଗନ୍ନାଥଙ୍କୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କରି ଡେଲାଙ୍ଗ ଷ୍ଟେସନ୍‌ରେ ପହଞ୍ଚିଲେ । ତାଙ୍କ ସହିତ ମହାଦେବ ଦେଶାଇଙ୍କ ସ୍ତ୍ରୀ, ରାଜେନ୍ଦ୍ର ପ୍ରସାଦଙ୍କ ଭଉଣୀ ଓ ଅନ୍ୟମାନେ ଥିଲେ । ମୁଁ ଭଲରୂପେ ହିନ୍ଦୀ ଜାଣିଥିବାରୁ ତାଙ୍କ ସହିତ ଯାଇ ପୁରୀର ସମସ୍ତ ଦର୍ଶନୀୟ ସ୍ଥାନ ଦେଖାଇ ଆଣିବାକୁ ସେ ମୋତେ ଅନୁରୋଧ କଲେ । ଗାନ୍ଧିଜୀଙ୍କ ସହଧର୍ମିଣୀ, ପୁଣି ଏ ଜାତିର ମାଆ, ତାଙ୍କ କଥା ଏଡ଼ି ପାରିଲିନି । ମୁଁ ମୋର କର୍ତ୍ତବ୍ୟ ଭୁଲିଲି । ଦଳର ନେତା ଯେଉଁ ଗୁରୁ ଦାୟିତ୍ୱ ଦେଇଥିଲେ, ତାକୁ ଏଡାଇ ଦେଇ ମା'ର ଆଦେଶକୁ ବଡ଼ ମନେ କରି ପୁରୀ ଚାଲିଲି । ପୁରୀରେ ପହଞ୍ଚି ଗୋଟିଗୋଟି କରି ସମସ୍ତ ଦର୍ଶନୀୟ ସ୍ଥାନ ଦେଖାଇଲି । ଜଗନ୍ନାଥଙ୍କ ଦର୍ଶନ ମଧ୍ୟ କସ୍ତୁରବା କଲେ । ହରିଜନମାନଙ୍କୁ ଜଗନ୍ନାଥ ମନ୍ଦିରରେ ପ୍ରବେଶର ଅଧିକାର ନ ମିଳିବା ପର୍ଯ୍ୟନ୍ତ ମୁଁ ମନ୍ଦିର ମଧ୍ୟକୁ ଯିବି ନାହିଁ ବୋଲି ଗାନ୍ଧିଜୀ ଯେଉଁ କଠୋର ଶପଥ ନେଇଥିଲେ, ସେହି ମହାପୁରୁଷଙ୍କ ସହଧର୍ମିଣୀ ଚକାଡୋଳାଙ୍କ ଚରଣ ତଳେ ଆତ୍ମନିବେଦନ କରି ସନ୍ଧ୍ୟାରେ ଫେରି ଆସିଲେ ।

ଗାନ୍ଧିଜୀ ଏ ବିଷୟରେ ଜାଣିଗଲେ । ତହିଁ ଆର ଦିନ ପ୍ରାର୍ଥନା ସଭାରେ ସେ ଏ କଥା ପ୍ରକାଶ କଲେ । ସ୍ତ୍ରୀର କୃତକର୍ମ ପାଇଁ ସ୍ୱାମୀ ହିସାବରେ ଅନଶନ କରିବେ ବୋଲି ସର୍ବସାଧାରଣରେ ଘୋଷଣା କଲେ । ଗାନ୍ଧିଜୀ ଗୋପବାବୁଙ୍କୁ କହିଲେ—''ଯେଉଁ ସ୍ୱେଚ୍ଛାସେବକ ଜଣକ କସ୍ତୁରବା ସହିତ ଯାଇଥିଲେ, ସେ କ'ଣ ଶିବିରର ଅଧିନାୟକଙ୍କ ଅନୁମତି ନେଇ ଯାଇଥିଲେ ? ହୁଏତ ସେ ଯାଇ ନ ଥିଲେ ଏମାନଙ୍କର ଏତେ ସ୍ଥାନ ବୁଲିବା ସମ୍ଭବପର ହୋଇ ନ ଥାନ୍ତା । ତେଣୁ ଆପଣ ଏ ବିଷୟରେ ଅନୁସନ୍ଧାନ କରନ୍ତୁ ଏବଂ ସ୍ୱେଚ୍ଛାସେବକଙ୍କ ଲାଗି ଯାହା ଉଚିତ ବିଚାର କରୁଛନ୍ତି, କରନ୍ତୁ'' ।


କି ଅଦ୍ଭୁତ ଶୃଙ୍ଖଳା ଜ୍ଞାନ । ସାମାନ୍ୟ କଥା ପ୍ରତି କି ତୀକ୍ଷ୍ଣ ଦୃଷ୍ଟି ! ମୋ ଉପରେ ଚଡ଼କ ପଡ଼ିଲା । ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ଯୋଗୁଁ ଗୋପବାବୁ ମୋତେ ତିରସ୍କାର କଲେ ଏବଂ ସନ୍ଧ୍ୟା ସୁଦ୍ଧା ଶିବିର ଛାଡ଼ି ଚାଲି ଯିବାକୁ ମୋତେ ନିର୍ଦ୍ଦେଶ ଦେଲେ । ମୁଁ ମୋର ଦୋଷ ସ୍ୱୀକାର କଲି । ଭବିଷ୍ୟତକୁ ଏପରି କରିବି ନାହିଁ ବୋଲି ପ୍ରତିଶ୍ରୁତି ଦେଲି । କିନ୍ତୁ ଗୋପବାବୁ ଅଟଳ ଓ ଅଚଳ । ଜଣେ ବିଶିଷ୍ଟ ଗାନ୍ଧିବାଦୀ ସୁବ୍ରବାବୁ ମୋ

ରହିବା ଲାଗି ଅନୁରୋଧ କଲେ । ହରେକୃଷ୍ଣ ବିଶ୍ୱାଳ ମୋ ଲାଗି ଗୋପବାବୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । କିନ୍ତୁ ଗୋପବାବୁ କୌଣସି କଥାକୁ କାନକୁ ନେଲେ ନାହିଁ । ଗୋଟିଏ ରାତି କୌଣସି ମତେ ରହି ସକାଳୁ ଲୁଗାପଟା ବାନ୍ଧି ଶିବିର ଛାଡ଼ି ପଦାକୁ ବାହାରିଲି । ମନରେ କୋହ, ଆଖିରେ ଲୁହ । ସମସ୍ତେ ରହିଲେ । ମୁଁ ଆଜି ଦଣ୍ଡିତ ହୋଇ ଏ ସ୍ଥାନ ଛାଡ଼ି ଚାଲି ଯାଉଛି । ଦେଖିଲି ଗୁରୁବାବୁ ଆସୁଛନ୍ତି । ମୁଁ ତାଙ୍କୁ ନମସ୍କାର କରି ବିଦାୟ ନେଲି । ସେ ମୋତେ ହାତ ଠାରି ଡାକିଲେ । ପାଖକୁ ଗଲି । କାନ୍ଧରେ ହାତ ପକାଇ କହିଲେ—"ଗୋପବାବୁ ତାଙ୍କ ମତ ପରିବର୍ତ୍ତନ କରିଛନ୍ତି । ତମେ ଏଣିକି ନେତାମାନଙ୍କର ଶିବିର ପରିଷ୍କାର ଓ ପରିଚ୍ଛନ୍ନ ରଖିବାର ଦାୟିତ୍ୱ ନେବ । ଆନନ୍ଦରେ ରାଜି ହୋଇଗଲି । ଗାନ୍ଧିଜୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ମୌଲାନା ଆବୁଲ୍‌କାଲାମ୍ ଆଜାଦଙ୍କ ଶିବିର ସଫେଇ ଦାୟିତ୍ୱ ନେଲି । ସମ୍ମିଳନୀ ଶେଷ ପର୍ଯ୍ୟନ୍ତ ମୋର କର୍ମରେ ତ୍ରୁଟି କରି ନାହିଁ ବରଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ମହା ସୌଭାଗ୍ୟ ମୋର ।

ସମ୍ମିଳନୀ ଶେଷ ହେଲା । ଯେଉଁ ଦିନ ଗାନ୍ଧିଜୀ ବେରବୋଇ ଛାଡ଼ିଲେ ସେଇଦିନ କାହାରିକୁ କିଛି ନକହି ସାହାସ ସଞ୍ଚୟ କରି ଅତି ସନ୍ତର୍ପଣରେ ତାଙ୍କ ପାଖକୁ ଯାଇ ମୋ କୃତକର୍ମ ପାଇଁ ନତ ଶିରରେ କ୍ଷମା ମାଗିନେଲି ସେ ଅଳ୍ପ ହସି କହିଥିଲେ ଯାଓ, ଇସ୍‌ମେ ତୁହ୍ମାରା କୋଈ ଦୋଷ୍ ନେ ହେ, ନେହିଁ ହେ ।

ପଚାଶ ବର୍ଷ ବିତିଗଲାଣି ଗାନ୍ଧିଜୀଙ୍କର ସେଇ ପଦକ କଥା ମୋ ଜୀବନର ରତ୍ନଧନ ହୋଇ ରହିଛି । ଏବେବି ଭାବୁଛି ତାଙ୍କର କି ଅପୂର୍ବ ଶୃଙ୍ଖଳା ଜ୍ଞାନ । ସାମାନ୍ୟ କଥାକୁ ତାଙ୍କର କି ତୀକ୍ଷ୍ଣ ଦୃଷ୍ଟି ।

ସାଇ ଭବନ,
ଦେଉଳସାହି, ନିଉ କଲୋନୀ,
କଟକ-୭୫୦୦୮



'ମୋର-ମୋର ଏକା ନାହିଁ କି, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତ କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲ ଲୋକଙ୍କ ସ୍ଥାନ ରହିଛି ।'

# ଆଗାମୀ ବିଶ୍ୱ ଓ ଭାରତବର୍ଷ

ଡକ୍ଟର ଶରତ ଚନ୍ଦ୍ର ରଥ

ବିଶ୍ୱ ଜୀବନଧାରାକୁ ଭିନ୍ନଭିନ୍ନ ଦିଗରୁ ଲକ୍ଷ୍ୟ କଲେ ଏ କଥା ଅନୁଭବ କରିହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିଂସା ଓ ଅସହିଷ୍ଣୁତା ବିଶ୍ୱ ଜୀବନରେ ରାଜତ୍ୱ କରି ଗ୍ଳାନି । ଦେଶଦେଶ ଭିତରେ ବୁଝାମଣାର ଅଭାବ ମାନବ ଜାତିକୁ ଧ୍ୱଂସ ମୁଖକୁ ଟାଣି ନେଉଛି । ମଣିଷର ସଂଖ୍ୟା ବଢ଼ିଛି ମାତ୍ର ମାନବିକତା କମିକମି ଆସୁଛି । ଜୀବନର ମୂଲ୍ୟବୋଧ ଅବକ୍ଷୟର ସମ୍ମୁଖୀନ ହୋଇଛି । ପାରସ୍ପରିକ ଏକତା, ସମନ୍ୱୟ, ଆନ୍ତରିକତା ଆଜି ସୁଦୂର ପରାହତ । ଜୀବନଯାତ୍ରା ଆଜି ବିପର୍ଯ୍ୟସ୍ତ, ବିକୃତ ହୋଇ ନୈରାଶ୍ୟର ଘନୀଭୂତ ଗ୍ଳାନି ଓ ମ୍ଳାନିମା ସୃଷ୍ଟି କରିଛି । ଏହାର ସମାଧାନ ପାଇଁ ଯେ ଚେଷ୍ଟା କରା ନ ଯାଇଛି, ଏପରି ନୁହେଁ । ସେ ପ୍ରୟାସ ସବୁ କିନ୍ତୁ ବିଶେଷ ସଫଳ ହୋଇ ନାହିଁ, କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜନୈତିକ ଧାରାରେ ପରିବର୍ତ୍ତନ ହେଲେ, ଭୌତିକ ସମ୍ପତ୍ତିର ସମବଣ୍ଟନ ହେଲେ ଆଜିର ବିଶ୍ୱ ମାନବର ସମସ୍ୟାର ସମାଧାନ ହେବ ନାହିଁ । ବିଜ୍ଞାନର ଅଦ୍ଭୁତ ଉନ୍ନତି ଫଳରେ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦିତ ହେଲେ ଖାଦ୍ୟ ସମସ୍ୟା ସମାଧାନ ହୋଇପାରେ କିନ୍ତୁ ସମସ୍ତ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ରାଜନୈତିକ ସ୍ତରରେ ଆନ୍ତରିକ ପ୍ରୟାସ ଓ ପ୍ରଚେଷ୍ଟା ବଳରେ ବ୍ୟକ୍ତିର ଖାଦ୍ୟ, ବସ୍ତ୍ର, ବାସଗୃହର ସମସ୍ୟା ଦୂର ହୋଇପାରେ, ମାତ୍ର ଏହା ଦ୍ୱାରା ମାନବ ଜାତିର ସର୍ବାଙ୍ଗୀନ ବିକାଶ ସମ୍ପୂର୍ଣ୍ଣ ହେବ ନାହିଁ । ପରିପୂର୍ଣ୍ଣ ବିକାଶର ଚାବି କାଠି ହେଉଛି ମାନବିକତା, ଯାହାର ଭିତ୍ତି ତଥାକଥିତ ସାମ୍ୟବାଦକୁ ନେଇ ଗଠିତ ହୋଇ ପାରିବ ନାହିଁ । ଏଥି ନିମନ୍ତେ ସମଦର୍ଶନର ଚିନ୍ତା ଓ ଚେତନା ଏକାନ୍ତ ଅପରିହାର୍ଯ୍ୟ ଯାହା ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଗୁଣ ଓ ଲକ୍ଷଣ ଭାବରେ ପ୍ରତିଷ୍ଠା ଲାଭ କରିଛି । ସମଦର୍ଶନ ହେଉଛି ଆତ୍ମିକ ସ୍ତରରେ ସମଭାବନାର ସ୍ନିଗ୍ଧସୁନ୍ଦର ଅଭିବ୍ୟକ୍ତି । ଏହାର ଭିତ୍ତି ସୁଦୃଢ଼ ହେଲେ କେବଳ ଜାତିର ଜୀବନରେ ତଥା ଦେଶର ଜୀବନରେ ନୂତନ ଭାଷାର ସ୍ମିତହାସ ପ୍ରକଟିତ ହେବ, ଏପରି ନୁହେଁ ସମଗ୍ର ବିଶ୍ୱ ଜୀବନରେ ମଧ୍ୟ ତାର ମାଧୁରିମା ସଞ୍ଚରିତ ହେବ । ବିଶ୍ୱ ପରିବାର ଗଠନର ପଥ ଅଧିକରୁ ଅଧିକ ପ୍ରଶସ୍ତ ଓ ପରିଷ୍କାର ହେବ । ଭାରତୀୟ ସଂସ୍କୃତିରେ ସମଦର୍ଶନର ଚେତନା ବହୁ ପ୍ରାଚୀନ । ଉଦାରତା, ମହାନତା, ପବିତ୍ରତା ତଥା ମମତ୍ୱ ବୋଧ ହେଉଛି ସମଦର୍ଶନର ମୂଳଭିତ୍ତି । ଚିନ୍ତାତୀତ ସମୟ ସୀମାରେ ସୃଷ୍ଟ ବେଦର ବାଣୀ ସମଗ୍ର ବିଶ୍ୱ ଜୀବନର ପୂର୍ଣ୍ଣାଙ୍ଗ ବିକାଶର ରୂପରେଖ ଅଙ୍କନ କରିଛି । ଗିରିଗୁହାରୁ ଉତ୍‌ଥିତ, ଶୋଭାଶ୍ୟାମଳ ବନଭୂମିରୁ ପ୍ରସାରିତ, ନଦୀ ନିର୍ଝରର ତୀରସ୍ଥ ସୁରମ୍ୟ ପରିବେଶରୁ ପ୍ରସୃତ, ଜନପଦରୁ ଉଚ୍ଚାରିତ ଆର୍ଯ୍ୟଋଷିର ବାଣୀ ମାଧ୍ୟମରେ ବୈଦିକ ଚେତନାର ଧାରା ପ୍ରସାରିତ ହୋଇଛି । ଋଷିମାନେ ବେଦର ସ୍ରଷ୍ଟା ନୁହନ୍ତି, ପବିତ୍ରତମ ସେ ଚେତନାକୁ ଧାରଣ କରି

ପରିବେଶରେ ବିଚ୍ଛୁରଣ କରିବା ନିମନ୍ତେ ସେମାନେ ହେଉଛନ୍ତି ଏକଏକ ମହତମ ଆଧାର । 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ରେ ନିହିତ ଚେତନାଟି କୌଣସି ନିର୍ଦ୍ଦିଷ୍ଟ ଦେଶରେ ସୀମିତ ନ ହୋଇ ସମଗ୍ର ବିଶ୍ୱରେ ପରିବ୍ୟାପ୍ତି ନିମନ୍ତେ ଉଦ୍ଦିଷ୍ଟ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ' ଉକ୍ତିଟି ଯେଉଁ ସମୁଚ୍ଚ, ସମୁଜ୍ଜ୍ୱଳ ଚେତନାର ପ୍ରତିନିଧିତ୍ୱ କରୁଛି, ତାହାର ତୁଳନା ନାହିଁ । ଭାରତୀୟ ସଂସ୍କୃତିରେ ବିଶ୍ୱ ପ୍ରେମର ଉତ୍ତାଳ ତରଙ୍ଗମାଳା ଓ ତାର ପରିପ୍ଳାବନ ଅନୁଭବର ବିଷୟ, ବଚନର ବିଷୟ ନୁହେଁ । ଈର୍ଷା ନାହିଁ, ଅସୂୟା ନାହିଁ, ଅସହିଷ୍ଣୁତା ନାହିଁ । ଅଛି ସହାନୁଭୂତିର ସ୍ନିଗ୍ଧ ନରମ ଚିତ୍ର, ହୃଦୟବତ୍ତାର ନିର୍ମଳ ଆଲେଖ୍ୟ, ସ୍ନେହ ମମତାର ସୁଶ୍ରୀ ଶୋଭନ ମଧୁସିକ୍ତ ଅଭିବ୍ୟକ୍ତି, ସୁଦୂର ଅତୀତରୁ ଅଦ୍ୟାବଧି ବିଶ୍ୱ ପ୍ରେମର ସ୍ୱର ଓ ବିଶ୍ୱ କଲ୍ୟାଣ କାମନାର ଚେତନା ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ସ୍ଥାନ ଦେଇଛି । ସାଗର ତରଙ୍ଗ ବିଶ୍ୱ ମାନବର ଜୟଗାନ, ପବନ ପ୍ରବାହରେ ବିଶ୍ୱ ପରିବାର ଗଠନ ପାଇଁ ବହୁମୂଲ୍ୟ ଉପାଦାନ, ସବୁଜ ବନର ସବୁଜିମାରେ ପବିତ୍ରତାର ଶତ ଶିହରଣ, ଫୁଟା ଫୁଲରେ ବିଶ୍ୱଗତ ଚେତନାର ସାର୍ଥକ ରୂପାୟଣ, ଆକାଶର ନୀଳିମାରେ ବିଶ୍ୱାତୀତ ଚେତନାର ପ୍ରଶାନ୍ତ ପ୍ଲାବନ, ଭାରତୀୟ ପରିବେଶରେ ଅନୁଭବ କରାଯାଇ ପାରେ । ଭାରତ ସଂପର୍କରେ ଜର୍ମାନ ମନୀଷିଙ୍କର ଅନୁଭୂତି ଉଲ୍ଲେଖଯୋଗ୍ୟ । ତାଙ୍କ ମତରେ, ''ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମୋତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସଂପଦ, ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନ କାନନ ଆଖ୍ୟା ଦିଆଯାଇ ପାରେ । ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ । ଆମର ଅନ୍ତର୍ଜୀବନକୁ ଆହୁରି ପରିପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ କେଉଁ ଦେଶରୁ ଆମେ ଯଥାର୍ଥ ଗଠନମୂଳକ ପ୍ରେରଣା ପାଇ ପାରିବୁ, ତେବେ ମୁଁ ପୁନର୍ବାର ନିର୍ଦ୍ଦେଶ କରିବି ଭାରତବର୍ଷ ହେଉଛି ସେହି ଦେଶ'' । ଧନ ବିସ୍ତାରରେ ବିଭାଜନ, ଜ୍ଞାନ ବିସ୍ତାରରେ ବିଭାଜନ ଭାରତୀୟ ସଂସ୍କୃତିରେ ସ୍ୱୀକୃତ ନୁହେଁ । ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବାରୁ ଭିନ୍ନଭିନ୍ନ ସମୟରେ ବହିଃଶତ୍ରୁର ଆକ୍ରମଣର ଶିକାର ହୋଇଛି ଭାରତବର୍ଷ । ଭାରତୀୟ ଏକତା, ସଂହତି ଓ ସମୃଦ୍ଧି ବହୁ

ପରିମାଣରେ ବ୍ୟାହତ ହୋଇଛି । ଅନ୍ୟ କେତେକ କାରଣରୁ ସାଂପ୍ରଦାୟିକତାର ଉଦ୍ଭବ ଭାରତବର୍ଷରେ ଘଟିଛି । ଭାରତବର୍ଷରେ ପରିବେଶରେ ଏହାର କୁପ୍ରଭାବ ବହୁଭାବରେ ପ୍ରକଟିତ ହୋଇ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରୁଛି । ତଥାପି ଭାରତୀୟ ସଂସ୍କୃତି ତିଷ୍ଠି ରହିଛି, ନିଜ ପାଇଁ ବିଶେଷ କରି ସମଗ୍ର ବିଶ୍ୱ ପାଇଁ । ଆଗାମୀ ବିଶ୍ୱ ନିମନ୍ତେ ଭାରତବର୍ଷର ଭୂମିକା ଅଦ୍ୱିତୀୟ, ଏକଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ । ନିଜସ୍ୱ ମୌଳିକ, ଉଦାର ପରିବ୍ୟାପ୍ତ ଚେତନା ବଳରେ ସମଗ୍ର ମାନବ ଜାତିକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ଭାରତ ହେବ ଆଗାମୀ ବିଶ୍ୱର ଗୁରୁ । ଭାରତ ମାଟି, ଗୋଡ଼ି, ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ । ଏହା ଏକ ଜାଗ୍ରତ ଚେତନା ବୋଲି ମହାଯୋଗୀ ଶ୍ରୀଅରବିନ୍ଦ ଉଦ୍‌ଘୋଷଣା କରିଛନ୍ତି । ଆଉ ମଧ୍ୟ ସେ କହିଛନ୍ତି ଯେ ବିଶ୍ୱକୁ ସର୍ବନାଶରୁ ରକ୍ଷା କରିବାକୁ ହେଲେ ଭାରତବର୍ଷକୁ ବଞ୍ଚାଇବାକୁ ପଡ଼ିବ । ଅର୍ଥାତ ଭାରତ ବଞ୍ଚିଲେ ପୃଥିବୀ ବଞ୍ଚିବ । ଭାରତର ଚେତନା ସ୍ପନ୍ଦିତ ହୋଇ କ୍ରମଶଃ ପ୍ରସରି ଯିବ ବିଶ୍ୱର କୋଣେ ଅନୁକୋଣେ । ବିଶ୍ୱବାସୀ ଭାରତୀୟ ସଂସ୍କୃତିର ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହେବେ । ଆଶାବାଦର ଆଲୋକରେ ଆଲୋକିତ ହୋଇ ପ୍ରଗତି ପଥରେ ଅଗ୍ରଗତି କରିବେ । ଆଶାବାଦ ଏକ ମହନୀୟ ଚେତନାରୁ ଉଦ୍ଭୁତ । ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ଗୋଷ୍ଠୀଗତ ତଥା ବିଶ୍ୱଗତ ଜୀବନ ପର୍ଯ୍ୟନ୍ତ ଏହାର ଭୂମିକା ସ୍ୱତନ୍ତ୍ର ଭାବରେ ଅନୁଭବ୍ୟ । ଭାରତୀୟ ଜୀବନଧାରାକୁ ଅନୁଧ୍ୟାନ କଲେ ବୈଦିକ ଯୁଗରୁ ଏହି ଆଶାବାଦର ସୁମଧୁର ସ୍ୱର ଶୁଣିବାକୁ ମିଳେ । ଜୀବନରେ ଆସୁଥିବା ନୈରାଶ୍ୟକୁ ମୂଲ୍ୟ ନ ଦେଇ ତାକୁ ନିକଟରୁ ଦୂରେଇ ଦେବାର ପ୍ରୟାସ ମନରେ ଆଣିଦିଏ ସାହସ, ଦେହରେ ଅମାପ ଶକ୍ତି । ବେଦ ମତରେ ଆଶା ହେଉଛି ଜୀବନର ସୂଚନା ଓ ନିରାଶା ହେଉଛି ମୃତ୍ୟୁର ଯନ୍ତ୍ରଣା । ନିରାଶାକୁ ନିବିଡ଼ ଅନ୍ଧକାର ରୂପରେ ପରିକଳ୍ପନା କରିବା ସଙ୍ଗେସଙ୍ଗେ ନିରାଶାବାଦୀକୁ ଭାବନାହୀନ, ଅଜ୍ଞାନ ବୋଲି ବେଦରେ ବିବୃତ କରାଯାଇଛି । ବୈଦିକ ମନ୍ତ୍ର ନିରାଶାର ମେଘମାଳାକୁ ଦୂରୀଭୂତ କରି ଆଶାର ସ୍ନିଗ୍ଧ ସୁନ୍ଦର ମଧୁଚନ୍ଦ୍ରିକାରେ ଜୀବନକୁ ପ୍ଲାବିତ କରିବା ପାଇଁ ସୂଚନା ଦେଇଛି । ଯଜୁଃ ବେଦରେ ପ୍ରାର୍ଥନା ସ୍ୱରୂପ ଉପସ୍ଥାପିତ ହୋଇଛି–

'ତେଜୋଽସି ତେଜୋମୟିଧେହି
ବୀର୍ଯ୍ୟମସି ବୀର୍ଯ୍ୟଂ ମୟି ଧେହି
ବଳମସି ବଳଂ ମୟି ଧେହି
ଓଜୋଽସି ଓଜୋମୟି ଧେହି''

ପରିବେଶ ମଧୁସିକ୍ତ ହେଉ, ଜୀବନରେ ମଧୁରତାର ସ୍ନିଗ୍ଧ ସଞ୍ଚରଣ ଘଟୁ, ବିଶ୍ୱ ଜୀବନ ସ୍ୱର୍ଗୀୟ ଆନନ୍ଦରେ ଶିହରି ଉଠୁ । ଏହି ଚିନ୍ତା ଓ ଚେତନା ବୈଦିକ ଯୁଗରୁ ଅଦ୍ୟାବଧି ଏଠାରେ ଅବ୍ୟାହତ ରହିଛି । ଉପନିଷଦରେ ଅଛି–

'ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ ମଧୁନକ୍ତ ମୁତୋଷସି
ମଧୁମତ ପାର୍ଥିବଂ ରଜଃ । ମଧୁ ଦ୍ୟୌରସ୍ତୁନଃ ପିତା
ମଧୁମାନ୍ନୋ ବନସ୍ପତିର୍ମଧୁମାନସ୍ତୁ ସୂର୍ଯ୍ୟ ।''

ଅର୍ଥାତ୍ ପବନ ଆନନ୍ଦ ଆଣୁ, ନଦୀ ସୁଖ ଆଣୁ, ଗଛମାନେ ଆନନ୍ଦ ଦିଅନ୍ତୁ, ରାତି ଓ ଦିନ ଆନନ୍ଦ ଦିଅନ୍ତୁ, ଗଛମାନେ ଆନନ୍ଦ ଦିଅନ୍ତୁ ସୂର୍ଯ୍ୟ ଆନନ୍ଦ ଦିଅନ୍ତୁ ଇତ୍ୟାଦି ।

ସମଦର୍ଶୀ ମନୋଭାବରେ ଉଦ୍ବୁଦ୍ଧ ହୋଇଛି ଭାରତବର୍ଷ । ଭାରତୀୟ ମନର ପ୍ରବଳ ସ୍ୱୀକୃତି ସ୍ୱଦେଶଭୂମିରେ ହେଉଛି ଆଧ୍ୟାତ୍ମିକତା । ସାଧାରଣ ଜୀବନକୁ ନିମ୍ନସ୍ତରରୁ ଉଚ୍ଚତର ସ୍ତରକୁ ନେଇଯିବାର କ୍ଷମତା ଯେତେ ପରିମାଣରେ ଆଧ୍ୟାତ୍ମିକତାର ରହିଛି, ତାହାର ତୁଳନା ନାହିଁ । ଧର୍ମ ଯାହା କରିପାରେ ନାହିଁ ଆଧ୍ୟାତ୍ମିକତା ତାହା କରିବାକୁ ସମର୍ଥ ହୋଇଥାଏ । ଆଧ୍ୟାତ୍ମିକତାର ପବିତ୍ର ସ୍ପର୍ଶରେ ଜୀବନ ହୋଇଉଠେ ସ୍ୱର୍ଗର ସୁଶ୍ରୀଶୋଭିତ ଏକଏକ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ଖଣ୍ଡିଏ ଖଣ୍ଡିଏ କାବ୍ୟ । ଧର୍ମ ଦେଇପାରେ ସ୍ୱର୍ଗର ସନ୍ଧାନ, କହିଦିଏ ଆତ୍ମମୁକ୍ତିର ପଥ, ମାତ୍ର ଆଧ୍ୟାତ୍ମିକତା ଧରାରେ ସ୍ୱର୍ଗକୁ ଅବତରଣ କରାଇପାରେ । ଧର୍ମ ଆସ୍ଥାର ଉପରେ ବିଶ୍ୱାସ ରଖି ସଂଗଠିତ ହେଲାବେଳେ ଆଧ୍ୟାତ୍ମିକତା ବିଶ୍ୱର ଉପରେ ଗୁରୁତ୍ୱ ଦେଇଥାଏ ।

ଜୀବନରୁ ପଳାୟନ ନୁହେଁ ବରଂ ଜୀବନକୁ ଦିବ୍ୟ ପୂର୍ଣ୍ଣତାରେ ପୂର୍ଣ୍ଣ କରି ଗଢ଼ି ତୋଳିବା ହେଉଛି ଆଧ୍ୟାତ୍ମିକତାର କାର୍ଯ୍ୟ । ଧର୍ମରେ ଆତ୍ମାର ମୁକ୍ତି ହେଉଛି ମୁଖ୍ୟ କଥା । ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ଜଗତର ପୂର୍ଣ୍ଣାଙ୍ଗ ବିକାଶ ଏଥିରେ ଗୌଣ । ଆତ୍ମାର ମୁକ୍ତିରେ ବ୍ୟକ୍ତିଗତ ଜୀବନର ଲାଭ ହୋଇପାରେ, ଜଗତର କୌଣସି ବୃହତ୍ତର ସ୍ୱାର୍ଥ ସିଦ୍ଧି ଏହା ଦ୍ୱାରା ସମ୍ଭବ ହୋଇପାରେ ନାହିଁ । ଜାଗତିକ ଜୀବନ ଧାରାରେ କୌଣସି ବିକାଶ ଭିତ୍ତିକ ପରିବର୍ତ୍ତନ ଅନୁଭୂତ ହୁଏ ନାହିଁ । ଆଧ୍ୟାତ୍ମିକତା ଜୀବନକୁ ଆଦର କରେ, ଜଗତକୁ ଆଦର କରେ, ଜୀବନର ତଥା ଜଗତର ଅପୂର୍ଣ୍ଣତାକୁ ଖୋଜି ସେଗୁଡ଼ିକୁ ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରେ । ଗୈରିକ ବସନ ପରିଧାନ, ଦଣ୍ଡ କମଣ୍ଡଳୁ ଧାରଣ, ଭସ୍ମ ବିଲେପନ, ଚିତା ଅଙ୍କନ ଏଥିରେ ମୁଖ୍ୟ ନୁହେଁ, ସଚେତନତା ଏହାର ମୂଳ ତତ୍ତ୍ୱ । ଜଡ଼ ବିଜ୍ଞାନକୁ ବିରୋଧ କରେ ନାହିଁ ବରଂ ତାର ସଦ୍‌ବ୍ୟବହାର ପାଇଁ ସବଳ ପ୍ରେରଣା ଦିଏ ଆଧ୍ୟାତ୍ମିକତା । ପାଶ୍ଚାତ୍ୟରେ ଆଧ୍ୟାତ୍ମିକତାର ସ୍ପର୍ଶ ଯେ ନାହିଁ ଏପରି ନୁହେଁ । ପ୍ରକୃତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ରହିଛି ନିବିଡ଼ ସମ୍ପର୍କ । ସେହି ସମ୍ପର୍କର ରୂପରେଖ ଅନ୍ୱେଷାନ ଉପରେ ନିର୍ଭର କରିଥାଏ । ଏହି ପରିପ୍ରେକ୍ଷୀରେ ବୈଜ୍ଞାନିକ ଆଇନଷ୍ଟାଇନଙ୍କ ମତ ସ୍ମରଣୀୟ । ତାଙ୍କ ମତରେ, ''ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ, ସୃଷ୍ଟି ନିୟମଗୁଡ଼ିକୁ ସେହି ଈଶ୍ୱର ନିୟନ୍ତ୍ରଣ କରନ୍ତି । ମୁଁ ସ୍ୱୀକାର କରେ ଯେ ପ୍ରକୃତିର ଅନ୍ତରାଳରେ ଏକ ଚେତନ ଶକ୍ତି କାର୍ଯ୍ୟ କରୁଅଛି'' । ପାଶ୍ଚାତ୍ୟ ଜଗତରେ ଈଶ୍ୱର ବିକାଶ ତଥା ଆଧ୍ୟାତ୍ମିକତା ଯେତେ ପରିମାଣରେ ଅଛି, ଜୀବନର ପରିପୂର୍ଣ୍ଣତା ନିମନ୍ତେ ତାହା ଯଥେଷ୍ଟ ନୁହେଁ । ସେହି ଚେତନାର ଅଭିବୃଦ୍ଧି ନିମନ୍ତେ ଭାରତ ନେତୃତ୍ୱ ନେବ । ଫଳରେ ସାମ୍ପ୍ରଦାୟିକତାର ବିଲୋପ ଘଟିବା ସଙ୍ଗେସଙ୍ଗେ ସଚେତନତାର ପୂର୍ଣ୍ଣ ଅଭିବ୍ୟକ୍ତି ସଙ୍ଗଠିତ ହେବ ।

ଭାଷାର ଏକୀକରଣରେ ବିଶ୍ୱ ଜୀବନରୁ ସମସ୍ୟା ଦୂର ହେବ ନାହିଁ, ବସ୍ତୁଭିତ୍ତିକ ସାମ୍ୟବାଦୀ ଭାବନାର ପ୍ରୟୋଗରେ ମଧ୍ୟ ସମସ୍ୟାର ସମାଧାନ ହେବ ନାହିଁ । ଭାଷାର ଭିନ୍ନତା ଭିନ୍ନଭିନ୍ନ ଦେଶରେ ରହିବ ହିଁ ରହିବ, ଆସ୍ଥାର ବ୍ୟବହାରରେ ପାର୍ଥକ୍ୟ ରହିବ । ସଚେତନତା ପ୍ରସୂତ ଅନ୍ୱେଷାନ ହିଁ ବିଶ୍ୱ ଜୀବନରେ ଶାନ୍ତି, ସଂହତି ଓ ଆଶାନୁରୂପ ପ୍ରଗତି ଆଣି ଦେଇ ପାରିବ । ଏହି ସଚେତନତାର ସ୍ଫୁରଣ ଭାରତରୁ ଘଟିବ ଓ ସମଗ୍ର ବିଶ୍ୱକୁ କ୍ରମଶଃ ତାର ପ୍ରଭାବ ପ୍ରସାରିତ ହେବ । ଏ ପ୍ରସଙ୍ଗରେ ହଙ୍ଗେରୀର ଦିବ୍ୟଦର୍ଶିନୀ ମହିଳା ଶ୍ରୀମତୀ ବୋରିଭୋଙ୍କ ଉକ୍ତି ସ୍ମରଣ କରାଯାଇ ପାରେ । ତାଙ୍କ ମତରେ 'ଏକ ସର୍ବୋଚ୍ଚ ଶକ୍ତି ଭାବରେ ଭାରତର ଅଭ୍ୟୁଦୟ ହେବ । ଜଣେ ଦେବଦୂତ ଏ ଦେଶରେ ଜନ୍ମ ନେବେ । କେତେକ ଲୋକଙ୍କୁ ଏକତ୍ର କରି ସେ ସେମାନଙ୍କ ଭିତରେ ସାହସ ଉପୁଜ କରିବେ, ଏହି ଲୋକମାନେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବେ, ମାନବିକତାର ବିପୁଳ ବିକାଶ ଘଟିବ' । ଆଗାମୀ ଦିନରେ ଭାରତର ଭୂମିକା ପ୍ରସଙ୍ଗରେ ମତ ଦେଇ ଶ୍ରୀ ଅରବିନ୍ଦ କହିଛନ୍ତି ଯେ ଭାରତକୁ ବଞ୍ଚାଇ ରଖିବାକୁ ହେବ, ଭାରତ ଦେବ ସମଗ୍ର ବିଶ୍ୱକୁ ନେତୃତ୍ୱ । ସମଗ୍ର ବିଶ୍ୱର ଗୁରୁ ହେବ ଭାରତ ବର୍ଷ । ଆଜି ସମଗ୍ର ମାନବ ଜାତି ଯେଉଁ ସବୁ ସମସ୍ୟା ନେଇ ବିବ୍ରତ, ତାର ଦେବ ଏକ ପ୍ରକୃତ ସମାଧାନ । ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ଏ କଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ଆଗାମୀ ବିଶ୍ୱ ପାଇଁ ପ୍ରତ୍ୟେକ ଭାରତୀୟଙ୍କୁ ନିଜ ଦେଶ, ନିଜ ପରିବେଶ ଓ ନିଜର ଭୂମିକା ସମ୍ପର୍କରେ ସଚେତନ ରହିବାକୁ ପଡ଼ିବ ।

ଅଧ୍ୟାପକ, ଓଡ଼ିଆ ବିଂ ଗ., ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର.

# ତିର୍ତ୍ତୋଲରେ ୧୯୪୨ ବିପ୍ଳବ

ଶ୍ରୀ ଗଣେଶ ପ୍ରସାଦ ପରିଡ଼ା

ରାତି ପାହି ଆସୁଥାଏ । ପିଲାମାନଙ୍କୁ ନିଦ ନାହିଁ । ରାତି ପାହିଲେ ଗଣେଶ ପୂଜା । ତେଣୁ ସେମାନେ ରାତି ନ ପାହୁଣୁ ଉଠି ପଡ଼ିଲେ । ଉଠି ପଡ଼ି ଧାଇଁଲେ ସାଙ୍ଗପିଲାଙ୍କୁ ଡାକିବାକୁ । ଗଣେଶ ପୂଜା ପାଇଁ ଫୁଲ ତୋଳିବାକୁ ପଡ଼ିବ । ତେଣୁ ସେମାନେ ସାଙ୍ଗମାନଙ୍କ ସହିତ ଧାଇଁଲେ ଫୁଲ ତୋଳିବାକୁ । ଗାଁ ମୁଣ୍ଡକୁ ଆସିବା ମାତ୍ରେ ସେମାନେ ଦେଖିଲେ ପୋଲିସ୍ ଫଉଜ ଛିଡ଼ା ହୋଇଛନ୍ତି । ଗ୍ରାମ ଭିତରୁ ପିଲାମାନେ ଧାଇଁ ଆସୁଥିବାର ଦେଖି ଏକ ସଙ୍ଗେ କେତେଗୁଡ଼ାଏ ହୁଇସିଲ୍ ବାଜି ଉଠିଲା । ଗାଁର ଛୋଟ ପିଲା । ପୁଲିସ୍‌କୁ ଦେଖି ସେମାନେ ଡରିଗଲେ । ସଙ୍ଗେସଙ୍ଗେ କେତେକ ଗାଁ ଭିତରକୁ ଦଉଡ଼ିଦଉଡ଼ି ପେଶିଗଲେ ତ, କେତେକଙ୍କୁ ପୋଲିସ୍ ଧରି ପକାଇଲେ ।

କେତୋଟି ପିଲାଙ୍କୁ ସିପାହୀ ଧରି ଦାରୋଗା ବାବୁଙ୍କ ପାଖକୁ ଆଣିଲେ । ଦାରୋଗାବାବୁ ସେହି ପିଲାଙ୍କୁ କହିଁଲେଇ ପଚାରିଲେ ବନ୍ଧମୁଣ୍ଡାର ପଦନବାବୁ କାଲି ତୁମ ଗାଁରେ କାହାଘରେ ଥିଲେ ?

ଡରିଡରି ଗୋଟିଏ ପିଲା କହିଲା କିଏ ପଦନବାବୁ ? ନାଇଁତ ସେ କାଲି ଆମ ଗାଁରେ ନ ଥିଲେ । ଆମେ ତ କେହି ତାଙ୍କୁ ଦେଖିନୁ । ହେଇଥିବ— ସେ ଆସିଥିଲେ ରାତି ଅଧରେ କେତେବେଳେ ଆସିଥିବେ ! ଆମେ ଜାଣିନୁ ।

ଜାଣିନା ? ରାଗିଗଲେ ଦାରୋଗାବାବୁ । ବଡ଼ବଡ଼ ଆଖି କରି ବେତ ଉଞ୍ଚାଇ କହିଲେ, କିଏ ଅଛରେ ବାନ୍ଧିପକା ତ ଏ ପିଲାଗୁଡ଼ାଙ୍କୁ । ଦେଖିବା ସେମାନେ ଜାଣିଛନ୍ତି ନା ନାହିଁ ?

ଭେଁଭେଁ ହୋଇ କାନ୍ଦି ଉଠିଲେ ପିଲାମାନେ । କେତେ ପିଲାଙ୍କର କୋହ ଉଠିଲା । ତଥାପି ଦାରୋଗା ନଛୋଡ଼ବନ୍ଧା । ତାଙ୍କର ସେହି ଗୋଟିଏ କଥା ପଦ୍ମଚରଣ କେଉଁଠି ଅଛି କୁହ ମୁଁ ତୁମକୁ ଛାଡ଼ିଦେବି ।

ଗାଁ ମୁଣ୍ଡରେ ତ୍ରିନାଥ ସାହୁଙ୍କ ଘର । ପିଲାମାନଙ୍କ କାନ୍ଦ ଶୁଣି ସେ ପଦାକୁ ବାହାରି ଆସିଲେ । ତାଙ୍କ ଘର ଆଗରେ ପୋଲିସ ଫଉଜଙ୍କୁ ଦେଖି ସେ କ'ଣ କରିବେ କିଛି ସ୍ଥିର କରି ପାରିଲେ ନାହିଁ । ଏତିକିବେଳେ ଦାରୋଗାଙ୍କ ଆଖି ପଡ଼ିଲା ତ୍ରିନାଥ ସାହୁଙ୍କ ଉପରେ । ସେ ତାଙ୍କୁ ପାଖକୁ ଡାକି ପଚାରିଲେ, ପଦ୍ମ ଚରଣ କାହାଘରେ ଅଛି ?

ପଦ୍ମ ଚରଣ ? ଏ ବନ୍ଧମୁଣ୍ଡାର ପଦନବାବୁ ? ସେତ କାଲି ଆମ ଗାଁକୁ ଆସି ନ ଥିଲେ । କାଲି ରାତିରେ ଏଇଠି ଆମେ ସମସ୍ତେ ଥିଲୁ । ବର୍ଷକବର୍ଷ ହେଲା ଏଇଠି ଗଣେଶ ହେଉଛନ୍ତି । ହେଇ ଦେଖୁ ନାହାନ୍ତି ଗଣେଶଙ୍କ ମେଢ଼ । ରାତି ପାଇବାକୁ ଦି ତିନି ଘଣ୍ଟା ଥିଲା ଆମେ ସମସ୍ତେ ଶୋଇବାକୁ ଗଲୁ । କାହିଁତ ମୁଁ ପଦନବାବୁଙ୍କୁ ଆସିଥିବାର ଦେଖି ନାହିଁ ।

ରାଗିଗଲେ ଦାରୋଗାବାବୁ । ଆଖିକୁ ଲାଲ କରି କହିଲେ, ଏ ଶଳା ସବୁ ମିଛୁଆ । ଏ ଶଳାଙ୍କୁ ଆଗେ ବାନ୍ଧ, ତା ପରେ ଦେଖିବା ପଦ୍ମଚରଣ କୁଆଡ଼େ ଗଲା ?

ଦାରୋଗାବାବୁ ! ଆମେ ହାଟୁଆ ବାଟୁଆ ଲୋକ ହେଲୁ ବୋଲି କଣ ଆପଣଙ୍କର ଶଳା ହେବୁ ? ଆପଣ କଣ ମୋ ଭଉଣୀକୁ ବାହା ହୋଇଛନ୍ତି ? ଆମକୁ ତ ଶଳା କହିଦେଲେ, ଯାନ୍ତୁ ତ ଟେଣ୍ଟୁଳିପଦାର କିମ୍ବା ବନ୍ଧମୁଣ୍ଡାର କେଉଁ ବାବୁଙ୍କୁ ଶଳା କହିଦେବେ ?

ଦବିଗଲେ ଟିକିଏ ଦାରୋଗାବାବୁ । ତା'ପରେ କହିଲେ, ଏ ସିପାହୀ, ୟା ଘର ଉପରେ ନଜର ରଖିଥା । ମୁଁ ଖବର ପାଇଛି ୟାର ଘରେ ପଦ୍ମଚରଣ ଅଛି ।

ହିଁ ଅଜ୍ଞା, ନଜର କ'ଣ ରଖିବେ— ଘର ଭିତରେ ପଶି ଦେଖି ନାହାନ୍ତି ?

ହଉହଉ ଟିକିଏ ଖରା ପଡ଼ିଯାଉ । ଏକା ତମ ଘର କାହିଁକି ସାରା ଗାଁ ଗୋଟାକ ଯାକର ସମସ୍ତଙ୍କ ଘର ଦେଖାଯିବ । କାହାରି ଘର ଛାଡ଼ି ଯିବୁ ନାହିଁ । କାଲି ଏଇଠି ବସି ତିର୍ତ୍ତୋଲ ଥାନା ପୋଡ଼ିବାକୁ ସେ ଶିଖାଉ ନଥିଲା ? ରହ ଆଉ ଅଳ୍ପ ସମୟ । ହଳହଳ କରି ବାନ୍ଧି ମୁଁ ଯଦି ନେଇ୍ ନ ପଠାଇଛି ?

ତ୍ରିନାଥ ସାହୁ ଆଉ କିଛି ଜବାବ ଦେଲେ ନାହିଁ । ତାଙ୍କ ଦାଣ୍ଡରେ ଯେଉଁ ଗଣେଶ ମେଢ଼ ହୋଇଛି ସେ ସେହି ମେଢ଼ ଆଡ଼କୁ ଅନାଇ ରହିଲେ ।

ସକାଳ ହେବାମାତ୍ରେ ବିଛଣାରୁ ଉଠି ଲୋକେ ଗାଁ ମୁଣ୍ଡକୁ ବୁଲି ଆସୁଥାନ୍ତି । ଯାଇବା ମାତ୍ରେ ତାଙ୍କୁ ପୋଲିସ ଧରି ନେଉଥାଏ । ସମସ୍ତଙ୍କୁ ପୋଲିସ ସେହି ଗୋଟିଏ କଥା ପଚାରୁଥାଏ– ପଦ୍ମଚରଣ କାହାଘରେ ଅଛି ? ସମସ୍ତଙ୍କର ମଧ୍ୟ ସେହି ଗୋଟିଏ ଉତ୍ତର, ନାହିଁ ଆମେ ତାଙ୍କୁ ଦେଖିନାହୁଁ ।

ଲୋକମାନଙ୍କୁ ପଚାରି ପଚାରି ଥକି ଗଲେଣି ଦାରୋଗା ବାବୁ–ଥାନାର ମୁନ୍ସି ବାବୁ, ଆଉ ଜମାଦାର ବାବୁ । କେହି ଜଣେ ହେଲେ କହୁ ନାହାନ୍ତି ଯେ ସେ ଆସିଥିଲା କିମ୍ବା କାହା ସହିତ କଥାବାର୍ତ୍ତା ହେଉଥିଲା । ଯେତେବେଳେ କେହି ପଦ୍ମଚରଣ ବିଷୟରେ କିଛି କହିଲେ ନାହିଁ ସେତେବେଳେ ଆରମ୍ଭ ହେଲା ତା ଉପରେ ପ୍ରହାର କାର୍ଯ୍ୟ । କାହାକୁ ଦଉଡ଼ିରେ ବନ୍ଧା ହେଲା ତ, କାହାକୁ ବନ୍ଧୁକରେ ପିଟା ଗଲା । ହେଲେ କେହି ଥରକ ପାଇଁ ବି କହିଲେ ନାହିଁ ଯେ କାଲି ପଦ୍ମଚରଣ ଆସିଥିଲା ।

ଯେଉଁ ଲୋକ ଗାଁ ଭିତରୁ ବାହାରକୁ ଆସୁଥାଏ ସେ ଆଉ ଗାଁ ଭିତରକୁ ଫେରିଯାଉ ନ ଥାଏ । ଏଭଳି କି ସ୍ତ୍ରୀ ଲୋକମାନେ ମଧ୍ୟ । ସେମାନେ ଓଢ଼ଣୀ ଟାଣି ନାହିଁ କରୁଥାନ୍ତି ନା କାଲି ତାଙ୍କୁ ଦେଖି ନାହୁଁ ।

ଖୁବ୍ ଅଳ୍ପ ସମୟ ଭିତରେ କଥାଟା ଗାଁ ଭିତରେ ଖେଳିଗଲା–ପଦନ ବାବୁଙ୍କୁ ବାନ୍ଧିବାକୁ ପୋଲିସ୍ ସାରା ଗାଁଟାକୁ ଘେରି ଯାଇଛନ୍ତି । ଯେ ବାହାରକୁ ଯାଉଛି ସେ ଆଉ ଫେରୁ ନାହିଁ । ସାରା ଥାନାର ଚୌକିଦାର, ଦଫାଦାର, ସିପେହୀ ଗ୍ରାମର ବାହାରେ ଜଗିଛନ୍ତି । ପଲଟଣମାନେ ବନ୍ଧୁକ ଧରି ଗାଁର ଦି ମୁଣ୍ଡରେ ପହରା ମାରୁଛନ୍ତି । ଗାଁ ଭିତରୁ ଟିକିଏ ପଦାକୁ ବାହାରିଲେ ନିସ୍ତାର ନାହିଁ ।

ଯେତେହେଲେ ମଫସଲ ଗାଁ । ସହରର ଲୋକମାନେ ତ ନାଲି ପଗଡ଼ିଆଙ୍କୁ ଦେଖିଲେ ଛନିଆ ହୋଇ ଯା'ନ୍ତି, ଦୂର ମଫସଲର ଗାଁଗଲି ଲୋକଙ୍କ କଥା କିଏ ପଚାରେ ? ତଥାପି ପଦ୍ମଚରଣ ବିଷୟରେ କେହି ପଦେବି ପୋଲିସ୍‌କୁ କହୁ ନ ଥାଏ । ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା ନାହିଁ, ଆମେ ଜାଣି ନାହୁଁ ।

କଲ୍ଲୁ ସାହୁ ମହାଜନଙ୍କ ବୋହୂ ତାଙ୍କ ଶାଶୁଙ୍କୁ ଚୁପିଚୁପି କରି କହିଲା ବୋଉ, ପଦନ ବାବୁ କାଲି ରାତି ଅଧରେ ଗାଁର ଟୋକାଙ୍କୁ ଡାକି କହୁଥିଲେ ତିର୍ତ୍ତୋଲ ଥାନାକୁ ପୋଡ଼ିଦେବା ପାଇଁ । ଏତେ ରାତିରେ ସେ ତ ତାଙ୍କ ଘର ଦଳମୁଣ୍ଡକୁ ଫେରିଯାଇ ନ ଥିବେ । ଆମ ଗାଁରେ କୋଉଠି ଶୋଇଥିବେ । ଯଦି ପୁଲିସି ତାଙ୍କୁ ପାଏ ତେବେ ତାଙ୍କୁ ତ ବାନ୍ଧି ନେବ–ତା ସାଙ୍ଗେସାଙ୍ଗେ ଏ ଗାଁର ଲୋକେ ମଧ୍ୟ ବନ୍ଧା ହୋଇ ଯିବେ । ଗାଁ ଖାଲି ଉଠିବ ପଡ଼ିବ ।

ଶାଶୁ, ବୋହୂକୁ ଆକଟି କରି କହିଲେ, ସେଥିରେ ଆମର କ'ଣ ଅଛି ? ମର୍ଦ୍ଦମାନେ ସେ ସବୁ କଥା ବୁଝିବେ । ତୁ ତୋ କାମରେ ଯା ।

ନବେଇ ସାହୁ ଘର ଭିତରୁ ବାହାରି ଆସି କଲ୍ଲୁ ସାହୁଙ୍କ କବାଟରେ ଠିପା ମାରି ଡାକିଲା । କଲ୍ଲୁ ସାହୁ କବାଟ ଖୋଲି ଚପା ଗଳାରେ ପଚାରିଲା, ପୋଲିସ୍ କୁଆଡ଼େ ଗଲେ ? ଉତ୍ତରରେ ନବେଇ ସାହୁ କହିଲା ଗାଁ ଘେରି ସାରା ଘେରି ଛିଡ଼ା ହୋଇଛନ୍ତି । କେହି ଗାଁ ବାହାରକୁ ଗଲେ ଆଉ ଭିତରକୁ ଫେରୁ ନାହିଁ । ଶୁଣିଲି ତ୍ରିନାଥ ସାହୁଙ୍କୁ କୁଆଡ଼େ ଦାରୋଗା ବାବୁ ତ ଯିବ–ତାଙ୍କ ସହିତ ଆମେ ସବୁ ହଇରାଣ ହେବା । ପଦ

ଆରେ ଯାହା ହେବାର ହେବ, ସେଥିପାଇଁ ଏତେ ଛନିଆଁ କାହିଁକି ? ଯେଉଁଠି ଗାନ୍ଧି ମହାତ୍ମା ଭଳିଆ ଲୋକ ଜେଲ୍ ଗଲେଣି ସେଠି ଆମ କଥା କିଏ ପଚାରେ ? ଜହରଲାଲ, ପଟେଲ୍ ସମସ୍ତେ ଜେଲ୍‌ରେ । ପୋଲିସ୍ ଥାନାଗୁଡ଼ା ପୋଡ଼ା ଯାଉଛି, ସରକାରଙ୍କ ଟେଲିଗ୍ରାଫ ତାର କଟା ଯାଉଛି, କଣା ହୋଇ ଜେଲକୁ ଯାଉଥିବା ବୃନ୍ଦାବନ ନାୟକକୁ ପୋଲିସ୍ ହାତରୁ ଛଡ଼େଇ ଅଣା ଯାଉଛି ଯେତେବେଳେ ପୋଲିସ୍ ଘରଘର ପଶି ବିପ୍ଳବୀଙ୍କୁ ଖୋଜିବ । ପଦବାବୁ ଯେତେବେଳେ ତିର୍ତ୍ତୋଲର ନେତା ତାଙ୍କୁ ତ ପୋଲିସ୍ ଖୋଜିଖୋଜି ବାନ୍ଧିବ । ଯାହା ହେବାର ହେବ ଏହା ବୋଲି କ'ଣ ଆମେ ପଦ ବାବୁଙ୍କୁ ଧରେଇ ଦେବା ? ହାତୁଆ କାଟି କେତେ ବେଇମାନ ହେଲେଣି ? ହେଉ ଯାହା ହେବାର ହେବ । ପୋଲିସ୍ ଘରଘର କରି ଖୋଜି ପଦ ବାବୁଙ୍କୁ ଆଗେ ପାଉ । ଏତେ ସହଜ ନୁହେଁ ପରିଡ଼ପାଟଣାରୁ ପଦ ବାବୁଙ୍କୁ ପୋଲିସ୍ ଧରି ନେବା । ଏଠା ଆମର ଶିଖ ମନେଇ କେହି ନାହାନ୍ତି ଯେ ପଦ ବାବୁ କେଉଁଠି ଅଛି ପୋଲିସ୍‌କୁ କହିଦେବ ।

ହଁ କଲ୍ଲୁ ଭାଇ ତୁ ଯାହା କହୁଛୁ ତା ସତ । ହେଲେ ପୁଲିସ୍ ଜାଣିଲା କିପରି ପଦବାବୁ ପରିଡ଼ପାଟଣାରେ ଥାନା ପୋଡ଼ିବାକୁ ଲୋକଙ୍କୁ ମେଳି କରିଛି ଆଉ ସେ ପରିଡ଼ପାଟଣାରେ ରାତିରେ ଶୋଇଛି ବୋଲି ।

ଆରେ ନବ, ତୁ ପିଲା ଟୋକା । ସବୁ କଥା ଜାଣିଛୁ ? ଗଡ଼ଜମିଦାରଙ୍କ ବିରୁଦ୍ଧରେ ପ୍ରଜାମାନେ ଏକାଠି ହୋଇଛନ୍ତି । କଂଗ୍ରେସ ତାଙ୍କୁ ସାହାଯ୍ୟ କରୁଛି । ଜମିଦାରମାନେ ଭାବୁଛନ୍ତି ଇଂରେଜ ସରକାର ଯାଉ ଯଦି ଦେଶ ସ୍ୱାଧୀନ ହୁଏ ତେବେ ଆଗେ ରଜାର ରାଜୁତି ଯିବ, ଜମିଦାରଙ୍କ ଜମିଦାରୀ ଯିବ । ତେଣୁ ସେମାନେ କଂଗ୍ରେସ ବିରୁଦ୍ଧରେ । ଦେଶ ସ୍ୱାଧୀନ ହେଲେ ତ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ିବ । କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ିଲେ ଏ ଜମିଦାରେ ରହିବେ ନା ? ସେଥିପାଇଁ ତେନ୍ତୁଳିପଦାର ପୂର୍ଣ୍ଣବାବୁ ଜମିଦାରଙ୍କ ଘରେ ଏ ପୋଲିସମାନେ ଡେରା ପକାଇଛନ୍ତି । ପଦବାବୁର ବଡ଼ବାପା ପୁଅ ଭାଇ କୃଷ୍ଣବାବୁ ପରା ୟୁନିୟନ୍ ପ୍ରେସିଡ଼େଣ୍ଟ । ସେ ବି ଇଂରେଜଙ୍କ ସପକ୍ଷରେ । ତେନ୍ତୁଳିପଦା ଆମ ଗାଁକୁ ଲାଗିଛି । କେହି ଗୋଟାଏ କହି ଦେଇଥିବ, ପଦ୍ମଚରଣ ପରିଡ଼ପାଟଣାରେ ଅଛି ବୋଲି । ରାତି ନ ପାହୁଣୁ ପୁଲିସ ମାଡ଼ି ଆସିଥିବେ ।

ଯାହା କହ କାଲୁଭାଇ, ଆଜି ହରତାଳିକା ଭଳି ଦିନରେ ଏ ପୁଲିସଗୁଡ଼ା କ'ଣ ନ କରୁଛନ୍ତି ? ଦେଶ ସ୍ୱାଧୀନ ହେଲେ ସେମାନେ କ'ଣ ସ୍ୱାଧୀନ ହେବେ ନାହିଁ ?

ବର୍ତ୍ତମାନ ସେ ବିଷୟରେ ଚିନ୍ତା କରି ଲାଭ କ'ଣ ? ଆଜି ସ୍ତ୍ରୀଲୋକ ଟିପୁବାବୁଙ୍କୁ ଜେଲ୍ ନେବା ପାଇଁ । ଗୋପବନ୍ଧୁ ବାବୁ, ନବ ବାବୁ, ମହତାବ ବାବୁ ଆଦି ଜେଲ୍ ଗଲେଣି । ତାଙ୍କ ସହିତ ରମା ଦେବୀ, ସରଳା ଦେବୀ, ମାଳତୀ ଦେବୀ କୁଆଡ଼େ ଜେଲ୍ ଯାଇଛନ୍ତି । ଏ ଗାଉଁଲି ଲୋକଗୁଡ଼ାକ ସିନା ଭାବୁଛନ୍ତି ଜେଲ୍ ଯିବା ଭାରି ଖରାପ କଥା । କିନ୍ତୁ ଦେଶ ପାଇଁ ଜାତି ପାଇଁ ଜେଲ୍ ଯିବା ବଡ଼ ଆନନ୍ଦର ବିଷୟ । ଦେଶ ସ୍ୱାଧୀନ ପାଇଁ ଯେଉଁମାନେ ଜେଲ୍ ଯାଉଛନ୍ତି ସେମାନେ କ'ଣ ଚୋରୀ କରିଛନ୍ତି ନା ଡକାୟତି କରିଛନ୍ତି ? ନାହାକ ସାହିର ବୃନ୍ଦାବନ ପରା ଆମରି ଭିତରୁ ଜଣେ । ସେ କେତେଥର ଜେଲ୍ ଗଲାଣି ? ଏଥର ଜେଲ୍ ଯାଉଥିଲା ବେଳେ ଆମେ ତାଙ୍କୁ ପଦ ବାବୁଙ୍କ କଥାରେ ଛଡ଼ାଇ ଆଣିଲୁ । କ'ଣ ନାକରା କଥା କଲୁ ?

ହଠାତ୍ ଗୋଟାଏ ପିଲା ଧାଇଁ ଆସି କହିଲା, ପଲଟଣ ତ୍ରିନାଥ ସାହୁ ଘରେ ପଶିଲେଣି । କୁଆଡ଼େ ପଦ ବାବୁ ତରି ଘରେ ଲୁଚିଛି । ତା ଘରର ମାଇପେ କାନ୍ଦ ବୋବାଳି ପକାଇଛନ୍ତି ।

କଲ୍ଲୁ ସାହୁ ନବେଇ ସାହୁକୁ ପଚାରିଲେ, ଆରେ ନବ, ଏ ପର୍ଯ୍ୟନ୍ତ ପଡ଼ିଯିବ ? କ'ଣ ପଦ ବାବୁ ତ୍ରିନାଥ ସାହୁ ଘରେ ଲୁଚିଛନ୍ତି ? ଥିଲେ ତ ଧରା

ନା ମ କଲ୍ଲୁ ଭାଇ ! ସେ ରାତିରେ ତା ଘରେ ଶୋଇଥିଲେ । ପୋଲିସ୍ ତା ଦାଣ୍ଡରେ ପହଞ୍ଚିବା ମାତ୍ରେ ପାଚେରୀ ଡେଇଁ ଆମ ଘରକୁ ପଳେଇ ଆସିଛନ୍ତି । କହୁଛନ୍ତି ହେଁସ ଭିତରେ ପୁରାଇ ଘୁଡ଼େଇ ଗାଡ଼େଇ ଟାଙ୍ଗି ଦେବାକୁ । ମୁଁ କହିଲି ସେମାନେ ଆଗେ ଆମ ଘର ଆଡ଼କୁ ଆସନ୍ତୁ ।

ତତକ୍ଷଣାତ ବାଙ୍କ ବୁଲି ଗୋଟାଏ ଚୌକିଦାର ଆସୁଥିବା ଦେଖି ଦୁହେଁ ନିଜନିଜ ଘରକୁ ପୁଲିଗଲେ । ପୁଣି ପରିଡ଼ପାଟଣା ଦାଣ୍ଡ ନିଶୁନ ହୋଇଗଲା ।

ଖାନ୍‌ତଲାସି ଚାଲିଥାଏ ପରିଡ଼ାଘଟଣାର ଗୋଟିକ ପରେ ଗୋଟିଏ ଘର । କିନ୍ତୁ କେଉଁଠି ପଦ୍ମଚରଣର ସନ୍ଧାନ ମିଳୁ ନ ଥାଏ । ଟିକିନିଖି କରି ଦେଖା ଯାଉଥାଏ । ଘର ଭିତର, ଓରା, ମାଣ୍ଡୁ ଉପର କେଉଁଟା ବାଦ ପଡୁ ନ ଥାଏ । ଟିକିନିଖି କରି ଦେଖା ଯାଉଥାଏ । କାହାଘରେ ଖଦଡ଼ କନା ଖଣ୍ଡେ ଦେଖିଲେ ସେହିଘରେ ପଦ୍ମଚରଣ ଅଛି ବୋଲି ସେମାନେ ଧାରଣା କରୁଥିଲେ । ଗୋଟିଗୋଟି କରି ଦେଖୁଥିଲେ ସବୁଆଡ଼ ।

ଯେତେ ଦେଖିଲେ, ଯେତେ ଖୋଜିଲେବି ପଦ୍ମଚରଣର ପତ୍ତା ନାହିଁ । ତଥାପି ଖୋଜୁଥାନ୍ତି ପୋଲିସ ବାଲା । ସେମାନଙ୍କର ପୁରା ବିଶ୍ୱାସ ପଦ୍ମଚରଣ ଏଇ ଗାଁରେ କେଉଁଠି ରହିଛି । ନିଶ୍ଚୟ ତା'ର ସନ୍ଧାନ ମିଳିବ । ତାକୁ ନ ଧରିଲେ ସେମାନଙ୍କର ବଦନାମ । ଗୋଟାଏ ଲୋକ ବିଭିନ୍ନ ଗ୍ରାମର ଲୋକଙ୍କୁ ମେଳି କରି ନୂଆପଡ଼ାର ଜଳକର ଅଫିସ୍‌ ପୋଡ଼ି ଦେଲା, ଟେଲିଗ୍ରାଫ୍‌ ତାର କାଟି ଦେଲା, ରାଜବନ୍ଦୀକୁ ପୋଲିସ୍‌ ହାତରୁ ଛଡ଼େଇ ନେଲା । ଏହାପରେ ତିର୍ତ୍ତୋଲ ଥାନା ପୋଡ଼ିବାକୁ ଲୋକଙ୍କୁ ମତାଉଛି । ଥାନା ପୋଡ଼ି ଦେଲା ପରେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଦଖଲ କରିବାକୁ କେତେ ସମୟ ଲାଗିବ ? ତାପରେ ବ୍ରିଟିଶ୍‌ ସରକାରର ପତାକା ବଦଳରେ ଉଡ଼ିବ କଂଗ୍ରେସ୍‌ର ତ୍ରିରଙ୍ଗା ପତାକା । ଏହା ଦ୍ୱାରା ସେମାନଙ୍କର ବଦନାମ ହେବ ନାହିଁ ?

ଛୋଟ ଗାଁଟିଏ ପରିଡ଼ାପାଟଣା । ତାର ଦକ୍ଷିଣକୁ ମାତ୍ର କେଇ ଖଣ୍ଡ ବିଲ ଛାଡ଼ି ରାମଜିପାଟଣା । ଉତ୍ତରକୁ କୁମାର ସାହି । ଏସବୁ ତେରତାଙ୍ଗର ପଡ଼ାଗାଁ । ପୂର୍ବକୁ ବୁଢ଼ା ନଈ ବଙ୍କେଇ ବଙ୍କେଇ ହୋଇ ପୂର୍ବ ଆଡ଼କୁ ବହିଯାଇ ଜଟାଧର ମୁହାଣ ଦେଇ ସମୁଦ୍ରରେ ପଡ଼ିଛି । ଆଠଶହ ହଜାରେ ବର୍ଷ ତଳେ ସାଧବମାନେ ବୋଇତ ଧରି ଏହି ବୁଢ଼ା ନଈରେ ଭାସିଭାସି ଚାଲି ଯାଉଥିଲେ ସାଗର ମଧ୍ୟକୁ । ସମୁଦ୍ର ମଧ୍ୟରେ ବୋଇତରେ ପାଲ ବାନ୍ଧି ଦେଶ ବିଦେଶକୁ ଯାଉଥିଲେ ବାଣିଜ୍ୟ କରିବା ପାଇଁ ତାଙ୍କରି ବଂଶଧର ପାଟରା, ବଣିଆ, ତେଲି, ଆଦି ହାଟୁଆମାନେ । ସେତେବେଳେ ସେମାନଙ୍କୁ ସାଧବ କୁହା ଯାଉଥିଲା । ଏହି ସାଧବମାନେ ସାତ ସମୁଦ୍ର ତେର ନଈ ପାରି ହୋଇ ବାଣିଜ୍ୟ କରି ଧନ ଦରବ ଦେଶକୁ ବହି ଆଣୁଥିଲେ । ସେହିମାନଙ୍କ ପାଇଁ କଳିଙ୍ଗ ହୋଇଥିଲା ଧନୀ ଦେଶ । କିନ୍ତୁ ଆଜି ସବୁ ଚାଲି ଯାଇଛି । କର୍ପୂର ଯାଇ କନା ବି ଗଲାଣି । ତା ନ ହୋଇଥିଲେ ସେତେବେଳର କଳିଙ୍ଗ ସାଗରକୁ ଇଂରେଜ ବଣିଆମାନେ କ'ଣ ବଙ୍ଗୋପ ସାଗର ନାମରେ ନାମିତ କରିଥାନ୍ତେ ? କାହିଁକି ? କାହିଁକି ଇଂରେଜ ଜାତି ଓଡ଼ିଶା ପ୍ରତି ଏ ଅବିଚାର କଲେ ?

ଉତ୍ତରରେ କୁହାଯାଇ ପାରିବ ଇଂରେଜ ବଣିଆ ଯେତେବେଳେ ଓଡ଼ିଶାରେ ତାର ବେପାର ବାଣିଜ୍ୟ କରିବାକୁ ଚେଷ୍ଟା କଲା ସେତେବେଳେ ବୀର ଓଡ଼ିଆ ତାକୁ ଗ୍ରହଣ କଲା ନାହିଁ । ବିଭିନ୍ନ ସ୍ଥାନରେ ଇଂରେଜଙ୍କୁ ବିରୋଧ କରାଗଲା । ତେଣୁ ସେମାନେ ଜାତିର ଦେଶକୁ ଖଣ୍ଡଖଣ୍ଡ କରିଦେଲେ । ଏଭଳି ଗୋଟିଏ ଉନ୍ନତ ଜାତିର ଦେଶକୁ ଏହା ପୂର୍ବରୁ ମାଗଧି କରି ନ ଥିଲେ, ମୋଗଲ କରି ନ ଥିଲେ, ପଠାଣ ବି କରି ନ ଥିଲେ, ମରହଟ୍ଟା ବି କରି ନ ଥିଲେ ଖଣ୍ଡ ବିଖଣ୍ଡ । ଜାତିକୁ ଦେଶକୁ ଖଣ୍ଡ ବିଖଣ୍ଡିତ କରିଦେବା ଦ୍ୱାରା ସେ ଏକତ୍ର ହୋଇ ପାରିଲା ନାହିଁ—ଏକତ୍ର ହେବାକୁ ଚେଷ୍ଟା କରିକରି ସେ ଶେଷରେ ନିରାଶ ହୋଇ ରହିଲା । ଯେଉଁ ଇଂରେଜଙ୍କ ଦେଶରେ ସୂର୍ଯ୍ୟଙ୍କର ଉଦୟ ନାହିଁ କିମ୍ବା ଅସ୍ତ ନାହିଁ ସେହି ଇଂରେଜଙ୍କ ବିରୁଦ୍ଧରେ କେଉଁଜଣ ଓଡ଼ିଆ ଉଠି କ'ଣ ବା କରି ପାରିବେ ? ତେଣୁ ତାର ବ୍ରିଟିଶ୍‌ ବିରୋଧୀ ମନୋବୃତ୍ତିକୁ ସଫଳ କରିବା ପାଇଁ ଯେତେବେଳେ ଭାରତୀୟମାନେ ଇଂରେଜଙ୍କୁ ତଡ଼ିବା ପାଇଁ ଚେଷ୍ଟା କଲେ ସେତେବେଳେ ସେମାନଙ୍କ ସହିତ ସାମିଲ୍‌ ହେବାକୁ ଉଚିତ ମନେ କଲା ଓଡ଼ିଆ ।

ପରିଡ଼ାପାଟଣାର ପୂର୍ବ ତରଫରୁ ପୋଲିସ୍‌ ଘର ଖାନ୍‌ତଲାସି ଆରମ୍ଭ କରିଦେଲା । ଗୋଟିକ ପରେ ଗୋଟିଏ କରି ଘର ଖାନ୍‌ତଲାସି କରି ସେ ଚାଲିଛି । ସକାଳ ସାତଟାରୁ ପ୍ରାୟ ଦଶଟା ହେବ ଜଣେ ଚୌକିଦାର ପାଟି କରି ଉଠିଲା—ହେଇ ପଳେଇ ଗଲା, ପଳେଇ ଗଲା ।

କିଏ ପଳେଇ ଗଲା ? ପଦ୍ମଚରଣ ? କେତେବେଳେ ?

ହେଇ ଦେଖୁନା, ଯେଉଁ ସ୍ତ୍ରୀଲୋକଟି ଝାଡ଼ା ଯିବା ବାହାନାରେ ଗାଁ ବାହାରକୁ ଯାଉଥିଲା, ସେ କିପରି ଲୁଗାପଟା ଟେକି ଧାଉଁଛି । ଓଢ଼ଣା ପକେଇ ସାରା ଦେହକୁ ରଙ୍ଗୀନ୍‌ କପଡ଼ାରେ ଘୋଡ଼େଇ ଗୋଟିଏ ଗୋଟିଏ ପାଦ ପକେଇ ସେ ଗାଁ ଦାଣ୍ଡରେ ଆସୁଥିଲା । ଦାରୋଗା ବାବୁ, ମୁନ୍‌ସି ବାବୁ, ଜମାଦାର ବାବୁ ଘର ଖାନ୍‌ତଲାସିରେ ବ୍ୟସ୍ତ । ଗାଁ ଦାଣ୍ଡରେ ସ୍ତ୍ରୀଲୋକଟିଏ ଝାଡ଼ା ଯାଉଛି ଏହା ଭାବି ଯେଉଁମାନେ ତାକୁ ଦେଖିଲେ ସେମାନେ ନ ଦେଖିଲା ଭଳି ରହିଲେ । ଗାଁ ଭିତରୁ ଗ୍ରାମ ମୁଣ୍ଡକୁ ସେ ଆସିଲା । ଗ୍ରାମ ମୁଣ୍ଡରୁ ସେ ବୁଢ଼ା ନଈ ଆଡ଼କୁ ଯାଇ ଶୀଘ୍ର ପାରି ହୋଇଗଲା ଆର ପାଖକୁ । ତାପରେ ସେ ରଙ୍ଗୀନ୍‌ କପଡ଼ାଟିକୁ ଖୋଲିଦେଇ ଧାଇଁ ପଳେଇଲା । ପଳେଇଲା ପରେ ଜଣା ପଡ଼ିଲା ସେ ସ୍ତ୍ରୀଲୋକ ନୁହେଁ ପୁରୁଷଟିଏ ।

ବିପ୍ଳବୀ ପଦ୍ମଚରଣ ପଳେଇଲା—ଶୁଣିଲେ ଦାରୋଗା ବାବୁ । ସଙ୍ଗେସଙ୍ଗେ ବଡ଼ପାଟିରେ କହିଲେ ଧର, ତାକୁ ଧର । ଏତେ ଚୌକିଦାର, ଦଫାଦାର, ସିପେହୀ ଥାଉଁଥାଉଁ ସେ ପଳେଇଲା କିପରି ? ଗଧଗୁଡ଼ାକ । ଧର—ତାକୁ ଶୀଘ୍ର ଧର ।

ଦାରୋଗାଙ୍କ କଥାକୁ ଦୋହରାଇ କହିଲେ ମୁନ୍‌ସି ବାବୁ । ସେହି କଥାକୁ ଦୋହରେଇଲେ ଜମାଦାର ବାବୁ । ଧାଇଁଲେ ସିପେହୀ—ଦଫାଦାର—ଚୌକିଦାର । ସେମାନେ ପାଟି କରୁଥାନ୍ତି ଧରଧର ପଳେଇଲା ପଳେଇଲା । ସମସ୍ତଙ୍କ ପାଟି ମିଶି ଖାଲି ହାଟଭଳି ହୋହୋ ଶୁଭୁଥାଏ ।

ସେମାନେ ଦଉଡ଼ିଲେ ଖଣ୍ଡେ ଦୂର ମୁନି ଗୋସେଇଁ ମଠ ପର୍ଯ୍ୟନ୍ତ । ସେତେବେଳକୁ ବିପ୍ଳବୀ ପଦ୍ମଚରଣ ତାଙ୍କ ଠାରୁ ଅନେକ ଦୂରରେ । ହୁଏତ ବନ୍ଧମୁଣ୍ଡାକୁ ଘେରାଉ କରିଥିଲେ ହୋଇଥାନ୍ତା । ମାତ୍ର କିଏ ଗୋଟାଏ କହିଲା ସେ କ'ଣ ତା ଘରକୁ ଯାଇଥିବ ? ସେ ପଳାଇଥିବ ଶାରଦା ପରିଡ଼ା ଘରକୁ । ତା ଘରତ ଗୋଟାଏ ଦୁର୍ଗ । ମାଟି ଘର ହେଲେ କ'ଣ ହେଲା ତା ତଳେ ଅଣ୍ଡର ଗ୍ରାଉଣ୍ଡ ହୋଇଛି ।

ଦାରୋଗା ବାବୁ ପାଟି କରି ଉଠିଲେ ଚୌକିଦାରଙ୍କ ଉପରେ—ଦଫାଦାରଙ୍କ ଉପରେ । ସେମାନେ କହିଲେ ହଜୁର ! ଆମେ କ'ଣ କରିବୁ, କେତେଗୁଡ଼ିଏ ସ୍ତ୍ରୀ ଲୋକ ଗାଧୋଇବାକୁ ଯାଉଥିଲେ । ତାଙ୍କର ଟିକିଏ ପଛକୁ ନଇଁନଇଁ ଓଢ଼ଣା ପକାଇ ବୁଢ଼ୀଟିଏ ଚାଲିଥିଲା । ହାଟୁଆ ଘରର ସ୍ତ୍ରୀ ଲୋକମାନେ ବୁଢ଼ୀ ହେଲେ କ'ଣ ହେବ, ସେମାନେ ଓଢ଼ଣା ପକାନ୍ତି । ସ୍ତ୍ରୀ ଲୋକଙ୍କୁ ଚନଖି କରିବା ଅପରାଧ । ତେଣୁ ଦେଖିଲେ ବି ପଚାରି ହେଲା ନାହିଁ ।

ତାହାହେଲେ ଆଗରେ ଯେଉଁ ସ୍ତ୍ରୀ ଲୋକମାନେ ଓଢ଼ଣା ପକାଇ ଗାଧୋଇ ଯାଉଥିଲେ ସେମାନେ ଜାଣିଶୁଣି ପଦ୍ମଚରଣକୁ ବାଟ କଢ଼ାଇ ନେଉଥିଲେ ? ପଚାର ସେ ସ୍ତ୍ରୀ ଲୋକମାନଙ୍କୁ—ଦାରୋଗା ବାବୁ କହିଲେ ।

ନଈ ଘାଟରେ ଗାଧୋଉଥିବା ସ୍ତ୍ରୀ ଲୋକଙ୍କୁ ପଚରା ହେଲା । ସେମାନେ କହିଲେ ଆମ ପଛରେ କିଏ ଆସୁଥିଲା ଆମେ କିପରି ଜାଣିବୁ । ଗାଁରେ ଯେତେବେଳେ ପୁଲିସ୍‌ ପଶିଛି ଭୟରେ ତ ଆମେ ପଛକୁ ଅନାଉ ନ ଥିଲୁ । ତେଣୁ ଆମେ କିପରି ଦେଖିବୁ ପଛରେ କିଏ ଆସୁଛି କି ନ ଆସୁଛି ?

ଦାରୋଗା ବାବୁଙ୍କ ମୁହଁ ଫିକା ପଡ଼ିଗଲା । ଓଃ—ସବୁ ମାଟି ହୋଇଗଲା । ପଦ୍ମଚରଣକୁ ଆରେଷ୍ଟ (ବନ୍ଦୀ) କରିଥିଲେ ତାଙ୍କର ପ୍ରମୋସନ୍‌ ହୋଇଥାନ୍ତା । ଯେ ରାଜବନ୍ଦୀକୁ ପୋଲିସ୍‌ ଠାରୁ ଗାଁବାଲାଙ୍କୁ ଶିଖେଇ ଛଡ଼ାଇ ନେଇଛି, ତାର କାଟି ଦେଇଛି, ଜଳ କର ଅଫିସ୍‌ ପୋଡ଼ି ଦେଇଛି ତାକୁ ବନ୍ଦୀ କରିବା କ'ଣ କମ୍‌ ଗୌରବର କଥା ? ସେ ପୁଣି ବିଭିନ୍ନ ଗାଁର ଲୋକଙ୍କୁ ଏକାଠି କରୁଛି ତିର୍ତ୍ତୋଲ ଥାନା ପୋଡ଼ି ଦେବାକୁ ତାକୁ ଧରି ଦେଇଥିଲେ ଏଇଠି ସବୁର ପୂର୍ଣ୍ଣଚ୍ଛେଦ ପଡ଼ିଥାନ୍ତା । ସବୁ ଗଣ୍ଡଗୋଳ ହୋଇଗଲା । ସବୁ ଉଦ୍ୟମ, ପରିଶ୍ରମ ପଣ୍ଡ ହୋଇଗଲା ।

ସକାଳ ହେଲା ପରେ ପଦ୍ମଚରଣ କେଉଁଠି ଲୁଚିଛି ଯେତେବେଳେ ଜଣା ନ ପଡ଼ିଲା ସେତେବେଳେ ଘରଘର ପଶି ପଦ୍ମଚରଣକୁ ଖୋଜିବା ଛଡ଼ା ଅନ୍ୟ ବାଟ ନ ଥିଲା । ଗୋଟିଙ୍କ ପରେ ଗୋଟିଏ ଘର ଖାନ୍‌ତଲାସୀ କରୁକରୁ ଦିନ ବଢ଼ିବାକୁ ଲାଗିଲା । ପ୍ରଥମେ ସମସ୍ତଙ୍କୁ ସନ୍ଦେହ ଆଖିରେ ପୋଲିସ୍‌ମାନେ ଦେଖୁଥିଲେ । ମାତ୍ର ପରେ ସେହିଭଳି ହେଲା ନାହିଁ । ପ୍ରଥମେ ପ୍ରଥମେ ଯଦି କେହି ଗାଁ ଦାଣ୍ଡକୁ ବୁଲି ଆସୁଥିଲା ତେବେ ବହୁ ଆଖି ତାଙ୍କ ଉପରେ ବୁଲି ଯାଉଥିଲା ।ହେଲେ ଏହିଭଳି କେତେ ସମୟ ବା ହୋଇ ପାରିବ । ଧୀରେ ସମସ୍ତଙ୍କ ଆଖି କୋହଳ ହୋଇଗଲା । ଏହାର ପୂର୍ଣ୍ଣ ଫାଇଦା ଉଠାଇଲା ପଦ୍ମଚରଣ । ଦଳେ ସ୍ତ୍ରୀ ଲୋକ ଲୁଗା ଗାମୁଛା ଧରି ଗାଧୋଇବାକୁ ଗଲେ । ଏଥିରେ ଅସ୍ୱାଭାବିକତା କିଛି ନ ଥିଲା । ତାଙ୍କର ଟିକିଏ ପଛରେ ବୁଢ଼ୀଟିଏ ଓଢ଼ଣା ପକାଇ ନଇଁନଇଁ ହାତରେ ବାଡ଼ିଟିଏ ଧରି ଗୁଡ଼ିଛି । ସ୍ତ୍ରୀ ଲୋକଙ୍କ ସହିତ ବୁଢ଼ୀଟି ବୋଧେ ଆସୁଥିଲା ମାତ୍ର ବୁଢ଼ୀ ସେମାନଙ୍କ ସହିତ ଗୁଲି ନ ପାରିବାରୁ ପଛରେ ଯାଉଛି ଏହି ଧାରଣା ଚୌକିଦାରମାନେ କଲେ । ଏଠି ଆଉ ସେମାନଙ୍କର ଭୁଲ୍ ରହିଲା କେଉଁଠି ?

ପଦ୍ମଚରଣ ବୁଢ଼ୀ ବେଶରେ ପୋଲିସ୍‌ଙ୍କୁ ଠକି ପକାଇ ଗଲେ ବଢ଼ମୁଣ୍ଡାର ତାଙ୍କ ଘରକୁ । ସେ ଗତ କାଲି ଠାରୁ କିଛି ଖାଇ ନ ଥିଲେ । ଲୁଚିଲୁଚି ଏ ଗାଁରୁ ସେ ଗାଁ ହେଉଥିଲେ । ସେ ଜାଣିଛନ୍ତି ଡେଙ୍ଗୁଲିପଦାରେ ପୋଲିସ୍ ଡେରା ପକାଇ ଅଛନ୍ତି । ପ୍ରତି ଗାଁରେ ଅଛନ୍ତି ଚୌକିଦାର । ଜମିଦାରମାନେ ପୁଣି କଂଗ୍ରେସବାଲାଙ୍କୁ ଶତ୍ରୁ ଚକ୍ଷୁରେ ଦେଖୁଛନ୍ତି । ତେଣୁ ସେମାନେ ବିଦେଶୀ ଇଂରେଜଙ୍କ ଦଲାଲ୍ । ସେମାନେ ନ ଜାଣିଲା ଭଳି ସବୁ କରିବାକୁ ପଡ଼ିବ । ଏଣେ ବୃନ୍ଦାବନ ନାୟକଙ୍କୁ ପୋଲିସ୍‌ଙ୍କ ହାତରୁ ଛଡ଼ାଇ ନେଲା ଦିନ ଠାରୁ ପୋଲିସ୍ ତାଙ୍କୁ ଧରିବାକୁ ଚେଷ୍ଟା କରୁଛି । ତେଣୁ ସତର୍କରେ ଏ ଗାଁରୁ ସେ ଗାଁ ଆସି ତାଙ୍କ ସମର୍ଥକମାନଙ୍କ ସହିତ ଗୁପ୍ତରେ କଥାବାର୍ତ୍ତା କରି ସେ ବୁଲି ଯାଉଥିଲେ । ତେଣୁ କେଉଁଠି ପଖାଳ ଖାଇବାର ସୁଯୋଗ ସେ ପାଇ ନାହାନ୍ତି । ନିଜ ଘର ଭିତରେ ପଶିଯାଇ ତାଙ୍କ ଗର୍ଭଧାରିଣୀ ପାଲୁଣା ଦେଈଙ୍କୁ ଡାକି କହିଲେ, ବୋଉ, କ'ଣ ଅଛି ପଖାଳ ଖାଇବାକୁ ଦେଲୁ ।

ବଢ଼ମୁଣ୍ଡାରୁ ପରିଡ଼ାପାଟଣା ମାଇଲିଏ ଖଣ୍ଡେ ହେବ । ତାଙ୍କ ପୁଅ 'ପଦିଆ'କୁ ପୋଲିସ୍ ଧରିବ ବୋଲି ପରିଡ଼ାପାଟଣା ଘେରାଉ କରିଛି । ଏ ଖବର ସେ ପାଇଥିଲେ । କଂଗ୍ରେସରେ ଯୋଗଦେଇ ଇଂରେଜଙ୍କ ସହିତ ଅସହଯୋଗ ଆନ୍ଦୋଳନ କରି ସେ କେତେଥର ଜେଲ୍ ଗଲେଣି । ତେଣୁ ଜେଲ୍ ଯିବା ପଦ୍ମଚରଣଙ୍କ ପାଖରେ ନୂଆ ନୁହେଁ । ତଥାପି ତାଙ୍କ ଜନନୀ ମନ ବୁଝେ ନାହିଁ । ସେ ଯେତେବେଳେ ଶୁଣିଲେ ପଦକୁ ଧରିବା ପାଇଁ ପୋଲିସ୍ ପରିଡ଼ାପାଟଣାରେ ପଶିଛି, ସେତେବେଳେ ସେ ତାଙ୍କ ଘରର ବଂଶର ଇଷ୍ଟ ଶାରଳା ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଜଣାଇଲେ, ହେ ମା ! ପଦକୁ ପୋଲିସ୍ ନ ପାଉ । ମୁଁ ତୋତେ କଳା ଛାଗ୍ରୀ ପିଲାଇବି ।

ବର୍ତ୍ତମାନ ଆଖି ଆଗରେ ସେହି ପୁଅକୁ ଦେଖି ମନରେ ତାଙ୍କର ଆନନ୍ଦ ଭରିଗଲା । ପୁଅ ମାଗୁଛି ତାଙ୍କୁ ଖାଇବାକୁ । ଚୋରେଇ ତ ହୋଇ ନାହିଁ—ଘରେ ଚୂଡ଼ା, ଗୁଡ଼, କଦଳୀ ଅଛି । ସେ ତରତର ହୋଇ କଂସାରେ କଂସାଏ ଚୂଡ଼ା ଆଣି ତାଙ୍କ ପାଖରେ ଥୋଇ ଦେଇ ଗୁଡ଼, କଦଳୀ ପାଇଁ ଗଲେ । ଦାଣ୍ଡଆଡ଼ୁ କାହାର ପାଦ ଶବ୍ଦ ଭାସି ଆସିଲା । ତାଙ୍କ ଘର ଠାରୁ ଗୋଟିଏ ଘର ଛାଡ଼ି ଦେଲେ କୃଷ୍ଣ ଭାଇଙ୍କ ଘର । କୃଷ୍ଣ ଭାଇ ୟୁନିୟନ୍ ପ୍ରେସିଡେଣ୍ଟ । ସେ ତାଙ୍କର ଶତ୍ରୁ ନୁହେଁ । ତଥାପି ସେ ଜାଣିଲେ ପୋଲିସ୍‌କୁ ଖବର ଦେଇ ଦେବ ? ଆସନ୍ନରେ ବିପଦ । ଏଠି ଆଉ ଅପେକ୍ଷା ଚଳିବ ନାହିଁ ।

ଖଦଡ଼ ଲୁଗାଟି ତାଙ୍କର ପିନ୍ଧା । ତଥାପି ଚୂଡ଼ା କଂସାଟି ଆଣି ସେ ସାବଧାନରେ ଲୁଗା କାନିରେ ବାନ୍ଧି ଦଉଡ଼ିଲେ ବାରି ଆଡ଼କୁ । ଗତ କାଲି ଠାରୁ ସେ ଖାଇ ନାହାନ୍ତି । ଏଣେ ପୋଲିସ୍ ଗୋଡ଼େଇଛି ତାଙ୍କୁ ଧରିବାକୁ । ଧରା ପଡ଼ିଗଲେ କେତେଦିନ ଜେଲ୍‌ରେ ରହିବାକୁ ହେବ । ସେ ଜେଲ୍ ଯିବାକୁ କଂଗ୍ରେସରେ ପଶି ନାହାନ୍ତି । ଇଂରେଜଙ୍କୁ ତଡ଼ିବାକୁ ତାଙ୍କୁ କିଛି କରିବାକୁ ହେବ । ଗାଁଗଲି ଲୋକଙ୍କ ପ୍ରାଣରେ ଇଂରେଜ ବିରୋଧୀ ମନୋଭାବ ସୃଷ୍ଟି କରିବା ଦରକାର । ସେଥିପାଇଁ ଜେଲ୍ ତାଙ୍କର ଉପଯୁକ୍ତ ସ୍ଥାନ ନୁହେଁ । ସେ 'ସମାଜ'ରୁ ପଢ଼ିଛନ୍ତି ମହାତ୍ମା ଗାନ୍ଧୀ, ଜହରଲାଲ୍ ନେହେରୁଙ୍କ ସହିତ କଂଗ୍ରେସ ୱାର୍କିଂ କମିଟିର ସଭ୍ୟମାନେ ଜେଲ୍ ଗଲେଣି । ବର୍ତ୍ତମାନ କଂଗ୍ରେସ କର୍ମୀ ନେତା ବିହୀନ । ସେନାପତି ବିହୀନ ସୈନ୍ୟମାନେ ଯେପରି ମନଇଚ୍ଛା ଯାହାମନେ ତାହା କରନ୍ତି ସେହିଭଳି କିଛି କରିବାକୁ ହେବ ।

ପଦ୍ମଚରଣଙ୍କ ପିତା ବ୍ରହ୍ମାନନ୍ଦ ଦାଣ୍ଡ ଆଡୁ ତାଙ୍କ ପତ୍ନୀଙ୍କୁ ଡାକିଡାକି ଭିତର ଖଞ୍ଜାକୁ ପଶି ଆସି କହିଲେ, ଶୁଣୁଛ, ପଦନକୁ ପୋଲିସ୍ କେଉଁଠି ପାଇଲେ ନାହିଁ । ପଦ ପୋଲିସ୍ ଆଖିରେ ଧୂଳି ଦେଇ କୁଆଡ଼େ ପଳେଇ ଯାଇଛି ।

ଗୁଡ଼, ପାଚିଲା କଦଳୀ ଧରି ମା' ତାଙ୍କର ଆସି ଦେଖନ୍ତି ଚୂଡ଼ା ପୁରାଇ ଥୋଇ ଯାଇଥିବ । କଂସାଟି ଖାଲି ଥୁଆ ହୋଇଛି । ପୁଅ ତାଙ୍କର ଚୂଡ଼ାତକ ଅଣ୍ଟିରେ ନେଇ ପଳେଇଛି । ଅଣ୍ଟିଟି ତାର ଚିରା । ତେଣୁ ଚୂଡ଼ା ତାର ଗଲା ରାସ୍ତାରେ ପଡ଼ିପଡ଼ି ଯାଇଛି ।

ସେହି ଦୃଶ୍ୟକୁ ବାପା ମା ଦୁହେଁ ଛିଡ଼ା ହୋଇ ଦେଖିଲେ । ଆଜି ଗଣେଶ ପୂଜା ଘରେଘରେ ସିଦ୍ଧିଦାତା ଗଣେଶ ଆରାଧିତ ହେବେ । ମାତ୍ର ତାଙ୍କ ପୁଅ ପୋଲିସ୍‌କୁ ଡ଼ରି ଲୁଚିଲୁଚି ବୁଲୁଛି । କାହିଁକି ? ସେ କ'ଣ ଚୋରୀ କରିଛି ନା ଡକାୟତି କରିଛି । ଦେଶ ସ୍ୱାଧୀନ ପାଇଁ ସେ ଆନ୍ଦୋଳନ କରୁଛି । ଏହା କ'ଣ ନିନ୍ଦାର କଥା, ଏଥିପାଇଁ ପୋଲିସ୍ ତାକୁ ବାନ୍ଧିବାକୁ ଖୋଜୁଛି କାହିଁକି ? ପୋଲିସ୍‌ମାନେ ତ ଗୋରା ସାହେବ ନୁହନ୍ତି । ସେମାନେ ଭାରତୀୟ—ଓଡ଼ିଆ । ଦେଶ ସ୍ୱାଧୀନ ହେଲେ ସେମାନେ କ'ଣ ସ୍ୱାଧୀନ ହେବେ ନାହିଁ ? ସେମାନେ କ'ଣ ତାଙ୍କ ଯୋଗ୍ୟତା ଅଭିଜ୍ଞତା ଅନୁସାରେ ସମ୍ମାନ ପାଇବେ ନାହିଁ ? ପୁଅ ତାଙ୍କର ଯାଉଛି—କ'ଣ ସେ ନିଜ ପାଇଁ ଯାଇଛି ? ଯଦି ଦେଶ ସ୍ୱାଧୀନ ହୁଏ ତେବେ ସାରା ଓଡ଼ିଶାର ଲୋକ—ସମଗ୍ର ଭାରତର ଲୋକ ତାହା ଉପଭୋଗ କରିବେ ।

୧୯୪୨ ମସିହାରେ ସାହେବ ଷ୍ଟାଫୋର୍ଡ କ୍ରିପ୍ସ ଇଂରେଜ ସରକାରଙ୍କ ପକ୍ଷରୁ ଭାରତର ଭବିଷ୍ୟତ ଓ ବର୍ତ୍ତମାନ ବିଷୟରେ କେତେକ ପ୍ରସ୍ତାବମାନ ଧରି ପହଞ୍ଚିଲେ । ସେହି ପ୍ରସ୍ତାବଗୁଡ଼ିକ ଭାରତର କୌଣସି ରାଜନୈତିକ ଦଳଙ୍କ ମନକୁ ପାଇଲା ନାହିଁ । ସେହି ସମୟରେ ମାଳୟ, ସିଙ୍ଗାପୁର, ବର୍ମା ପ୍ରଭୃତିକୁ ଜାପାନ ଅଧିକାର କରି ଭାରତ ଆଡ଼କୁ ଆସୁଛି ବୋଲି ସରକାର ଏବଂ ଦେଶବାସୀ ଧାରଣା କରୁଥିଲେ । ଇଂରେଜ ସରକାରଙ୍କ ଶାସନଗତ ଅପାରଗତା ଓ ତାଙ୍କ ପ୍ରତି ଭାରତୀୟଙ୍କ ଅବିଶ୍ୱାସ ଏପରି ଅବସ୍ଥାରେ ପହଞ୍ଚିଲା ଯେ ଭାରତୀୟମାନେ ଜାପାନ ଆସିବା ପଥକୁ ଅନାଇ ବସିଥିଲେ । ଠିକ୍ ଏହି ସମୟରେ ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ନିଖିଳ ଭାରତ କଂଗ୍ରେସ କମିଟି ଭାରତୀୟଙ୍କ ହାତରେ ଶାସନଭାର ଅର୍ପଣ କରିବା ପାଇଁ ଇଂରେଜଙ୍କ ପାଖରେ ଦାବୀ କଲେ । ଇଂରେଜ ସରକାର ଭାରତୀୟ କଂଗ୍ରେସର ଏହି ପ୍ରସ୍ତାବକୁ ମୋଟେ ଗ୍ରହଣ କଲେ ନାହିଁ । ତେଣୁ ଗଣସତ୍ୟାଗ୍ରହ ପରିଚାଳନା କରିବା ପାଇଁ ମହାତ୍ମା ଗାନ୍ଧୀଙ୍କୁ ଅନୁରୋଧ କରାଗଲା । ଅହିଂସାର ଅବତାର ମହାତ୍ମା ଗାନ୍ଧୀ ଗଣସତ୍ୟାଗ୍ରହ ଆରମ୍ଭ କରିବା ପୂର୍ବରୁ ତତ୍‌କାଳୀନ ବଡ଼ଲାଟ୍ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କ ସହିତ ସାକ୍ଷାତ କରି ବିଷୟଟିର ଗୁରୁତ୍ୱ ବୁଝାଇବାକୁ ଇଚ୍ଛା କଲେ । କିନ୍ତୁ ଗାନ୍ଧିଜୀଙ୍କର କୌଣସି କଥା ଶୁଣିବା ପାଇଁ ଇଂରେଜ ସରକାର ରାଜି ହେଲେ ନାହିଁ । ୧୯୪୨ ଅଗଷ୍ଟ ଆଠ ତାରିଖ ରାତି ଦଶଟା ବେଳେ ନିଖିଳ ଭାରତ କଂଗ୍ରେସ କମିଟି ବୈଠକ ଶେଷ ହେଲା । ଅଗଷ୍ଟ ଏଗାର ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ମହାତ୍ମା ଗାନ୍ଧୀ ଓ କଂଗ୍ରେସ ୱାର୍କିଂ କମିଟିର ସମସ୍ତ ସଭ୍ୟମାନଙ୍କୁ ବନ୍ଦୀ କରି ନିଆଗଲା । ଏହାଦ୍ୱାରା ସମଗ୍ର ଦେଶରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇ ଲୋକେ ସରକାରଙ୍କ ସହିତ ମୁକାବିଲା କରିବାକୁ ଧାଇଁଲେ । ଗୁରିଆଡ଼େ ବିପ୍ଳବର

ନିଆଁ ଜଳିବାକୁ ଲାଗିଲା । ଲୋକେ କଂଗ୍ରେସ ବିପ୍ଳବୀଙ୍କୁ ଶକ୍ତି ଅନୁସାରେ ସାହାଯ୍ୟ କଲେ । ଏଥିରୁ ଓଡ଼ିଶା ବାଦ୍ ଗଲା ନାହିଁ ।

୧୭୬୭ରେ ନିଜାମ୍ ଓ ଇଂରେଜଙ୍କ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ସେହି ଚୁକ୍ତିରେ ନିଜାମଙ୍କୁ ସାମରିକ ସାହାଯ୍ୟ ଦେବା ପାଇଁ ଇଂରେଜମାନେ ଓଡ଼ିଶାର ଗଞ୍ଜାମ ଓ କୋରାପୁଟ ଏହି ଦୁଇ ଜିଲ୍ଲାକୁ ସେମାନଙ୍କ ଅଧୀନକୁ ନେଇଥିଲେ । ତା ପୂର୍ବରୁ ପ୍ରାୟ ୧୭୫୩ରୁ ୧୭୫୯ ପର୍ଯ୍ୟନ୍ତ ଏହି ଦୁଇଟି ଜିଲ୍ଲା ଫରାସୀମାନଙ୍କ ହାତରେ ଥିଲା । ୧୮୦୩ରେ କଟକ, ପୁରୀ, ବାଲେଶ୍ୱର ଯାହାକି ମୋଗଲବନ୍ଦୀ ନାମରେ କଥିତ ତାହା ଇଂରେଜମାନେ ମରହଟ୍ଟାଙ୍କ ଠାରୁ ଆକ୍ରମଣ କରି ନେଇଗଲେ । ଏହା ପରେପରେ ବଲାଙ୍ଗୀର ଓ ସମ୍ବଲପୁର ବ୍ୟତୀତ ଅନ୍ୟାନ୍ୟ ଗଡ଼ଜାତଗୁଡ଼ିକ ଇଂରେଜଙ୍କ ଅଧୀନତା ସ୍ୱୀକାର କଲେ । ଫଳରେ ସେମାନେ ପରିଗଣିତ ହେଲେ ସାମନ୍ତ ରାଜା' ରୂପେ । ୧୮୧୭ ପରେ ଏହି ଦୁଇଟି ରାଜ୍ୟ ମରହଟ୍ଟାଙ୍କଠାରୁ ବ୍ରିଟିଶ୍ ନେଇଗଲା । ୧୮୪୯ ପରେ ସମ୍ବଲପୁର ଆଉ କରଦ ରାଜ୍ୟ ନ ହୋଇ କଟକ, ପୁରୀ ପ୍ରଭୃତି ପରି ଗୋଟିଏ ଜିଲ୍ଲା ହୋଇଗଲା । ତେଣୁ ମୋଟାମୋଟି କହିବାକୁ ଗଲେ ୧୮୧୭ ପରେ ଓଡ଼ିଶା ପୁରାପୁରି ଇଂରେଜଙ୍କ ଶାସନାଧୀନ ହେଲା ।

ଏହି ବିଦେଶୀ ଶାସନରୁ ମୁକ୍ତ ହେବା ପାଇଁ ୧୭୫୭ରେ ପ୍ରଥମେ ଗଞ୍ଜାମ ଜିଲ୍ଲାର ଘୁମୁସର ଚେଷ୍ଟା କରିଥିଲା । ସେତେବେଳେ ସେ ଫରାସୀ ଅଧୀନରେ ଥାଏ । ଭାରତ ବିଖ୍ୟାତ ଫରାସୀର ଜେନେରାଲ୍ ଡି. ବସ୍ ଗଞ୍ଜାମ ଜିଲ୍ଲାର ଜମିଦାରମାନଙ୍କଠାରୁ ବାକୀ ଖଜଣା ଅସୁଲ କରିବାକୁ ଆସିଥିଲେ । ସମସ୍ତେ ଖଜଣା ଦେଇଦେଲେ, ମାତ୍ର ଘୁମୁସର ର ପ୍ରଜାମାନେ ଦେଲେ ନାହିଁ । ତେଣୁ ତାଙ୍କ ବିରୁଦ୍ଧରେ ଫରାସୀମାନେ ବିହିତ ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ହେଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ପଶି ପ୍ରଜାମାନଙ୍କୁ ଶାସନ କରିବା ଫରାସୀମାନଙ୍କ ପକ୍ଷରେ ସେତେ ସହଜ ହେଲା ନାହିଁ । ତେଣୁ ସେମାନେ ବହୁ କ୍ଷତିଗ୍ରସ୍ତ ହେଲେ । ପରିଶେଷରେ ରାଜା ଅଧିକ ଲଢ଼ି ନ ପାରି ଆତ୍ମସମର୍ପଣ କଲେ ସତ କିନ୍ତୁ ଏହି ଯୁଦ୍ଧରେ ୩୦ ଜଣ ଗୋରା ସିପାହୀ ଓ ଅସଂଖ୍ୟ ଭାରତୀୟ ସିପାହୀ ମଲେ ।

ଇଂରେଜମାନେ ୧୭୬୭ରେ ନିଜାମଙ୍କଠାରୁ ଗଞ୍ଜାମ ନେଇଥିଲେ ମଧ୍ୟ ପାରଳାଖେମୁଣ୍ଡିର ମହାରାଜା ନାରାୟଣ ଦେଓ ସେମାନଙ୍କ ଅଧୀନତା ସ୍ୱୀକାର କଲେ ନାହିଁ । ତେଣୁ ୧୭୬୭ରେ ତାଙ୍କ ସହିତ ଇଂରେଜଙ୍କର ଯୁଦ୍ଧ ହେଲା । ଏ ଯୁଦ୍ଧରେ ରାଜା ପରାସ୍ତ ହେଲେ । ୧୭୬୯ରେ ସଲାମୀ ନ ଦେଇ ଖଲ୍ଲିକୋଟ୍ର ରାଜା ବିଦ୍ରୋହ କଲେ । ଏହିପରି ବିଦ୍ରୋହ କ୍ରମାଗତ ଭାବେ ଲାଗି ରହିଲା । ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ମାତ୍ର ହରିଶ୍ଚନ୍ଦ୍ରପୁରର ରାଜା ନୀଳକଣ୍ଠ ମର୍ଦ୍ଦରାଜ ଇଂରେଜଙ୍କର ବଶ୍ୟତା ସ୍ୱୀକାର ନ କରିବାରୁ ୧୮୦୫ରେ ହରିଶ୍ଚନ୍ଦ୍ରପୁର ଖାସ୍ ହେଲା । ୧୮୦୪ରେ ଖୋର୍ଦ୍ଧାର ନାବାଳକ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ତରଫରୁ ଜୟୀରାଜଗୁରୁ ବିଦ୍ରୋହ କଲେ । ୧୮୧୭ରେ ଖୋର୍ଦ୍ଧାର ପାଇକମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜଙ୍କର ବିରୁଦ୍ଧାଚରଣ କଲେ । ତେଣୁ ଓଡ଼ିଶାରେ ବିଦ୍ରୋହ ଏକ ମାମୁଲି କଥା ।

୧୯୪୨ ଅଗଷ୍ଟ ବିପ୍ଳବ ଏବଂ ତା ପୂର୍ବର ବିପ୍ଳବ ମଧ୍ୟରେ ପାର୍ଥକ୍ୟ ରହିଛି । ପୂର୍ବେ ଅସ୍ତ୍ରଶସ୍ତ୍ର ଧରି ଇଂରେଜଙ୍କ ବିରୁଦ୍ଧାଚରଣ କରା ଯାଉଥିଲା ମାତ୍ର ୧୯୪୨ରେ ବିପ୍ଳବୀମାନେ ବିନା ଅସ୍ତ୍ରରେ ଇଂରେଜଙ୍କ ସହିତ ଲଢୁଥାନ୍ତି । ୧୯୪୨ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁଭଳି ବିପ୍ଳବ ଘନେଇ ଉଠୁଥିଲା, ସେହିଭଳି ତିର୍ତ୍ତୋଲରେ ବିପ୍ଳବର ନିଆଁ ଜାଳିବାକୁ ପଦ୍ମଚରଣ ଚେଷ୍ଟା କରୁଥାନ୍ତି । ତାଙ୍କ ଉପରେ ବିଶ୍ୱାସ ରଖି ବିଭିନ୍ନ ଗ୍ରାମର ବହୁ ଲୋକ ତାଙ୍କ ସହିତ ଯୋଗ ଦେଉଥାନ୍ତି ।

୧୯୪୨ ଅଗଷ୍ଟ ଅଠେଇଶି ତାରିଖ ଦିନ ତେରତାଙ୍ଗର ବୃନ୍ଦାବନ ନାୟକ ଇଂରେଜ ସରକାରଙ୍କ ବିରୁଦ୍ଧରେ ଶାରଳା ଠାକୁରାଣୀଙ୍କ ହାଟରେ ଭାଷଣ ଦେଉଥିଲା ବେଳେ ପୋଲିସ ତାଙ୍କୁ ବନ୍ଦୀ କଲେ । ସେ ଦିନ ରାତିଟି ରହିଲେ ସେ ତିର୍ତ୍ତୋଲ ଥାନାରେ । ସକାଳୁ କେତେଜଣ ଚୌକିଦାର, ଦଫାଦାର ଓ ସିପାହୀ ବୃନ୍ଦାବନଙ୍କୁ ହାତକଡ଼ି ପିନ୍ଧାଇ ଚଲାଇ ଚଲାଇ କଟକ ନେଉଥିଲେ । ତିର୍ତ୍ତୋଲରୁ କଟକ ଗଲେ ବର୍ଷା ଦିନେ ଜଇପୁର ପର୍ଯ୍ୟନ୍ତ ଗ୍ଳିଗ୍ଳି ଯିବାକୁ ପଡ଼େ । ସକାଳ ପ୍ରାୟ ୯ଟା ହେବ । ଚୌକିଦାର, ଦଫାଦାର, ସିପାହୀଙ୍କ ଗହଣରେ ବିପ୍ଳବୀ ବୃନ୍ଦାବନ ତାଳଦଣ୍ଡା କେନାଲ ବନ୍ଧରେ କଟକକୁ ଯାଉଯାଉ ପଦ୍ମଗଣ୍ଡ ପାଖରେ କେତେକଙ୍କୁ ବିଲ ବାଛୁଥିବାର ଦେଖିଲେ । ହଠାତ୍ ସେ ପାଟି କରି ଉଠିଲେ, ଦେଖ ଭାଇମାନେ ! ମୁଁ ଚୋରୀ କରି ନାହିଁ କିମ୍ବା ଡକାୟତି କରିନାହିଁ । ଆମର ପୂଜ୍ୟ ନେତା ଗାନ୍ଧିଜୀ ବନ୍ଦୀ ହୋଇଗଲେ ସ୍ୱରାଜ୍ୟ ପାଇଁ । ମୁଁ ସେହି କଥା କାଲି ଲୋକଙ୍କୁ କହି ସରକାରଙ୍କ ସହିତ ଅସହଯୋଗ ପାଇଁ ଅନୁରୋଧ କରୁଥିଲା ବେଳେ ପୋଲିସ୍ ମୋତେ ଆରେଷ୍ଟ୍ କଲା । ଆପଣମାନେ ଜାଣିଥିବେ, ଏ ଦେଶକୁ ଗୋଟିଏ ବିଦେଶୀ ବେପାରୀ ବେପାର କରିବାକୁ ଆସି ଶାସନ କରି ଚାଲିଛି । ଯୁଗେଯୁଗେ ଭାରତୀୟମାନେ, ଓଡ଼ିଆମାନେ ବୀର ଜାତି । ତାଙ୍କୁ ଗୋଟାଏ ବେପାରୀ ଜାତି ଶାସନ କରି ଦେଶର ଧନ ଦଉଲତ ବିଲାତ ବୋହି ନେବା ବଡ଼ ଲଜ୍ଜାର କଥା । ଏଥିପାଇଁ ଆମେ ସ୍ୱାଧୀନ ଆଣିବା ପାଇଁ ବ୍ରତ କରି ଆନ୍ଦୋଳନ କରୁଛୁ ।

ଦେଖ ଭାଇ ! ଆମର ରାସ୍ତା ଖଣ୍ଡେ ନାହିଁ କଟକ ଯିବା ପାଇଁ । ରୋଗ ବ୍ୟାଧିରେ ଆମେ ସନ୍ତୁଷ୍ଟ, ଚିକିତ୍ସା ପାଇଁ ମଧ୍ୟ ସେଭଳି କିଛି ସୁବିଧା ନାହିଁ । ଯାହା ଦେଶର ଆୟ ହେଲା ସେ ସବୁ ବିଲାତ ଗଲା । ପୋଲିସ୍ ଭାଇମାନେ ଆମର ଭାଇ । ସେମାନେ ପେଟ ପାଇଁ ଗୋଲାମି କରିଛନ୍ତି । ମୁଁ କେବଳ ନିଜ ପାଇଁ ବିପ୍ଳବ କରୁ ନାହିଁ, କରୁଛି ସମସ୍ତଙ୍କ ପାଇଁ । ଏହି ପୋଲିସ୍ ଭାଇମାନଙ୍କୁ ଯେତେ କହିଲେ ବି ସେ ମୋତେ ଶୁଣୁ ନାହାନ୍ତି । ଓଲଟି ଠେଙ୍ଗା ଦେଖାଉଛନ୍ତି । କୁହ ଭାଇ !ମୁଁ କି ଅପରାଧ କରିଛି ସେମାନଙ୍କର ?

ଧାନ ବିଲରେ ଘାସ ବାଳୁଙ୍ଗା ବାଛୁଥିବା କେତେଜଣ କୃଷୀ ଜଣଜଣ କରି ଛିଡ଼ା ହୋଇଗଲେ ବୃନ୍ଦାବନ ନାୟକଙ୍କ କଥା ଶୁଣି । ସଙ୍ଗେସଙ୍ଗେ ସେମାନେ ଧାନ ବିଲରୁ ଉଠି ନାଳବନ୍ଧ ଉପରକୁ ଚଢ଼ିଗଲେ । କାହ୍ନୁ ମୁଣ୍ଡି ସିପାହୀଙ୍କୁ କହିଲେ, ହେ ପୋଲିସ୍ ଭାଇମାନେ, ବୃନ୍ଦାବନ ଭାଇ ଆମ ସମସ୍ତଙ୍କ ପାଇଁ ଆନ୍ଦୋଳନ କରୁଛି । ତୁମେ ତ ଆମ ଓଡ଼ିଆ ଭାଇ । ଭାଇଟାକୁ କାହିଁ ହାତକଡ଼ି ଦେଇ କଟକ ନେଉଛ ? ଖୋଲିଦିଅ ତା ହାତକୁ ।

ହଠାତ୍ ଜଣେ ସିପାହୀ ଲୋକଙ୍କୁ ଜବାବ ଦେବାକୁ ଆସି କହି ଉଠିଲା, ଏକା ବୃନ୍ଦାବନ କାହିଁକି ତୁମ ସମସ୍ତଙ୍କୁ ବର୍ତ୍ତମାନ ହାତକଡ଼ି ପକାଇ ନେଇଯିବୁ । ଆରେ ତୁମେ କ'ଣ ଭାବିଛ କି ? ଯାହା ରାଜ୍ୟରେ ଚନ୍ଦ୍ର ସୂର୍ଯ୍ୟଙ୍କର ଉଦୟ ଅସ୍ତ ନାହିଁ ତାଙ୍କ ବିରୁଦ୍ଧରେ ତୁମେ କେଇଟା ବିଲୁଆ ଏଣୁ ତେଣୁ ବକୁଛ—ପୁଣି ରାସ୍ତା ଅବରୋଧ କରି ଛିଡ଼ା ହୋଇଛ ?

କ'ଣ ହେଲା—ଆମେ ବିଲୁଆ ଆଉ ତୁମେ ଇଂରେଜଙ୍କର ତାହାଳ କୁକୁର । ପୁଣି ଆମକୁ ତୁମେ ହାତକଡ଼ି ଦେବ ? ଆଚ୍ଛା ଦେଖିବା ଭଲା, ତୁମର କେତେ ବଳ ଆଉ ଆମର କେତେ ବଳ । ଭାଇମାନେ ! ଏଇ କେଇଟା ଚଉକିଆ ଦଫାଦାର ଆଉ ସିପାହୀ କ'ଣ ବନେଇ ଯିବେ ଆମଠାରୁ ? ଧରିଲ ଏମାନଙ୍କୁ, ଦେଖିବା ଏମାନେ କ'ଣ କରିବେ ?

ଆଗେଇ ଗଲେ କୃଷୀ ମୂଲିଆମାନେ ପୋଲିସ୍ଙ୍କ ପାଖକୁ । ପାଟି ଶୁଣି ଲୋକ ଦେଖି ପୂର୍ବ, ପଶ୍ଚିମ, ଦକ୍ଷିଣ ତରଫରେ ବିଲରେ କାମ କରୁଥିବା କୃଷୀ ମୂଲିଆମାନେ ଧରଧର କହି ଧାଇଁ ଆସିଲେ । କୃଷୀ ମୂଲିଆଙ୍କ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ ହୋଇଗଲା । ଧୀରେଧୀରେ ତାଳଦଣ୍ଡା କେନାଲର ଦକ୍ଷିଣ ପଟ ବନ୍ଧରେ ଲୋକ ଭରପୁର ହୋଇଗଲେ । ଏକ ସମୟରେ ସମସ୍ତେ ପାଟି କରୁଥାନ୍ତି ଧରଧର, ଏମାନଙ୍କୁ ଧର ।

ସିପେହୀ, ଦଫାଦାର, ଚୌକିଦାର ଲୋକମାନଙ୍କ କଥା ଶୁଣି ନିଜକୁ ଅସହାୟ ମନେ କଲେ । ରାଜବନ୍ଦୀ ବୃନ୍ଦାବନ ନାୟକଙ୍କୁ ଛାଡ଼ିଦେଇ ନିଜର ଜୀବନ ବଞ୍ଚାଇବା ପାଇଁ ସେମାନେ ପଳେଇବାକୁ ଚେଷ୍ଟା କଲେ । ଘେରିଗଲେ ତାଙ୍କୁ ଲୋକମାନେ । ମାତ୍ର ନାହାକ ସାହିର ବୈଦ୍ୟନାଥ

ନାୟକ ହାତ ଟେକାଇ ପାଟି କରି କହିଲେ, ଭାଇମାନେ ! ଏ ପୋଲିସ୍ ସବୁ ହେଉଛନ୍ତି ଆମମ ଭାଇ, ତାଙ୍କ ସହିତ ଆମର କୌଣସି ବିରୋଧତା ନାହିଁ । ତଥାପି ଆମେ ଅନୁଭବ କରୁଛୁ ସେ ଆମ ସହିତ ଏକ ହୋଇ ପାରୁ ନାହାନ୍ତି କେବଳ ତାଙ୍କର ଗୋଲାମୀ ପୋଷୁ । ତେଣୁ ତାଙ୍କ ଦେହରେ ଥିବା ଗୋଲାମୀ ପୋଷାକ ଏଇଠି ପୋଡ଼ି ପାଉଁଶ କରି ଦେବା ।

ପୋଲିସ୍‌ମାନଙ୍କୁ ଛାଡ଼ି ଅବଶିଷ୍ଟ ଜନତା ଏକ ସ୍ୱରରେ କହି ଉଠିଲେ ତାହାହିଁ କରାଯାଉ । ସଙ୍ଗେସଙ୍ଗେ ପୋଲିସ୍‌ଙ୍କ ଦେହରୁ ପୋଷାକ ଖୋଲିବା ପାଇଁ ଲୋକେ ପୋଲିସ୍‌ଙ୍କୁ ଖପ୍‌ଖାପ୍ ଧରି ପକାଇଲେ । ଏହି ପରିସ୍ଥିତିରେ କେତେକ ଚୌକିଦାର, ଦଫାଦାର, ସିପେହୀ ଲୋକଙ୍କୁ ଠେଲି କେନାଲ ଭିତରକୁ ଡେଇଁ ପଡ଼ିଲେ । ସେମାନେ ପହଁରି ପହଁରି କେନାଲର ଘରର ପଟ ବନ୍ଧ ଉପରକୁ ଉଠି ଗଲେ । ତାପରେ ଅଣନିଶ୍ୱାସୀ ହୋଇ ଧାଇଁଲେ ଥାନା ଆଡ଼କୁ । ଦକ୍ଷିଣ ତରଫରେ ଛିଡ଼ା ହୋଇଥିବା ଲୋକମାନେ ପାଟି କରୁଥାନ୍ତି ଧରଧର, ପଳେଇଲେ, ପଳେଇଲେ । ଯେଉଁ କେତେ ଜଣଙ୍କୁ ଧରା ଯାଇଥିଲା ସେମାନଙ୍କ ଦେହରୁ ପୋଷାକ ଖୋଲି ନିଆଁ ଲଗେଇ ଦିଆଗଲା । ସେମାନେ ଖାଲି ଦେହରେ ଥାନା ଆଡ଼କୁ ଫେରିଗଲେ ।

ଏ ସଫଳତାରେ ତିର୍ତ୍ତୋଲର କଂଗ୍ରେସ ଲୋକେ ଉତ୍ଫୁଲ୍ଲ ହୋଇ ଉଠିଲେ । ପଦ୍ମଚରଣଙ୍କ ସହକର୍ମୀମାନେ ଜଣଜଣ ହୋଇ ଏକତ୍ରିତ ହୋଇଗଲେ ବଫାପୁରରେ । କୁଳମଣି ଖୁଣ୍ଟିଆ, ବୈଦ୍ୟନାଥ ନାୟକ, ଗୌରହରି ପୃଷ୍ଟି, କାହ୍ନୁ ପୃଷ୍ଟି ପ୍ରଭୃତି ବସି ସ୍ଥିର କଲେ ତିର୍ତ୍ତୋଲ ସହିତ କଟକର ସମ୍ପର୍କକୁ ଛିନ୍ନ କରିଦେବା ପାଇଁ । ଖାଲି ସେତିକି ନୁହେଁ, ନୂଆପଡ଼ାରେ ଥିବା କଳକର ଅଫିସ୍ ପୋଡ଼ି ଦିଆଯିବ, ତାପରେ ପୋଡ଼ା ହେବ ତିର୍ତ୍ତୋଲ ଥାନା ।

ସେଦିନ ୧୯୪୨ ସେପ୍ଟେମ୍ବର ୩ ତାରିଖ । ସନ୍ଧ୍ୟା ବେଳକୁ ବିଭିନ୍ନ ଗ୍ରାମରୁ ଦଳଦଳ ହୋଇ ବହୁ ଲୋକ ଏକତ୍ରିତ ହେଲେ ନୂଆପଡ଼ାରେ । ଆଗରୁ ପଦ୍ମଚରଣ କୁଳମଣି ଖୁଣ୍ଟିଆ,ବୈଦ୍ୟନାଥ ନାୟକ ପ୍ରଭୃତିଙ୍କୁ ଧରି ସେଠାରେ ଥିଲେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିବା ମାତ୍ରେ ପ୍ରଥମେ ଟେଲିଗ୍ରାଫ୍ ତାର କାଟି ଦିଆଗଲା । ତାପରେ ପୋଡ଼ି ଦିଆଗଲା କଳକର ଅଫିସ୍‌ଟୁ ।

ଭାରତମାତା କି ଜୟ, ମହାତ୍ମା ଗାନ୍ଧୀ କି ଜୟ, ବନ୍ଦେ ମାତରଂ ଧ୍ୱନିରେ କମ୍ପି ଉଠିଲା ସେ ଅଞ୍ଚଳ ।

ସେତେବେଳେ ତିର୍ତ୍ତୋଲର ପୋଲିସ୍ ନୀରବ । ତିର୍ତ୍ତୋଲର ବିପ୍ଳ ବିପ୍ଳବୀ ଜନତାଙ୍କୁ ଶାସନ କରିବା ପାଇଁ ତାଙ୍କର ସାମର୍ଥ୍ୟ ନାହିଁ । ସେ ପୂର୍ବରୁ ଟେଲିଗ୍ରାମ୍ କରି ଉପରିସ୍ଥଙ୍କୁ ଜଣାଇ ଦେଇଥିଲେ । ସେମାନଙ୍କ ପାଖରେ ମଧ୍ୟ ଯଥେଷ୍ଟ ଶକ୍ତି ନ ଥିଲା । ଏଣେ ରେଭେନ୍ସା କଲେଜ୍‌ରେ ଛାତ୍ରମାନେ ଧର୍ମଘଟ କରି ବିଭିନ୍ନ ସ୍ଥାନରେ ସଭା ସମିତି କରୁଥାନ୍ତି । ତାଙ୍କ ସହିତ ସାଲେପୁର, ଜଗତ୍‌ସିଂହପୁର, ପ୍ୟାରୀମୋହନ ଏକାଡେ଼ମୀ, ମିସନ୍ ସ୍କୁଲ୍ ପ୍ରଭୃତିର ଛାତ୍ରମାନେ ଯୋଗଦେଇ ଲୋକମାନଙ୍କୁ ଉତ୍ତେଜିତ କରୁଥାନ୍ତି । ଯାଜପୁର, ଦଶରଥପୁର, ବିଞ୍ଝାରପୁର, ବାଲିଚନ୍ଦ୍ରପୁର, ଧର୍ମଶାଳା ଆଦିଠାରେ ବିପ୍ଳବୀମାନେ ଅସହଯୋଗ ଡାକରା ଦେଇ ଆଗେଇ ଆସୁଥାନ୍ତି । ଏହି ଅବସ୍ଥାକୁ ଆୟତ୍ତ କରିବା ପାଇଁ ଓଡ଼ିଶା ପୋଲିସ୍‌ର ସାମର୍ଥ୍ୟ ନାହିଁ । ଏହି ସୁଯୋଗରେ ଏରସମାର ନେତା ଗୌରିଶ୍ୟାମ ନାୟକ ଏରସମା ଥାନାର କାଗଜପତ୍ର ପୋଡ଼ି ଦେଇ ଏରସମାର ପୋଷ୍ଟ ଅଫିସ୍ ମଧ୍ୟ ପୋଡ଼ି ଦେଲେ । ବିପ୍ଳବୀମାନେ ଜଗନ୍ନାଥପୁର ପି.ଡବ୍ଲ୍ୟୁ.ଡ଼ି. ଡାକବଙ୍ଗଳାରେ ନିଆଁ ଲଗାଇ ଦେଲେ ।

ପରେ ଯେତେବେଳେ ମିଲିଟାରୀ ଗୁଳି ବନ୍ଧୁକ ଧରି ତିର୍ତ୍ତୋଲରେ ପହଞ୍ଚିଲେ ସେତେବେଳେ ତିର୍ତ୍ତୋଲ ଥାନାର ପୋଲିସ୍ ମୁନିସିବାବୁ ତତ୍ପର ହୋଇ ଉଠିଲେ । ତିର୍ତ୍ତୋଲର ନେତା ପଦ୍ମଚରଣଙ୍କୁ ଧରିବା ପାଇଁ ସେ ଆଗେଇ ଗଲେ ତେରତାଙ୍ଗର ପରିଡ଼ାପାଟଣାକୁ । ହେଲେ ପଦ୍ମଚରଣଙ୍କୁ ଧରିବା ସମ୍ଭବପର ହୋଇ ପାରିଲା ନାହିଁ । ସେ ସମସ୍ତଙ୍କ ଆଖିରେ ଧୂଳି ଦେଇ ଖସିଗଲା ।

୧୯୪୨ ଅସହଯୋଗ ଆନ୍ଦୋଳନରେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରେଭେନ୍ସା କଲେଜ୍‌ର ଛାତ୍ର । ସେ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ସେ ରହୁଥିବା ଛାତ୍ରାବାସରେ ତ୍ରିରଙ୍ଗ ପତାକା ଉଡ଼ାଇଥିଲେ । ଖୋର୍ଦ୍ଧାରେ ବିପ୍ଳବୀମାନଙ୍କର ଯେଉଁ ସଭା ହୋଇଥିଲା ସେ ସଭାରେ ଶ୍ରୀଯୁକ୍ତ ପଟ୍ଟନାୟକ ଯୋଗଦେଇ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଭାଷଣ ଦେଇଥିଲେ ।

କ୍ୱାର୍ଟର୍ ନଂ-୭୭, ଟାଇପ-୪,
ଡେଲ୍ଟା କଲୋନି,
ଭୁବନେଶ୍ୱର-୧୨ ।



ରାଷ୍ଟ୍ରପତିଙ୍କୁ 'ଗାର୍ଡ ଅଫ୍ ଅନର୍'

# ଓଡ଼ିଶା ଓ ଆସାମର ଲୋକ ସଂସ୍କୃତିରେ ସାମ୍ୟ

ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

ଆସାମର ହିନ୍ଦୁମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁଙ୍କ ଶ୍ରୀକୃଷ୍ଣ ଅବତାର ଅତୀବ ଜନପ୍ରିୟ । ଷୋଡ଼ଶ ଶତାବ୍ଦୀରେ ଶ୍ରୀ ଶଙ୍କରଦେବ ସମତଳ ଅଞ୍ଚଳର ଜିଲ୍ଲାମାନଙ୍କରେ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେ ଓ ତାଙ୍କ ଶିଷ୍ୟମାନେ ସଂସ୍କୃତ ନାଟକ, ସଂଗୀତ ଓ କାବ୍ୟମାନଙ୍କରୁ ଶ୍ରୀକୃଷ୍ଣଙ୍କ ଜୀବନୀ ଓ କାର୍ଯ୍ୟାବଳୀକୁ ଅସମୀୟା ଭାଷାରେ ଅନୁବାଦ କରିଥିଲେ । ଏହିସବୁ ଲେଖାମାନଙ୍କରେ ଶ୍ରୀକୃଷ୍ଣ ହେଉଛନ୍ତି ଈଶ୍ୱର ଓ ଅନ୍ୟ ଦେବତାମାନେ ତାଙ୍କ ତଳେ ବୋଲି ପ୍ରଚାରିତ ହେଲା । ଏହି କୃଷ୍ଣ ଭାଗବତର କୃଷ୍ଣ । ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇ ଶଙ୍କରଦେବ ଧର୍ମଗତ ସମତା ରକ୍ଷିବାରେ ସଫଳ ହେଲେ । ତେଣୁ ପ୍ରତ୍ୟେକ ଗାଁରେ କୃଷ୍ଣନାମ ପ୍ରଚାରିତ ହେଲା । ଓଡ଼ିଶାର ପୁରପଲ୍ଲୀରେ ଭାଗବତ ଘର ପ୍ରତିଷ୍ଠିତ ହୋଇଥିବା ଭଳି ଆସାମରେ 'ନାମଘର'ମାନ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହିଠାରେ ଗ୍ରାମବାସୀମାନେ ମିଳିତ ହୋଇ କୃଷ୍ଣନାମ ଗାନ କରନ୍ତି । ନବଧା ଭକ୍ତି ମଧ୍ୟରେ 'ଶ୍ରବଣ' ଓ 'କୀର୍ତ୍ତନ'କୁ ଶଙ୍କରଦେବ ପ୍ରାଧାନ୍ୟ ଦେଲେ । ତେଣୁ ବୈଷ୍ଣବ ଧର୍ମ କ୍ରମେ 'ନାମଧର୍ମ' ନାମରେ ପରିଚିତ ହେଲା । ଶଙ୍କରଦେବଙ୍କ ଦ୍ୱାରା ଭାଗବତ ଅନୁବାଦ ଓ ଅନ୍ୟାନ୍ୟ ବୈଷ୍ଣବ କବିଙ୍କ ରଚନା ଯୋଗୁଁ ଗାଁ ଗହଳିରେ କୃଷ୍ଣଭକ୍ତି ଆଦୃତ ହେବାରେ ଲାଗିଲା ।

ଆସାମର ଧାର୍ମିକ ପର୍ବଗୁଡ଼ିକ ଭିତରେ ବରପେଟାର ଦେଉଲ୍ (ଦୋଳ), କମାକ୍ଷାର ଅମ୍ବୁବାଚୀ ଓ ଶିବସାଗରର ଶିବରାତ୍ରୀ । ଏହି 'ଦେଉଲ' ଯାତ୍ରା ହୋଲି ସହିତ ସମାନ । ଉତ୍ତର କାମରୂପରେ ବର୍‌ପେଟାର ମଠ-ସହର ହେଉଛି ଆସାମ ବୈଷ୍ଣବ ଧର୍ମର ଏକ ବିରାଟ କେନ୍ଦ୍ର ।

ଦେଉଲ ପର୍ବର ପ୍ରଥମ ଦିବସକୁ କୁହାଯାଏ ଗୋଦା । ସେ ଦିନ ମହାପ୍ରଭୁ କାଳିଆ ଠାକୁର (ଶ୍ରୀକୃଷ୍ଣ) ଶ୍ୱଶୁରଙ୍କ ସ୍ଥାନ (ଗୁଣ୍ଡିଚା) କୁ ଯିବାକୁ ପ୍ରସ୍ତୁତ ହୁଅନ୍ତି । ତେଣୁ ତାଙ୍କର ଅନୁଚର ବରପେଟାର ଅଧିବାସୀବୃନ୍ଦ ଶର-ଘାସ ସଂଗ୍ରହ କରି କୀର୍ତ୍ତନ-ଘର ସମ୍ମୁଖରେ ଅଗ୍ନି ଜାଳନ୍ତି । ଆନୁଷ୍ଠାନିକ ପୂଜା ଦିଆଯିବା ପରେ କାଳିଆ ଠାକୁର ଢୋଲ, କରତାଳ, ମୃଦଙ୍ଗ ଆଦି ବାଦ୍ୟ ଓ ଆତସବାଜି ମେଳରେ ନିଆଯାନ୍ତି । ହଜାର ହଜାର ଲୋକ ତାଙ୍କୁ ଅନୁସରଣ କରନ୍ତି । ତାଙ୍କୁ ଏକ ଖଟୋଲାରେ ରଖି ଅଗ୍ନି ପ୍ରଦକ୍ଷିଣ ବୁଲାଇ ନିଆଁ ପୁଆନ୍ତି ତାପରେ ଦୋଳେ ବା ବେଦୀ ଉପରକୁ ଘେନିଯାନ୍ତି । କୀର୍ତ୍ତନ ଘରର ସବୁ ପ୍ରକାର ନିୟମିତ ଧାର୍ମିକ ଉତ୍ସବମାନ ଦେଉଲ ପୂର୍ବରୁ ଶେଷ ହୋଇଥାଏ । ତେଣୁ ଦ୍ୱିତୀୟ ଦିବସରେ ନିୟମିତ ଆସ୍ଥର ବ୍ୟତୀତ ବାଦ୍ୟକାର ଓ ସଂଗୀତଜ୍ଞମାନେ ଗୋଟିଏ ଭାଓନା (ପାରମ୍ପରିକ ବୈଷ୍ଣବ ଥିଏଟର ଅଭିନୟ) କରିଥାନ୍ତି ଏବଂ ରାତିରେ ଯାତ୍ରା କରାଯାଏ । ଦୂରଦୂରାନ୍ତରୁ ଆଗତ ଯାତ୍ରୀମାନେ ଏସବୁ ଅଭିନୟ ଦେଖି ସାରା ରାତି କଟାନ୍ତି । ତୃତୀୟ ଦିନଟି ମଧ୍ୟ ସେହିପରି ଦ୍ୱିତୀୟଟି ଭଳି କଟାଯାଏ । ଚତୁର୍ଥ ଦିନକୁ କୁହାଯାଏ ସୁଏରି । ପର୍ବର ଶେଷ ଦିବସ । ସେ ଦିନ କାଳିଆ ଠାକୁରର ଶ୍ୱଶୁରଙ୍କ ଘରୁ ମା ଲକ୍ଷ୍ମୀ ଘରକୁ ବାହୁଡ଼ି ଆସିବା କଥା । ଭକ୍ତମାନେ ତାଙ୍କୁ ରଙ୍ଗ ଗୁଣ୍ଡରେ ରଞ୍ଜିତ କରି ଗୋଟିଏ ଦୋଳ (ପାଲିଙ୍କି) ରେ ଆଣନ୍ତି । ଠିକ ସେହି ସମୟରେ ଆଉ ଏକ ଭକ୍ତଗୋଷ୍ଠୀ ବରାଜିଠାରେ ଥିବା ବୈଷ୍ଣବ କେନ୍ଦ୍ରରୁ ଦୋଳ ବହନ କରି ଆସି ବରପେଟାଠାରେ ପହଞ୍ଚନ୍ତି । ଏହି ସ୍ଥାନ ସେତେବେଳେ ଗୋଟିଏ ଭକ୍ତ-ସମୁଦ୍ରରେ ପରିଣତ ହୋଇଯାଏ । ଶଙ୍ଖଧ୍ୱନୀ, ଢୋଲ, କରତାଳ ଓ ହୋଲି ସଙ୍ଗୀତ ଗଗନ ବିଦୀର୍ଣ୍ଣ କରେ । ବୟସ୍କ ଓ ପିଲାମାନେ ପରସ୍ପର ଉପରେ ମୁଠାମୁଠା ରଙ୍ଗ ଗୁଣ୍ଡ (ଅବିର) ପକାନ୍ତି । ଦେବତାଙ୍କୁ ଗୋଟିଏ ଶୋଭାଯାତ୍ରାରେ ସମସ୍ତେ ଅଧମାଇଲ୍ ଦୂରବର୍ତ୍ତୀ କନରିୟା ନାମକ ସ୍ଥାନକୁ ନେଇ ଥାଆନ୍ତି । ଶୋଭାଯାତ୍ରାକାରୀଙ୍କ ସଂଖ୍ୟା ଏତେ ଅଧିକ ହୁଏ ଯେ ସେହି ଅଧମାଇଲ୍ ପଥ ଅତିକ୍ରମ କରିବାକୁ ସେମାନଙ୍କୁ ପ୍ରାୟ ତିନିଘଣ୍ଟା ଲାଗେ । କନରିୟାଠାରେ ଦେବତା ପାଲିଙ୍କିରୁ ଓହ୍ଲାଇବା ପରେ ତାଙ୍କୁ ଏକ ପ୍ରକାର ସବୁଜ ଡାଲି ଜାତୀୟ ଶସ୍ୟ ଭୋଗ ଲଗାଯାଏ । ସତ୍ରାଧିକାରୀ ବା ମଠର ମୁଖ୍ୟ ଏହି ପର୍ବର ଗୁରୁତ୍ୱ ସମ୍ପର୍କରେ ଦିʼପଦ କହିଥାନ୍ତି । ଏହାପରେ ଠାକୁରଙ୍କୁ ବର୍‌ପେଟାକୁ ଫେରାଇ ନିଆଯାଏ । ମାତ୍ର ତାଙ୍କ ଦୁର୍ଭାଗ୍ୟକୁ ଦେଖନ୍ତି ଯେ କୀର୍ତ୍ତନ ଘର ଦରଜା ଗୋଟିଏ ଶକ୍ତ ବାଉଁଶ ଦିଆଯାଇ ତାଙ୍କ ପ୍ରବେଶ ପଥ ବନ୍ଦ କରି ଦିଆଯାଇଛି । କାରଣ ସେ ଏତେ ଦିନ ଧରି ଶ୍ୱଶୁରଙ୍କ ଘରେ ଥିଲେ । ମାତା ଲକ୍ଷ୍ମୀ ତାଙ୍କ ଉପରେ ରାଗିଛନ୍ତି ଓ ସେବକମାନଙ୍କୁ ଠାକୁରଙ୍କୁ ଘରେ ପୁରେଇ ନ ଦେବାକୁ ବାଟ ବନ୍ଦ ରଖିବାକୁ ଆଦେଶ ଦେଇଛନ୍ତି । ଠାକୁରଙ୍କ ସେବକମାନେ ତାଙ୍କ ତରଫରୁ ଯେତେ କ୍ଷମା ମାଗିଲେ ବି ସବୁ ନିଷ୍ଫଳ । ଉଭୟ ପକ୍ଷରେ ଯୁକ୍ତିତର୍କ ଚାଲେ ଓ ବିବାଦ ବେଳକୁ ବେଳ ବଢ଼େ । ଏକ ଉତ୍ତେଜନାପୂର୍ଣ୍ଣ ସେମାନଙ୍କର ବଳ ପ୍ରୟୋଗ କରନ୍ତି । ଏଇ ଠେଲାପେଲା ଭିତରେ କେତେଜଣ ଆହତ ମଧ୍ୟ ହୁଅନ୍ତି । ଯେ କୌଣସି ଉପାୟରେ ବାଉଁଶକୁ ଭାଙ୍ଗିବାକୁ ହୁଏ ଓ ଠାକୁରଙ୍କୁ ହତା ଭିତରକୁ ନିଆଯାଇ ସପ୍ତବାର ପରିକ୍ରମା କରାଯାଏ । ସେ କ୍ଳାନ୍ତ ହୋଇ କିଛି ସମୟ ପାଇଁ ବିଶ୍ରାମ କରନ୍ତି । ଅବସ୍ଥା ଶାନ୍ତ ପଡ଼ିବା ସୁଯୋଗ ଘେନି ଲକ୍ଷ୍ମୀଙ୍କ ତରଫରୁ ଜଣେ ସେବକ ଠାକୁରଙ୍କୁ

ତିରସ୍କାର କରେ । ତାଙ୍କର ସେବକ ମଧ୍ୟ ତାର ଉତ୍ତର ଦିଏ । ବଡ଼ ଚିତ୍ତାକର୍ଷକ କଳହ । ଯେ କେହି ଶାନ୍ତିପ୍ରିୟ ସ୍ୱାମୀ କିଛି ଟଙ୍କା ପଇସା କିମ୍ବା ଉପହାର ଦେଇ ଆପଣାର ସ୍ତ୍ରୀକୁ ସନ୍ତୁଷ୍ଟ କଲାଭଳି ଶେଷରେ ଠାକୁରେ ପରାଜୟ ସ୍ୱୀକାର କରନ୍ତି । ଏହାପରେ ଠାକୁରଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ମିଳେ । ଏତିକିରେ ବିରାଟ ଦେଉଲ୍ ଉତ୍ସବ ଶେଷ ହୁଏ । ଓଡ଼ିଶାରେ ଜଗନ୍ନାଥଙ୍କ ରଥଯାତ୍ରା ସହିତ କାଳିଆ ଠାକୁରଙ୍କ ଦୋଳୋତ୍ସବ ତୁଳନୀୟ । ଏ ଯାତ୍ରାର ପ୍ରଭାବ ଏପରି ଯେ ଆମର ପଶ୍ଚିମ ଓଡ଼ିଶାରେ ନୂଆଖିଆ ପର୍ବରେ ଯେପରି କେହି ଘରେ ଅନୁପସ୍ଥିତ ରହନ୍ତି ନାହିଁ, ବାର୍ପେଟାରେ ଏ ଉତ୍ସବ ପାଳନ ବେଳେ ବାର୍ପେଟାବାସୀ କେହି ସହର ଛାଡ଼ି ବାହାରେ ରହନ୍ତି ନାହିଁ । ବାହାରୁ ଆସିଥିବା ପର୍ଯ୍ୟଟକ ବାସସ୍ଥାନ ସଙ୍ଗେସଙ୍ଗେ ସତ୍ର ତରଫରୁ ମାଗଣାରେ ଖାଇବା ଦ୍ରବ୍ୟ ମଧ୍ୟ ଯୋଗାଇ ଦିଆଯାଏ । ଦର୍ଶକଙ୍କ ସଂଖ୍ୟା ବହୁ ଗୁଣରେ ବଢ଼ିଯାଏ ଓ ସେମାନେ ଜଣଜଣଙ୍କ ଘରେ କୁଣିଆ ହୋଇଥାନ୍ତି ।

ଅମ୍ବୁବାଚୀ ଗୋଟିଏ ପର୍ବ ନୁହେଁ ବରଂ ଆସ୍ଥାର ପ୍ରଥା । ଏହି ଅବକାଶରେ କାମାକ୍ଷାରେ ଏକ ବିରାଟ ମେଳା ହୁଏ । ସଂସ୍କୃତରେ ଅମ୍ବୁ ଅର୍ଥ ଜଳ ଏବଂ ବାଚୀ ଅର୍ଥ ବଢ଼ିବା । ଅମ୍ବୁବାଚୀ ନାମରେ ଜାଣିତ ଦିନଗୁଡ଼ିକରେ ଧରିତ୍ରୀ ମାତା ରଜସ୍ୱଳା ହୋଇଥିବା ପାଳନ କରାଯାଏ । ଆଷାଢ଼ ମାସ ଛଅ ଦିନ ପରେ ସୂର୍ଯ୍ୟ ଯେବେ ମିଥୁନ ରାଶିକୁ ଚଳନ୍ତି ସେହି କାଳରେ ଧରଣୀ ରଜସ୍ୱଳା ହୁଏ । (ଭବେତ୍ ପୃଥ୍ୱୀ ରଜସ୍ୱଳା) । ଏପରି କାଳ ୮୪ ଘଣ୍ଟା ଲାଗି ରହେ । ଏହି ସମୟରେ କୃଷୀ ଭୂମିରେ ହଳ କରେ ନାହିଁ, କାରଣ ପୃଥିବୀକୁ ଯେ କୌଣସି ପ୍ରକାରେ ବିଦୀର୍ଣ୍ଣ କରିବାକୁ ମନା । ସେହି ସମୟ ମଧ୍ୟରେ କୌଣସି ପ୍ରକାର ପୂଜା ମଧ୍ୟ କରାଯିବ ନାହିଁ ।

ସାଧାରଣତଃ ସ୍ତ୍ରୀଲୋକ ଓ ବିଧବାମାନେ ମାସିକ ଋତୁ କାଳରେ ଉପବାସ କରନ୍ତି ଓ ବିଛଣାରୁ ତଳକୁ ଆସନ୍ତି ନାହିଁ । କାରଣ ଭୂମାତା ସମ୍ପର୍କରେ ଆସିବା ସେମାନଙ୍କ ପକ୍ଷେ ନିଷିଦ୍ଧ । ଅନେକ ଗ୍ରାମବାସୀ ବାକ୍ସପେଟି ଖୋଲନ୍ତି ନାହିଁ । ବିଧବା ଓ ବ୍ରହ୍ମଚାରୀମାନେ କଠୋର ବ୍ରତ ପାଳନ କରନ୍ତି ଓ ରନ୍ଧାଖାଦ୍ୟ ପରିବର୍ତ୍ତେ କେବଳ ଦୁଗ୍ଧ ଓ ଫଳ ଖାଇ ଜୀବନ ଧାରଣ କରନ୍ତି । ଅମ୍ବୁବାଚୀ ସମୟରେ ଦୁଗ୍ଧ ପିଇଥିବା ବ୍ୟକ୍ତି ସାପ କାମୁଡ଼ାରୁ ରକ୍ଷା ପାଏ । ଓଡ଼ିଶାରେ ରଜସଂକ୍ରାନ୍ତି ଦିନ ଘରେ ଥିବା ମାଟି କାନ୍ଥର ବାହାର ପଟ ଗୁରିପିଠିରେ ଗୋବର ଲିପିବା ଦ୍ୱାରା ସେ ଘରଟିରେ ବର୍ଷକ ପାଇଁ ସାପ ପ୍ରବେଶ କରେ ନାହିଁ ବୋଲି ବିଶ୍ୱାସ କରାଯାଏ । ଆସାମର ଗ୍ରାମବାସୀମାନେ ବିଶ୍ୱାସ କରନ୍ତି ଯେ ଏହି ଅମ୍ବୁବାଚୀ କାଳରେ ପିମ୍ପୁଡ଼ି, ଜିଆ ଓ ଗୁଣ୍ଡୁଚିମାନେ ସୁଦ୍ଧା ଭୂମି ଖୋଳି ମଳ କରନ୍ତି ନାହିଁ । ଏହି ୮୪ ଘଣ୍ଟା (ତିନି ଦିନ ଓ ଏକ ରାତି) ପରେ ପ୍ରତ୍ୟେକ ଗୃହ ସଫା କରାଯାଏ ଓ ସମସ୍ତ ଲୁଗାପଟା ଧୁଆଯାଏ, ଯେବେ ଯେପରି ସ୍ତ୍ରୀ ଲୋକଟିର ମାସିକ ଋତୁପର୍ବ ଶେଷ ହୋଇଛି । ଓଡ଼ିଶାରେ ରଜପାଳନ ଆରମ୍ଭ ହୁଏ ସଂକ୍ରାନ୍ତି ପୂର୍ବ ଦିବସରୁ । ପହିଲି ରଜ, ରଜ ସଂକ୍ରାନ୍ତି, ଭୂମି ଦହନ ଓ ବସୁମତି ସ୍ନାନରେ ଏହି ପର୍ବ ଶେଷ ହୁଏ । ଓଡ଼ିଶାରେ କୁମାରୀ କନ୍ୟାମାନଙ୍କ ପାଇଁ ଏହା କଠୋର ଭାବେ ଉଦ୍ଦିଷ୍ଟ ଥାଏ । ସେମାନେ ଭୂମିରେ ଖାଲି ପାଦରେ ବୁଲି ପାରିବେ ନାହିଁ । ପୂର୍ବେ ଚପଲ ବା ଚମଡ଼ା ଯୋତାର ପ୍ରଚଳନ ନ ଥିବା ବେଳେ ଝିଅମାନଙ୍କୁ ସୁଆ ରହର ଖୋଳପାରୁ ଗୋଡ଼ରେ ଆବୃତ କରିବାକୁ ପଡ଼ୁଥିଲା । କୌଣସି ପ୍ରକାର କଟା ଓ ବଟା ଏ ସମୟରେ ମନା ଥିବାରୁ ରଜର ବହୁ ପୂର୍ବରୁ ବିଶେଷ କରି ସନ୍ତବାଙ୍କ ଦିନ ସୁଆ କାଟି ଓ ମସଲା ଗୁଣ୍ଡ କରି ରଖା ଯାଉଥିଲା । ରଜ ମଧ୍ୟରେ ପାନ ବାଣ୍ଟିବା ଏକ ସାଧାରଣ ବିଧି । ରଜରେ ଦୋଳିରେ ବସି ଗୀତ ଗାଇବା ଓ ପୁରୁଷମାନଙ୍କ ମଧ୍ୟରେ ବାଗୁଡ଼ି ଖେଳିବା ଆଦି ଜନପ୍ରିୟତା ଲାଭ କରିଥାଏ । ଏହି ରଜ ପାଳନ ବିଧି ଓଡ଼ିଶାର ଘରେଘରେ ପ୍ରଚଳିତ ।

ଆସାମରେ କାମାକ୍ଷା ଦେବୀ ମାତୃକା ଦେବୀମାନଙ୍କ ମଧ୍ୟରେ ବିଖ୍ୟାତ । ତାଙ୍କର ମୁଖ୍ୟ ମନ୍ଦିର ହେଉଛି ଗୁଆହାଟିର ନୀଳାଚଳ ପାହାଡ଼ । ଏହିଠାରୁ ଶାକ୍ତଧର୍ମର ତାନ୍ତ୍ରିକଧାରା ଆରମ୍ଭ ହୋଇଥିଲା । କାଳିକା ପୁରାଣ ଅନୁସାରେ ଦକ୍ଷ ଯଜ୍ଞରେ ସ୍ୱାମୀଙ୍କ ପ୍ରତି ଅପମାନ ହେବା ଦେଖି ଘୋର ଦୁଃଖରେ ଆତ୍ମାହୁତି ଦେଇଥିବା ସତୀଙ୍କ ମୃତ ଶରୀରକୁ ବହନ କରି ଶିବ ବୁଲୁଥିଲେ । ଶିବଙ୍କ କୋପରୁ ସଂସାରକୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରି ପକାଇଲେ । ତାଙ୍କର ଜନନେନ୍ଦ୍ରିୟ ଅଂଶଟି ନୀଳାଚଳରେ ପଡ଼ିଲା । ବର୍ତ୍ତମାନ କାମାକ୍ଷା ମନ୍ଦିରରେ କୌଣସି ମୂର୍ତ୍ତି ନାହାନ୍ତି । ତନ୍ମଧ୍ୟରେ ଅଛି ଗୋଟିଏ ଗୁହା ଓ ଯୋନି ଚିହ୍ନର ସ୍ମାରକୀ ଥିବା ଏକ ଶିଳାଖଣ୍ଡ । ତାହା ଗୋଟିଏ ପ୍ରାକୃତିକ ଝରଣା ଦ୍ୱାରା ସର୍ବଦା ସ୍ନାତ ହେଉଛି ।

ଉଡ୍ଡିୟାନ ତନ୍ତ୍ରଭୂମି ଓଡ଼ିଶାରେ ଭୈରବ ଜଗନ୍ନାଥ ଓ ଭୈରବୀ ବିମଳାଙ୍କ ବାସଭୂମି ହେଉଛି ନୀଳାଚଳ । ଭାରତର ୮୪ଟି ଶାକ୍ତପୀଠ ମଧ୍ୟରୁ ଏହା ମଧ୍ୟ ଅନ୍ୟତମ ଶାକ୍ତପୀଠ । ତେବେ ନୀଳାଚଳ ଓ କାଳିଆ ଠାକୁର ତଥା ଲକ୍ଷ୍ମୀଦେବୀ ଆଦି ନାମମାନ ଉଭୟ କ୍ଷେତ୍ରରେ ସମତା ରକ୍ଷା କରୁଅଛନ୍ତି ।

କାଳିକା ପୁରାଣରେ ଆଉ ଏକ ଘଟଣା ବର୍ଣ୍ଣିତ ଅଛି । ପାର୍ବତୀ ଶିବଙ୍କ ରାଜ୍ୟ ମଧ୍ୟରେ ଥିବା ନୀଳାଚଳ ପାହାଡ଼ରେ ବାସ କରୁଥିଲେ । ଦେବୀ ଶିବଙ୍କ ନିକଟକୁ କାମଶର ଜର୍ଜରିତା ହୋଇ ଯାଇଥିବାରୁ ତାଙ୍କର ନାମ ହେଲା କାମାକ୍ଷା ।


କାମାକ୍ଷାରେ କୁମାରୀପୂଜା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଅମ୍ବୁବାଚୀର ଚତୁର୍ଥ ଦିନ ଯାତ୍ରୀମାନେ ମନ୍ଦିରରେ ପ୍ରବେଶ କରି ପୂଜା କରନ୍ତି ଓ ପବିତ୍ର ସ୍ମୃତି ଚିହ୍ନ ସ୍ୱରୂପ ଘରକୁ ଖଣ୍ଡେଖଣ୍ଡେ ନାଲି କପଡ଼ା ନେଇ ଯାଆନ୍ତି । ଭକ୍ତମାନଙ୍କୁ ଦେବୀଙ୍କର ଋତୁଜନିତ ରକ୍ତଲଗା କନା ପବିତ୍ରତାର ପ୍ରତୀକ ଭାବରେ ଦିଆ ଯାଇଥାଏ ।

ଆସାମରେ ରାଜ୍ୟସାରା ଶିବରାତ୍ରି ପାଳିତ ହୁଏ । ଶିବ ଚତୁର୍ଦ୍ଦଶୀରେ ଭକ୍ତମାନେ ଗୁଆହାଟିର ଉମାନନ୍ଦ ମନ୍ଦିର, ତେଜପୁରର ମହାଭୈରବ, ସିଂଗାରି, ବିଶ୍ୱନାଥ ଓ ନାଗଶଙ୍କର ମନ୍ଦିର ଏବଂ ଶିବସାଗର ସହରର ଶିବଦୋଳ ଠାରେ ବିରାଟ ମେଳାରେ ଯାଇ ଭିଡ଼ ଜମାନ୍ତି । ଶିବଙ୍କୁ ଫୁଲ, ବେଲପତ୍ର, ନଡ଼ିଆ, ଦହି, ମହୁ, ଘିଅରେ ପୂଜା କରନ୍ତି ଏବଂ ପାତ୍ରପୂର୍ଣ୍ଣ ଜଳ ବା ଦୁଗ୍ଧ ନେଇ ଲିଙ୍ଗ ଉପରେ ଢାଳନ୍ତି । ଶିବସାଗରର ଆକାଶ 'ମୁକ୍ତିନାଥ ବାବାକୀ ଜୟ' ଧ୍ୱନିରେ କମ୍ପି ଉଠେ ।

ଚୈତ୍ର ଶୁକ୍ଳ ଅଷ୍ଟମୀ ବା ଅଶୋକାଷ୍ଟମୀ ଓଡ଼ିଶାରେ ଭୁବନେଶ୍ୱର ଲିଙ୍ଗରାଜଙ୍କଠାରେ ମହା ସମାରୋହରେ ପାଳିତ ହୁଏ । ମୁକ୍ତେଶ୍ୱର ମନ୍ଦିର ସନ୍ନିକଟ ମରୀଚୀ କୁଣ୍ଡର ପବିତ୍ର ଜଳରେ ସ୍ନାନ କରିବା ଯୋଗେ ବନ୍ଧ୍ୟାତ୍ୱ ଦୂର ହୁଏ ଏବଂ ସେଥି ପାଇଁ ସେହି କୁଣ୍ଡର ଜଳ ବିକ୍ରି ହୁଏ । ଏହିଦିନ ଲିଙ୍ଗରାଜ ଲିଙ୍ଗରାଜଙ୍କ ମନ୍ଦିରଠାରୁ ବାହାରି ଅଶୋକ ଝରଠାରେ ଥିବା ମାଉସୀମା ମନ୍ଦିରକୁ ଯାଏ । ଆସାମରେ ଅଶୋକାଷ୍ଟମୀରେ ପ୍ରତ୍ୟୁଷରୁ ଆସି ବ୍ରହ୍ମପୁତ୍ର ନଦୀରେ ସ୍ନାନ ବା ପବିତ୍ରୀକରଣ ଏକାନ୍ତ ଉଲ୍ଲେଖଯୋଗ୍ୟ । ତେଜପୁରର ବିପରୀତ ତଟର ଦକ୍ଷିଣକୁ ସିଲଘାଟରେ ଓ ଉତ୍ତରପାର୍ଶ୍ୱ ବନ୍ଧ ଗୁଆହାଟିର ଉତ୍ତର ପଶ୍ଚିମରେ ସୋଆଲକୁଚିରେ ବଡ଼ବଡ଼ ମେଳା ବସେ । ଜମଦଗ୍ନି ରାମ (ପର୍ଶୁରାମ) ପିତାଙ୍କ ଆଦେଶକ୍ରମେ ମାତା ରେଣୁକାଙ୍କୁ ହତ୍ୟା କଲେ ଏବଂ ଯେଉଁ ପରଶୁରେ ସେ ଏହି କ୍ରୂର କର୍ମ କଲେ ତାହା ତାଙ୍କ ହାତରେ ଲାଗି ରହିଲା । ପିତାଙ୍କ ପରାମର୍ଶରେ ସେ ପ୍ରସିଦ୍ଧ ବ୍ରହ୍ମକୁଣ୍ଡ ହ୍ରଦକୁ ଯାଇ ସେଠାରୁ କାଟି ଆଣିଲେ ପବିତ୍ର ନଦୀ ବ୍ରହ୍ମପୁତ୍ର । ଏହିପରି ସେ ମାତୃହତ୍ୟା ଜନିତ ପାପରୁ ଶୌଚ ହେବା ସଙ୍ଗେସଙ୍ଗେ ପରଶୁଠାରୁ ମଧ୍ୟ ରକ୍ଷା ପାଇଲେ : ସେହି ମହାନ ନଦୀ ପ୍ରବାହିତ ହେବାରେ ଲାଗିଲା ଏବଂ ଅଶୋକ ଋଷିଙ୍କ ଆଶ୍ରମକୁ ଭସାଇ ନେଇଗଲା । ଋଷି ଭୀଷଣ ଭାବେ ରାଗିଯାଇ ଅଭିଶାପ ଦେଲେ ଯେ ନଦୀର ପବିତ୍ରତା ଶେଷ ହୋଇଯାଉ । ଭୟରେ ଥରିଥରି ବ୍ରହ୍ମପୁତ୍ର କ୍ଷମାଭିକ୍ଷା କଲା । ଋଷି ଶାନ୍ତ ହୋଇ ବର ଦେଲେ ଯେ ବର୍ଷକରେ ଗୋଟିଏ ଦିନ ନଦୀର ଜଳ ପବିତ୍ର ହେବ । ସେଇ ଦିନଟି ହେଲା ଚୈତ୍ର ମାସ ଶୁକ୍ଳ ପକ୍ଷର ଅଷ୍ଟମ ଦିବସ । ଋଷିଙ୍କ ନାମାନୁସାରେ ପ୍ରତିବର୍ଷ ପାଳିତ

ହୁଏ ଅଶୋକାଷ୍ଟମୀ । ଏହି ଦିନରେ ସୀତାଙ୍କର ଜନ୍ମ ହୋଇଥିବାରୁ ଏହାକୁ ସୀତାଷ୍ଟମୀ ମଧ୍ୟ କୁହାଯାଏ । ଗଙ୍ଗା ଓ ଅଶୋକା ଫୁଲ ଏହି ପର୍ବ ସହିତ ସମ୍ପୃକ୍ତ । ଅଶୋକାଷ୍ଟମୀରେ ବ୍ରହ୍ମପୁତ୍ରରେ ବୁଡ଼ ପକାଇଲେ ଗଙ୍ଗାସ୍ନାନ ଫଳ ମିଳେ । ଶବ ଅସ୍ଥି ଗଙ୍ଗାରେ ପକାଇବାକୁ ଥିଲେ ଏହି ଦିନ ବ୍ରହ୍ମପୁତ୍ରରେ ପକାଇ ଦେଲେ ତାହା ଗଙ୍ଗାରେ ପଡ଼ିବାର ପୁଣ୍ୟଫଳ ଲାଭ ହୁଏ । ଆନୁଷ୍ଠାନିକ ବୁଡ଼ ପକାଇ ସେହି ଉଦ୍ଦେଶ୍ୟରେ ମନ୍ତ୍ର ଉଚ୍ଚାରଣ କରନ୍ତି । ତାପରେ ଅଶୋକ କଳିକାରୁ ଗୋଟିଏ ବା ଦୁଇଟି ଖାଇଲେ ପାପମୁକ୍ତ ହୋଇ ବ୍ରହ୍ମଲୋକକୁ ଯାଇ ପାରିବେ । ଓଡ଼ିଶା ଓ ଆସାମରେ ଏହିସବୁ ପର୍ବ ପାଳନରେ ସାମାନ୍ୟ କେତେକ ବ୍ୟତିକ୍ରମ ଦେଖାଗଲେ ହେଁ ସାମ୍ୟ ଅଧିକ । ତେଣୁ ଏ ଦୁଇ ରାଜ୍ୟର ସାଂସ୍କୃତିକ ଭାବ ବିନିମୟ ଶତାବ୍ଦୀ ଶତାବ୍ଦୀ ଧରି ପ୍ରଚଳିତ ହୋଇ ଆସିଛି ।

ନିର୍ମଳ କୁଟୀର,
ବଙ୍ଗାଳିସାହି, କଟକ—୨ ।



# ଶୈକ୍ଷିକ ଉନ୍ନୟନରେ ଗୋଷ୍ଠୀର ଅଂଶ ଗ୍ରହଣ

ଡକ୍ଟର ସୁନୀଲ ବିହାରୀ ମହା

ଶିକ୍ଷା ବ୍ୟବସ୍ଥା ସମାଜ ଦ୍ୱାରା ହିଁ ହୋଇଥାଏ । ସମାଜ ନିଜେ ନକରି କେତେକ କ୍ଷେତ୍ରରେ ଏହା ତିଆରି ହୋଇଥିବା ସରକାରଙ୍କ ଦ୍ୱାରା ଶିକ୍ଷା ବ୍ୟବସ୍ଥା କରିଥାଏ । ଏପରି କରିବା ଦ୍ୱାରା ସମାଜ ତାହାର ଦାୟିତ୍ୱରୁ ମୁକ୍ତି ପାଏ ନାହିଁ । ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାଜର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା ହୋଇଥାଏ । ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସମାଜର ପରିବର୍ତ୍ତନର ମୂଳଦୁଆ ପଡ଼ିଥାଏ । ଶିକ୍ଷାବିତ୍‌ମାନେ ଶିକ୍ଷା ବ୍ୟବସ୍ଥା ତଥା ସମାଜିକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣିଥାଆନ୍ତି । ଏହିସବୁ ଦୃଷ୍ଟିରୁ ଶିକ୍ଷା ବ୍ୟବସ୍ଥାର ଉନ୍ନୟନ ପାଇଁ ଗୋଷ୍ଠୀର ଅଂଶ ଗ୍ରହଣ ଉପରେ ଆଦିମ କାଳରୁ ଗୁରୁତ୍ୱ ଆରୋପ କରାଯାଇଅଛି । ସେତେବେଳେ ଶିକ୍ଷାନୁଷ୍ଠାନ ଓ ଗୋଷ୍ଠୀ ମଧ୍ୟରେ ଗଭୀର ସଂପର୍କ ଥିଲା । ଉଭୟେ ସୁବିଧା ପାଇଲେ ଉଭୟଙ୍କୁ ସାହାଯ୍ୟ କରୁଥିଲେ । ଦେଶ ପରାଧୀନ ଥିବା ସମୟରେ, ଦେଶପ୍ରେମୀମାନେ ସରକାରୀ ପରିଚାଳିତ ବା ସାହାଯ୍ୟ ପ୍ରାପ୍ତ ଅନୁଷ୍ଠାନରୁ ଦୂରେଇ ଯାଇ ଜାତୀୟ ବିଦ୍ୟାଳୟମାନ ସ୍ଥାପନ କଲେ । ସରକାରୀଙ୍କ ଦ୍ୱାରା ପରିଚାଳିତ ବା ସାହାଯ୍ୟପ୍ରାପ୍ତ ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସରକାରଙ୍କର ବିଷଦୃଷ୍ଟିରେ କାଳେ ପଡ଼ିଯିବେ ଏହି ଡରରେ ଗୋଷ୍ଠୀଠାରୁ ଦୂରେଇ ଗଲେ । ଏହି ପ୍ରକାର ମନୋଭାବ ଦେଶ ସ୍ୱାଧୀନ ହେବା ପରେ ସ୍ୱତଃସ୍ଫୂର୍ତ୍ତ ଭାବେ ଗଲା ନାହିଁ । ଏବେବି ଗ୍ରାମର ଲୋକମାନେ ପରିଶ୍ରମ କରି ସ୍କୁଲ କରନ୍ତି । ସ୍କୁଲ ସରକାରୀ ଗ୍ରାଣ୍ଟ ପାଇଲାକ୍ଷଣି ସେମାନେ ସ୍କୁଲଠାରୁ ଦୂରେଇ ଯାଆନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ନିଜନିଜର ଦରମା ସରକାରଙ୍କ ଗ୍ରାଣ୍ଟରୁ ପାଇବା ମାତ୍ରେ ଲୋକଙ୍କଠାରୁ ଦୂରେଇ ଯାଆନ୍ତି । ଏହି ପ୍ରକାରର ମନୋଭାବ ସତ୍ତ୍ୱେ ଅନେକ ସ୍କୁଲରେ ସ୍କୁଲର ବିଭିନ୍ନ କର୍ମରେ ଗୋଷ୍ଠୀ ଅଂଶ ଗ୍ରହଣ କରିବା ଦେଖା ଯାଇଥାଏ । ବିଶେଷତଃ ଗ୍ରାମାଞ୍ଚଳରେ ଏପରି ଅଂଶ ଗ୍ରହଣର ପରିମାଣ ବେଶୀ ।

ଗୋଷ୍ଠୀର ଅଂଶ ଗ୍ରହଣ ସାଧାରଣତଃ ୩ ଶ୍ରେଣୀର ଯଥା—ସ୍ୱତଃସ୍ଫୂର୍ତ୍ତ, ପୃଷ୍ଠପୋଷକତା ଓ ବାଧ୍ୟତାମୂଳକ । ପ୍ରଥମ ଶ୍ରେଣୀର ଗୋଷ୍ଠୀ ମନକୁ ମନ ଆଗେଇ ଆସିଥାଆନ୍ତି । ଦ୍ୱିତୀୟ ଶ୍ରେଣୀର ଗୋଷ୍ଠୀ ପାଇଁ କିଛି ଚିଠିପତ୍ର ବା ଉପଗଲ ବା କିଛି ପ୍ରକାର ପ୍ରୋତ୍ସାହନ ଦରକାର ପଡ଼ିଥାଏ । ଉଦାହରଣ ସ୍ୱରୂପ ସରକାରଙ୍କ ତରଫରୁ ଘର ତିଆରି ପାଇଁ ଯେତିକି ଟଙ୍କା ଦରକାର ତାହାର ଅଧା ପରିମାଣର ଜନସାଧାରଣଙ୍କ ତରଫରୁ ଚାନ୍ଦା ମାଧ୍ୟମରେ ମିଳିଲେ ବାକି ଅଧା ପରିମାଣର ଗ୍ରାଣ୍ଟ ମିଳିଥାଏ । ତୃତୀୟ ଶ୍ରେଣୀ ଗୋଷ୍ଠୀ ଅଂଶ ଗ୍ରହଣ ବାଧ୍ୟତାମୂଳକ ଭାବେ ହେବାର ଉଦାହରଣ ହେଲା—ଘରୋଇ ଭାବେ ପରିଚାଳିତ ସ୍କୁଲ— ଜବରଦସ୍ତି ସବୁ ପିଲା ଅଭିଭାବକଙ୍କଠାରୁ ଚାନ୍ଦା ଆଦାୟ କରିବା ଯାହା ନଦେଲେ ସେମାନଙ୍କ ପିଲାଙ୍କର ନାମ କଟା ଯିବାର ସମ୍ଭାବନା ଥାଏ— ଇତ୍ୟାଦି । ଏହି ପ୍ରକାର ଗୋଷ୍ଠୀର ଶିକ୍ଷାର ଉନ୍ନୟନରେ ଅଂଶ ଗ୍ରହଣ ମଧ୍ୟରେ ପ୍ରଥମ ପ୍ରକାର ଅଂଶ ଗ୍ରହଣ—ସ୍ୱତଃସ୍ଫୂର୍ତ୍ତ ଅଂଶ ଗ୍ରହଣ ସବୁଠାରୁ ବେଶୀ ପରିମାଣରେ ଉପଯୋଗୀ ।

ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଗୋଷ୍ଠୀ ବିଭିନ୍ନ ପ୍ରକାରର ଅଂଶ ଗ୍ରହଣ କରିପାରେ—ଯଥା: କାର୍ଯ୍ୟକଳାପର ଯୋଜନା ଓ ସଂଗଠନ, ବୈଷୟିକ ସାହାଯ୍ୟ, ଛାତ୍ରଛାତ୍ରୀଙ୍କ ନିୟମିତ ଯୋଗଦାନ ପାଇଁ ଆବଶ୍ୟକୀୟ ପ୍ରୋତ୍ସାହନ, ଶୈକ୍ଷିକ ଉନ୍ନୟନର ପରିଦର୍ଶନ, ପ୍ରତ୍ୟକ୍ଷ ଭାବେ ଶ୍ରେଣୀ ଗୃହରେ ଶିକ୍ଷାଦାନ, ବିଭିନ୍ନ ପ୍ରକାର ଶିକ୍ଷାଦାନ ପ୍ରଣାଳୀରେ ସାହାଯ୍ୟ ଇତ୍ୟାଦି ।

ଶୈକ୍ଷିକ ଉନ୍ନୟନ ସକାଶେ ଗୋଷ୍ଠୀ କିପରି ଭାବେ ଅଂଶ ଗ୍ରହଣ କରିଥାଏ ତାହାର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

**(କ) ସ୍କୁଲ୍ ଘର ତିଆରି :**

ଗୋଷ୍ଠୀର ଲୋକମାନେ ଚାନ୍ଦା ଟଙ୍କା ଆକାରରେ ବା ଜିନିଷ ଆକାରରେ ଦେଇ ଥାଆନ୍ତି ।

**(ଖ) ସ୍କୁଲ୍‌ର ବିଭିନ୍ନ ଉପକରଣର ଅଭାବ ପୂରଣ :**

ଯେତେ ସ୍କୁଲ୍ ଅଛି, ତାହାର ଶିକ୍ଷା ଉପକରଣର ଅଭାବ ସଦାବେଳେ ଲାଗି ରହିଥିବ । ପାଠ୍ୟକ୍ରମ ପ୍ରତି କେତେବର୍ଷ ଅନ୍ତରାଳରେ ବଦଳୁଥିବାରୁ ପ୍ରତି ଉନ୍ନତ ବିଦ୍ୟାଳୟର ମଧ୍ୟ ଶିକ୍ଷା ଉପକରଣର ଆବଶ୍ୟକତା ଲାଗି ରହିଥିବ । ତାହାଛଡ଼ା ଶିକ୍ଷାଦାନ କାଳରେ ବିଭିନ୍ନ ପ୍ରକାର ପ୍ରଯୁକ୍ତି ବିଦ୍ୟା ଓ କୌଶଳ ଯଥା—ଚଳଚ୍ଚିତ୍ର, କମ୍ପ୍ୟୁଟର୍, ଭିଡ଼ିଓ ଇତ୍ୟାଦିର ବ୍ୟବହାର ହେଉଥିବାରୁ, ଏସବୁର ଅଭାବ ଲାଗି ରହିଥିବ । ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସେଥିପାଇଁ ଚେଷ୍ଟା କରିଥାଆନ୍ତି । କେତେକ ବିଦ୍ୟାଳୟରେ ପରଲୋକଗତ ପିତାମାତାଙ୍କ ସ୍ମୃତିରେ କେତେକ ବଦାନ୍ୟ ବ୍ୟକ୍ତି ବିଭିନ୍ନ ଉପକରଣ—ଆଲମାରୀ, ଚଉକି, ମାନଚିତ୍ର, ପୁସ୍ତକ ଆଦି ଦାନ କରିଥାଆନ୍ତି ।

**(ଗ) ସ୍କୁଲ୍‌ର ବିଭିନ୍ନ ପ୍ରକାରର ସହ ପାଠ୍ୟକ୍ରମ କାର୍ଯ୍ୟକ୍ରମରେ ଯୋଗଦାନ :**

ଅନେକ ବିଦ୍ୟାଳୟ ଡ୍ରାମା ଓ ସାଂସ୍କୃତିକ ଉତ୍ସବଗୁଡ଼ିକ ଅନୁଷ୍ଠିତ ହେବା ସମୟରେ, ଗୋଷ୍ଠୀର ଥିବା ବିଭିନ୍ନ ବିଦ୍ୟା/କଳାରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କର ସାହାଯ୍ୟ ଦରକାର କରିଥାଆନ୍ତି ଓ ପାଇଥାଆନ୍ତି । ଯଥା : ବିଦ୍ୟାଳୟରେ କୌଣସି ପ୍ରାଇଜ୍ ବିତରଣ ଉତ୍ସବ ସମୟରେ ପ୍ରାରମ୍ଭିକ ଗୀତ ଗାଇବା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଗୋଷ୍ଠୀରେ ଥିବା ସଂଗୀତ ବିଶାରଦଙ୍କୁ ଡକା ଯାଇଥାଏ । ସ୍କୁଲ୍‌ରେ ପିଲାମାନେ ଡ୍ରାମା କରୁଥିଲେ, ଡ୍ରାମାରେ ନିର୍ଦ୍ଦେଶନା ଦେବା ପାଇଁ ଗୋଷ୍ଠୀରେ ଥିବା ପ୍ରବୀଣ ନାଟ୍ୟକାରଙ୍କର ସାହାଯ୍ୟ ନିଆ ଯାଇଥାଏ । ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ସହପାଠ୍ୟକ୍ରମ କାର୍ଯ୍ୟକ୍ରମ କରା ଯାଇଥାଏ—ଯଥା : କ୍ଲବ୍ କାର୍ଯ୍ୟକଳାପ, ସାଂସ୍କୃତିକ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା, ପରିଦର୍ଶନ, ଇତ୍ୟାଦି । ଏ ସବୁଥିରେ ଗୋଷ୍ଠୀରେ ଥିବା ବିଜ୍ଞ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥାଆନ୍ତି ।

**(ଘ) ଶିକ୍ଷାଦାନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ :**

ଗୋଷ୍ଠୀରେ ଅନେକ ଅଭିଜ୍ଞ ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କୁ ପ୍ରତ୍ୟକ୍ଷଭାବେ ଶିକ୍ଷାଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ଅନୁରୋଧ କରା ଯାଇଥାଏ ।

**ଓଡ଼ିଆ ସାହିତ୍ୟ ଶିକ୍ଷାଦାନ**—ପାଲା ଗାୟକ, ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଇତ୍ୟାଦି ।

ଇଂରାଜୀ ଭାଷା ଶିକ୍ଷାଦାନ—ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଇତ୍ୟାଦି ।

**ସାମାଜିକ ପାଠ ଶିକ୍ଷାଦାନ**—ବି.ଡ଼ି.ଓ., ଏ.ଇ.ଓ., ସି.ଇ.ଓ., ଡବ୍ଲ୍ୟୁ.ଇ.ଓ., ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଓକିଲ, ପୋଲିସ୍ ଅଫିସର୍, ଓ.ଏ.ଏସ୍. ଅଫିସର୍, ଅଧ୍ୟାପକ ଓ ଅଧ୍ୟାପିକା, ସରପଞ୍ଚ, ଏମ୍.ଏଲ୍.ଏ. ଇତ୍ୟାଦି ।

**ଇତିହାସ ଶିକ୍ଷାଦାନ**—ସ୍ୱାଧୀନତା ସଂଗ୍ରାମୀ, ଅଧ୍ୟାପକ ଓ ଅଧ୍ୟାପିକା, ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଇତ୍ୟାଦି ।

**ଭୂଗୋଳ ଶିକ୍ଷାଦାନ**—କୃଷି, ଜଙ୍ଗଲ, ମତ୍ସ୍ୟ, ଶିଳ୍ପ, ଜଳସେଚନ, ସମବାୟ ଇତ୍ୟାଦି ବିଭାଗର ଅଫିସର୍‌ଗଣ, ଲେକ୍‌ଚରର୍, ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଇତ୍ୟାଦି ।

**ବିଜ୍ଞାନ ଶିକ୍ଷାଦାନ**—ଡାକ୍ତର, ନର୍ସ, କମ୍ପାଉଣ୍ଡର୍, ଇଞ୍ଜିନିୟର୍, ଓଭରସିଅର୍, ମେଲେରିଆ ଓ ଫାଇଲେରିଆ ନିରାକରଣ କର୍ମଚାରୀବୃନ୍ଦ, ଦକ୍ଷ ଚାଷୀ, ପଶୁଡାକ୍ତର, ଷ୍ଟକ୍‌ମ୍ୟାନ୍, ରେଳଗାଡ଼ି ତଥା ମଟର୍‌ଗାଡ଼ି ଡ୍ରାଇଭର୍, ଅଧ୍ୟାପକ-ଅଧ୍ୟାପିକା, ରେଡ଼ିଓ ମେକାନିକ୍, ଟେଲିଭିଜନ୍ ମେକାନିକ୍, ଫଟୋଗ୍ରାଫର୍, ଫଳ ସଂରକ୍ଷଣ ଅଫିସର୍, କୃଷି ବିଭାଗର ଅଫିସର୍, ଉଦ୍ୟାନ ବିଭାଗର ଅଫିସର୍, ପ୍ରେସ୍ ମାଲିକ, ଗ୍ରାମସେବକ, ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଇତ୍ୟାଦି ।

**ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷାଦାନ**—ଡାକ୍ତର-ଏଲୋପ୍ୟାଥିକ୍, ହୋମିଓପ୍ୟାଥିକ ଓ ଆୟୁର୍ବେଦିକ, ନର୍ସ ହେଲ୍‌ଥ୍ ଭିଜିଟର୍, କମ୍ପାଉଣ୍ଡର୍, ଭି.ଏ.ଏସ୍., ଷ୍ଟକ୍‌ମ୍ୟାନ୍, ମେଲେରିଆ ଓ ଫାଇଲେରିଆ-ନିରାକରଣ ଅଫିସରଗଣ, ଅଧ୍ୟାପକ-ଅଧ୍ୟାପିକା, ଅବସର ପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଚାକିରି ପାଇ ନ ଥିବା ଶିକ୍ଷିତ ଯୁବକ-ଯୁବତୀ ଇତ୍ୟାଦି ।

**ଗଣିତ ଶିକ୍ଷାଦାନ**—ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଇଞ୍ଜିନିୟର୍, ବ୍ୟାଙ୍କ୍ କର୍ମଚାରୀ, ଦୋକାନୀ ଇତ୍ୟାଦି ।

**ଚାରୁକଳା ଶିକ୍ଷାଦାନ**—ସଙ୍ଗୀତଜ୍ଞ, ନାଟ୍ୟକାର, ଚିତ୍ରକାର ବିଭିନ୍ନ କଳା-ମୁରୁଜ ଓ ଝୋଟି ପକାଇବା, ଘର ସଜାଇବା ଇତ୍ୟାଦି କଳାରେ ଅଭିଜ୍ଞ ମହିଳା ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଇତ୍ୟାଦି ।

**କର୍ମ ଅନୁଭୂତି ଶିକ୍ଷାଦାନ**—ଧୋବା, ଭଣ୍ଡାରୀ, କମାର, କୁମ୍ଭାର, ଚମାର, ବଣିଆ, କେଉଟ, ବଢ଼େଇ, ମୋଚି, ଦୋକାନୀ, ନାଉରୀ, ରିକ୍ସାବାଲା, ଦିନ ମଜୁରିଆ, ଚାଷୀ, ରାଜମିସ୍ତ୍ରୀ, ସାଇକେଲ ମେକାନିକ୍, ମଟର ମେକାନିକ୍, ତନ୍ତୀ, ପ୍ରେସ୍ ମାଲିକ, ରେଡ଼ିଓ ମେକାନିକ୍, ଟେଲିଭିଜନ୍ ମେକାନିକ୍, ଫଳ ସଂରକ୍ଷଣ ଅଫିସର, ଗ୍ରାମସେବକ, ଚାକିରି ପାଇନଥିବା ଶିକ୍ଷିତ ବେକାର ଯୁବକ-ଯୁବତୀ, ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଇତ୍ୟାଦି ।

**(ଙ) ଗୋଷ୍ଠୀରେ ଥିବା ବିଭିନ୍ନ ବସ୍ତୁ ଓ ଅନୁଷ୍ଠାନର ଉପଯୁକ୍ତ ପ୍ରୟୋଗ :**

ଗୋଷ୍ଠୀରେ ଥିବା ବିଭିନ୍ନ ବସ୍ତୁ ଓ ଅନୁଷ୍ଠାନର ଉପଯୁକ୍ତ ପ୍ରୟୋଗ କରାଯାଇଥାଏ । ଯଥା—ଗୋଷ୍ଠୀରେ ଯଦି ଡାକ୍ତରଖାନା ଅଛି, କର୍ମ ଅନୁଭୂତି ପିରିଅଡ୍‌ରେ ପିଲାମାନଙ୍କୁ ଡାକ୍ତରଖାନାରେ ରୋଗୀ ସେବା ପାଇଁ ନିଆଯାଇ ପାରେ । ସେହିପରି ପିଲାମାନଙ୍କୁ ବିଭିନ୍ନ ଯାଗାକୁ ଶିକ୍ଷା ପରିଭ୍ରମଣରେ ନିଆଯାଇ ପାରେ—କମାରଶାଳ, କୁମ୍ଭାରଶାଳ, ଆଖୁଶାଳ, ବଣିଆ ଘର, ବଢ଼େଇ କାରଖାନା, ବିଭିନ୍ନ ପ୍ରକାରର ଦୋକାନ, ଧୋବା ଘାଟ, ଭଣ୍ଡାରୀ ଦୋକାନ, ମାଛ ହାଟ, ପରିବା ହାଟ, ଫଟୋଗ୍ରାଫି ଦୋକାନ, ରେଡ଼ିଓ ମରାମତି ଦୋକାନ, ଟେଲିଭିଜନ୍ ମରାମତି ଦୋକାନ, ମଟର ମେକାନିକ୍ ଦୋକାନ, ପ୍ରେସ୍, ପଶୁ ଡାକ୍ତରଖାନା, କୁକୁଡ଼ା ଫାର୍ମ, ଗାଈଗୋରୁ ଫାର୍ମ, ଚାଷ କ୍ଷେତ, ଚାଷ ଫାର୍ମ, କାରଖାନା ଇତ୍ୟାଦି ।

ବିଦେଶରେ, ଗୋଷ୍ଠୀରେ ଥିବା ସମ୍ବଳର ଉପଯୁକ୍ତ ପ୍ରୟୋଗ ହେବାର କେତେକ ଉଦାହରଣ ଏଠାରେ ଦିଆଯାଉଅଛି । ଲେଖକ ୧୯୭୯ ମସିହାରେ ବ୍ରିଟେନ୍‌ର ସ୍କଟ୍‌ଲାଣ୍ଡ ଅଞ୍ଚଳର ଲିନ୍‌ଲିଥ୍ ସହରରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲା । ସେଦିନ ସ୍କୁଲରେ ଖାଇବା ଛୁଟି ପର ପିରିଅଡ୍ ଗୁଡ଼ିକରେ ବିଭିନ୍ନ କ୍ଲବ୍ କାର୍ଯ୍ୟକ୍ରମ ହେଉଥିଲା । କେତେକ କ୍ଲବ୍‌ର କାର୍ଯ୍ୟ ଗୋଷ୍ଠୀରେ ଥିବା କେତେକ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ସେହି ସ୍ୱେଚ୍ଛାସେବୀମାନେ ସେମାନଙ୍କର କାମ ନଥିବା ସମୟରେ ବିଦ୍ୟାଳୟକୁ ସାହାଯ୍ୟ କରୁଥିଲେ । ଆମ ଦେଶରେ ଆଜିକାଲି ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ତାଛଡ଼ା ଅନେକ ଶିକ୍ଷିତ ଗୃହିଣୀଙ୍କର ଖରାବେଳ ତାସ୍ ଖେଳ ବା ଗପରେ ସମୟ । ସେମାନଙ୍କ ମଧ୍ୟରୁ କେତେକ ଶିକ୍ଷାନୁଷ୍ଠାନକୁ ସପ୍ତାହରେ ଘଣ୍ଟେ ଦୁଇଘଣ୍ଟା ପାଇଁ ସାହାଯ୍ୟ କରିବାକୁ ପାଇଁ ରାଜି ହୋଇ ପାରନ୍ତି । ଶିକ୍ଷାନୁଷ୍ଠାନରେ କାମ କରୁଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଛୁଟିରେ ଗଲେ, କେତେକ କ୍ଷେତ୍ରରେ ପାଠପଢ଼ା ବ୍ୟାହତ ହୋଇଥାଏ । ଅନୁଷ୍ଠାନଗୁଡ଼ିକ ତାଙ୍କର ଗୋଷ୍ଠୀରେ ଥିବା ସ୍ୱେଚ୍ଛାସେବୀଙ୍କ ଶିକ୍ଷାନୁଷ୍ଠାନ ପାଇଁ ଦେଇ ପାରିବା ସମୟର ଆଗରୁ ହିସାବ ରଖିଥିଲେ, କୌଣସି ଶିକ୍ଷକ-ଶିକ୍ଷୟିତ୍ରୀ ଛୁଟିରେ ଗଲେ, ସ୍ୱେଚ୍ଛାସେବୀଙ୍କୁ ଡକାଇ ପାରି କାମରେ ଲଗାଇ ପାରନ୍ତେ ।

ଗୋଷ୍ଠୀରେ ଥିବା ସମ୍ବଳର ପ୍ରୟୋଗ କରିବା ସମୟରେ ସୁବିଧା ସାଙ୍ଗେସାଙ୍ଗେ ଅସୁବିଧା ମଧ୍ୟ ଅଛି । ଗୋଟିଏ ବିଦ୍ୟାଳୟର ପରିଭ୍ରମଣ ପାଇଁ ବ୍ୟବସ୍ଥା ହେଉଥିବା ସମୟରେ ପିଲାଙ୍କ ସହ ପରିଭ୍ରମଣରେ ଯିବା ପାଇଁ କେତେକ ନିୟମିତ ମଦ୍ୟପାନକାରୀ ବ୍ୟକ୍ତି ବାହାରିବାରୁ, ବିଦ୍ୟାଳୟକୁ ପରିଦର୍ଶନ ପ୍ରୋଗ୍ରାମ୍ ବନ୍ଦ କରିବାକୁ ପଡ଼ିଥିଲା । ଗୋଷ୍ଠୀରୁ ଆସି ସାମୟିକ ଶିକ୍ଷାଦାନ କରୁଥିବା ବ୍ୟକ୍ତି ସ୍କୁଲ୍ ପଢ଼ାଇ ପାରନ୍ତି ।

ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସାଧାରଣତଃ ବେଶୀ ପରିଶ୍ରମ କରିବାକୁ ପଡ଼ିଥାଏ । ବ୍ରିଟେନ୍‌ର ଶିକ୍ଷକ-ଶିକ୍ଷୟିତ୍ରୀ ଗୋଷ୍ଠୀ ପରିଶ୍ରମ ଯୋଗୁ ସେମାନଙ୍କ ଉପରେ ଅନ୍ୟ ଚାକିରି କରୁଥିବା ବ୍ୟକ୍ତିଙ୍କ ଅପେକ୍ଷା ବେଶୀ ଚାପ ପଡ଼ିଥାଏ ବୋଲି ମତଦାନ କରିଥିଲେ । କିଛି ବର୍ଷ ତଳେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଜଣେ ଶିକ୍ଷା ବିଭାଗର ପ୍ରାଧ୍ୟାପକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପରେ କର୍ମଜନିତ ଚାପ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ ଯେ, କିଛି ବର୍ଷର ଚାକିରି ପରେ, ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଅନ୍ୟ ଚାକିରିକୁ ଯିବା ପାଇଁ ଓ ଅନ୍ୟ ଚାକିରି

କରୁଥିବା ବ୍ୟକ୍ତିଙ୍କୁ ଶିକ୍ଷାଦାନ କାର୍ଯ୍ୟରେ ନିଯୁକ୍ତି ପାଇବା ପାଇଁ ବ୍ୟବସ୍ଥା ରହିବା ଦରକାର । ତାଙ୍କ ମତରେ ଶିକ୍ଷକ-ଶିକ୍ଷିକାମାନେ ଯେତେ ପରିମାଣରେ ଦକ୍ଷ—ସେତେ ପରିମାଣରେ ଘୃଣା ପାଇ ଥାଆନ୍ତି । ଉଦାହରଣ ସ୍ୱରୂପ ଅଧିକାଂଶ ଶିକ୍ଷକ-ଶିକ୍ଷିକା ପେଟ ରୋଗାକ୍ରାନ୍ତ ହୋଇଥାଆନ୍ତି । ଏହା ଘଟିଥାଏ ଖାଇସାରି ବିଶ୍ରାମ ନ ନେଇ ସ୍କୁଲକୁ ଯିବା ଦ୍ୱାରା ଓ ସ୍କୁଲରେ ବକର ବକର ହେବା ଦ୍ୱାରା । ଶିକ୍ଷକ-ଶିକ୍ଷିକାମାନେ ଗୋଷ୍ଠୀର ଉପଯୁକ୍ତ ବ୍ୟବହାର କରିପାରିଲେ, ସେମାନଙ୍କ ଉପରେ ଶିକ୍ଷାଦାନ ଯୋଗୁଁ ପଡୁଥିବା ଘୃଣାର ପରିମାଣ ଲାଘବ ହୋଇ ପାରନ୍ତା । ସେମାନଙ୍କୁ ବକର ବକର ହେବାକୁ ପଡୁଥିବା ସମୟର ପରିମାଣ କମି ଯାଆନ୍ତା । ଯଦି ଉପଯୁକ୍ତ ଗୋଷ୍ଠୀର ସମାଜ—ମନୁଷ୍ୟ ବା ବସ୍ତୁ ମିଳେ—ତାହାର ଉପଯୋଗରେ ଶିକ୍ଷାଦାନର ମାନ ମଧ୍ୟ ବଢ଼ି ଯାଆନ୍ତା । ଉଦାହରଣ ସ୍ୱରୂପ—ବିଜ୍ଞାନ ବିଷୟରେ, କୃଷି ବିଷୟରେ କିଛି ପାଠ ଅଛି । ସବୁ ଶିକ୍ଷକ-ଶିକ୍ଷିକା ଦକ୍ଷ କୃଷକ ନୁହନ୍ତି । ଯଦି କୃଷି ଅଫିସର ଗୋଷ୍ଠୀରେ ନ ଥାଆନ୍ତି, ଗୋଷ୍ଠୀରେ ଥିବା ଦକ୍ଷ କୃଷକ, ଶିକ୍ଷକ-ଶିକ୍ଷିକାଙ୍କ ଅପେକ୍ଷା କୃଷି ବିଷୟରେ ଭଲ ଶିକ୍ଷାଦାନ କରି ପାରନ୍ତି ।

### ଗୋଷ୍ଠୀ ସହଯୋଗ ପାଇଁ ଶିକ୍ଷାନୁଷ୍ଠାନର କର୍ତ୍ତବ୍ୟ

**(କ) ଶିକ୍ଷାନୁଷ୍ଠାନର ଘର ଗୋଷ୍ଠୀର ଉତ୍ସବ/ସଭା ସମିତି ପାଇଁ ବ୍ୟବହାର :**

ଅନେକ ଗ୍ରାମରେ ବିଦ୍ୟାଳୟ ଘର ହେଉଛି ଏକମାତ୍ର ଘର ଯେଉଁଠାରେ କି ଅନେକ ଲୋକ ଏକା ସାଙ୍ଗରେ ବସି ପାରିବେ । ତେଣୁ ଗ୍ରାମର ସଭା ସମିତି—ବିଶେଷତଃ ବର୍ଷାଦିନେ ବିଦ୍ୟାଳୟ ଗୃହଗୁଡ଼ିକରେ ଅନୁଷ୍ଠିତ ହେବା ଦରକାର । କିଛି ବର୍ଷ ତଳେ ଲେଖକ ବ୍ରିଟେନ୍‌ରେ ଥିବା ସମୟରେ ଲଣ୍ଡନ୍‌ର ବି.ବି.ସି. ଟେଲିଭିଜନ୍‌ରେ ଅକ୍ସଫୋର୍ଡ଼ ଅଞ୍ଚଳର ଜଣେ ଶିକ୍ଷାବିତ୍ ହେନେରୀ ମୋରିସ୍‌ଙ୍କ ବିଷୟରେ ପ୍ରୋଗ୍ରାମ୍ ଦେଖାଯାଉଥିଲା । ସେଥିରେ ଗୋଟିଏ ବିଦ୍ୟାଳୟ ଗୃହରେ ବାହାଘର ଉତ୍ସବ ଅନୁଷ୍ଠିତ ହେବାର ଦର୍ଶା ଯାଇଥିଲା । ବ୍ରିଟେନ୍‌ରେ ସମାଜ ବିଦ୍ୟାଳୟ (କମ୍ୟୁନିଟି ସ୍କୁଲ) ସ୍ଥାପନର ସୂତ୍ରଧର ହେଉଛନ୍ତି, ଏହି ହେନେରୀ ମୋରିସ୍ । ଅବଶ୍ୟ ଏପରି ବ୍ୟବହାରରେ ବିଦ୍ୟାଳୟ ଘରର ସୌନ୍ଦର୍ଯ୍ୟ ନଷ୍ଟ ହୋଇପାରେ । ତେବେ ଏଥିପାଇଁ ଯେଉଁମାନେ ଘର ବ୍ୟବହାର କରିବେ, ସେମାନଙ୍କ ଠାରୁ କ୍ଷତିପୂରଣ ନିଆଯାଇ ପାରେ ବା ସେମାନଙ୍କୁ ନଷ୍ଟ ହୋଇଥିବା ସୌନ୍ଦର୍ଯ୍ୟ ଜିନିଷପତ୍ର ଠିକ୍ କରିବା ପାଇଁ କୁହାଯାଇ ପାରେ ।

**(ଖ) ଶିକ୍ଷାନୁଷ୍ଠାନ ଘରର ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଣଆନୁଷ୍ଠାନିକ ଶିକ୍ଷା ସକାଶେ ବ୍ୟବହାର :**

ଆମ ଦେଶରେ ଅଣଆନୁଷ୍ଠାନିକ କାର୍ଯ୍ୟକ୍ରମ ଜରିଆରେ ପ୍ରୌଢ଼ ଶିକ୍ଷା ଦିଆଯାଉଅଛି । ତାହା ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନେକ ଯାଗାରେ ହେଉଅଛି । ଯେଉଁଠାରେ ଏପରି ନ ହେଉଅଛି, ସେଠାରେ ଏପରି ହେବା ଦରକାର । ମେଲେରିଆ ବା ଫାଇଲେରିଆ ନିରାକରଣ ବିଭାଗ ବା ଅନ୍ୟ କୌଣସି ସରକାରୀ ବିଭାଗର ଅଫିସରମାନଙ୍କର ଗ୍ରାମବାସୀମାନଙ୍କୁ ଭାଷଣ ଦେବାର ଦରକାର ପଡ଼ିଲେ, ତାହା ଏହି ଶିକ୍ଷାନୁଷ୍ଠାନର ଘରେ ଦିଆଯାଇଥାଏ । ସବୁ ଭଲ ଶିକ୍ଷାନୁଷ୍ଠାନରେ ଏପରି ବ୍ୟବସ୍ଥା ଥାଏ ।

**(ଗ) ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କର ଗୋଷ୍ଠୀର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ :**

ଉତ୍ତମ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷିକା, ମେଳା, ଯାତ୍ରା ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପାଣିଦେବା, ଭିଡ଼ ନିୟନ୍ତ୍ରଣ କରିବା ଇତ୍ୟାଦି କାମ କରିଥାଆନ୍ତି । ଶିକ୍ଷାନୁଷ୍ଠାନର ଖେଳ ଶିକ୍ଷକ ଗୋଷ୍ଠୀରେ କ୍ରୀଡ଼ା-କସରତ ଦାୟିତ୍ୱ ନେଇ ଥାଆନ୍ତି । ଶିକ୍ଷାନୁଷ୍ଠାନରେ ଥିବା ଦକ୍ଷ ସଙ୍ଗୀତଜ୍ଞ ତଥା ନାଟ୍ୟକାର ଶିକ୍ଷକ-ଗୋଷ୍ଠୀରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥାଆନ୍ତି ।

**(ଘ) ସ୍କୁଲ ଲାଇବ୍ରେରୀର ସୁବିଧା ଗୋଷ୍ଠୀର ବ୍ୟବହାର :**

ଉତ୍ତମ ସ୍କୁଲ ତାହାର ଲାଇବ୍ରେରୀ ଗୋଷ୍ଠୀର ବ୍ୟବହାର ପାଇଁ ଖୋଲା ରଖିଥାଏ । ଲେଖକ ବ୍ରିଟେନ୍‌ର ସଟ୍‌ଲାଣ୍ଡର ସରଲିଙ୍ଗ୍ ଗ୍ରାମରେ ଥିବା ୭ମ ଶ୍ରେଣୀ ବିଶିଷ୍ଟ ଓ ଏକମାତ୍ର ଶିକ୍ଷିକା ଦ୍ୱାରା ପରିଚାଳିତ ବିଦ୍ୟାଳୟ, ୧୯୭୯ ମସିହାରେ ଦେଖିବାକୁ ଯାଇଥିବା ସମୟରେ ଜାଣିବାକୁ ପାଇଥିଲେ ଯେ, ଶିକ୍ଷିକା ଜଣକ ଗ୍ରାମବାସୀମାନଙ୍କ ପାଇଁ ଲାଇବ୍ରେରୀ ପରିଚାଳିକାର ଦାୟିତ୍ୱ ବହନ କରୁଥିଲେ । ସ୍କୁଲ ସମୟ ପରେ, ସପ୍ତାହରେ ଗୋଟିଏ ଦିନ ସେ ଏହି କାର୍ଯ୍ୟ କରୁଥିଲେ । ଏଥିପାଇଁ ସେ କୌଣସି ପାରିଶ୍ରମିକ ନେଉ ନ ଥିଲେ । ଅବଶ୍ୟ ସେହି ସ୍କୁଲରେ ଥିବା ଲାଇବ୍ରେରୀଟିକୁ ଗୋଷ୍ଠୀର ବୟସ୍କ ବ୍ୟକ୍ତିଙ୍କ ପାଇଁ ଦରମାଭୋଗୀ ପୃଥକ ସ୍ଥାନୀୟ କର୍ମକର୍ତ୍ତା ଯୋଗାଇ ଥିଲେ । ଆମ ଦେଶର ଗ୍ରାମ[illegible] ଅନେକ ସ୍କୁଲ ଲାଇବ୍ରେରୀ ସାଧାରଣଙ୍କ ପାଇଁ ଖୋଲା ଥାଏ ।

ଗୋଷ୍ଠୀର ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଅଂଶ ଗ୍ରହଣ କରିବାକୁ ଶିକ୍ଷାନୁଷ୍ଠାନ ମଧ୍ୟ ଗୋଷ୍ଠୀର ନିକଟତର ହେବା ଦରକାର । ସ୍କୁଳିରେ ଥିବା ଶିକ୍ଷକ-ଶିକ୍ଷିକାଙ୍କ ତାଲିମ କାର୍ଯ୍ୟକ୍ରମରେ, ଏହି ବିଷୟ ଆଲୋଚନା ସମୟରେ ସେମାନେ ମତ ଦେଉଥିଲେ ଯେ—ଏଥିପାଇଁ ସ୍କୁଲ ଘର ସର୍ବସାଧାରଣଙ୍କ କାମରେ ଲାଗି ପାରିବ ବା ବିଭାଘର, ବ୍ରତଘର ଆଦିରେ ଲାଗି ପାରିବ । ଗୋଷ୍ଠୀର ବ୍ୟକ୍ତି ଆସି ଶିକ୍ଷାଦାନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରି ପାରିବେ, ସ୍କୁଲ ପାଠାଗାରରେ ଗୋଷ୍ଠୀର ବ୍ୟକ୍ତି ସଭ୍ୟ ହୋଇ ପାରିବେ । ଏହି ବ୍ୟବସ୍ଥା ସବୁ ସରକାରୀ ଆଦେଶ ମାଧ୍ୟମରେ ବିଦ୍ୟାଳୟକୁ ନ ଜଣାଇଲେ, ଏହା ପୋଥିରେ ରହିଯିବ ।

ମୁଖ୍ୟ ଅଧ୍ୟାପକ,
ଶିକ୍ଷା ବିଭାଗ,
ଉତ୍କଳ କଲେଜ, ବାଲେଶ୍ୱର ।

ଟକେବଳ ବିଶ୍ୱାସରେ ସନ୍ତୁଷ୍ଟ ହୁଅନାହିଁ, ବରଂ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

—ସ୍ୱାମୀ ବିବେକାନନ୍ଦ

# ଭାରତ ଓ ସଂସ୍କୃତ

ଶ୍ରୀ ସଦାନନ୍ଦ ଦୀକ୍ଷିତ

ଏକବିଂଶ ଶତାବ୍ଦୀର ଭବ୍ୟ ସ୍ୱାଗତ ପାଇଁ ଭାରତ ପ୍ରସ୍ତୁତ ହେବାର ସୂଚନା ମିଳୁଛି । ଚଳମିର ଶିକ୍ଷା ଓ ସଂସ୍କୃତିର ନୂତନ ରୂପରେଖ ପ୍ରସ୍ତୁତି ପଥରେ ଅଟିଗଲା ସ୍ୱୀକିଛି । ବିଜ୍ଞାନର ଦ୍ରୁତ ପ୍ରଗତିର ତାଳେତାଳେ ଭାରତବର୍ଷ ଆଗେଇ ଯାଉ–ପୃଥିବୀର ସମସ୍ତ ଦେଶମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉ–ଏହି ଲକ୍ଷ୍ୟରେ ରାଷ୍ଟ୍ରନାୟକମାନେ ବଡ଼ ତତ୍ପର ତଥା ନାଗରିକମାନେ ମଧ୍ୟ ଉପଗ୍ରହର ସ୍ପର୍ଶ ଓ କମ୍ପ୍ୟୁଟରର ସ୍ୱାଦ ଲାଭ ପାଇଁ ବଡ଼ ବ୍ୟଗ୍ର । ରୁଷିଆ ମାଧ୍ୟମରେ ଆମ ଦେଶର ଜଣେ ଯୁବକ ଶ୍ରୀ ରାକେଶ ଶର୍ମା ଉପଗ୍ରହର ସ୍ପର୍ଶ କରିଥିବାରୁ ଦେଶବାସୀ ଗର୍ବିତ । ଏହି ଗୋଟିଏ ଘଟଣା ବୁଝେଁ ପୃଥିବୀର ସର୍ବପ୍ରାଚୀନ ଓ ସର୍ବଶ୍ରେଷ୍ଠ ରାଷ୍ଟ୍ର ଭାବରେ ଭାରତବର୍ଷର ଗୌରବମୟ ଇତିହାସକୁ ଅନୁଧ୍ୟାନ କଲେ ଭାରତବାସୀଙ୍କର ଅନେକ ଗୌରବ କରିବାର ଅଛି । ମାତ୍ର ଭାରତୀୟମାନେ ନିଜର ଓ ଦେଶର ଗୌରବରେ ଗୌରବାନ୍ୱିତ ହେବା ଭୁଲି ଗଲେଣି । କେବଳ ପରଗୋଡ଼ାଣିଆ ହୋଇ 'ମାଗି ଆଣିଲା ଚିଅଣ ସଡ଼କେ' ଭଳି ବୃଥା ଆତ୍ମତୃପ୍ତି ହିଁ ଆଜିକାର ଭାରତୀୟର ଭାରତୀୟତା ।

ମାତ୍ର ଆଜି ଯେପରି ବିଜ୍ଞାନର କୁହୁକ ଭାରତୀୟଙ୍କୁ ମୁଗ୍ଧ କରି ଦେଉଛି, ସେପରି ରାଜନୀତି ସମାଜକୁ କଳୁଷିତ ଓ ଉଦଭ୍ରାନ୍ତ କରୁଅଛି । ଭାରତବର୍ଷରେ ରାଜତନ୍ତ୍ର କେବେହେଲେ ମୁଖ୍ୟ ସ୍ଥାନ ଗ୍ରହଣ କରିପାରି ନାହିଁ. ସବୁବେଳେ 'ଧର୍ମ' ହିଁ ରାଷ୍ଟ୍ରର ନିୟନ୍ତ୍ରକ ଥିଲା. ଏବେବି ଅଛି (ମନୁସ୍ମୃତି-୮/୧୫) । ଚକ୍ରବର୍ତ୍ତି ରାଜଗୋପାଳାଚାରୀଙ୍କ ମତରେ–କୁଳଧର୍ମ ଦ୍ୱାରା 'ପରିବାର', ଜାତିଧର୍ମ ଦ୍ୱାରା 'ସମାଜ' ଓ ଭାରତଧର୍ମ ଦ୍ୱାରା ରାଷ୍ଟ୍ରର ପ୍ରଗତି ସମ୍ଭବ ହୋଇ ପାରୁଥିଲା (Our culture-C.Rajagopalachari) । ଧର୍ମ ଭାବନା ବିହୀନ ଆଜିର ଏହି ରାଜନୀତି ଦ୍ୱାରା ଆମ ଦେଶର ସଂସ୍କୃତି ଘୋର ବିପର୍ଯ୍ୟୟର ସମ୍ମୁଖୀନ । ସ୍ୱାଧୀନତା ପରଠାରୁ ଦେଶର ଏକତା ଓ ସଂହତି ନିମିତ୍ତ କୌଣସି ରାଷ୍ଟ୍ରୀୟନୀତି ଦୃଢ଼ତାର ସହିତ ପ୍ରଣୀତ ହୋଇ ପାରି ନାହିଁ । କ୍ଷମତା ଓ ସ୍ଥିତିକୁ ଲକ୍ଷ୍ୟ ରଖି ସ୍ୱାର୍ଥସିଦ୍ଧି ନିମିତ୍ତ ବିଭିନ୍ନ ରାଷ୍ଟ୍ରୀୟ ନୀତି ଓ ବୈଦେଶିକ ନୀତି ପ୍ରଣୀତ ହେଉଥିବାରୁ ଭାରତବର୍ଷର ପ୍ରକୃତ ଗୌରବ ନଷ୍ଟ ବା ଅଗୋଚର ହେଉଅଛି । ଭାରତୀୟମାନଙ୍କୁ ଏ ଦେଶର ଗର୍ବ ଗୌରବ ବିଷୟରେ ଜାଣିବାକୁ ସୁଯୋଗ ଦିଆଯାଉ ନାହିଁ । ପ୍ରସିଦ୍ଧ ନ୍ୟାୟଶାସ୍ତ୍ରବିତ୍ ନନି ପାଲ୍‌କିବାଲାଙ୍କ ଭାଷାରେ

'India is like a donkey carrying a sack of gold-the donkey does not know what it is carrying but is content to go along with the load on its back'.(Ancient insights and Modern discoveries)

ଭାରତବର୍ଷର ସୁନାବସ୍ତା କ'ଣ ? ସୁପ୍ରିମ୍‌କୋର୍ଟର ଅନ୍ୟତମ ବିଚାରପତି ନ୍ୟାୟମୂର୍ତ୍ତି ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ରଙ୍କ ମତରେ–''ମାଟି ତଳେ ପୋତି ହୋଇଥିବା ଏହି ସୁନା ହେଉଛି–ଭାରତବର୍ଷର ଆଧ୍ୟାତ୍ମିକତା ଓ ଜ୍ଞାନବିଜ୍ଞାନରେ ପରିପୂର୍ଣ୍ଣ ସଂସ୍କୃତ ଭାଷା'' । ଏହାକୁ ଲକ୍ଷ୍ୟ କରି ଯୋଗୀ ଅରବିନ୍ଦ ଆହ୍ୱାନ କରୁଛନ୍ତି–''

"The Sun of India's deatiny would rise and fill all India with its light and overflow India and overflow Asia and overflow the World"

ମାତ୍ର ସେ ଭାଗ୍ୟରବି କାହିଁ, କେବେ ଉଦିତ ହେବେ ?

> ''ଏତଦ୍ଦେଶ ପ୍ରସୂତସ୍ୟ ସକାଶାଦଗ୍ର ଜନ୍ମନଃ ।
> ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥''

ମନୁ ସ୍ମୃତିର ଏହି ଉକ୍ତିକୁ ସ୍ମରଣ କରାଇ ବିଶ୍ୱକବି ରବୀନ୍ଦ୍ରନାଥ କହିଗଲେ–'

'India is destined to be the teacher of all lands'

', ଆଜି ଭାରତବର୍ଷର ଶିକ୍ଷୁ ବିଦେଶ ପ୍ରତି ଆକୃଷ୍ଟ ହେଉଥିବା ସମୟରେ, ଏ ଦେଶର ମେଧାବୀ ସମାଜ ବିଦେଶରେ ଅଧ୍ୟୟନ କରିବାକୁ ଲାଳାୟିତ ହେଉଥିବା ବେଳେ ବିଶ୍ୱକବିଙ୍କର ବାଣୀର ଯଥାର୍ଥତା କେତେ ଦୂର ?

ମାତ୍ର ଶହେବର୍ଷ ତଳେ ଭାରତର ପ୍ରଶଂସା କରି ପ୍ରଫେସର ମ୍ୟାକ୍ସମୁଲର୍ ଯାହା କହିଥିଲେ–

If I were to look over the whole world to findout the country most richly endowed with all the wealth, power and beauty that nature can bestow-in some parts a very paradise

or earth- I should point to India. If I were asked under what sky the human mind has most fully developed some of its choicest gifts, has most deeply pondered on the greatest problems of life and has found solutions to some of them which well deserve the attention even of those who have studied plato and kant - I should point to India. And if I were to ask myself from what literature we, here in Europe, we, who have been nurtured almost exclusively on the thoughts of Greeks and Romans and of one senitee race, the Jewish, may draw that corrective which is most wanted in order to make our inner life more perfect, more comprehensive, more universal, in fact more ourly human, a life not for this life only but a transfigured and eternal life- again I should point to India".

ଭାରତବର୍ଷ ସମସ୍ତ ଧନଧାନ୍ୟରେ ପରିପୂର୍ଣ୍ଣ । ଏହା ପ୍ରଫେସର ମ୍ୟାକ୍ସମୁଲରଙ୍କ ବାତୁଲତା ବୋଲି କେହି କେହି ମନେ କରି ପାରନ୍ତି । ଯେଉଁମାନେ ଭାରତବର୍ଷର ଆତ୍ମାକୁ ଠିକ୍ ରୂପେ ଜାଣିଛନ୍ତି, ସେମାନେ ଦୃପ୍ତ କଣ୍ଠରେ ଘୋଷଣା କରିଛନ୍ତି ଭାରତବର୍ଷକୁ ଆଧ୍ୟାତ୍ମିକତା ନିୟନ୍ତ୍ରଣ କରୁଅଛି ଓ ଏହି ଧର୍ମ ଭାବନା ପୃଥିବୀକୁ ନିୟନ୍ତ୍ରଣ କରିବ । ଅଟ୍‌ଲାଣ୍ଟିକ୍‌ପାରି ପରିବ୍ରାଜକ ଜନ୍ ଗାରରଙ୍କ 'ହ୍ୱାଟ୍ ଇଣ୍ଡିଆ ମିନ୍ସ ଟୁ ମି' ନାମକ ଗ୍ରନ୍ଥରେ ଉଲ୍ଲିଖିତ ବିଷୟ ପ୍ରଣିଧାନଯୋଗ୍ୟ—

"Surely it is not because India is a secular state, that there is toleration of all faiths here. Indians have always been tolerent,not because they were secular, because they were truely non secular, truely spiritual:.

ଆଜି ଏକବିଂଶ ଶତାବ୍ଦୀର ପାଦ ଦେଶରେ ପାଦ ଦେଇ ଭାରତୀୟମାନେ ଆଗେଇଯିବା ବେଳେ ଉପର୍ଯ୍ୟୁକ୍ତ ଅଭିମତଗୁଡ଼ିକୁ ଗମ୍ଭୀରତାର ସହିତ ବିଚାର କରିବାକୁ ହେବ । ଆଜି ଭାରତବର୍ଷର ଗତି କୁଆଡେ ? ଅନ୍ତର୍ନିହିତ ସମସ୍ୟାଗୁଡ଼ିକ ରାଷ୍ଟ୍ରକୁ ଦୁର୍ବଳ ଓ କ୍ରମଶଃ ପଙ୍ଗୁ କରି ଦେଉଛି । ରାଷ୍ଟ୍ରନାୟକମାନେ କେବଳ କ୍ଷମତା ରାଜନୀତିରେ ଲିପ୍ତ । ଛାତ୍ର ଓ ଶିକ୍ଷକମାନେ ରାଜନୀତି କବଳରେ କବଳିତ । ଆଗାମୀ ବଂଶଧରମାନଙ୍କ ପାଇଁ ରାଷ୍ଟ୍ରୀୟ ଆଦର୍ଶର ସ୍ଥାନ ଶୂନ୍ୟ । ସ୍ୱାଧୀନତା ପରଠାରୁ ଏ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସଂହତି ଭାବନା ଓ ଗୌରବବୋଧ ଜାଗ୍ରତ କରିବା ପାଇଁ କୌଣସି ଦୃଢ଼ବଦ୍ଧ ଯୋଜନା କରାଯାଇ ନାହିଁ । ବରଂ ପାଶ୍ଚାତ୍ୟ ଶିକ୍ଷାର ଗୁରୁତ୍ୱ ଓ ପାଶ୍ଚାତ୍ୟ ସଭ୍ୟତାର ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇଛି ।

ଦେଶର ଗୌରବମୟ ଇତିହାସ ନାଗରିକର ମନରେ ଆତ୍ମବିଶ୍ୱାସ ଆଣିବା ସଙ୍ଗେସଙ୍ଗେ ଭାବୀ ବଂଶଧରଙ୍କ ମନରେ ରାଷ୍ଟ୍ରୀୟ ପ୍ରୀତିର ସ୍ୱତଃ ସ୍ପୃହା ସୃଷ୍ଟି କରେ । ମାତ୍ର ଆଜି ଶିକ୍ଷା କ୍ଷେତ୍ରରେ ଯେଉଁ ଇତିହାସ ପାଠ୍ୟ ତାହା କେବଳ ଭାରତର ପରାଜୟ, ପରାଧୀନତା ଓ ଆତ୍ମଗ୍ଲାନିର ଇତିହାସ । ଏହାର ପଠନ ଦ୍ୱାରା ସ୍ୱତଃ ରାଷ୍ଟ୍ର ପ୍ରତି ଘୃଣାଭାବ ଆସିବ । ସମାଜକୁ ଦୁର୍ବଳ କରିବା ପାଇଁ ପାଶ୍ଚାତ୍ୟ ଐତିହାସିକମାନେ ମଧ୍ୟ ଜାଣିଶୁଣି ଗୌରବପୂର୍ଣ୍ଣ ଇତିହାସକୁ ବିକୃତ ଓ କଳଙ୍କିତ କରି ଦେଇଛନ୍ତି । ମାତ୍ର ବିଶ୍ୱର ପ୍ରାଚୀନତମ ରାଷ୍ଟ୍ର ଭାରତବର୍ଷର ଇତିହାସ କ'ଣ ଏ ଦେଢ଼ହଜାର, ଦୁଇହଜାର ବର୍ଷର ? ତା' ପୂର୍ବରୁ ଯେଉଁ ବିସ୍ମୟକର ଗୌରବପୂର୍ଣ୍ଣ ଇତିହାସ, ତାହାକୁ ଏବେ ପଢୁଛି କିଏ ? କାରଣ ଏ ସମସ୍ତ ବିଷୟ ସଂସ୍କୃତରେ ଲେଖା ହୋଇଛି । ମୂଳରୁ ସଂସ୍କୃତକୁ ବିନାଶ କରିବା ପାଇଁ ଚକ୍ରାନ୍ତ କରିଥିବା ବୈଦେଶିକ ଶାସକମାନେ ଏହାର ନିନ୍ଦା କରିଥିବାରୁ ଏବେ ଭାରତୀୟମାନେ ଘୃଣା କରୁଛନ୍ତି । ମାତ୍ର ମନେ ରଖିବାକୁ ହେବ ଭାରତର ପ୍ରଗତି ଓ ସଂସ୍କୃତ—ଏ ଦୁଇଟି ଅନୁପୂରକ । ସେଥିପାଇଁ ସ୍ୱାମୀ ବିବେକାନନ୍ଦ ଭାରତର ଯୁବକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି—

"Who told you to neglect spirituality and sanskrit learning? Why do you not sanskrit scholars? Why do you not spend millions to bring Sanskrit education to all the caotes of India. That is the question. That is the secret of power in India. Sanskrit and prestige go together in India. As soon as you have that, none dares say anything against you. That is the secret; keep that up" (To the youth of India)

ସ୍ୱାମୀ ବିବେକାନନ୍ଦଙ୍କ ଦୃପ୍ତ ବାଣୀରେ ସଂସ୍କୃତ ହିଁ ଭାରତବର୍ଷ ସମ୍ମାନ ବୋଲି ଅଭିହିତ କରିବା ମୂଳରେ ଯେଉଁ ରହସ୍ୟ ରହିଛି ତାହାକୁ ବୁଝିବାକୁ ଆମର ବର୍ତ୍ତମାନ ଓ ଭବିଷ୍ୟତ ବଂଶଧର ପ୍ରସ୍ତୁତ କି ?

ସ୍ୱାଧୀନ ଭାରତର ରାଷ୍ଟ୍ରଭାଷା ହେବାର ସମସ୍ତ ଯୋଗ୍ୟତା ଥାଇ ପ୍ରବଳ ଉଦ୍ୟମ ସତ୍ତ୍ୱେ ମଧ୍ୟ ସଂସ୍କୃତ ଯେପରି ଭାବେ ପ୍ରତ୍ୟାଖ୍ୟାତ ହେଲା ତାହା ଅଦ୍ୟାପି ରହସ୍ୟାବୃତ । ଆଜି ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରଭାଷାଟିଏ ନାହିଁ । ହିନ୍ଦୀକୁ ରାଜଭାଷା (ଅଫିସିଆଲ୍ ଲାଙ୍ଗୁଏଜ୍) ଭାବରେ ସ୍ୱୀକାର କରିଥିଲେ ମଧ୍ୟ ଇଂଲିଶ୍‌କୁ ସହଯୋଗୀ ଭାଷା ଭାବରେ ସ୍ୱୀକାର କରାଯାଇଛି

(vide Constitution of India-Article 343) (National Language) । ଅପର ପକ୍ଷରେ ହିନ୍ଦୀକୁ 'ରାଷ୍ଟ୍ରଭାଷା' ବୋଲି କହି କେତେକ ବେଶ୍ ସ୍ୱାର୍ଥସିଦ୍ଧି କରିବା ବେଳେ ବହୁ ସମୟରେ ସେମାନେ ସଂସ୍କୃତର ପରାକାଷ୍ଠାକୁ ଅସ୍ୱୀକାର କରୁଛନ୍ତି । ବିଭିନ୍ନ ବକ୍ତାଙ୍କ ଭାଷଣରୁ ଶୁଣିବାକୁ ମିଳେ କିପରି ସ୍ୱାଧୀନ ଭାରତବର୍ଷର ନେତୃବୃନ୍ଦ—କୂଟନୀତି ଓ ଶିକ୍ଷାବିତ୍ ବିଦେଶରେ 'ରାଷ୍ଟ୍ରଭାଷା' (ନେସ୍‌ନାଲ୍ ଲାଙ୍ଗୁଏଜ୍) ଜ୍ଞାନ ଅଭାବରୁ ଅପଦସ୍ତ ଓ ଅପମାନିତ ହୋଇଛନ୍ତି । ଅଥଚ ହିନ୍ଦୀକୁ ବେଶ୍ ଲୋକପ୍ରିୟ କରିବାକୁ ସମସ୍ତ ପ୍ରୟାସ ସରକାରୀ ସ୍ତରରେ ଚାଲିଛି । ମାତ୍ର ଜର୍ମାନୀର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ହୁକ୍‌ମେୟେରଙ୍କ ଭାଷାରେ—

"Hindi is not highly developed as Tamil or Bengali(according to Western and Indian linguists) and it can not hope to be for instance, the general language of instruction at all Indian Universities".(SANSKRIT THE PERFECT WNGUA FRANCA -Hindu- 8.9.81)

ଅପର ପକ୍ଷରେ ପଣ୍ଡିତ ନେହେରୁଙ୍କ ମତରେ—

"The back ground of thought and

culture, whether it is Tamil or Telugu or any other southern language, is closely allied to the background of thought and culture of northern languages because of Sanskrit and its affects on the whole of India. If we cut away these roots it will be very bad to us".(Lokasabha debates page-33-7.8.1958)

ପଣ୍ଡିତ ନେହେରୁଙ୍କର ଏହି ଅଭିମତ ବାଣୀର ତାତ୍ପର୍ଯ୍ୟକୁ ଯଦି ଅନୁଧ୍ୟାନ କରାଯାଏ ତାହେଲେ ତାରି ମୂଳରେ ରହିଛି ଅଦ୍ୟତନ ରାଷ୍ଟ୍ରୀୟ ସମସ୍ୟା ଅଥବା ସିଂହଳରେ ଦେଖା ଦେଇଥିବା ଭୟାବହ ସମସ୍ୟାର ସମାଧାନ । ଆମେମାନେ ଏକ ସଂସ୍କୃତିରୁ ଜାତ ଓ ପୋଷିତ' ଏହି ଭାବନା ଯଦି ପଞ୍ଜାବୀଙ୍କର ଥାନ୍ତା, 'ତାମିଲ୍ ଓ ସିଂହଳୀର ସଂସ୍କୃତିର ମୂଳ ଏକ' ଏହି ଭାବନା ଯଦି ବଦ୍ଧମୂଳ ହୋଇଥାନ୍ତା ତାହେଲେ ଏପରି ନରସଂହାରର ତାଣ୍ଡବଲୀଳା ହୋଇ ନ ଥାନ୍ତା । ବିଭିନ୍ନତାରେ ପରିଣତ ହୋଇଥିବା ସଂସ୍କୃତି ଓ ଆସ୍ଥାର ମୂଳ ଏକ ପ୍ରାଚୀନ ଭାରତୀୟ ସଂସ୍କୃତି—ଏ କଥା ଅନେକ ଜାଣି ନାହାନ୍ତି । କାରଣ ଏହାର ରହସ୍ୟକୁ ପ୍ରକାଶ କରୁଥିବା ସଂସ୍କୃତ ଭାଷା ଆଜି ଲୋକସମାଜରୁ ବହୁ ଦୂରରେ ନିର୍ଗଷିତ ଓ ଅବହେଳିତ ।

ହିନ୍ଦୁ ଧର୍ମର ସାରତତ୍ତ୍ୱକୁ ଧର୍ମନିରପେକ୍ଷତାର ଦୁହାଇ ଦେଇ କଟୁ ସମାଲୋଚନା କରି ନାଚ, ଗୀତ ଓ ଅଭିନୟକୁ 'ଭାରତୀୟ ସଂସ୍କୃତି' ବୋଲି କହିବା ଯେପରି ଧୃଷ୍ଟତା, ଆଧ୍ୟାତ୍ମିକତାକୁ ଆଉଟ୍ ଡେଟେଡ୍ ବୋଲି ହସି ଉଡେଇ ଦେଇ ତା ବଦଳରେ ଭାରତକୁ ସାଇନ୍ସ ଓ ଟେକ୍ନୋଲୋଜିର ଶୀର୍ଷ ସ୍ଥାନକୁ ନେଇଯିବା, ନୂତନ ଶିକ୍ଷାନୀତିରେ ସଂସ୍କୃତ ଶିକ୍ଷାକୁ ବାଦ୍ ଦେଇ ରାଷ୍ଟ୍ରୀୟ ଏକତାର ସ୍ଲୋଗାନ୍ ଦେବା ଇତ୍ୟାଦି ଭବିଷ୍ୟତ ପାଇଁ ଶିକ୍ଷଣୀୟ ହେବ ନାହିଁ ।

ସହସ୍ର ବର୍ଷର ପରାଧୀନତା ଓ ସାଂସ୍କୃତିକ ଆକ୍ରମଣ ବିରୁଦ୍ଧରେ ସିନା ସଂସ୍କୃତ ଭାଷା ବଞ୍ଚିଛି, ମାତ୍ର ଏହା ମଧ୍ୟରେ ଲୁକ୍କାୟିତ ଜ୍ଞାନ ଓ ବିଜ୍ଞାନ ଅଦ୍ୟାପି ଅନାବିଷ୍କୃତ । ଭେଦିକ୍ ମେଥ୍ମେଟିକ୍ ଅଣୁବିଜ୍ଞାନ' ବା

Sanskrit is the best language for computer(Dr. Rick Briggs,I.A.MAGAZINE)

ଇତ୍ୟାଦି ଅଳ୍ପ ସଂଖ୍ୟକ ଗ୍ରନ୍ଥ ମାଧ୍ୟମରେ ବୈଜ୍ଞାନିକ ଦିଗ୍‌ଦର୍ଶନ ସଂସ୍କୃତରେ ରହିଛି ବୋଲି ପ୍ରମାଣ ମିଳେ । ମାତ୍ର ମେଧାବୀ ଓ ସୂକ୍ଷ୍ମବୁଦ୍ଧି ସମ୍ପନ୍ନ ନାଗରିକମାନଙ୍କର ସଂସ୍କୃତ ପ୍ରତି ଅକାରଣ ଘୃଣା ଓ ଭୟ ଥିବାରୁ ଆଜି ସଂସ୍କୃତରେ ପ୍ରକାଶିତ ଅନେକ ମୌଳିକ ବିଜ୍ଞାନର ତଥ୍ୟ ପ୍ରକାଶ ପାଇ ପାରୁନାହିଁ । ଏଣୁ ପୃଥିବୀର ମହାନ୍ ପରମାଣୁ ବିଜ୍ଞାନୀ ଡକ୍ଟର୍ ରାଜାରମନ୍ନା ସଂସ୍କୃତରେ ଲୁକ୍କାୟିତ ସତ୍ୟକୁ ଆବିଷ୍କାର କରିବାକୁ ଉଦ୍‌ବୋଧନ କରି କହିଛନ୍ତି—

It is not exciting to do research in this(Sanskrit) vast and virgin field instead of writing about Engligh literature, a crowded, nay ever croucided field, leaving restricted scope for originality".(Vedas; the heritage of mankind, BHAVAN'S JOURNAL Vol.32,No.15)

କେବଳ ଭାରତବର୍ଷର ଆନ୍ତରିକ ସମସ୍ୟା ନାହିଁକି ସମଗ୍ର ବିଶ୍ୱର ସାମ୍ପ୍ରତିକ ସମସ୍ୟା ସମାଧାନ ଦିଗରେ ଭାରତବର୍ଷର ଆଧ୍ୟାତ୍ମିକତା ଓ ସଂସ୍କୃତ ଭାଷାର ଯଥେଷ୍ଟ ଅବଦାନ ରହିଛି । ଏଣୁ ଆଜିର ନିବେଦନ—ସମସ୍ତ ଭାରତୀୟଙ୍କୁ ସଂସ୍କୃତ ପଢ଼ିବାକୁ, ଭାରତୀୟ ସଂସ୍କୃତିର ପ୍ରକୃତ ସ୍ୱରୂପ ଜାଣିବାକୁ ସୁଯୋଗ ଦିଆଯାଉ । ଏତଦ୍‌ଭିନ୍ନ ସଂସ୍କୃତ ବାଙ୍ମୟରେ ଲୁକ୍କାୟିତ ସତ୍ୟଜ୍ଞାନ ଓ ବିଜ୍ଞାନର ରହସ୍ୟକୁ ପ୍ରକାଶ କରିବାକୁ ଯଥେଷ୍ଟ ସୁବିଧା ସୃଷ୍ଟି କରାଯାଉ ।

"I should like to promote the study of Sanskrit and to put our scholars to work, to explore and bring to light the burried literature in this language that has been almost forgothen".(Hindu,13.2.1949)

ପଣ୍ଡିତ ନେହେରୁଙ୍କ ଏହି ଅଭୀପ୍ସାକୁ ପୂରଣ କରିବାକୁ ଗଣତନ୍ତ୍ର ରାଷ୍ଟ୍ରନାୟକ ଯତ୍ନଶୀଳ ହେବା ଆବଶ୍ୟକ ।

ଅଧ୍ୟାପକ,
ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ,
ପୁରୀ ।

"ହେ ମୋର ଚିତ୍ତ ପୁଣ୍ୟ ତୀର୍ଥେ ଜାଗରେ ଧୀରେ
ଏହି ଭାରତର ମହାମାନବର ସାଗର ତୀରେ ।"

• ରବିନ୍ଦ୍ରନାଥ ଠାକୁର

# ସରଳ ଭାଷା : ନାଗରିକର ଗଣତାନ୍ତ୍ରିକ ଅଧିକାର

ଶ୍ରୀ ସହଦେବ ସାହୁ

ପୂର୍ବ ଲେଖାଟିରେ ମୁଁ ସିଟିବ୍ୟାଙ୍କ'ର ଗୋଟିଏ ଇଂରାଜୀ ଦଲିଲର ସରଳୀକୃତ ନକଲ ଦେଇଥିଲି ଓ ଓଡ଼ିଆରେ ସରଳ କଲେ କିପରି ହୁଅନ୍ତା ତାହା ଦର୍ଶାଇ ଥିଲି । ଯୁକ୍ତରାଷ୍ଟ୍ର ଆମେରିକାରେ ସବଠାରୁ ବେଶୀ ସାହସିକ ପଦକ୍ଷେପ ନେଇଛନ୍ତି ମିନେସୋଟା ରାଜ୍ୟର ସେଣ୍ଟପଲ୍ ସହରର ସେଣ୍ଟପଲ୍ ଫାୟାର ଆଣ୍ଡ ମେରାଇନ୍ ଇନ୍‌ସୁରାନ୍ସ କଂପାନୀ । ୧୯୭୫ରେ ବୀମା କଂପାନୀମାନଙ୍କ ମଧ୍ୟରେ ଅନ୍ୟତମ ଏହି କଂପାନୀ ପାଇଲଟ୍ ଯୋଜନା ଆକାରରେ "ବ୍ୟକ୍ତିଗତ ଦାୟ ଦୁର୍ଘଟଣା ପଲିସି"କୁ ସରଳ ଓ ସହଜବୋଧ୍ୟ କଲେ । ଏହାର ପୂର୍ବ ଓ ପର ଦୁଇଟି ଉଦାହରଣ ଇଂରାଜୀରେ ଏଠାରେ ଦିଆଗଲା ।

### ପୂର୍ବର ଲେଖା

**Automobile and Watercraft Liability:**

1. Any relative with respect to (i) an Automobile owned by the Named Insured or a Relative, (ii) a Non-owned Automobile, provided his actual operation or (if he is not operating) the other actual use thereof is with the permission of the owner and is within the scope of such permission, or;

2. Any person while using an Automobile or Watercraft, owned by, loaned or hired for use in behalf of the Named Insured and any person or organization legally responsible for the use thereof is within the scope of such permission.

### ପରବର୍ତ୍ତୀ ଲେଖା

We'll also cover any person or organization legally responsible for the use of a car, if it's used by you or with your permission. But again, the use has to be for the intended purpose.

You loan your station wagon to a teacher to drive a group of children to the zoo. She and the school are covered by this policy if she actually drives to the zoo but not if she lets the children off at the zoo and drives to her parents' farm 30 miles away.

## ପୂର୍ବର ଦଲିଲ

ମଟରଗାଡ଼ି ବା ଜଳଯାନ ଦାୟ :

୧ । (କ) ନାମିତ ବୀମାଭୁକ୍ତ ବ୍ୟକ୍ତିର ବା ତାର ସଂପର୍କୀୟର ମାଲିକାନାରେ ଥିବା ଗାଡ଼ିକୁ ଚଳାଉଥିବା ଲୋକ
କିମ୍ବା
(ଖ) ନିଜେ ଚଳାଉଥିଲେ କିମ୍ବା (ଯେଦି ସେ ନିଜେ ଚଳାଉନାହାନ୍ତି) ଆଉ ଯିଏ ଚଳାଉଛି ସେ ମାଲିକର ଅନୁମତି ସହିତ ଚଳାଉଥିଲେ ତଥା ଅନୁମତିର ସର୍ତ୍ତ ଅନୁଯାୟୀ ଗାଡ଼ି ବ୍ୟବହାର ହେଉଥିଲେ ଗାଡ଼ିର ମାଲିକାନା ନ ଥିଲେ ମଧ୍ୟ ସେଭଳି ଗାଡ଼ି ଚଳାଉଥିବା ଲୋକ
କିମ୍ବା
୨ । ନାମିତ ବୀମାଭୁକ୍ତ ଲୋକ ତରଫରୁ ବ୍ୟବହାର ପାଇଁ ମାଲି-କାନାରେ ଥାଉ ବା ଭଡ଼ାରେ ଅଣାଯାଇ ଥାଉ ବା ମାଗି ଅଣା-ଯାଇଥାଉ ସେ ପ୍ରକାର ଗାଡ଼ି ବା ଜଳଯାନକୁ ବ୍ୟବହାର କରୁଥିବା ଲୋକ ଏବଂ ଅନୁମତିର ସର୍ତ୍ତ ଅନୁଯାୟୀ ଆଇନଗତ ଦାୟିତ୍ୱ ନେଇ ବ୍ୟବହାର କରୁଥିବା କୌଣସି ବ୍ୟକ୍ତି ବା ସଂସ୍ଥା !

## ପରବର୍ତ୍ତୀ ସରଳ ଦଲିଲ

ତୁମେ ବ୍ୟବହାର କଲେ ବା ତୁମ ଅନୁମତି ନେଇ କୌଣସି ବ୍ୟକ୍ତି ବା ସଂସ୍ଥା ଆଇନଗତ ଦାୟିତ୍ୱ ସହ ଗାଡ଼ିଟି ବ୍ୟବହାର କଲେ ସେମାନଙ୍କୁ ଆମେ ବୀମା ଅନ୍ତର୍ଭୁକ୍ତ କରିବୁ । କିନ୍ତୁ ଅଭିପ୍ରେତ ଉଦ୍ଦେଶ୍ୟରେ ହିଁ ବ୍ୟବହାର ହୋଇଥିବା ଦରକାର ।

ଜଣେ ଶିକ୍ଷକ ତାଙ୍କ ଛାତ୍ରମାନଙ୍କୁ ଚିଡ଼ିଆଖାନାକୁ ନେବେ ବୋଲି ତମ ଗାଡ଼ି ମାଗିନେଲେ । ସିଏ ଓ ତାଙ୍କ ସ୍କୁଲ ଏ ପଲିସିର ଅନ୍ତର୍ଭୁକ୍ତ ହେବେ, ଯଦି ସିଏ ପ୍ରକୃତରେ ଚିଡ଼ିଆଖାନା ଯାଆନ୍ତି । ଯଦି ସେ ଚିଡ଼ିଆଖାନାରେ ପିଲାଙ୍କୁ ଛାଡ଼ି ଦେଇ ୩୦ ମାଇଲ ଦୂର ତାଙ୍କ କ୍ଷେତକୁ ଗାଡ଼ି ନେଇ ଯାଆନ୍ତି, ତେବେ ଏ ବୀମା ଲାଗୁ ହେବ ନାହିଁ ।

ଯେ କୌଣସି ଅନୁଷ୍ଠାନ ବା ସଂସ୍ଥା ବା ବ୍ୟବସାୟ କାମ କରିବା ପାଇଁ ପୁଞ୍ଜି ସଂଗ୍ରହ କରନ୍ତି ଏବଂ ଏଥିପାଇଁ ଉକ୍ତ ସଂସ୍ଥାର ପ୍ରତି ସଭ୍ୟ ବ୍ୟକ୍ତିଗତ ତଥା ମିଳିତ ଭାବରେ ଦାୟୀ ରହିବା କଥା । ପୁରୁଣାକାଳିଆ ରୂଢ଼ି ବା ଜାରଗନ୍ ପ୍ରୟୋଗ ନ କରି କିପରି ସରଳ ଇଂରାଜୀରେ ଏ ପ୍ରକାର ଆଇନ୍‌ଗତ ଆବଶ୍ୟକତା ମେଣ୍ଟାଯାଇ ପାରେ ତାହାର ଏକ ନକଲ ତଳେ ଦିଆଯାଇଛି । ଏହା ନ୍ୟୁୟର୍କର ଗୋଟିଏ ଦଲିଲ ସଂସ୍ଥା ସାନ୍‌ଦେ[illegible] ସି. ବନଷ୍ଟିନ୍ ଆଣ୍ଡ କଂପାନୀଙ୍କ ଗୋଟିଏ ଦଲିଲର ଅଂ[illegible] ;

### Before

It is the express intention of the undersigned to creat an estate or account as joint tenants with rights of survivorship and not as tenants in common. In the event of the death of either of the undersigned, the entire interest in the joint account shall be vested in the survivor or survivors on the same terms and conditions as theretofore held, without in any manner releasing the descedent's estate from the liability provided for in the next preceding paragraph.

### After

Other signers share your interest equally. If one of you dies, the account will continue and the other people who've signed the agreement will own the entire interest in it.

ଏହାର ଓଡ଼ିଆ ରୂପାନ୍ତର ଦେଖନ୍ତୁ

## ପୂର୍ବର ଅବୋଧ୍ୟ ଦଲିଲ

ନିମ୍ନ ସ୍ୱାକ୍ଷରକାରୀଙ୍କ ପ୍ରକାଶ୍ୟ ଇଚ୍ଛା ଏହିଯେ ସାଧାରଣ ସ୍ୱାର୍ଥ ଥିବା ଗ୍ରହୀତା (Tenant) ସୃଷ୍ଟି ନ କରି ଉଭର ଦାୟିତ୍ୱ ଅଧିକାର ଦେବା ପାଇଁ ମିଳିତ ଗ୍ରହୀତା ସପକ୍ଷରେ ହିସାବ ବା ସଂପଦା ଖୋଲିବାକୁ ପଡ଼ିବ ।

## ପରର ସରଳ ଦଲିଲ

ଅନ୍ୟ ଦସ୍ତଖତକାରୀମାନେ ତୁମ ସାଙ୍ଗରେ ସମାନ-ଭାବରେ ଦାୟୀ ହେବେ । ତୁମମାନଙ୍କ ଭିତରୁ ଜଣେ ବି ମୃତ ହେଲେ ହିସାବ ନିକାଶ ହୋଇଯିବ ନାହିଁ; ଅନ୍ୟ ଯେତେଲୋକ ସ୍ୱାକ୍ଷର କରିଛନ୍ତି ସେମାନେ ପରାଦାୟ ବହନ କରିବେ ।

ନିମ୍ନ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ କୌଣସି ଗୋଟିଏ ପକ୍ଷର ମୃତ୍ୟୁ ହେଲେ, ମିଳିତ ହିସାବର ପୂର୍ଣ୍ଣସ୍ୱାର୍ଥ ଯଥା ପୂର୍ବ ତଥା ପର ସର୍ତ୍ତାନୁଯାୟୀ ସେମାନଙ୍କର ଉତ୍ତରାଧିକାରୀ ବା ଉତ୍ତରାଧିକାରୀମାନଙ୍କ ଉପରେ ନ୍ୟସ୍ତ ହେବ । ପରବର୍ତ୍ତୀ ଅନୁଚ୍ଛେଦରେ ଥିବା ଦାୟରୁ ଉତ୍ତରାଧିକାରୀମାନଙ୍କ ସଂପତ୍ତି କୌଣସି କାରଣରୁ ମୁକ୍ତ ହେବନାହିଁ ।

ଯୁକ୍ତରାଷ୍ଟ୍ର ଆମେରିକାରେ ସରଳ ଇଂରାଜୀଭାଷାକୁ ସରକାରୀ କାଗଜପତ୍ରରେ ବ୍ୟବହାର କରିବା ପାଇଁ ଆଇନଗତ ସ୍ୱୀକୃତି ଦିଆଯାଇଛି । ୧୯୭୮ରେ ନ୍ୟୁୟର୍କ ରାଜ୍ୟ ପ୍ରଥମେ ଆଇନ ତିଆରି କଲା ଯେ ବ୍ୟକ୍ତିଗତ, ପାରିବାରିକ ବା ଗୃହସଂପତ୍ତି ସଂମର୍କୀୟ ଯାବତୀୟ ବ୍ୟବସାୟିକ ଚୁକ୍ତି (କଣ୍ଟ୍ରାକ୍ଟ) ଲୋକଙ୍କ ଦୈନନ୍ଦିନ କଥାକୁହା ଭାଷାରେ ଲେଖା ହେବ । ୧୯୮୨ ସୁଦ୍ଧା ଯୁକ୍ତରାଷ୍ଟ୍ରର ୩୪ଟି ରାଜ୍ୟ ଏବଂ ବର୍ତ୍ତମାନ ସବୁ ରାଜ୍ୟରେ ଏପ୍ରକାର ଆଇନ ହୋଇଗଲଣି । ରାଷ୍ଟ୍ରପତି କାର୍ଟରଙ୍କ ସମୟରେ ସରଳ ଇଂରାଜୀ ଲେଖିବା ପାଇଁ କେନ୍ଦ୍ର ସରକାର ସ୍ତରରେ ଉଦ୍ୟମ ଆରମ୍ଭ ହେଲା । ସରକାରୀ ନିୟନ୍ତ୍ରଣରେ ବ୍ୟବହାର ହେଉଥିବା ଭାଷାରୁ ଅବୋଧ୍ୟ ବାକ୍ୟ ବା ବାକ୍ୟାଂଶ ଦୂର କରିବା ଓ ନଥିକାମ ସରଳ କରିବା ପାଇଁ କାର୍ଟର ସଂଘୀୟ ସଂସ୍ଥା (ଫେଡେରାଲ ଏଜେନ୍‌ସି)ମାନଙ୍କୁ ଦୁଇଟି ପ୍ରଶାସନିକ ଆଦେଶ ଦେଇଥିଲେ । ହାଓ୍ୱାଇ ରାଜ୍ୟ ଏଦିଗରେ ଆଗେଇଗଲା; ନିଜ ସମ୍ବିଧାନକୁ ସଂଶୋଧନ କରି ଗୋଟିଏ ନୂଆଧାରା ଯୋଡ଼ିଲା "ଯେତେଦୂର ସମ୍ଭବ, ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସବୁ ସରକାରୀ କାଗଜ .. .. .. .. ବୈଷୟିକ (ଟେକ୍‌ନିକାଲ) ଶବ୍ଦ ବ୍ୟବହାର ନକରି ସରଳ ଦୈନନ୍ଦିନ ଭାଷାର ଶବ୍ଦ ବ୍ୟବହାର କରିବ" । ନ୍ୟୁୟର୍କ, ମେନ ଓ ହାଓ୍ୱାଇରେ ଆଇନ ପ୍ରଣୟନ ହୋଇଛି ଯେ ବ୍ୟକ୍ତିଗତ, ପାରିବାରିକ ବା ଗୃହାଦି କାର୍ଯ୍ୟପାଇଁ ୫୦,୦୦୦ ଡଲାରରୁ କମ୍ ମୂଲ୍ୟର ଋଣ, ସଂପତ୍ତି ବା ସେବା ନିମିତ୍ତ ବା ଆବାସିକ ପଟ୍ଟାପାଇଁ ଦରକାର ହେଉଥିବା ଦଲିଲପତ୍ର—

୧। ସ୍ପଷ୍ଟ ଭାବରେ ବୁଝି ହେଉଥିବା ଭଳି ସାଧାରଣ ଦୈନନ୍ଦିନ ଅର୍ଥରେ ବ୍ୟବହାର ହେଉଥିବା ଶବ୍ଦରେ ଲେଖା ହେବ-

୨ । ଯଥାଯଥ ଭାବରେ ବିଭିନ୍ନ ଅନୁଚ୍ଛେଦରେ ବିଭକ୍ତ ହେବ ଓ ତହିଁର ଉପଯୁକ୍ତ ଶିରୋନାମା ଦିଆହେବ ।

ଯୁକ୍ତରାଷ୍ଟ୍ର ଆମେରିକାରେ କେତେକ ରାଜ୍ୟ ଏ ଦିଗରେ ଯତ୍ନ ଓ ସାବଧାନତା ରକ୍ଷାକରି ଆଇନ ପ୍ରଣୟନ କରିଛନ୍ତି । ଯୁକ୍ତରାଷ୍ଟ୍ର କନେକ୍ଟିକଟ ରାଜ୍ୟର ସରଳଭାଷା ଆଇନର (Plain language law)ଉଦାହରଣ ନିଆଯାଇପାରେ । ଏହି ଆଇନରେ ଥିବା ବିଭିନ୍ନ ସର୍ତ୍ତନିର୍ଦ୍ଧାରଣ ୫ଟି ହେଉଛି ଏପ୍ରକାରର :

୧ । ସାଧାରଣ ବାକ୍ୟରେ ହାରାହାରି ଶବ୍ଦ ସଂଖ୍ୟା ୨୨ରୁ କମ୍ ହେବ ।

୨ । ଚୁକ୍ତିପତ୍ରରେ ଲିଖିତ କୌଣସି ବାକ୍ୟରେ ୫୦ଟିରୁ ବେଶି ଶବ୍ଦ ରହିବ ନାହିଁ ।

୩ । ସାଧାରଣ ଅନୁଚ୍ଛେଦରେ ହାରାହାରି ଶବ୍ଦ ସଂଖ୍ୟା ୭୫ରୁ କମ୍ ହେବ ।

୪ । କରୁ ଚୁକ୍ତିନାମାରେ କୌଣସି ଅନୁଚ୍ଛେଦରେ ୧୫୦ରୁ ବେଶି ଶବ୍ଦ ରହିବ ନାହିଁ ।

୫ । ଶବ୍ଦପ୍ରତି ସିଲେବ୍‌ଲ ସଂଖ୍ୟା ହାରାହାରି ୧.୫୫ରୁ କମ୍ ହେବ.........................ଇତ୍ୟାଦି ଇତ୍ୟାଦି ।

ଆମ ଭାଷାରେ ସିଲେବ୍‌ଲ ବା ଉଚ୍ଚାରିତ ଖଣ୍ଡଶବ୍ଦ ଉପରେ ଜୋର ଦିଆଯାଏ ନାହିଁ । ଇଂରେଜୀ ଭାଷାରେ ସିଲେବ୍‌ଲ କମାଇବା ଯାହା ଆମ ଭାଷାରେ ସଂସ୍କୃତ ତିଆରି ଶବ୍ଦ ବ୍ୟବହାର ନକରିବା ତାହା ଛୋଟଛୋଟ ଅଥଚ ବୁଝି ହେଉଥିବା ଶବ୍ଦ ବ୍ୟବହାର ଏହାର ଉଦ୍ଦେଶ୍ୟ । ଅକ୍ଷରେ ଅକ୍ଷରେ ଏହି ଆଇନ ଅନୁସରଣ କଲେ ଦଲିଲପତ୍ର ବା ସରକାରୀ କାଗଜ ତିଆରି କରିବା ଅସମ୍ଭବ ହୋଇପାରେ; କିନ୍ତୁ ଉଦ୍ଦେଶ୍ୟ ହେଲା ଯେ ସରଳ, କଥିତ ଭାଷାରେ କାଗଜପତ୍ର ତିଆରି ହେଉ ।

ଉଦାହରଣ ଦିଆଯାଇଥିବା ସରଳୀକୃତ ଦଲିଲ ଦସ୍ତାବିଜରୁ କଣ ଜଣାଯାଉଛି ? ବିଭିନ୍ନ ଲୋକେ ବିଭିନ୍ନ ଉତ୍ତର ଦେବେ । ସମସ୍ତେ ଯେଉଁ କେତୋଟିକୁ ଉଲ୍ଲେଖଯୋଗ୍ୟ କହିବେ ତାହାହେଲା: (୧) ଦଲିଲ ଦ୍ୱାରା ମୁହାଁମୁହିଁ ବା ଦ୍ୱିପାକ୍ଷିକ ଭାବ ପ୍ରକାଶ ପାଉଛି । କୌଣସି ତୃତୀୟପକ୍ଷ ବା ଅଶରୀରୀ ସଂପର୍କ ନାହିଁ । ନିମ୍ନ ସ୍ୱାକ୍ଷରକାରୀ ବା ଋଣ ଗ୍ରହୀତା ବଦଳରେ ମୁଁ, ମୋତେ ଆଦି ପ୍ରଥମ ପୁରୁଷ ବ୍ୟବହାର ହେଲା ଏବଂ ବ୍ୟାଙ୍କ ଆଦି ଅନ୍ୟପକ୍ଷ ବଦଳରେ ତୁମେ ବା ଦ୍ୱିତୀୟ ପୁରୁଷ ବ୍ୟବହାର ହେଲା । (୨) ଭାଷା ଅଭୂତପୂର୍ବ ଭାବେ ସରଳ ହେଲା । ଯଥା "ମୂଲ୍ୟ ମିଳିଥିବା ସାମୂହିକ ଭାବେ ଏତଦ୍ୱାରା ପରିଶୋଧ କରିବାର ପ୍ରତିଜ୍ଞା କରିଛନ୍ତି ଯେ,.........." ବଦଳରେ ଲେଖାଗଲା, "ମୋର ଋଣ ପରିଶୋଧ କରିବାପାଇଁ ମୁଁ ତୁମକୁ ପ୍ରତିଶ୍ରୁତି ଦେଉଛି ଯେ.........." । (୩) ବିଶେଷ ଜଣାଶୁଣା ନଥିବା ଶବ୍ଦଗୁଡ଼ିକୁ ହଟାଇବା କଷ୍ଟହେଲେ ତହିଁରେ ବୁଝାଇବା ଭଳି ବାକ୍ୟାଂଶ ଯୋଡ଼ାଗଲା । ଯଥା ରିଫାଇନ୍‌ସ ଶବ୍ଦର କଥିତ ଭାଷା ନଥିବାରୁ ତା ସାଙ୍ଗକୁ ଲେଖାଗଲା "ପନଃପୁଞ୍ଜି-

ଯୋଗାଣ ଅର୍ଥାତ୍ ନୂଆ ଏକ ଋଣଦ୍ୱାରା ମୂଳ ଋଣ ବଦଳିଲେ” (୪) ବାକ୍ୟଗୁଡ଼ିକୁ ସଂକ୍ଷିପ୍ତ କରାଗଲା ଏବଂ ସହଜରେ ବୁଝିବା ପାଇଁ ଗୌଣକ୍ରିୟା ବଦଳରେ ପ୍ରତ୍ୟକ୍ଷ କ୍ରିୟା ବ୍ୟବହାର କରାଗଲା । “ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ” “ବଦଳରେ ଆପଣ ଜାଣନ୍ତୁ ଯେ” ଲେଖାହେଲା ।

ଏସବୁ ସରଳୀକରଣ ଯେ ଖୁବ୍ ସୁରୁଖୁରୁରେ ହୋଇଗଲା ତାହା କହିବା ଠିକ୍ ହେବ ନାହିଁ । ନୂଆ ଫର୍ମଗୁଡ଼ିକୁ କେତେକ ଲୋକ, ବହୁ ଓକିଲ ଓ କର୍ମଚାରୀ ଏବେ ମଧ୍ୟ ବିରୋଧ କରୁଛନ୍ତି । ଆମେରିକାରେ ଗରୀବ ବେକାରମାନଙ୍କୁ ମାଗଣା ଖାଦ୍ୟ ଯୋଗାଯାଏ, ଏଥିପାଇଁ ଯେଉଁ ଖାଦ୍ୟଟିକଟ (Food Stamp) ଦିଆଯାଏ ତାହା ୧୯୭୭ର ଫୁଡ୍‌ଷ୍ଟାଂପ ଆକ୍ଟ ଦ୍ୱାରା ନିୟନ୍ତ୍ରିତ । ଏଥିରେ ବ୍ୟବହାର ହେଉଥିବା ଲେଖାପତ୍ରରେ ଫୁଜି, ଥ୍ୟାଙ୍କଇଉ ଓ ସିନସିଅରଲି ଭଳି ଶବ୍ଦ ଲେଖା ଯିବାରୁ କେତେକ ରାଜ୍ୟର କର୍ମଚାରୀମାନେ ଆପତ୍ତି କଲେ : ଯେଉଁମାନେ ସରକାରୀ ଅନୁଗ୍ରହରେ ବଂଚିଛନ୍ତି ସେମାନଙ୍କ ପ୍ରତି ଏତେ ସୌଜନ୍ୟ ଦେଖାଇବା ଅନୁଚିତ୍ ।

ଦ୍ୱିତୀୟ ପ୍ରକାର ବିରୋଧ ଆସିଲା ଓକିଲମାନଙ୍କଠାରୁ । ଯେଉଁମାନଙ୍କର ଦରଖାସ୍ତ କଟିଗଲା ସେମାନେ ଏତେ ସରଳ ଭାଷାରେ ଚିଠିଟିଏ ପାଇଲେ ଯେ ଓକିଲମାନଙ୍କ ପରାମର୍ଶ ନନେଇ ମଧ୍ୟ ସେମାନେ ଦରଖାସ୍ତ ନାକଚ ହୋଇଯିବାର କାରଣ ଜାଣିପାରିଲେ । କେତେକେ ଭାବିଲେ ଓକିଲଙ୍କ ତ୍ରୁଟି ଅଛି । ଆଉ କେତେକେ ବିନା ଓକିଲରେ ନିଜେନିଜେ ଅପିଲ ଦାଏର କଲେ । ତେଣୁ ଓକିଲମାନଙ୍କ ରୋଜଗାର କମିଗଲା ।

ମନେହୁଏ କାଳକ୍ରମେ ଏହି ଦୁଇଟିଯାକ ବିରୋଧ ଉଭେଇଯିବ ସତ, କିନ୍ତୁ ଆଉ କେତେଗୁଡ଼ିଏ ବିପଦ ପ୍ରତି ଲକ୍ଷ୍ୟ ରଖିବାକୁ ପଡ଼ିବ । କେତେଗୁଡ଼ିଏ ବାକ୍ୟକୁ ଅତି ସରଳ କରିବା ଅନୁଚିତ । ନଚେତ୍ ଗ୍ରାହକ ବା ନାଗରିକମାନଙ୍କଠାରୁ ଗାଳିଖାଇବା ସାରହେବ । ଗୋଟିଏ ଉଦାହରଣ ନିଆଯାଉ । ସମସ୍ତେ ଜାଣନ୍ତି ଯେ ବୀମାକାରୀ ମରିଗଲା ପରେ ହିଁ ତାର ପଲିସିଟି କାମକରେ । କିନ୍ତୁ ଯଦି ବୀମାକଂପାନୀଟି ତାର ସରଳୀକୃତ ପଲିସି ଫର୍ମରେ ଲେଖିଦିଏ, “ବୀମାକାରୀ ଏହି ପଲିସିଟି ଚାଲୁ ରହିଥିବା ବେଳେ ମରିଗଲେ ହିଁ ଏହାର ପୁରା ଫାଇଦା ମିଳିବ” , ତେବେ ବୀମାକାରୀମାନେ ଚିଡ଼ି ଉଠନ୍ତୁ ହେଉଛନ୍ତି । ନ ମ ଲେ ଏପ୍ରକାର ମିଳେନାହିଁ ଏ ଜାଣି ମଧ୍ୟ ନିଘଟସତ୍ୟ ସରଳଭାଷାରେ ଲେଖାଯାଉ ବୋଲି ସେମାନେ ଚାହାନ୍ତିନାହିଁ । ଅଶ୍ଳୀଳହେବା ଭୟରେ ଆମେ ଯେପରି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୁ ସରଳ ଓଡ଼ିଆରେ ଲେଖିବାକୁ କୁଣ୍ଠାବୋଧ କରି ବା, ଏକଥା ସେହିପରି ।

ଦ୍ୱିତୀୟ ବିପଦ ହେଉଛି: ଅତି ସରଳ ଭାଷାରେ ଲେଖିଲେ ଦଲିଲ ଦସ୍ତାବିଜରେ ଯେଉଁ ଅସ୍ପଷ୍ଟ ବା ସନ୍ଦିଗ୍ଧ ବାକ୍ୟାଂଶଥାଏ ତକୁ ଉଠାଇ ଦେଲେ କେତେକ କ୍ଷେତ୍ରରେ ଏହା ଗୋଟିଏ ପକ୍ଷ ପ୍ରତିପକ୍ଷପାତ କରିଥାଏ ବା ନିର୍ଦ୍ଦୟ ହୋଇଥାଏ । ତଳରେ ଉଦାହରଣ ଦେଖନ୍ତୁ—

| Before | After |
|---|---|
| The tenant will pay the rent as herein provided. | Tenant will pay the rent without any deductions even if permitted by law. |
| “ଏଦଲିଲରେ ଅନ୍ୟତ୍ର ଯେପରି ସର୍ତ୍ତରହିଛି ତଦନୁଯାୟୀ ଖାତକ ଭଡ଼ା ଦେବ ।” | “ଆଇନରେ ଥିଲେ ମଧ୍ୟ କିଛି କଟାକଟି ନକରି ଖାତକ ଭଡ଼ା ଦେବ ।” |

ଅଧିକାଂଶ ଆଇନରେ ଭଡ଼ାଟିଆ ବା ଖାତକକୁ କିଛିକିଛି ସୁବିଧା ମିଳିଥାଏ, ଗୋଟିଏ ବା ଏକାଧିକ କାରଣରୁ ଖାତକ ବେଳେବେଳେ ଭଡ଼ା ଅଟକାଇ ଦେଇପାରେ ବା କମାଇ ଦେଇପାରେ । herein ବା “ଅନ୍ୟତ୍ର” ଶବ୍ଦଯୋଗୁ ଦଲିଲରେ ଆଉ ଗୋଟିଏ ଅନୁଚ୍ଛେଦ ଥାଏ, ତାକୁ ଉଠାଇ ଦେଇ ସରଳ କରିବା କାରଣରୁ ଖାତକ ବା ଭଡ଼ାଟିଆ ହଇରାଣ ହେବ । ଘରେ ପାଣି ନଥିଲେ କି, ବିଜୁଳିଲାଇନ ଖରାପ ହୋଇଥିଲେ ବି ଖାତକ ପୁରାଭଡ଼ା ଦେବ ବୋଲି ସରଳ ଦଲିଲର ଅର୍ଥ । ତେଣୁ ଏଭଳି କ୍ଷେତ୍ରରେ ସରଳଭାଷା ନାମରେ ମର୍ମ ନଷ୍ଟ କରିବା ଉଚିତ ହେବ ନାହିଁ । ତେଣୁ ସରଳ ଭାଷାରେ ଇଂରାଜୀ ଓ ଓଡ଼ିଆରେ ହେବା ଉଚିତ ;

| | |
|---|---|
| Tenat will pay rent without any deduction unless permitted by law. | “ଆଇନ ଦ୍ୱାରା ସ୍ୱୀକୃତ ହୋଇନଥିଲେ, କିଛି କଟାକଟି ନକରି ଖାତକ ଭଡ଼ା-ଦେଉଥିବ ।” |

ଏସବୁ ଆମେରିକା କଥା ଓ ସରଳ ଇଂରାଜୀ ଭାଷାର ଚିଠିପତ୍ର କଥା । ଆମ ରାଜ୍ୟର ସରକାରୀ ଭାଷା କଥା ଏବେ ବିଚାର କରିବାର ବେଳ ଆସିଛି ।

କମିଶନର,
ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭେ କଟକ ।

ଶିକ୍ଷା ହେଉଛି ନାରୀମାନଙ୍କର ମୁକ୍ତିର ଏକମାତ୍ର ବାଟ । ସାର୍ବଜନୀନ ଶିକ୍ଷାର ପ୍ରସାର ଘଟାଇବା ସମସ୍ତଙ୍କର କର୍ତ୍ତବ୍ୟ । ସେଥିପାଇଁ ଭାରତବର୍ଷରେ ପ୍ରଥମ କରି ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର [illegible] ଶ୍ରେଣୀ କିମ୍ବା ଦରମାରେ ପାଠ ପଢ଼ିବା ପାଇଁ ମହିଳାମାନଙ୍କୁ ସୁଯୋଗ ଦିଆଯାଇଛି ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ସମୁଦ୍ର ମାଛ ଧରାରେ ନୂଆ ପ୍ରବର୍ତ୍ତନ

ଶ୍ରୀ ପ୍ରଶାନ୍ତ ମହାପ

ଜନସଂଖ୍ୟାର ବିସ୍ଫୋରଣ ଆଜି ସମଗ୍ର ଦେଶ ପକ୍ଷେ ଯେତିକି ଉଦ୍‌ବେଗଜନକ, ଦାରିଦ୍ର୍ୟ ମଧ୍ୟ ତଦନୁରୂପ ଘୋର ଉଦ୍‌ବେଗର କାରଣ । ଆମ ଦେଶର ଶତକଡ଼ା ୮୦ ଭାଗ ଗ୍ରାମାଞ୍ଚଳ ବାସିନ୍ଦାମାନଙ୍କ ମଧ୍ୟରୁ ବହୁ ଭାଗ ଦରିଦ୍ର । ତେଣୁ ଆଜି ସମଗ୍ର ଯୋଜନାର ମୁଖ୍ୟ ଅଭିମୁଖ୍ୟ ଦାରିଦ୍ର୍ୟ ଦୂରୀକରଣ । ଦାରିଦ୍ର୍ୟ ଦୂରୀକରଣ ନିମିତ୍ତ ବହୁ ଅର୍ଥକରୀ ଧନ୍ଦାମାନଙ୍କ ମଧ୍ୟରୁ ମାଛଚାଷ ଓ ମାଛଧରା ଆଜି ନିଜସ୍ୱ ମୌଳିକତା ବଜାୟ ରଖିବାରେ ସମର୍ଥ ହୋଇ ପାରିଛି ।

ଏକ ଉପକୂଳବର୍ତ୍ତୀ ରାଜ୍ୟ ଆମ ଓଡ଼ିଶାର ଉପକୂଳ ରେଖା ୪୮୦ କିଲୋମିଟର୍ ପରିବ୍ୟାପ୍ତ । ଏହି ପରିସୀମା ମଧ୍ୟରେ ଓଡ଼ିଶାର ଚାରୋଟି ଜିଲ୍ଲା: ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଅବସ୍ଥିତ ଏବଂ ଏଗୁଡ଼ିକ ମୁଖ୍ୟତଃ ମତ୍ସ୍ୟଜୀବୀ ବହୁଳ । ଏହି ପାରମ୍ପରିକ ମତ୍ସ୍ୟଜୀବୀମାନେ ଉପକୂଳ ଅଞ୍ଚଳରେ ମାଛ ଧରି ଜୀବିକା ନିର୍ବାହ କରନ୍ତି । ତେଣୁ ନୀଳ ସମୁଦ୍ର ହିଁ ଏମାନଙ୍କର ଆଶା ଭରସା ।

ସାଧାରଣତଃ ଉପକୂଳ ଅଞ୍ଚଳରେ ମାଛଧରା କାର୍ଯ୍ୟରେ ବ୍ୟବହୃତ ହେଉଥିବା ଦେଶୀ ଡଙ୍ଗାଗୁଡ଼ିକ ମଧ୍ୟରେ ଟେପା ଡଙ୍ଗା ପ୍ରଧାନ । ଏହି ଟେପା ଡଙ୍ଗାରେ ମାଛ ଧରା ଯାଉଥିବା ସଂଚିତ ମାଛ ଆମଦାନୀ ଦିନକୁ ମାତ୍ର ୨୦ କିଲୋଗ୍ରାମ୍ । ତେଣୁ ରାଜ୍ୟରେ ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କର ମାଛଧରା ଦକ୍ଷତାର ଉନ୍ନତି ଉଦ୍ଦେଶ୍ୟରେ ବିଶ୍ୱଖାଦ୍ୟ–କୃଷି ସଂସ୍ଥା/ଏଫ୍.ଏ.ଓ.ର ବଙ୍ଗୋପସାଗରୀୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଉନ୍ନତ ଧରଣର ଇଣ୍ଡ୍-୨୫-ଏଫ୍.ଆର୍.ପି. ବିଚ୍‌ଲ୍ୟାଣ୍ଡିଂ କ୍ରାଫ୍ଟର ପ୍ରବର୍ତ୍ତନ । ଏହା ଅଗଣିତ ଢେଉମାନଙ୍କୁ ସହଜରେ ଅତିକ୍ରମ କରି ଉପକୂଳ ଅଞ୍ଚଳରେ ମାଛଧରା କାର୍ଯ୍ୟ ପାଇଁ ବେଶ୍ ଉପଯୋଗୀ ।

ଛଅ/ସାତ ମିଟର୍ ଦୈର୍ଘ୍ୟ ବିଶିଷ୍ଟ ୮ ଅଶ୍ୱଶକ୍ତି ସମ୍ପନ୍ନ ଏହି ଯାନ୍ତ୍ରିକ ନୌକାରେ ଅଧିକ ଭାସମାନ ବ୍ୟବସ୍ଥା ଥିବା ଯୋଗୁଁ ଏହା ଯଥାର୍ଥରେ ବିଚ୍‌ଲ୍ୟାଣ୍ଡିଂ କ୍ରାଫ୍ଟ । ତରଙ୍ଗ ବିକ୍ଷୋଭିତ ଉପକୂଳ ଅଞ୍ଚଳ ବ୍ୟତିରେକେ ଦୂର ସମୁଦ୍ର ଜଳରେ ୧୬ ଘଣ୍ଟାରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ଦିନରାତି ମାଛଧରା କାର୍ଯ୍ୟ କରିବାରେ ସାମର୍ଥ୍ୟ ଅର୍ଜନ କରିଛି । ରିଇନ୍‌ଫୋର୍ସଡ୍ ପ୍ଲାଷ୍ଟିକ୍ ନିର୍ମିତ ହୋଇ ଥିବାରୁ ଏହା ଅତି ହାଲୁକା ଓ ସଶକ୍ତ । ଧରା ଯାଉଥିବା ମାଛ ଅଧିକ ପରିମାଣରେ ଏଥିରେ ଅନାୟାସରେ ସାଇତି ରଖା ଯାଇପାରେ । ଏହାର ବୈଶିଷ୍ଟ୍ୟ, ମାଛ ଧରି ଫେରିବା ପରେ ସିଧା ସଳଖ କୂଳରେ ଲାଗି ଯାଇପାରେ । ଏହା ପାଇଁ ଜେଟିର ଆବଶ୍ୟକତା ନାହିଁ । ନୌ ଚଳାଚଳ ଓ ମାଛଧରା ପାଇଁ ମାତ୍ର ୪/୫ ଜଣ ବ୍ୟକ୍ତି ଆବଶ୍ୟକ ଏବଂ ଅଧିକ ନିରାପତ୍ତା ଦୃଷ୍ଟିରୁ ପାରମ୍ପରିକ ମତ୍ସ୍ୟଜୀ ମହଲରେ ଅଧିକ ଲୋକପ୍ରିୟତା ହାସଲ କରିଛି ।

ଏହି ଯାନ୍ତ୍ରିକ ନୌକା ସାହାଯ୍ୟରେ ଦିନକୁ ୧୨୦ କିଲୋଗ୍ରାମ୍ ମ ଧରାଯାଏ । ଏଥିପାଇଁ ଭସାଣୀ ଫାଶୀ ଜାଲ ବ୍ୟବହୃତ ହୁଏ । ଏ ବଡ଼ବଡ଼ ଫାଶ ବିଶିଷ୍ଟ ଏବଂ ସ୍ରୋତରେ ଭାସିବା ପାଇଁ ବେ ଉପଯୋଗୀ । ଦିନକୁ ୧୨୦ କିଲୋଗ୍ରାମ ମାଛ ଧରିବା ଯୋଗୁଁ ହାରାହା ଗୋଟିଏ ନୌକା ପିଛା ୪୫୦ ଟଙ୍କା ଆୟ ମିଳେ । ଦିନକୁ ନୌ ଚଳାଚ ଖର୍ଚ୍ଚ ମାତ୍ର ୧୭୫ ଟଙ୍କା ଲାଗେ । ସାଧାରଣତଃ ଚିଙ୍ଗୁଡ଼ି ବ୍ୟତୀତ ସୁ କୁମୁଡ଼ା, କଣି ଏବଂ ମଗର ମାଛ ଏହି ନୌକା ଦ୍ୱାରା ଧରାଯାଏ ।

ଏହି କାର୍ଯ୍ୟକ୍ରମଟି ମୁଖ୍ୟତଃ କ୍ଷୁଦ୍ର ମତ୍ସ୍ୟଜୀବୀମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଅଧିକ ମାଛ ଉତ୍ପାଦନ ଫଳରେ ସେମାନଙ୍କର ସାମାଜିକ-ଆର୍ଥିକ ଅବସ୍ଥା ଉନ୍ନତି ଦିଗରେ ଏହାର ଯଥେଷ୍ଟ ଅବଦାନ ରହିଛି । କାରଣ ଦୀର୍ଘ ଦି ଧରି ସେହି ପାରମ୍ପରିକ ଟେପା ଡଙ୍ଗାରୁ ଆଶାନୁରୂପ ଆମଦାନ ମତ୍ସ୍ୟଜୀବୀ ପାଇ ପାରିନି ଏବଂ କେବଳ ଜୀବିକା ପାଇଁ ତାହାର ଆଶ୍ରା କରି ଅଗଣିତ ମତ୍ସ୍ୟଜୀବୀ ଚଳିଛନ୍ତି । ଆଜିର ଏହି ବିଚ୍‌ଲ୍ୟାଣ୍ଡିଂ କ୍ରାଫ୍ଟ ଆମଦାନୀ ସେମାନଙ୍କର ଆଖି ଖୋଲି ଦେଇଛି । ନିଜର ଆର୍ଥିକ ସ୍ୱଚ୍ଛଳତ ପାଇଁ କ୍ରମଶଃ ସେମାନେ ବିଚ୍‌ଲ୍ୟାଣ୍ଡିଂ କ୍ରାଫ୍ଟ ଆଡ଼କୁ ଆକୃଷ୍ଟ ହେଉଛନ୍ତି ।

ଏହି ବିଚ୍‌ଲ୍ୟାଣ୍ଡିଂ କ୍ରାଫ୍ଟ (ମାଛଧରା ନାଇଲନ୍ ଜାଲ ସମେତ) ପାଇଁ ୟୁନିଟ୍ ମୂଲ୍ୟ ୧ ଲକ୍ଷ ୫ ହଜାର । ଏହି ୟୁନିଟ୍‌ର ପ୍ରତି ବ୍ୟକ୍ତି ମତ୍ସ୍ୟଜୀବ ସମବାୟ ସମିତିର ସଦସ୍ୟ ପରିଗଣିତ ହେବା ଦରକାର । କାରଣ ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍.ସି.ଡି.ସି) ଏଥିପାଇଁ ଆର୍ଥିକ ସାହାଯ୍ୟ ସହାୟତା ଯୋଗାଇ ଦେଉଛନ୍ତି । ଉପରୋକ୍ତ ୟୁନିଟ୍ ମୂଲ୍ୟର ଶତକଡ଼ା ୪୫ ଭାଗ ଜାତୀୟ ସମବାୟ ଉନ୍ନୟନ ନିଗମ, ଭାରତ ସରକାର ଶତକଡ଼ା ୫୦ ଭାଗ ଏବଂ ଅବଶିଷ୍ଟ ୫ ଭାଗକୁ ମାର୍ଜିନ୍ ମନି ଭାବେ ୟୁନିଟ୍‌ର ମତ୍ସ୍ୟଜୀବୀ ଗୋଷ୍ଠୀ (ଫିସିଂ ଗ୍ରୁପ୍) ଦ୍ୱାରା ପଇଠ କରାଯାଇଥାଏ, ଭାରତ ସରକାରଙ୍କର ଏହି ଶତକଡ଼ା ୫୦ ଭାଗ ରିହାତି ।

ଏହି ନୂତନ କାରିଗରୀ ଜ୍ଞାନ ସମ୍ପନ୍ନ ନୌକାଟିର ନିର୍ମାଣ କରିବାରେ ବିଶେଷ କିଛି ଅସୁବିଧା ପରିଲକ୍ଷିତ ହେଉନାହିଁ । କାରଣ ବିଶ୍ୱ ଖାଦ୍ୟ କୃଷି ସଂସ୍ଥା (ଏଫ୍.ଏ.ଓ.)ର ବଙ୍ଗୋପସାଗରୀୟ କାର୍ଯ୍ୟକ୍ରମ (ବି.ଓ.ବି.ପି.)ର ଅନୁମୋଦିତ ନମୁନା ଓ ନକ୍ସା ଅନୁଯାୟୀ ଆମ ରାଜ୍ୟରେ ଏବଂ ରାଜ୍ୟ

ବାହାରେ କୁଶଳୀ କାରୀଗରମାନଙ୍କ ଦ୍ୱାରା ନୌକା ନିର୍ମିତ ହୋଇ ହିତାଧିକାରୀମାନଙ୍କ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦିଆଯାଉଛି । ଆମ ରାଜ୍ୟର କାରୀଗରମାନେ ଏହି ପ୍ରକାର ନୌକା ନିର୍ମାଣ ଦିଗରେ ବିଶେଷ ପାରଦର୍ଶିତା ହାସଲ କଲେଣି । ଆବଶ୍ୟକୀୟ ନିର୍ଦ୍ଦେଶନା ଓ ଜ୍ଞାନ କୌଶଳ ବଙ୍ଗୋପସାଗରୀୟ କାର୍ଯ୍ୟକ୍ରମର ବିଶେଷଜ୍ଞମାନଙ୍କ ତରଫରୁ ମିଳିବା ଫଳରେ କାର୍ଯ୍ୟ ସମ୍ପାଦନରେ କୌଣସି ପ୍ରକାର ଅସୁବିଧା ଜନକ ପରିସ୍ଥିତି ସୃଷ୍ଟି ହୋଇ ନାହିଁ । ବିଚ୍‌କ୍ଲ୍ୟାଣ୍ଡିଂ କ୍ରାଫ୍ଟ ତାହାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ।

ଏହି ନୌକା ଏକ ସ୍ୱତନ୍ତ୍ର ଧରଣର ହୋଇ ଥିବାରୁ ଏହାର ଚଳାଚଳ ପାଇଁ ତାଲିମ୍‌ର ଆବଶ୍ୟକତା ରହିଛି । କାରଣ ଗଭୀର ସମୁଦ୍ର ମଧ୍ୟରେ ନୌକାଟିର ନିରାପତ୍ତା ନୌଚାଳକଙ୍କ ଦୃଢ଼ କାର୍ଯ୍ୟ ଦକ୍ଷତା ଉପରେ ନିର୍ଭର କରେ । ପ୍ରାରମ୍ଭିକ ଅବସ୍ଥାରେ କ୍ଷେତ୍ର ଉପରେ କାର୍ଯ୍ୟକ୍ରମଟିର ସାର୍ଥକ ରୂପାୟନ ପାଇଁ ବଙ୍ଗୋପସାଗରୀୟ କାର୍ଯ୍ୟକ୍ରମର କୁଶଳୀ କାରୀଗରମାନଙ୍କ ତରଫରୁ ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନୌ ଚଳାଚଳ ସଂକ୍ରାନ୍ତୀୟ ତାଲିମ୍ ଦିଆ ଯାଇଥିଲା । ସମ୍ପ୍ରତି ନୌ ଚଳାଚଳରେ ବିଶେଷ କିଛି ଅସୁବିଧା ନାହିଁ ।

କ୍ଷୁଦ୍ର ମତ୍ସ୍ୟଜୀବୀମାନଙ୍କର କଲ୍ୟାଣକର ଯୋଜନା ଭାବେ ବଙ୍ଗୋପସାଗରୀୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଚ୍‌କ୍ଲ୍ୟାଣ୍ଡିଂ କ୍ରାଫ୍ଟ ସାହାଯ୍ୟରେ ମାଛ ଧରା କାର୍ଯ୍ୟକ୍ରମ ଗତ ୧୯୮୪-୮୫ ଆର୍ଥିକ ବର୍ଷରେ ହାତକୁ ନିଆଯାଇ ଥିଲା । ଆନୁଷ୍ଠାନିକ ଭାବେ ଗଞ୍ଜାମ ଜିଲ୍ଲାରେ ଗୋପାଳପୁର ସମୁଦ୍ର ବେଳାଭୂମିରେ ଏହାର ଉଦ୍‌ଘାଟନ ଉତ୍ସବ ତତ୍‌କାଳୀନ ମତ୍ସ୍ୟ ମନ୍ତ୍ରୀ କୁମାରୀ ପ୍ରିୟଦା ପଟ୍ଟନାୟକଙ୍କ ଦ୍ୱାରା ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ସମାହିତ ହୋଇଥିଲା ।


ଏହି କାର୍ଯ୍ୟକ୍ରମଟି ଜାତୀୟ ସମବାୟ ଉନ୍ନୟନ ନିଗମ ସହାୟକ ଯୋଜନାଭାବେ ଗଞ୍ଜାମ, ପୁରୀ ଓ କଟକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଗଞ୍ଜାମ ଜିଲ୍ଲାର ଗୋପାଳପୁର, ପାଟିସୋନାପୁର, ବକ୍‌ସିପାଲି, ବଡ଼ଆର୍ଯ୍ୟପଲି, ପୁରୀ ଜିଲ୍ଲାର ଚନ୍ଦ୍ରଭାଗା, ପୁରୀ, କଟକ ଜିଲ୍ଲାର ପାରାଦ୍ୱୀପଠାରେ ପର୍ଯ୍ୟାୟକ୍ରମେ ଏହା ହାତକୁ ନିଆଯାଇଛି । ମୋଟ ୬୧ ଗୋଟି ନୌକା ସପ୍ତମ ଯୋଜନା ଶେଷ ସୁଦ୍ଧା ଓଡ଼ିଶା ଉପକୂଳରେ ଗ୍ରିଲି ମାଛଧରା କାର୍ଯ୍ୟକ୍ରମ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଗୋପାଳପୁର, ପୁରୀ ଓ ପାରାଦ୍ୱୀପଠାରେ ଏହି କାର୍ଯ୍ୟକ୍ରମ ସୁସ୍ଥୁ ରୂପେ କାର୍ଯ୍ୟକରି ଦରିଦ୍ର ମତ୍ସ୍ୟଜୀବୀମାନଙ୍କର ଆଶୁ ଆର୍ଥିକ ଥଇଥାନ ଦ୍ୱାର ଉନ୍ମୁକ୍ତ କରିଛି ।

ବିଚ୍‌କ୍ଲ୍ୟାଣ୍ଡିଂ କ୍ରାଫ୍ଟ ସାହାଯ୍ୟରେ ଧରାଯାଉଥିବା ମାଛ ବିକ୍ରିବଟା ନିମିତ୍ତ ବିଶେଷ ସମସ୍ୟା କିଛି ନାହିଁ । କାରଣ ଓଡ଼ିଶାରେ ସମୁଦ୍ର ମାଛ ଚାହିଦା ବେଶୀ ନଥିବାରୁ ଓଡ଼ିଶା ବାହାରକୁ ରେଳ କରିଥାରେ ଏହାର ରପ୍ତାନୀ ହେଉଛି ।

ଜାତୀୟ ଉନ୍ନୟନ ନିଗମ ଅନ୍ତର୍ଗତ ସମବାୟ ସମିତି ପରିସରଭୁକ୍ତ ମତ୍ସ୍ୟଜୀବୀମାନେ ଯେତେ ଶୀଘ୍ର ଏହି ନୌକାଗୁଡ଼ିକ ପାଇ ସମୁଦ୍ର ମାଛଧରା କାର୍ଯ୍ୟ କରିବେ, ସେ ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଅଗଣିତ ମତ୍ସ୍ୟଜୀବୀମାନଙ୍କର ସାମାଜିକ-ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ସଙ୍ଗେସଙ୍ଗେ ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ଏହା ସହାୟତା କରିବ ।

ତେଣୁ ଏଇ ବିଚ୍‌କ୍ଲ୍ୟାଣ୍ଡିଂ କ୍ରାଫ୍ଟ ତାହାର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଦୃଷ୍ଟିରୁ ଅଗଣିତ ମତ୍ସ୍ୟଜୀବୀଙ୍କର ଦାରିଦ୍ର୍ୟ ଦୂରୀକରଣରେ ଏକ ନୂଆ ସୁଯୋଗ ଏବଂ ଏକ ଜନକଲ୍ୟାଣକାରୀ ଯୋଜନା ।

ନିର୍ଦ୍ଦେଶକ ମତ୍ସ୍ୟ ନିର୍ଦ୍ଦେଶାଳୟ, କଟକ ।






## ପ୍ରେମଜୀ ଓଠରେ ହସର ପାଖୁଡ଼ା

ସମ୍ବଲପୁର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ କଣ୍ଟୁଆ ପଞ୍ଚାୟତର ଦର୍ଲ୍ ଗାଁରେ ଗୋଟିଏ ଗରିବ ପରିବାରରେ ପ୍ରେମଜୀର ଜନ୍ମ । ମଲି ଲଗି ଓଳିଏ ଖାଇଲେ ଆଉ ଓଳିକି ଉପାସ ରହେ । ଏମିତି ଦୁଃଖେ ସୁଖେ ସେ ନିଜର ଦିନ କାଟୁଥିଲା । ସରକାରଙ୍କ ଆଇ. ଆର. ଡ଼ି. ପି. ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପ୍ରାଥମିକ ପର୍ଯ୍ୟାୟରେ ୧୨୦୦ଟଙ୍କା ଋଣ ପାଇ ହଳେ ବଳଦ ଓ ଲଙ୍ଗଳ କିଣି ଚାଷକାମ ଆରମ୍ଭ କଲା । ୧୯୮୪ ମସିହାରୁ ଭାଗ ଜମି ନେଇ ସେ ଭାଗଚାଷ କରେ । ସେଥିରୁ ଯାହା ମିଳେ ତହିଁରେ ତାର କୁଟୁମ୍ବ ଭରଣ ପୋଷଣ କରେ । ବର୍ତ୍ତମାନ ସେ ବିବାହିତ ଏବଂ ତିନୋଟି ସନ୍ତାନର ଜନକ । ଘରେ ବୁଢ଼ା ବାପା ତାରି ଆୟରେ ଚଳନ୍ତି । ଚାଷ କାମ ନଥିଲା ବେଳେ ମୂଲ ଲାଗି ଯାହା ଆଣେ ସେଥିରେ ତାର ପରିବାରର ଗୁଜୁରାଣ ମେଣ୍ଟାଇବା ପରେ ଅଳ୍ପ କିଛି ସଞ୍ଚୟ କରେ । ଏହିପରି ଭାବେ ଋଣର ସରକାରୀ ରିହାତିକୁ ବାଦ ଦେଇ ସେ ସମୁଦାୟ ଋଣ ପରିଶୋଧ କରିଦେଲା । ବର୍ତ୍ତମାନ ସେ ସରକାରୀ ସାହାଯ୍ୟ ଫଳରେ କଠିନ ପରିଶ୍ରମ କରି ନିଜର ସଂସାରଟିକୁ ସ୍ୱାଧୀନଭାବେ ଚଳାଉଛି । ପୁନର୍ବାର ଗତ ଫେବୃଆରୀ ମାସରେ ତାର ଘର ମରାମତି ପାଇଁ ଟିଟିଲାଗଡ଼ ବ୍ଲକ୍ ତରଫରୁ ଆୟୋଜିତ ଋଣ ମେଳାରେ ୫୦୦ ଟଙ୍କା ନେବାପାଇଁ ସେ ମନୋନିତ ହୋଇ ଆସିଥିଲା ।

ଏହି ସଫଳ କାହାଣୀଟିର ଲେଖକଙ୍କୁ ସେଦିନ ଟିଟିଲାଗଡ଼ ବି. ଡ଼ି. ଓ. ପ୍ରେମଜୀ ସହ ଭେଟ କରାଇ ଦେଇଥିଲେ । ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପ୍ରେମଜୀ ହସିହସି ତାର ସଫଳତା ବିଷୟରେ ବଖାଣି ବସିଥିଲା । ସରକାରଙ୍କ ଏ ଯୋଜନାର ସେ ଭୂୟସୀ ପ୍ରଶଂସା ମଧ୍ୟ କଲା । ଉକ୍ତ ଯୋଜନାରେ ଦୁର୍ବଳ ଶ୍ରେଣୀର ବହୁ ହରିଜନ ଆଦିବାସୀ ପୁରୁଷ ଓ ମହିଳାମାନେ ମଧ୍ୟ ଉପକୃତ ହେଉଛନ୍ତି । ପ୍ରେମଜୀ ଋଣର ଏ ସଫଳତା ସରକାରଙ୍କ ଗରିବୀ ହଟାଓ ସ୍ଲୋଗାନର ଏକ ସାର୍ଥକ ରୂପ ବୋଲି ପ୍ରତିଭାତ ହୁଏ ।

ଶ୍ରୀ ବରଦା ପ୍ରସନ୍ନ ଦାସ
ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଟିଟିଲାଗଡ଼

## ଆମ ହାତ ପାଆନ୍ତାରେ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ବେଲଗାଁ ଗ୍ରାମପଞ୍ଚାୟତର ବୁଢ଼େଇଗୁଣୀ ଗାଁରେ ଶଙ୍କର ପାଣିଗ୍ରାହୀଙ୍କର ଘର । ସେ ବିଜ୍ଞାନରେ ସ୍ନାତକ ଉପାଧି ଲାଭ କରିବା ପରେ ସରକାରୀ ଚାକିରି ପ୍ରତି ମନ ନବଳେଇ ନିଜର ୫ ଏକର ଚାଷ ଜମିରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ସ୍ଥିର କଲେ । ତା' ସହିତ ନିଜର ଅଧଏକର ଜମିରେ ମାଛଚାଷ ସକାଶେ ପୋଖରୀଟିଏ ଖୋଳାଇବାପାଇଁ ମତ୍ସ୍ୟ ସଂପ୍ରସାରଣ ଅଧିକାରୀଙ୍କ ପରାମର୍ଶରେ ଯୋଜନା ପ୍ରସ୍ତୁତ କଲେ । ଗଞ୍ଜାମ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ରିହାତି ଅର୍ଥ ଲଗାଣ ସହାୟତାରେ ପୋଲସରା ଷ୍ଟେଟବ୍ୟାଙ୍କ ଶଙ୍କରଙ୍କୁ ମତ୍ସ୍ୟଚାଷ ପୋଖରୀ ନିମନ୍ତେ ୭୩୦୦ ଟଙ୍କାର ଆର୍ଥିକ ଋଣ ମଞ୍ଜୁର କଲେ । ଏଥି ମଧ୍ୟରୁ ପୋଖରୀ ପାଇଁ ୬୩୦୦ ଟଙ୍କା ଓ ଜାଆଁଳ ତଥା ମାଛ ଖାଦ୍ୟ ନିମନ୍ତେ ୧୦୦୦ ଟଙ୍କା ୧୯୮୪ରେ ସେ ପାଇଥିଲେ । ସେହିବର୍ଷ ସେ ପୋଖରୀ ଖୋଳାଇ ରୋହୀ, ଭାକୁର ପ୍ରଭୃତି ଜାଆଁଳ ଛାଡ଼ି ଥିଲେ । ୧୯୮୫ ମସିହାରେ ପୋଖରୀରୁ ୪ ହଜାର ଟଙ୍କାର ମାଛ ବିକ୍ରି କରିଥିଲେ । ଖର୍ଚ୍ଚକୁ ବାଦ୍ ଦେଲେ ଲାଭ ୨ ହଜାର ଟଙ୍କା ପାଇଥିଲେ । ପୁଣି ୧୯୮୬ ମସିହାରେ ୧୫୦୦ ଟଙ୍କା

ଖର୍ଚ୍ଚ ବାଦ୍ ଦେଇ, ୩୦୦୦ ଟଙ୍କା ଲାଭ ପାଇଲେ । ଗତବର୍ଷ ମରୁଡ଼ି ହେବାରୁ ମାଛଚାଷ ବନ୍ଦ କରିଥିଲେ । ପୁଣି ଏବର୍ଷ ୪୦୦ ଟଙ୍କା ଖର୍ଚ୍ଚ କରିଛନ୍ତି । ଲାଭ ପ୍ରାୟ ୪୦୦୦ ଟଙ୍କା ହେବ ବୋଲି ତାଙ୍କର ଆଶା ରହିଛି ।

ଗତ ୧୯୮୫ ଜୁନ୍ ମାସରେ ପ୍ରଧାନମନ୍ତ୍ରୀଙ୍କ ବହୁଳ ଯୋଜନା କାର୍ଯ୍ୟକ୍ରମ ଦ୍ୱାରା ଶଙ୍କରଙ୍କୁ ୮୦ଟି ନଡ଼ିଆ ଗଛ ଓ ସାର ଦିଆଯାଇଥିଲା । ଏସବୁକୁ ସେ ପୋଖରୀ ଚାରିପଟେ ଲଗାଇ ଦେଇଛନ୍ତି । ପୋଖରୀ ହୁଡାରେ କଦଳୀ ଗଛ ଲଗାଇ ବର୍ଷକୁ ସେଥିରୁ ପ୍ରାୟ ୫୦୦ ଟଙ୍କା ମିଳୁଛି । ଏହା ବ୍ୟତୀତ, ବିଭିନ୍ନ ପନିପରିବା ଲଗାଇବାରୁ ଘରର ପରିବା ଖର୍ଚ୍ଚ ମଧ୍ୟ ଚଳି ଯାଉଛି ।

ଶଙ୍କର ନିଜର ଉଦ୍ୟମ ଓ ଉତ୍ସାହ ବଳରେ ଆଜି ହାତ ପାଆନ୍ତାରେ ସାଫଲ୍ୟ ଅର୍ଜନ କରିପାରିଛନ୍ତି । ସେ କହନ୍ତି ଯେ ଏ ଦେଶର ସରକାର କୋଡ଼ିଏ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ପ୍ରଣୟନ କରି ଆତ୍ମନିଯୁକ୍ତି ନିମନ୍ତେ ବିଭିନ୍ନ ପ୍ରକଳ୍ପ ଶିକ୍ଷିତ ଯୁବ ସଂପ୍ରଦାୟଙ୍କ ସମ୍ମୁଖରେ ରଖିଛନ୍ତି । ଏହାର ସଦୁପଯୋଗ କଲେ ଆମ ଦେଶର ପ୍ରଗତି ଆହୁରି ତ୍ୱରାନ୍ୱିତ ହେବ ।

ଶ୍ରୀ ଦାମୋଦର ପାତ୍ରୀ,
ମଣ୍ଡଳ ସଙ୍ଗଠକ, ପଲ୍ଲୀଶ୍ରୋତା ମଣ୍ଡଳୀ,
ଛତ୍ରପୁର, ଗଞ୍ଜାମ ।

## ଅନ୍ଧକାରରେ ଆଲୋକଶିଖା

କଳାହାଣ୍ଡି ଧର୍ମଗଡ଼ଠାରୁ ବାହାରି ଚାରବାହାଲ ଛକରେ ମିଶୁଥିବା ମୁଖ୍ୟ ରାସ୍ତାର ଏକ କିଲୋମିଟର ଦୂରରେ ତାରପୁର ଗ୍ରାମ । ଶ୍ରୀ ଯୋଗେଶ୍ୱର ସାହୁଙ୍କର ୮ଜଣିଆ ପରିବାରରେ ଶ୍ରୀ ରାଧାକାନ୍ତ ସାହୁ ହେଉଛନ୍ତି ଜ୍ୟେଷ୍ଠପୁତ୍ର । ସେ ୧୯୭୮ରେ ଧର୍ମଗଡ଼ ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପାଶ୍‌କଲେ । ନିଜ ବାପାଙ୍କର ୫ ଏକର ବିଶିଷ୍ଟ ଜମିର ଆୟରେ ଏତେବଡ଼ ପରିବାରର ଭରଣପୋଷଣ ନିର୍ଭର କରୁଥିଲା । ସେଥିପାଇଁ ସେ ଉଚ୍ଚ ଶିକ୍ଷାରୁ ବଂଚିତ ହେଲେ । ନିଜର ଆତ୍ମ ନିଯୁକ୍ତି ଅନ୍ୱେଷଣରେ ଦୀର୍ଘ ୬ବର୍ଷ ବେକାର ଘୁରି ବୁଲିଲା ପରେ ସନ ୧୯୮୪ରେ ସରକାରଂକର ଶିକ୍ଷିତ ଆତ୍ମନିଯୁକ୍ତି ଯୋଜନାର ସାହାଯ୍ୟ ପାଇଁ ଦରଖାସ୍ତ କଲେ । ମଂଜୁରୀ ପରେ ୧୯୮୪ରେ ଧର୍ମଗଡ଼ ଭାରତୀୟ ଷ୍ଟେଟବ୍ୟାଂକ ଜରିଆରେ ସେ ୧୮,୨୭୭ଟଂକା ଋଣ ଆକାରରେ ଆତ୍ମନିଯୁକ୍ତି ଯୋଜନାରୁ ପାଇଲେ । ତାରପୁର ଭଳି ପ୍ରାୟ ୫୦୦୦ ଜନସଂଖ୍ୟା ବିଶିଷ୍ଟ ଚାଷୀବହୁଳ ଗ୍ରାମରେ ସେ ଆରମ୍ଭ କଲେ ଏକକ୍ଷୁଦ୍ର ତେଜରତି ଦୋକାନ । ବର୍ତ୍ତମାନ ଏହି ଗ୍ରାମରେ ତାଙ୍କ ଦୋକାନକୁ ମିଶି ୪ ଗୋଟି ତେଜରତି ଦୋକାନ ଅଛି, ତଥାପି ଶ୍ରୀ ସାହୁ ଦୈନିକ ପ୍ରାୟ ୨୦୦—୩୦୦ ଟଂକା ବିକ୍ରିକରି ଭଲ ଆୟ କରୁଛନ୍ତି । ତା-୨୯-୯-୧୯୮୮ ସୁଦ୍ଧା ସେ ବ୍ୟାଂକରେ ୪୦୦୦ଟଂକା ଋଣ ପରିଶୋଧ କରିଛନ୍ତି । ତାଂକ ଦୋକାନରେ ଖୁବ୍‌ଜୋରସୋରରେ ବିକ୍ରି ଚାଲିଛି । ଚଳିତ ବର୍ଷ ସେ ଆତ୍ମନିର୍ଭରଶୀଳ ହେଲାପରେ ବିବାହ କରିଛନ୍ତି । ନିଜ ଆୟରୁ ୨ ଏକର ଜମି କରିଛନ୍ତି । ବାପାଂକ ବୃଦ୍ଧାବସ୍ଥାରେ ପରିବାରର ସଂପୂର୍ଣ୍ଣ ଦାୟିତ୍ୱ ତାଙ୍କ ଉପରେ । ସରକାରଂକର ଶିକ୍ଷିତ ଆତ୍ମନିଯୁକ୍ତି ଯୋଜନା ତାଙ୍କୁ ଆଜି ଅଂଧକାରରେ ଆଲୋକ ପ୍ରଦର୍ଶନ କରିଛି ଏବଂ ସମାଜ ଭିତରେ ପ୍ରତିଷ୍ଠିତ ହୋଇ ପାରିଥିବା କଥା ସେ ପ୍ରକାଶ କରିଛନ୍ତି ।

## ତାରପୁରର ରସିକଲାଲ

ଗତ ୪ ବର୍ଷଧରି କଳାହାଣ୍ଡି ଜିଲାରେ ସ୍ୱଳ୍ପବର୍ଷା ହୋଇବାରୁ ଚାଷୀକୁଳ ହତାଶ ହୋଇ ପଡ଼ିଛନ୍ତି । ଧର୍ମଗଡ଼ କୃଷି ଜିଲା ଅନ୍ତର୍ଗତ ତାରପୁର କ୍ଷୁଦ୍ରଚାଷୀମାନଂକର ଏକଗ୍ରାମ । ଏହିଗ୍ରାମର ରସିକଲାଲ ବିଶି ଜଣେ କ୍ଷୁଦ୍ରଚାଷୀ । ତାଂକର ୪ ଏକରଜମି । ବୃତ୍ତିରେ ସେ କୃଷକ । ପିଲା ଚାରୋଟି । ପରିବାରର ଦାୟିତ୍ୱ ତାଂକ ଉପରେ । ଗ୍ରାମରେ ଥିବା ସରକାରଂକ ଦ୍ୱାରା ନିର୍ମିତ କ୍ଷୁଦ୍ର ଜଳସେଚନ ଯୋଜନା (ଏମ. ଆଇ. ପି.) ରୁ ପାଣିପାଇ ସେ ବର୍ଷକୁ ୨ ଥର ଚାଷକରନ୍ତି । ବିଶେଷକରି ଡ଼ାଲୁଅଧାନ ଚାଷକୁ ଅଗ୍ରାଧିକାର ଦିଅନ୍ତି । ନିଜର ୪ ଏକର ଜମି ମଧ୍ୟରୁ ୨ଏକର ଉଚ୍ଚାଜମିରେ ପ୍ରତିବର୍ଷ ଦେଶୀ ଧାନ (ଦେଶରମାଠିଆ) ଚାଷକରି ଏକର ପିଛା ୪ କୁଇଣ୍ଟାଲ ଧାନ ପାଉଥିଲେ । ଦିନେ ତାଂକ ଗ୍ରାମରେ ଶ୍ରୀ ଧବଳେଶ୍ୱର ମେହେର ଗ୍ରାମ୍ୟ କୃଷି ଅଧିକାରୀ (V. L. W.) ଚାଷୀମାନଙ୍କର ଏକ ସଭା ଡକାଇଥିଲେ । ଏହି ସଭାରେ କଲଚର—୧ କଳିଙ୍ଗ-୩ ଧାନ ଚାଷ ସମ୍ବନ୍ଧରେ ଶ୍ରୀ ମେହେର ଚାଷୀମାନଙ୍କୁ ଚାଷ କରିବା ପାଇଁ ବୁଝାଇଥିଲେ । କ୍ରମାଗତଭାବେ ସ୍ୱଳ୍ପ ବର୍ଷାରୁ ଚାଷରେ ବ୍ୟାଘାତ ହେଉଥିବା ଯୋଗୁଁ ଶ୍ରୀ ବିଶି କମ୍‌ପାଣି ଏବଂ କମ୍ ସମୟ ମଧ୍ୟରେ ଭଲ ଅମଳ ହେଉଥିବା ଏହି କଳିଙ୍ଗ—୩ ଧାନଚାଷ କରିବା ପାଇଁ ମନସ୍ଥ କଲେ । ତାଙ୍କ ସହିତ ନିଜ ଗ୍ରାମର ମୋଟ ୫୮ ଜଣ ଚାଷୀ ୯୮ ଏକର ଜମିରେ ଏହି ଧାନଚାଷ ଆରମ୍ଭ କଲେ । ଧର୍ମଗଡ଼ କୃଷି ଅଧିକାରୀ ପ୍ରକାଶ କରିଥିଲେ ଯେ ଏଥିପୂର୍ବରୁ କୋକସରା ବ୍ଲକ୍‌ର ଦୁର୍ଗାଠେଙ୍ଗା, ମାଝୀଗୁଡ଼ା, ସୁନାମାଳ ଗ୍ରାମରେ ୧୯୮୭-୮୮ ବର୍ଷରେ ଏହି କଳିଙ୍ଗ-୩ ଧାନଚାଷ କରାଯାଇଥିଲା । ଚଳିତବର୍ଷ ପ୍ରଥମକରି ଜିଲ୍ଲାରେ ତାରାପୁର ଗ୍ରାମ ବିହନଗ୍ରାମ ରୂପେ ଚିହ୍ନଟ କରଯାଇ କଳିଙ୍ଗ-୩ ଧାନକୁ ପରୀକ୍ଷାମୂଳକଭାବେ ଚାଷକରାଯାଇଥିଲା । ଶ୍ରୀ ବିଶି ମଧ୍ୟ ତାଙ୍କର ୨ ଏକର ଉଚ୍ଚା ଜମିରେ ପରୀକ୍ଷାମୂଳକ ଭାବେ ଏହି ଧାନ ଚାଷ କରି ଏକର ପିଛା ୩୦ କିଲୋଗ୍ରାମ ବିହନ ଟ. ୧୧୨.୫୦ ପଇସାରେ କିଣିଥିଲେ । ଡି. ଏ. ପି. ସାର ଏକର ପିଛା ୪୦ କିଲୋଗ୍ରାମ (ଟ.୩୨୦ଙ୍କା) ପ୍ରୟୋଗ କରିଥିଲେ । ଏତଦ୍ ବ୍ୟତୀତ ୟୁରିଆ ସାର ଏକର ପିଛା ୩୦ କିଲୋଗ୍ରାମ ପ୍ରୟୋଗ କରିଥିଲେ । ସେ ଏହି ଚାଷ ପାଇଁ କୃଷି ଶ୍ରମିକ ମୂଲ୍ୟ

ଦେଇପରେ ଏକର ପିଛା ମୋଟ ଟ.୭୦୦ ଙ୍କା ତାଙ୍କୁ ଖର୍ଚ୍ଚ ପଡ଼ିଥିଲା । ଏହି ଧାନ ଚାଷ କରିବାର ୭୫ ଦିନ ପରେ ସେ ଅମଳକଲେ ଏବଂ ପ୍ରକାଶ କରିଥିଲେ ଯେ ଏକର ପିଛା ସେ ୧୨ କୁଇଣ୍ଟାଲ ଧାନ ଅମଳ କରି ପାରିଛନ୍ତି । ତାହି ବିଗତ କୁଇଣ୍ଟାଲ ଟ ୨୧୦ଙ୍କା ହିସାବରେ କିଣିନେବେ ବୋଲି ସହକାରୀ ବିହନ ଉତ୍ପାଦନ ଅଧିକାରୀ ପ୍ରକାଶ କରିବା କଥା ସାକ୍ଷାତ ସମୟରେ ଶ୍ରୀ ବିଶି ଓ ଗ୍ରାମର ଅନ୍ୟାନ୍ୟ ଚାଷୀ କହିଥିଲେ । ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବିଶି କହିଥିଲେ ଯେ ବିଗତବର୍ଷ ଦେଶୀ ଧାନ ଚାଷ କରି କମ୍ ଖର୍ଚ୍ଚରେ ସେ ଖୁବ୍ କମ ଅମଳ ପାଇଛନ୍ତି । ତଦନୁପାତରେ କଳିଙ୍ଗ-୩ ଧାନ ଚାଷ କରି ସେ ଏକର ପିଛା ୭୦୦ ଟଙ୍କା ଖର୍ଚ୍ଚ କରି ପ୍ରାୟ ଟ ୨,୫୦୦ଙ୍କା ପାଇପାରିଛନ୍ତି । ସେ ଆହୁରି କହିଥିଲେ ଯେ ଆସନ୍ତା ବର୍ଷକୁ ସେ ତାଙ୍କର ସମୁଦାୟ ୪ ଏକର ଜମିରେ କଳିଙ୍ଗ-୩ ଧାନ ଚାଷ କରିବେ ।

ଶ୍ରୀ ଅଶୋକ କୁମାର ପାତ୍ର
ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ଭବାନୀପାଟଣା,
କଳାହାଣ୍ଡି

## ବିନ୍ଦୁ ବିନ୍ଦୁରୁ ମହାସିନ୍ଧୁ

ବଣେଇଗଡ଼ଠାରୁ ପ୍ରାୟ ୨୫ କି. ମି. ଦୂରରେ ଅବସ୍ଥିତ ଗୋଟିଏ ଛୋଟିଆ ଗାଁ । ସେଠାକାର ଅଧିକାଂଶ ଗ୍ରାମବାସୀ ଆଦିବାସୀ ସଂପ୍ରଦାୟର । ସେମାନେ ମୁଖ୍ୟତଃ କୃଷିଉପରେ ନିର୍ଭର କରନ୍ତି । ଗ୍ରାମବାସୀମାନେ କଠିନ ପରିଶ୍ରମୀ । ମୁଣ୍ଡର ଝାଳ ତୁଣ୍ଡରେ ମାରି ବର୍ଷକୁ ଗୋଟିଏ ମାତ୍ର ଫସଲ ଉତ୍ପାଦନ କରି ବହୁକଷ୍ଟରେ ଚଳନ୍ତି । କାରଣ ଗ୍ରାମର ଅଧିକାଂଶ ଚାଷଜମି ଅନୁର୍ବର ଡିପଜମି । ଏଣୁ ନିୟମିତ ବର୍ଷାପାଣି ଉପରେ ସେମାନଂଙ୍କ ଫସଲ ନିର୍ଭର କରେ । ୧୯୮୨-୮୩ ସାଲର କଥା । ନିୟମିତ ଭାବେ ବର୍ଷା ହେଲା ନାହିଁ । ଗ୍ରାମରେ ଦେଖାଦେଲା ଉତ୍କଟ ମରୁଡ଼ି । ବର୍ଷା ଅଭାବରୁ ଚାଷଜମିଗୁଡ଼ିକ ଶୁଖି ଫାଟିଗଲା । ଗାଁ ଲୋକେ ମୁଣ୍ଡରେ ହାତଦେଇ ବସିଲେ । ଏପରି ଏକ ଆସନ୍ନ ବିପଦରୁ ଏଡ଼ାଇବା ପାଇଁ ଗ୍ରାମର ମୁଖିଆ ଶ୍ରୀ ପଦ୍ମ କିଶାନ ଗ୍ରାମର ସମସ୍ତ ଲୋକଂକୁ ଡକାଇ ଏକ ବୈଠକ କଲେ । ଦୀର୍ଘ ସମୟ ବିଭିନ୍ନ କଥା ଆଲୋଚନା ପରେ ତାଂକ ଗାଁ ନିକଟଦେଇ ପ୍ରବାହିତ ଚିରସ୍ରୋତା-କୁଳକୁତା ନାଳର ଜଳ ସଂପଦର ସଦୁପଯୋଗ କରିବା ନିମନ୍ତେ ସ୍ଥିରକଲେ । ତେବେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥର ଆବଶ୍ୟକ । ଯେହେତୁ ଗାଁର ଅଧିକାଂଶ ଲୋକ କ୍ଷୁଦ୍ରଚାଷୀ, ହଠାତ୍ ଟଂକା ଯୋଗାଡ଼ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଲା । ମାତ୍ର ଏହିଗାଁର ଲୋକମାନଂଙ୍କର ଏକତା ଥିବାରୁ ସମସ୍ତଂକର ସହଯୋଗ ମନୋବୃତ୍ତି ଅଛି । ଏଣୁ ଗ୍ରାମର ୨୨ଜଣ ଆଦିବାସୀ ଲୋକ ମିଳିତଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବଣେଇ ମାଧ୍ୟମରେ ଆର୍ଥିକ ସାହାଯ୍ୟ ନିମନ୍ତେ ଆବେଦନ କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ ଉକ୍ତ ସଂସ୍ଥା ଜରିଆରେ ସେମାନଙ୍କ ଜମି ପଟ୍ଟା ଦେଖାଇ ଭୂଉନ୍ନୟନ ବ୍ୟାଂକ, ବଣେଇଗଡ଼ ଶାଖାରୁ ସେମାନେ ୨୦,୦୦୦ ଟଂକା ଋଣ ଉଠାଇଲେ । ଏହି ଟଂକାରେ ସେମାନେ ୧୦ ଅଶ୍ୱଶକ୍ତି ସଂପନ୍ନ ବିଶିଷ୍ଟ ଏକ ବିଦ୍ୟୁତ୍‌ଚାଳିତ ପାଣିପଂପ ସେଟ କିଣିଲେ । ଗ୍ରାମବାସୀଂଙ୍କ କଠିନ ପରିଶ୍ରମ ଏବଂ ସହଯୋଗ ମନୋବୃତ୍ତି ଯୋଗୁଁ ସେମାନେ ଉଦ୍ୟମରେ ସଫଳ ହେଲେ ଏବଂ ମରୁଡ଼ିଜନିତ ସମସ୍ୟାର ମୁକାବିଲା କରିପାରିଲେ । ଏହି ଋଣ ଟଂକାରୁ ସେମାନଙ୍କୁ ଶତକଡ଼ା ପଚଶଭାଗ ଛାଡ଼ ମିଳିଲା । ଅବଶିଷ୍ଟ ଟଂକାତକ ଗାଁର ସମସ୍ତେମିଶି ପରିଶୋଧ କରିବା ପାଇଁ ସ୍ଥିର ହେଲା । ବର୍ଷକୁ ୧୪୦୦ଟଂକା ଲେଖାଏଁ ବ୍ୟାଙ୍କ ଋଣ ପରିଶୋଧ କରିଚାଲିଛନ୍ତି । ସେମାନେ ମୋଟ ଚାରିକିସ୍ତି ଦେୟ ପରିଶୋଧ କରିପାରିଛନ୍ତି । ସେହି ବର୍ଷଠାରୁ ଗ୍ରାମବାସୀମାନଂଙ୍କ ଭାଗ୍ୟ ପରିବର୍ତ୍ତନ ହେଲା । ବର୍ଷକୁ ଗୋଟିଏ ଫସଲ ପରିବର୍ତ୍ତେ ଦଇ ବା ତିନୋଟି ଫସଲ କଲେ । ରବି ଋତୁରେ ପ୍ରାୟ ୪୦-୫୦ ଏକର ଜମିରେ ସେମାନେ ଗହମ, ଚିନାବାଦାମ ଓ ଅନ୍ୟାନ୍ୟ ପନିପରିବା ଚାଷକରି ଆସୁଛନ୍ତି ।

ତଥାପି ଗ୍ରାମବାସୀଂଙ୍କ ପିପାସା ମେଣ୍ଟିଲା ନାହିଁ । କାରଣ ସେମାନେ ଅନେକ ସମୟରେ ବିଜୁଳିକାଟର ସମ୍ମୁଖୀନ ହେଲେ । ଯଦ୍ଦ୍ୱାରା କିଆରୀରେ ଠିକ୍ ସମୟରେ ପାଣି ମଡ଼ାଇବାରୁ ବଂଚିତ ହେଲେ । ତେଣୁ ସେମାନେ ୧୯୮୩-୮୪ ସାଲରେ ୧୧ଜଣ ସଦସ୍ୟ ମିଳିତଭାବେ ଷ୍ଟେଟ୍ ବ୍ୟାଂକ ବଣେଇଗଡ଼ ଶାଖାରୁ ୮,୫୦୦ ଟଂକା ଋଣ ଉଠାଇ ଗୋଟିଏ ପାଂଚ ଅଶ୍ୱ ଶକ୍ତି ସଂପନ୍ନ ଡିଜେଲ ଚାଳିତ ପାଣିଉଠା ପଂପ ସେଟ୍ କିଣି ବିଦ୍ୟୁତ୍ ବିଭ୍ରାଟ ଜନିତ ଅସୁବିଧାର ସ୍ଥାୟୀ ସମାଧାନକଲେ ।

ଋଣ ଟଙ୍କାରୁ ମଧ୍ୟ ସେମାନେ ଶତକଡ଼ା ପଚଶ ଭାଗ ରିହାତି ପାଇଲେ ଓ ସମସ୍ତ ଋଣ ପରିଶୋଧ କରିବା ଲାଗି ଗାଁ ବାଲା ବଦ୍ଧପରିକର । ବର୍ତ୍ତମାନ ସୁଦ୍ଧା ୧୨୦୦ ଟଙ୍କା ପରିଶୋଧ କରିଛନ୍ତି ।

ପୁନଃଶ୍ଚ ସେମାନେ ଚିନ୍ତାକଲେ ଗାଁର ସୁବିଧା ତଥା ଦୁର୍ଦ୍ଦିନ ସକାଶେ ଏକ ଗ୍ରାମ ପାଣ୍ଠିର ଆବଶ୍ୟକ । ସୁତରାଂ ସେମାନେ ଯୁବକ ସଂଘଟିଏ ଗଠନ କଲେ । ସଂଘ ନାମରେ କିଛିକିଛି ପାଣ୍ଠି ସଂଗ୍ରହ କଲେ । ମିଳିତ ଭାବେ ପାଣ୍ଠି ସଂଗ୍ରହ ନିମନ୍ତେ ତିନି ଏକର ଜମିରେ କୋଠଚାଷ ଆରମ୍ଭ କଲେ । ସେଥିରୁ ବର୍ଷକୁ ହାରାହାରୀ ୩୫୦୦ ଟଙ୍କାରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ ହେଲା । ସଂଘର ପାଣ୍ଠି ବଢ଼ି ଚାଲିଲା । କ୍ଷତିଗ୍ରସ୍ତ ଲୋକମାନ ଅଳ୍ପ ସୁଧ ହାରରେ ଉକ୍ତ ପାଣ୍ଠିରୁ ଋଣ ନେଇ କାମ ଚଳାନ୍ତି ।

ଏହି ଯୁବକ ସଂଘ ପାଣ୍ଠିରେ ଆମୋଦ ପ୍ରମୋଦ ନିମିତ୍ତ ବିଭିନ୍ନ କେସେଟ୍ ଥାଇ ଏକ ମାଇକ୍ ସେଟ, ଶତରଞ୍ଜି, ଦରି, ବିଜୁଳି ସାଜସଜ୍ଜା ନିମନ୍ତେ ବିଦ୍ୟୁତ ସରଂଜାମ, ଗ୍ରାମର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟବେଳେ ଭୋଜିଭାତ ନିମନ୍ତେ ରୋଷେଇ ସରଂଜାମ ଯଥା : ବଡ଼ ବଡ଼ ହଣ୍ଡା, ବାଲଟି, ଚଟୁ ଇତ୍ୟାଦି କିଣା ଯାଇଛି । ଗ୍ରାମର ଉତ୍ସାହୀ ଯୁବକମାନଙ୍କ ଦ୍ୱାରା ସମୟ ସମୟରେ ଡ୍ରାମା ଓ ଅପେରା ମଂଚସ୍ଥ କରାଯାଏ । ଆଖପାଖ ଗ୍ରାମର ଲୋକମାନେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ଉକ୍ତ ସଂଘର ଜିନିଷଗୁଡ଼ିକୁ ଅଳ୍ପଭଡ଼ାରେ ନେଇ ବ୍ୟବହାର କରନ୍ତି ।

ଗ୍ରାମବାସୀମାନଙ୍କର ସଂଗଠିତ ଉଦ୍ୟମ ତଥା ସହଯୋଗ ଓ ସଦିଚ୍ଛା ଯୋଗୁଁ ଆଜି ଅଡ଼ାଢ଼ିହି ଗ୍ରାମ ମୁଣ୍ଡ ଟେକି ପାରିଛି ଏବଂ ଆଖପାଖ ଗ୍ରାମବାସୀମାନଙ୍କୁ ପ୍ରେରଣା ଯୋଗାଉଛି । ଆଶା ଅନେକ ଅନୁନ୍ନତ ଗ୍ରାମ ଏହାର ରୂପରେଖ ନେଇ ଅଚିରେ ଗଢି ଉଠିବ ।

## ସୁଖର ଦିନ ଆସିଲା

ବଣେଇ ସବ୍‌ଡ଼ିଭିଜନ୍‌ର ଗୁରୁଣ୍ଡିଆ ଗାଁରେ ଦେବରାଜ ଗମା ସିଂର ଘର । ସେ ଜଣେ ଗରିବ ହରିଜନ ଯୁବକ । ବାପ ଛେଉଣ୍ଡ । ପରିବାରର ସମସ୍ତ ଦାୟିତ୍ୱ ତା'ରି ମୁଣ୍ଡ ଉପରେ । ନିଜର ପଢ଼ାଶୁଣା ଖୁବ୍ କମ । ଚାଷ ଜମି ନାହିଁ କହିଲେ ଚଳେ । ସେଥିରେ ଇନ୍ଦ୍ର ଦେବତାଙ୍କ ଦୟା ହେଲେ କିଛି ଫସଲ ହେଉ, ନହେଲେ ନାହିଁ । କ'ଣ ବା ଆଉ କରିବ । ନିଜେ କଠିନ ପରିଶ୍ରମ କରି ଦିନକୁ ୯୦ ଟଙ୍କା ରୋଜଗାର କରେ । ସେଇଥିରେ ସାତପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଦାନା ଦିଏ । ମାଆ ଜଙ୍ଗଲରୁ ଫଳମୂଳ ଆଣି ହାଟରେ ବିକ୍ରି କରେ । ସେଥିରୁ ଯାହା କିଛି ମିଳେ ଏମିତି ଭାଗ୍ୟକୁ ଆଦରି ଚଳୁଥାଆନ୍ତି ।

ଦେବରାଜର ରାଜା ହେବାକୁ ସିନା ମନ ନାହିଁ, କିନ୍ତୁ ସେ ମନେମନେ କୌଣସି ଧନ୍ଦା ସ୍ଥାୟୀ ଭାବରେ କରିବା ପାଇଁ ସୁଯୋଗ ଖୋଜୁଥାଏ । ଭାଗ୍ୟଚକ୍ର ତା'ର ଘୁରିଗଲା । ସେ ୧୯୮୪ ମସିହାରେ ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ସାଇକେଲ ମରାମତି ନିମନ୍ତେ ତାଲିମ ପାଇଲା । ମାସକୁ ୧୦୦ ଟଙ୍କା ଭେଖାଏଁ ବୃତ୍ତି ମଧ୍ୟ ମିଳିଲା । ଦଶ ମାସରେ ତାଲିମ ସରିବା ପରେ ତାକୁ ଡି. ଆର. ସି ସଂସ୍ଥା ତରଫରୁ ମାଗଣାରେ ସାଇକେଲ ମରାମତି ସାମଗ୍ରୀ ଦିଆଗଲା । ଏତକ ପାଇ ସେ ଖୁବ୍ ଖୁସି ହୋଇଗଲା । ଗୁରୁଣ୍ଡିଆ ବ୍ଲକ ଅଫିସ ସାମନାରେ ଭଡ଼ାରେ କ୍ୟାବିନ୍‌ଟିଏ ପକେଇ ସାଇକେଲ ମରାମତି ଦୋକାନ ଖୋଲିଲା । ଦିନକୁ ୧୦—୧୫ ଟଙ୍କା ରୋଜଗାର ହେଲା । ମାସକୁ ୨୫ ଟଙ୍କା କ୍ୟାବିନ୍ ଭଡ଼ା ଦେଇ ନିଜର କୁଟୁମ୍ବ ଚଳାଇଲା ।

ଆସ୍ତେଆସ୍ତେ ତା' ମନରେ ଧୈର୍ଯ୍ୟ ଓ ସାହସ ବଢିଲା । ଅଧିକ ରୋଜଗାର କିପରି ହେବ, ସେଇ ଚିନ୍ତା ତା' ମନରେ ଥାଏ । ସମୟ ଆସିଲା, ତା'ର ଚିନ୍ତା ପୁଣି ଫଳବତୀ ହେଲା । ୧୯୮୪-୮୫ ମସିହାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଏକକାଳୀନ ୩୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ପାଇଲା । ସେଥିରୁ ୧୫୦୦ ଟଙ୍କା ତାକୁ ରିହାତି ମିଳିଲା । ସେ ସମୁଦାୟ ଟଙ୍କାରେ ସାଇକେଲ ଦୋକାନ ସରଞ୍ଜାମ କିଣି ଦୋକାନକୁ ଟିକିଏ ଭଲ କରିଦେଲା । କ୍ରମେ ତା'ର ରୋଜଗାର ୨୫—୩୦ ଟଙ୍କାକୁ ବଢିଲା । ନିଜେ ସୁବିଧାରେ ଚଳି ବ୍ୟାଙ୍କ ଋଣ ପରିଶୋଧ କରିବାରେ ଲାଗିଲା । ହାତରେ ଦି ପଇସା ସଂଚୟ ମଧ୍ୟ କଲା । ଋଣ ପରିଶୋଧ ହୋଇ ଯିବାରୁ ଗୁରୁଣ୍ଡିଆ ଷ୍ଟେଟ ବ୍ୟାଙ୍କରୁ ୧୫୦୦ ଟଙ୍କା ଋଣ ଆଣି ସେଥିରେ ନିଜର ସଂଚିତ ଟଙ୍କା ମିଶାଇ ୬୫୦୦ ଟଙ୍କାରେ ଗୋଟିଏ ରେଡ଼ିମେଡ଼ ଯୋତା ଚପଲ ଦୋକାନଟିଏ ଆରମ୍ଭ କରିଛି । ସାଇକେଲ ଦୋକାନରେ ଭଣଜାକୁ ବସାଇଛି ଓ ନିଜେ ଯୋତା ଦୋକାନ ଚଳାଉଛି । ଏବେ ଦିନକୁ ୩୦—୩୫ ଟଙ୍କା ରୋଜଗାର ହେଉଣି । ଦିନେ ଯେଉଁ ଦେବରାଜ ଗମା ଅନ୍ୟ ପାଖରେ ମୂଲ ଲାଗୁଥିଲା ଆଜି ସେ ପରିବାରର ଦାନା, କନା ଓ ମଣ୍ଡ ଗୁଂଜିବା ପାଇଁ ରାହା ଖଣ୍ଡିଏ ଯୋଗାଡ଼ କରିପାରିଛି । ତା' ଓଠରେ ଆଜି ପରିତୃପ୍ତିର ହସ । ଗାଁଗହଳର ବେକାର ଯୁବକମାନଙ୍କ ପାଇଁ ସରକାରଙ୍କ ଯୋଜନାଗୁଡ଼ିକ ବେଶ୍ ସଫଳ ହୋଇ ପାରିଛି ବୋଲି ସେ ନିଜର ଅନୁଭୂତିକୁ ଦୋହରାଇବାରେ ଲାଗିଛନ୍ତି ।

ଶ୍ରୀ ଇନ୍ଦ୍ରଜିତ ପ୍ରଧାନ,
ଅନୁବିଭାଗୀୟ ସୂଚନା ଓ
ଲୋକ ସଂପର୍କ ଅଧିକାରୀ, ବଣେଇ

ଇତିହାସ ସୃଷ୍ଟି କରିବା ପାଇଁ ଯେଉଁ କଷ୍ଟ ସ୍ୱୀକାର କରିବାକୁ ପଡ଼େ ତାହା ଆରାମ ପରିବେଶ ଅପେକ୍ଷା ଯଥେଷ୍ଟ ଆନନ୍ଦଦାୟକ । ଜ୍ଞାନର ସୀମା କେବଳ ଅନ୍ୟ ଦେଶଗୁଡ଼ିକରେ ଆବଦ୍ଧ ହୋଇ ରହି ନାହିଁ । ତାହା ଆମର ଦ୍ୱାର ଦେଶରେ ମଧ୍ୟ ବିଦ୍ୟମାନ ରହିଛି । ଅନ୍ୟମାନେ ଆମ ଦେଶର ହିମାଳୟ ଆରୋହଣ କରିବା ପାଇଁ ଆସୁଛନ୍ତି । ଏହା ଆମର ଅପୂର୍ବ ସୁଯୋଗ ଯେ, ହିମାଳୟ ଆମ ଦେଶ ମଧ୍ୟରେ ରହିବ । ଆମର ମୃତ୍ୟୁ ପରେ ମଧ୍ୟ ସ୍ଥାୟୀ ହୋଇ ରହିବ । ଏକ ଉନ୍ନତକର କାର୍ଯ୍ୟରେ ନିଜର ସମସ୍ତ ଶକ୍ତି ବିନିଯୋଗ କରିବାଠାରୁ ବଳି ଆନନ୍ଦଦାୟକ ବସ୍ତୁ ଆଉ କିଛି ନାହିଁ । — ଶ୍ରୀମତୀ ଗାନ୍ଧୀ

# ସମ୍ବାଦ ପରିକ୍ରମା

## କୋଟିଏ ସତୁରୀ ହଜାର ଲୋକଙ୍କୁ ଆଇ. ଆର୍. ଡି. ପି. ସାହାଯ୍ୟ

ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସଂପର୍କରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଆଇ. ଆର. ଡି. ପି., ଆର. ଆର. ପି., ଆର. ଏଲ୍. ଇ. ଜି. ପି. ଏବଂ ଏନ୍. ଆର. ଇ. ପି. କାର୍ଯ୍ୟକ୍ରମ ଗୁଡ଼ିକରେ ସମସ୍ତ ବିନିଯୋଗ ଓ ଆବଶ୍ୟକତା ସଂପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଚଳିତ ବର୍ଷ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ୧ କୋଟି ୭୦ ହଜାର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏଥିପାଇଁ ରାଜ୍ୟ ବଜେଟ ଅଟକଳକୁ ୧୩ କୋଟି ୭୩ ଲକ୍ଷ ଟଙ୍କାରୁ ୧୫ କୋଟି ୬୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଗ୍ରାମାଞ୍ଚଳ ଭୂମିହୀନ ଶ୍ରମିକ କର୍ମନିଯୁକ୍ତି ନିଶ୍ଚିତତା କାର୍ଯ୍ୟକ୍ରମରେ ଚଳିତ ବର୍ଷ ଗ୍ରାମ୍ୟ ସଂଯୋଗ ରାସ୍ତା ନିର୍ମାଣ ବାବଦରେ ୧୧ କୋଟି ଟଙ୍କା ବ୍ୟୟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ତନ୍ମଧ୍ୟରୁ ୨ କୋଟି ଟଙ୍କା ବ୍ୟୟରେ ୩୧୧ ଟି ରାସ୍ତାକୁ ଆସନ୍ତା ୧୯୮୯ ମାର୍ଚ୍ଚ ସୁଦ୍ଧା ସଂପୂର୍ଣ୍ଣ କରାଯିବ ଏବଂ ବାକି ୯ କୋଟି ଟଙ୍କା ବ୍ୟୟରେ ହାତକୁ ନିଆଯାଇଥିବା ୬୨୬ ଟି ରାସ୍ତାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ।

ଅପରେସନ ବ୍ଲାକ ବୋର୍ଡ କାର୍ଯ୍ୟକ୍ରମରେ ୮୪ ପ୍ରାଥମିକ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଆର. ଏଲ୍. ଇ. ଜି. ପି. ରୁ ୨ କୋଟି ୮୮ ଲକ୍ଷ ଟଙ୍କା ଓ ଶିକ୍ଷା ବିଭାଗ ବଜେଟରୁ ୧ କୋଟି ୯ ଲକ୍ଷ ଟଙ୍କା ଦିଆଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ।

ଜଳ ସେଚନର ଗୁରୁତ୍ୱ ଦୃଷ୍ଟିରୁ ୧ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ କରାଯାଇ ହାତକୁ ନିଆଯାଇଥିବା କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକୁ ଚଳିତ ଆର୍ଥିକ ବର୍ଷରେ ସଂପୂର୍ଣ୍ଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।

ଜାତୀୟ ଗ୍ରାମାଞ୍ଚଳ କର୍ମ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚଳିତ ବର୍ଷର ବଜେଟ ଅଟକଳକୁ ୧୧ କୋଟି ୮୨ ଲକ୍ଷ ଟଙ୍କାରୁ ୧୪ କୋଟି ୫୯ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି ।

ଜୀବନ ଧାରା କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ବର୍ଷ ୧୮ ହଜାର ସେଚକୂପ ଉଭୟ ଏନ. ଆର. ଇ. ପି. ଓ ଆର. ଏଲ୍. ଇ. ଜି. ପି. ମାଧ୍ୟମରେ ଖନନ କରାଯିବ । ଏହି କୂପଗୁଡ଼ିକର ସମସ୍ତ କାର୍ଯ୍ୟ ଆସନ୍ତା ଜୁନ ମାସ ସୁଦ୍ଧା ସଂପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଗ୍ରାମାଞ୍ଚଳ ଦରିଦ୍ରତମ ବ୍ୟକ୍ତିଙ୍କର ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀ ଓ ତୁତ ଚାଷ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଦିବାସୀ ଓ ହରିଜନ ହିତାଧିକାରୀଙ୍କ ପାଇଁ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗରୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନରୁ ଅଧିକ ସମ୍ବଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ସହାୟତା କାର୍ଯ୍ୟକ୍ରମରେ ଚଳିତ ବର୍ଷ ୧୩ କୋଟି ଟଙ୍କା ବ୍ୟୟ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ଏବଂ ବଲାଙ୍ଗୀର ଜିଲ୍ଲାର

ଟିଟିଲାଗଡ଼ ସବ୍‌ଡିଭିଜନରେ ଅଧିକ ସଂଖ୍ୟକ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ, ଯୋଜନା ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଶରତ ରାଉତ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ଏସ୍. ସୁନ୍ଦରରାଜନ ଏବଂ ଅର୍ଥ, ଶିକ୍ଷା ଓ ଗୋଷ୍ଠୀ ଉନ୍ନୟନ ବିଭାଗର ଶାସନ ସଚିବ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ଜୀବ ବିଜ୍ଞାନ ଗବେଷଣାଗାର ପ୍ରତିଷ୍ଠା

ରାଜ୍ୟରେ ଜୀବ ବିଜ୍ଞାନ ସଂପର୍କିତ ଗବେଷଣା ପାଇଁ ତିନି କୋଟି ପଇଁତିରିଶ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ସ୍ଥାପନ କରାଯିବ ।

ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ବିଷୟରେ ବିସ୍ତାରିତ ଆଲୋଚନା କରାଯାଇଥିଲା । ଜୀବ ବିଜ୍ଞାନର ବିଭିନ୍ନ ବିଭାଗ, ଯଥା—ପରିବେଶ ବିଜ୍ଞାନ, ଜେନେଟିକ୍ ଇଞ୍ଜିନିୟରିଂ ଏବଂ ମେଡ଼ିକାଲ ଜେନେଟିକ୍‌ସର ଇତ୍ୟାଦି ସଂପର୍କରେ ଗବେଷଣା ପାଇଁ ଏହି ସର୍ବାଧିକ ପ୍ରତିଷ୍ଠାନରେ ବ୍ୟବସ୍ଥା ରହିବ । ଗବେଷଣା ପାଇଁ ବିଦେଶରୁ ଆଧୁନିକ ଉପକରଣ ଓ ଯନ୍ତ୍ରପାତି ଆମଦାନୀ, ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ସମ୍ବଳିତ ଲାଇବ୍ରେରୀ ପ୍ରତିଷ୍ଠା ଓ ଗବେଷକ ନିଯୁକ୍ତି ସଂପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଚଳିତବର୍ଷ ଏହି କାର୍ଯ୍ୟକ୍ରମ ପାଇଁ ଏଗାର ଲକ୍ଷ ଟଙ୍କା ଏବଂ ଆସନ୍ତାବର୍ଷ କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ପରବର୍ତ୍ତୀ ବର୍ଷମାନଙ୍କରେ ଏଥିପାଇଁ ଅଧିକ ଅର୍ଥ ବରାଦ କରାଯିବ । ଏହି ପ୍ରତିଷ୍ଠାନକୁ ସାରା ଦେଶରେ ଏକ ଶ୍ରେଷ୍ଠ ଅନୁଷ୍ଠାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଶିଳ୍ପ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ବୈଠକରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ମୁଖ୍ୟମନ୍ତ୍ରୀଙ୍କ ଶାସନ ସଚିବ ଶ୍ରୀ ନୀଳମାଧବ ମହାନ୍ତି, ବିଜ୍ଞାନ ଓ ବୈଷୟିକ ବିଭାଗ ଶାସନ ସଚିବ ଶ୍ରୀ ରାମଚନ୍ଦ୍ର ସାମଲ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ମହେଶ ପ୍ରସାଦ ପୁରୋହିତ, ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ଏମ୍. ଏସ୍. କାନୁନଗୋ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ପରିକଳ୍ପନା

ଶିଶୁମାନଙ୍କୁ ବିଭିନ୍ନ ରୋଗ ଆକ୍ରମଣରୁ ରକ୍ଷା କରିବା ପାଇଁ ଟୀକା ଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତଦନୁଯାୟୀ ଚଳିତ ଆର୍ଥିକବର୍ଷର ଅକ୍‌ଟୋବର ମାସ ଶେଷ ସୁଦ୍ଧା ରାଜ୍ୟର ମୋଟ ୯ ଲକ୍ଷ ୭୫ ହଜାର ଶିଶୁଙ୍କୁ ଟୀକା ଦିଆଯାଇଛି ସେଥିମଧ୍ୟରେ ୩ ଲକ୍ଷ ୨୭ ହଜାର ଶିଶୁଙ୍କୁ ଡି. ପି. ଟି., ୩ ଲକ୍ଷ ୨୪ ହଜାର ଜଣଙ୍କୁ ପୋଲିଓ ଏବଂ ୩ ଲକ୍ଷ ୨୪ ହଜାର ଜଣଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ଗତ ଅକ୍‌ଟୋବର ମାସର ବିଂଶସୂତ୍ରୀ କାର୍ଯ୍ୟକ୍ରମ ବିବରଣୀରୁ ପ୍ରକାଶ ।

ଏହି ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ଉକ୍ତ ସମୟ ମଧ୍ୟରେ ୩୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପିତ ହୋଇଛି । ତନ୍ମଧ୍ୟରୁ କେବଳ ଅକ୍‌ଟୋବର ମାସରେ ସ୍ଥାପିତ ହୋଇଥିବା ୧୦ଟି ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଭୁକ୍ତ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ 'ଦୁଇଟି ସନ୍ତାନ ଉପରେ ଗୁରୁତ୍ୱ' କାର୍ଯ୍ୟକ୍ରମରେ ୬୪ ହଜାର ୪୮୫ ଜଣଙ୍କୁ ଜନ୍ମ ନିରୋଧ ଅସ୍ତ୍ରୋପଚାର କରାଯିବା ସଙ୍ଗେସଙ୍ଗେ ୭୫ ହଜାର ୯୦୮ ଜଣ ମହିଳା ଆଇ. ୟୁ. ଡି. ବ୍ୟବହାର କରିଛନ୍ତି । କେବଳ ଗତ ଅକ୍‌ଟୋବର ମାସରେ ଅସ୍ତ୍ରୋପଚାର କରିଥିବା ବ୍ୟକ୍ତି ଓ ଆଇ. ୟୁ. ଡି. ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ଯଥାକ୍ରମେ ୧୫ ହଜାର ୯୯୭ ଓ ୧୫ ହଜାର ୬୪୬ ବୋଲି ଜଣାପଡ଼ିଛି ।

ସେହିପରି ଶିଶୁ ବିକାଶ କାର୍ଯ୍ୟକ୍ରମରେ ରାଜ୍ୟରେ ୮୪ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କରାଯିବା ସଙ୍ଗେସଙ୍ଗେ ୭ ହଜାର ୧୦୪ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ସାହାସୀ ବାଳକଙ୍କୁ ଜାତୀୟ ସାହସିକତା ପୁରସ୍କାର

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ଭାରତର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ୧୯୮୮ ମସିହା ପାଇଁ ରାଜ୍ୟ (ଓଡ଼ିଶା) ର ଦୁଇ ଜଣ ସାହାସୀ ଶିଶୁଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ ।

ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ନିକଟବର୍ତ୍ତୀ ହମୀରପୁରର ସ୍ୱର୍ଗତ ଅଜିତ କୁମାର ଝୋର୍ଝୋ, ତାଙ୍କୁ ମରଣୋତ୍ତର "ସଞ୍ଜୟ ଚୋପ୍ରା" ପୁରସ୍କାର ପ୍ରଦାନ କରାଯିବ । ୧୯୮୮ ମସିହା ଅଗଷ୍ଟ ୨୨ ତାରିଖରେ ହମୀରପୁର ବିଦ୍ୟାଳୟର ୪୪ଜଣ ଛାତ୍ର ଛାତ୍ରୀ ତଥା ଅନ୍ୟ କେତେକ ଗ୍ରାମବାସୀଙ୍କ ସହିତ ଏକ ଦେଶୀ ଡ଼ଙ୍ଗାରେ ୧୪ ବର୍ଷ ବୟସ୍କ ବାଳକ ଅଜିତ କୁମାର ସ୍କୁଲରୁ ଫେରିବା ସମୟରେ କୋଏଲ୍ ନଦୀରେ ଡ଼ଙ୍ଗାଟି ବୁଡ଼ିଯିବା ବେଳେ ସେ ନିଜକୁ ବିପନ୍ନ କରି ଜଣକ ପରେ ଜଣେ କରି ତିନିଜଣ ସ୍କୁଲପିଲାଙ୍କର ଜୀବନ ରକ୍ଷା କରିଥିଲେ । ଆଠଜଣ ବାଳକ ବାଳିକାଙ୍କ ସମେତ ମୋଟ ୧୩ ଜଣ ବ୍ୟକ୍ତି ନଦୀ ସ୍ରୋତରେ ଭାସି ଯାଉଥିଲେ । ଅଜିତ ଚତୁର୍ଥ ଥର ପାଇଁ ଆଉ ଜଣେ ବାଳକର ଜୀବନ ରକ୍ଷା କରିବାକୁ ଉଦ୍ୟମ କଲାବେଳେ ନିଜେ ଭାସିଯାଇ ମୃତ୍ୟୁବରଣ କରିଥିଲେ ।

୧୯୮୮ ମସିହା ଫେବୃୟାରୀ ୫ତାରିଖ ଦିନ ଏକ ଛୋଟ ଟାଂଗିଆରେ ବାଘ ସହିତ ଲଢ଼ି ଭୟଙ୍କର ଭାବରେ କ୍ଷତ-ବିକ୍ଷତ ହୋଇ ନିଜ ଜୀବନକୁ ବିପନ୍ନ କରି ମଧ୍ୟ ଅନନ୍ତ ନାମକ ସାତ ବର୍ଷ ବୟସର ଶିଶୁକୁ ଘଞ୍ଚ ଅରଣ୍ୟରେ ବାଘ କବଳରୁ ରକ୍ଷା କରିଥିବା ୧୪ ବର୍ଷ ବୟସ ଅନ୍ୟ ବାଳକଙ୍କର ନାମ ହେଉଛି ଶ୍ରୀ କୃପାସିନ୍ଧୁ ପ୍ରଧାନ ; କୃପାସିନ୍ଧୁ ନାମକ ପିତୃମାତୃ ହୀନ ବାଳକଟି ଗୋରୁ ଚରାଇ ତାହାର ଜୀବିକା ନିର୍ବାହ କରେ ।

ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଏହି ଜାତୀୟ ସାହାସିକତା ପୁରସ୍କାର ନିମନ୍ତେ ଏହି ଦୁଇଜଣ ବାଳକଙ୍କ ନାମ ସୁପାରିଶ କରିଥିଲେ । ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ପରି-ଗଠିତ ଏହି ରାଜ୍ୟ ପରିଷଦ ଶିଶୁମାନଙ୍କ କଲ୍ୟାଣ ନିମନ୍ତେ ଅଗ୍ରଣୀ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ପରିଷଦଙ୍କ ସୁପାରିଶକ୍ରମେ ଗତବର୍ଷ ଓଡ଼ିଶାର ୧୨ବର୍ଷ ବୟସ୍କା ଜଣେ ବାଳିକା ସମ୍ମାନ ଜନକ 'ଗୀତା ଚୋପ୍ରା' ପୁରସ୍କା କରିଥିଲେ ।

ରାଜ୍ୟପାଳଙ୍କ ସଚିବ ତଥା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ଅବୈତନିକ ସଚିବ ଶ୍ରୀଯୁକ୍ତ ଅଭୟ ରଥ ଏହି ଦୁଇ ଶିଶୁଙ୍କ ବୀରୋଚିତ କାର୍ଯ୍ୟକୁ ପ୍ରଶଂସା କରି, ସେମାନେ ଓଡ଼ିଶାର ଗୌରବ ବୃଦ୍ଧି କରିଥିବାରୁ, ସେମାନଙ୍କ ପରିବାରକୁ ସମ୍ବର୍ଦ୍ଧନା ଏବଂ ଅଭିନନ୍ଦନ ଜଣାଇଛନ୍ତି ।

## ଦୁଇଟି ଜଳ ନିୟନ୍ତ୍ରଣ ସେତୁ

କଟକ ଜିଲ୍ଲାର ମହାକାଳପଡ଼ାଠାରେ ଜମ୍ବୁ କେନାଲ ଏବଂ କାଙ୍କଡ଼ିଆଠାରେ ଗୋବରୀ କେନାଲ ଉପରେ ଦୁଇଗୋଟି ନୂତନ ଜଳ ନିୟନ୍ତ୍ରକ ସେତୁ (କ୍ରସ ରେଗୁଲେଟର) ନିର୍ମାଣ ପାଇଁ ରାଜ୍ୟ ସେଚ ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ସେକ୍ ମତଲୁବ୍ ଅଲ୍ଲୀ ଗତ ୪ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଜମ୍ବୁ କେନାଲ ଜଳ ନିୟନ୍ତ୍ରକ ସେତୁ ନିର୍ମାଣ ପାଇଁ ତିନିଲକ୍ଷ ଟଙ୍କା ଏବଂ ଗୋବରୀ କେନାଲ ଜଳ ନିୟନ୍ତ୍ରକ ସେତୁ ନିର୍ମାଣ ପାଇଁ ସାତଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ସେତୁ ଦୁଇଟିର ନିର୍ମାଣ ଆସନ୍ତା ବର୍ଷ ଜୁନମାସ ସୁଦ୍ଧା ସଂପୂର୍ଣ୍ଣ ହେବ । ଏହା ଫଳରେ ସଂପୃକ୍ତ ଅଞ୍ଚଳର ଅଧିକ ଦୁଇ ହଜାର ଏକର ଜମିରେ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ହୋଇପାରିବ ।

ଏହି ଅବସରରେ ମହାକାଳପଡ଼ା ଏବଂ କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ସାଧାରଣ ସଭାମାନଙ୍କରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସେଚମନ୍ତ୍ରୀ କହିଲେ ଯେ ଏହି ଦୁଇଟି ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବହୁ ଦିନରୁ ଦାବୀ ହୋଇ ଆସୁଥିଲା ଓ ଏହାର ନିର୍ମାଣ ଫଳରେ ସ୍ଥାନୀୟ କୃଷୀମାନଙ୍କର ଆଶା ଓ ଆକାଂକ୍ଷା ପୂରଣ ହୋଇପାରିବ ଏ କେନ୍ଦ୍ରାପଡ଼ା ସବଡ଼ିଭିଜନର କୃଷୀମାନଙ୍କ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ସୂଚନା ଦେଇ ମନ୍ତ୍ରୀ କହିଲେ ଯେ ଚଳିତ ବର୍ଷ ଏବଂ ଆସନ୍ତା ବର୍ଷ—ଏହି ଦୁଇବର୍ଷକୁ ରାଜ୍ୟ ସରକାର ଜଳସେଚନ ବର୍ଷ ରୂପେ ଘୋଷଣା କରିଛନ୍ତି । ତେଣୁ ଏହି ସମୟ ମଧ୍ୟରେ କେନ୍ଦ୍ରାପଡ଼ା ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ପ୍ରତି ଅଗ୍ରାଧିକାର ଦିଆଯିବ ଏବଂ ପାଟନାଳି ନିଷ୍କାସନ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ । ଏଥିପାଇଁ ୩ଲକ୍ଷରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଏତଦ୍ ବ୍ୟତୀତ ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ଓ ନାଳ ବନ୍ଧର ମରାମତି ଏବଂ କେନାଲଗୁଡ଼ିକର ଆଧୁନିକୀକରଣ ଇତ୍ୟାଦି କାର୍ଯ୍ୟ ପାଇଁ ମଧ୍ୟ ଆର୍ଥିକ ବ୍ୟବସ୍ଥା କରାଯାଇଛି, ବୋଲି ମନ୍ତ୍ରୀ କହିଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ଉଭୟ ସଭାରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ, ମାର୍ଶାଘାଇ ପଞ୍ଚାୟତ ସମିତି ଚେୟାରମ୍ୟାନ, କେନ୍ଦ୍ରାପଡ଼ା ପୌର ଅଧ୍ୟକ୍ଷ ଏବଂ ସ୍ଥାନୀୟ ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପରୋକ୍ତ ସଭାମାନଙ୍କରେ ଭାଷଣ ଦେଇଥିଲେ ।

## ଆଇ. ଆର. ଡ଼ି: କାର୍ଯ୍ୟକ୍ରମରେ ଲକ୍ଷାଧିକ ପରିବାର

ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ମାସ ସୁଦ୍ଧା ଓଡ଼ିଶାରେ ମୋଟ୍ ଏକ ଲକ୍ଷ ୫ ହଜାର ୧୧୯ ଜଣ ଗରିବ ପରିବାରଙ୍କୁ ସେମାନଙ୍କର ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ବିଭିନ୍ନ ସମ୍ବଳ ଓ ଅର୍ଥ ସାହାଯ୍ୟ ପ୍ରଦାନ କରା-ଯାଇଛି । ଏହି ହିତାଧିକାରୀମାନଙ୍କ ମଧ୍ୟରେ ୩୧.୭୧୯ ଆଦିବାସୀ ଓ ୨୪,୨୧୫ ହରିଜନ ଶ୍ରେଣୀର ପରିବାର ଅଛନ୍ତି । ଏହା ବ୍ୟତୀତ ୩,୯୮୩ ଦୁଃସ୍ଥ ମହିଳାଙ୍କୁ ବିଭିନ୍ନ ଆୟକାରୀ ପନ୍ଥାରେ ଚଳିବା ପାଇଁ ଅର୍ଥ ଓ ସମ୍ବଳ ଯୋଗାଇ ଦିଆଯାଇଛି ।

ରାଜ୍ୟ ସରକାର ଏହି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ମୋଟ୍ ୧୭ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି ଏବଂ ବିଭିନ୍ନ ବ୍ୟାଙ୍କଗୁଡ଼ିକ ପକ୍ଷରୁ ୧୯ କୋଟି ୬ଲକ୍ଷ ଟଙ୍କା ଋଣ ବିନିଯୋଗ କରାଯାଇଛି । ହିତାଧିକାରୀମାନଙ୍କ ମଧ୍ୟରୁ ୨,୮୫୭ ହରିଜନ ଏବଂ ୩,୫୪୧ ଆଦିବାସୀ ପରିବାରଙ୍କ ସମେତ ମୋଟ୍ ୧୨,୦୫୦ ପରିବାର ସେମାନଙ୍କର ଦାରିଦ୍ର୍ୟ ଅବସ୍ଥାର ଉନ୍ନତି ପାଇଁ ଦ୍ୱିତୀୟ ଥର ପାଇଁ ଆର୍ଥିକ ସହାୟତା ପାଇଛନ୍ତି ।

ଆ:ଇ:ଆର:ଡ଼ି: କାର୍ଯ୍ୟକ୍ରମର ସଫଳତା ସମୀକ୍ଷାରୁ ଜଣାଯାଇଛି ଯେ କେବଳ ନଭେମ୍ବର ମାସରେ ୫,୯୫୧ ଆଦିବାସୀ ୩,୯୫୮ ହରିଜନ ପରିବାର ଏବଂ ୫,୧୫୩ ଦୁସ୍ଥ ମହିଳା ସମେତ ମୋଟ୍ ୧୬.୫୭୩ ପରିବାରଙ୍କୁ ବିଭିନ୍ନ ସମ୍ବଳ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୬୬.୫୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ଏବଂ ବ୍ୟାଙ୍କ ଗୁଡ଼ିକ ପକ୍ଷରୁ ୨୩୯.୨୪ ଲକ୍ଷ ଟଙ୍କା ଋଣ ବିନିଯୋଗ କରାଯାଇଛି । ହିତାଧିକାରୀମାନଙ୍କ ମଧ୍ୟରୁ ୧,୯୮୪ ପରିବାର ଦ୍ୱିତୀୟ ଥର ପାଇଁ ଋଣ ସହାୟତା ପାଇଛନ୍ତି ।

## ହରିଜନ-ଆଦିବାସୀ ସ୍କୁଲରେ ପାଠାଗାର ଓ କ୍ରୀଡ଼ା ବ୍ୟବସ୍ଥା

ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଅଧୀନସ୍ଥ ୧୦୯ଟି ବାଳକ ହାଇସ୍କୁଲ ଓ ୩୦ଟି ବାଳିକା ହାଇସ୍କୁଲରେ ପାଠାଗାର ପାଇଁ ପୁସ୍ତକ, କ୍ରୀଡ଼ା ପ୍ରସାର ପାଇଁ କ୍ରୀଡ଼ା ସାମଗ୍ରୀ ଏବଂ

ବିଜ୍ଞାନାଗାର ପାଇଁ ଆବଶ୍ୟକ ଉପକରଣ କ୍ରୟ କରିବା ବାବଦରେ ଗତ ଆର୍ଥିକ ବର୍ଷରେ ସରକାର ସମୁଦାୟ ୧୦ ଲକ୍ଷ ୨୮ ହଜାର ୫୦୦ ଟଙ୍କା ମଞ୍ଜୁର କରିଥିଲେ । ପାଠାଗାର ପୁସ୍ତକ ଓ ବିଜ୍ଞାନାଗାର ଉପକରଣ କିଣିବା ଲାଗି ଆଦିବାସୀ ଉପ-ଯୋଜନା ଅଞ୍ଚଳ ଅନ୍ତର୍ଗତ ୯୮ଟି ହାଇସ୍କୁଲକୁ ୫୦୦୦ ଟଙ୍କା ଲେଖାଏଁ ୪ ଲକ୍ଷ ୮୬ ହଜାର ଟଙ୍କା ଏବଂ କ୍ରୀଡ଼ା ସାମଗ୍ରୀ କିଣିବା ଲାଗି ସେହିସବୁ ସ୍କୁଲକୁ ୩,୦୦୦ ଟଙ୍କା ଲେଖାଏଁ ୨ଲକ୍ଷ ୯୪ ହଜାର ଟଙ୍କା-ଏପରି ସମୁଦାୟ ୭ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ପାଣ୍ଠିରୁ ମିଳିଥିଲା । ସେହିପରି ଅନ୍ୟାନ୍ୟ ଅଞ୍ଚଳର ୪୧ଟି ହାଇସ୍କୁଲ ପାଇଁ ପାଠାଗାର ପୁସ୍ତକ ଉପକରଣ କିଣିବା ବାବଦରେ ରାଜ୍ୟ ଯୋଜନାରୁ ୫,୦୦୦ଟଙ୍କା ଲେଖାଏଁ ୧ ଲକ୍ଷ ୩୫ ହଜାର ଟଙ୍କା ଏବଂ କ୍ରୀଡ଼ା ସାମଗ୍ରୀ କିଣିବା ବାବଦରେ ୫୦୦ ଟଙ୍କା ଲେଖାଏ ୬୩,୫୦୦ ଟଙ୍କା —ଏପରି ୨ଲକ୍ଷ ୪୮ ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଥିଲା ।

ଏହା ବ୍ୟତୀତ ୧୫ଟି କନ୍ୟାଶ୍ରମ ଓ ୪୨ଟି ଆଶ୍ରମ ସ୍କୁଲ-ଏପରି ସମୁଦାୟ ୫୭ଟି ଶିକ୍ଷାନୁଷ୍ଠାନ ପାଇଁ ପାଠାଗାର ପୁସ୍ତକ କିଣିବା ଲାଗି ୪,୦୦୦ଟଙ୍କା ଲେଖାଏଁ ୨ ଲକ୍ଷ ୨୨ ହଜାର ଟଙ୍କା ଏବଂ କ୍ରୀଡ଼ା ସାମଗ୍ରୀ ଲାଗି ୨,୦୦୦ ଟଙ୍କା ଲେଖାଏଁ ୧ଲକ୍ଷ ୧୪ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଆଦିବାସୀ ଉପ-ଯୋଜନା ଅଞ୍ଚଳ ଅନ୍ତର୍ଗତ ଏହି ୫୭ଟି ଶିକ୍ଷାନୁଷ୍ଠାନକୁ ସେହି ଅର୍ଥ କେନ୍ଦ୍ରୀୟ ସାହାଯ୍ୟ ପାଣ୍ଠିରୁ ମଞ୍ଜୁର କରାଯାଇଥିଲା । ସେହିପରି ଅନ୍ୟ ଅଞ୍ଚଳର ୭୫ଟି ଆଶ୍ରମ ସ୍କୁଲରେ କ୍ରୀଡ଼ା ସାମଗ୍ରୀ କିଣିବା ଲାଗି ରାଜ୍ୟ ଯୋଜନା ପାଣ୍ଠିରୁ ୩୦୦ ଟଙ୍କା ଲେଖାଏଁ ୨୨,୫୦୦ ଟଙ୍କା ମଞ୍ଜୁର କରାଯାଇଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୩୯ ଟି ବାଳକ-ବାଳିକା ହାଇସ୍କୁଲ ମଧ୍ୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ୍‌ର ୪ଟି ଜିଲ୍ଲାରେ ୨୫ ଟି, ଉତ୍ତରାଞ୍ଚଳ ଡିଭିଜନ୍‌ର ୫ଟି ଜିଲ୍ଲାରେ ୪୬ଟି ଏବଂ ଦକ୍ଷିଣାଞ୍ଚଳ ଡିଭିଜନ୍‌ର ୪ଟି ଜିଲ୍ଲାରେ ୬୮ଟି ହାଇସ୍କୁଲ ଅନ୍ତର୍ଭୁକ୍ତ ।

## ଘାସ ଚାଷ ଉନ୍ନୟନ

ଶ୍ୱେତ ବିପ୍ଳବର ସଫଳତା ଘାସ ଚାଷ ଉପରେ ବହୁ ପରିମାଣରେ ନିର୍ଭର କରୁଥିବା ଉପଲବ୍ଧି କରି ରାଜ୍ୟରେ ଘାସ ଚାଷ ଉନ୍ନୟନ ପ୍ରତି ସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚାଷୀମାନଙ୍କୁ ସେମାନଙ୍କ ନିଜ ଜମିରେ ଉନ୍ନତ ଘାସ ଚାଷ କରିବା ପାଇଁ ଘାସ ମଞ୍ଜି ଓ ଚେରା ଯୋଗାଇ ଦିଆଯାଇ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ଚାଷୀମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଘାସ ମଞ୍ଜି ଓ ଚେରା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ବର୍ତ୍ତମାନ ମୋଟ ପାଞ୍ଚ ଗୋଟି ଘାସମଞ୍ଜି ଉତ୍ପାଦନ ଫାର୍ମରେ ଉନ୍ନତ ଘାସ ମଞ୍ଜି ଉତ୍ପାଦନ ହୋଇ ପାରୁଛି ।

୧୯୮୬-୮୭ ବର୍ଷରେ ୧୫୯'୦୩ କୁଇଣ୍ଟାଲ ଘାସ ମଞ୍ଜି ଉତ୍ପନ୍ନ କରାଯାଇଥିଲା । ୧୯୮୭–୮୮ ବର୍ଷରେ ଏହି କେନ୍ଦ୍ରଗୁଡ଼ିକରେ ୮୦'୮୫ ଏକର ଜମିରେ ଘାସ ଚାଷ କରାଯାଇ ୨୦୨'୨୦ କୁଇଣ୍ଟାଲ ମଞ୍ଜି ସଂଗ୍ରହ କରାଯାଇଛି ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ଥିବା ତିନି ଗୋଟି ଘାସ ମଞ୍ଜି ଉତ୍ପାଦନ କେନ୍ଦ୍ରରୁ ମୋଟ ୧୫୦ କୁଇଣ୍ଟାଲ ଉତ୍ପାଦନ ହୋଇଥିବା ସ୍ଥଳେ, ଷଷ୍ଠ ଓ ସପ୍ତମ ଯୋଜନା କାଳରେ ୫ଟି କେନ୍ଦ୍ର ଜରିଆରେ ଏହି ଉତ୍ପାଦନ ୭୧୦ କୁଇଣ୍ଟାଲକୁ ବୃଦ୍ଧି ପାଇଛି ।

ଗତ ଆର୍ଥିକ ବର୍ଷରେ ୧୦,୫୨୯ ଜଣ ଚାଷୀଙ୍କୁ ସେମାନଙ୍କ ନିଜ ଜମିରେ ଉନ୍ନତ ଘାସ ଚାଷ କରିବା ପାଇଁ ଘାସ ମଞ୍ଜି ଓ ଚେରା ଯୋଗାଇ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଚାଷୀମାନଙ୍କ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫'୦୩୯ଟି ଆଦର୍ଶ ଘାସ ଚାଷ କ୍ଷେତ୍ର ସ୍ଥାପନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।

ଛୋଟ ଛୋଟ ମୁଣିରେ ଘାସ ଚାଷ ମଞ୍ଜି ଓ ସାର (ମିନିକିଟ୍) ଚାଷୀମାନଙ୍କୁ ଯୋଗାଇ ଦିଆଯିବା ବିଶେଷ ଲୋକପ୍ରିୟ ହାସଲ କରିଛି । ଗତ ଆଠବର୍ଷ ମଧ୍ୟରେ ୫୮,୩୫୨ଟି ଘାସ ମଞ୍ଜି ମୁଣି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ୮୧୧ ଏକର ପତିତ ଜମିକୁ ଘାସ ଚାଷ ପାଇଁ ଉନ୍ନତ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଯୋଜନା ଭାବରେ ଘାସ ମଞ୍ଜି ଉତ୍ପାଦନ ପାଇଁ ଆଠଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ସମ୍ବଲପୁର ଜିଲ୍ଲାରେ ୭୫'୫୫ ଏକର ପତିତ ଜମିରେ ଘାସ ଚାଷ କରାଯାଇଛି ।

## ପାଠାଗାର ପାଇଁ ଦଶ ଲକ୍ଷ ଟଙ୍କା ମଞ୍ଜୁର

ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଅଧୀନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପାଠାଗାର ପୁସ୍ତକ, ବିଜ୍ଞାନ ଉପକରଣ ଏବଂ କ୍ରୀଡ଼ା ସାମଗ୍ରୀ କ୍ରୟ କରିବା ବାବଦରେ ଚଳିତ ଆର୍ଥିକ ବର୍ଷର ଆଜି ସୁଦ୍ଧା ସମୁଦାୟ ୧୦ ଲକ୍ଷ ୪ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥ ଉଭୟ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଏବଂ ରାଜ୍ୟ ଯୋଜନା ପାଣ୍ଠିରୁ ଯୋଗାଇ ଦିଆଯାଇଛି । ପାଠାଗାର ପୁସ୍ତକ ଓ ବିଜ୍ଞାନୋପକରଣ କ୍ରୟ କରିବା ବାବଦରେ ଆଦିବାସୀ ଉପ-ଯୋଜନା ଅଞ୍ଚଳସ୍ଥ ୯୮ଟି ହାଇସ୍କୁଲକୁ ଯଥାକ୍ରମେ ୫ ହଜାର ଟଙ୍କା ଏବଂ ୩ ହଜାର ଟଙ୍କା ଲେଖାଏଁ ସର୍ବମୋଟ୍ ୪ ଲକ୍ଷ ୫୬ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଅନ୍ୟାନ୍ୟ ଅଞ୍ଚଳରେ ଥିବା ୪୧ ଟି ହାଇସ୍କୁଲକୁ ପାଠାଗାର ପୁସ୍ତକ ଓ ବିଜ୍ଞାନୋପକରଣ କ୍ରୟ ଲାଗି ରାଜ୍ୟ ଯୋଜନା ପାଣ୍ଠିରୁ ୫୦୦୦ ହଜାର ଟଙ୍କା ଲେଖାଏଁ ଏବଂ କ୍ରୀଡ଼ା ସାମଗ୍ରୀ କ୍ରୟ ବାବଦରେ ୩୦୦୦ ଟଙ୍କା ଲେଖାଏଁ ସର୍ବମୋଟ୍ ୩ ଲକ୍ଷ ୨୩ ହଜାର ଟଙ୍କା ମଞ୍ଜୁର କରାଯାଇଛି ।

ଏହା ବ୍ୟତୀତ ୫୭ଟି ଆଶ୍ରମ ସ୍କୁଲକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ପାଣ୍ଠିରୁ ପାଠାଗାର ପୁସ୍ତକ ପାଇଁ ୩୦୦୦ ଟଙ୍କା ଲେଖାଏଁ ୧ ଲକ୍ଷ ୨ ହଜାର ଟଙ୍କା ଏବଂ କ୍ରୀଡ଼ା ସାମଗ୍ରୀ ପାଇଁ ୨୦୦୦ ଟଙ୍କା ଲେଖାଏଁ ୬୮ ହଜାର ଟଙ୍କା ଏପରି ସମୁଦାୟ ୧ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ସେହିପରି

ରାଜ୍ୟ ଯୋଜନା ପାଣ୍ଠିରୁ ୨୨ ଟି ଆଶ୍ରମ ସ୍କୁଲକୁ ସେହିସବୁ ବାବଦରେ ସମୁଦାୟ ୫୫ ହଜାର ଟଙ୍କା ମଞ୍ଜୁର କରାଯାଇଛି ।

## ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଶ୍ରମ-ଭିତ୍ତିକ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ବାବଦରେ ରାଜ୍ୟ ସରକାର ଚଳିତ ବର୍ଷ ଗତ ନଭେମ୍ବର ମାସ ସୁଦ୍ଧା ୮ ମାସ ମଧ୍ୟରେ ମୋଟ ୧୫ କୋଟି ୫୪ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ କରିଛନ୍ତି । ଏହାଦ୍ୱାରା ମୋଟ୍ ୯୪ ଲକ୍ଷ ୨୨ ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି ।

ଉନ୍ନୟନ ଯୋଜନା କାର୍ଯ୍ୟରେ ନିଯୁକ୍ତି ପାଇଥିବା ଶ୍ରମିକ-ମାନଙ୍କ ମଧ୍ୟରୁ ଆଦିବାସୀ ଶ୍ରେଣୀ ଶ୍ରମିକମାନେ ୩୫ ଲକ୍ଷ ଓ ହରିଜନ ଶ୍ରେଣୀର ଶ୍ରମିକମାନେ ୩୦ ଲକ୍ଷ ୨୯ ହଜାର ଶ୍ରମ ଦିବସ ପାଇ ଉପକୃତ ହୋଇଛନ୍ତି । ସବୁ ଶ୍ରେଣୀର ମହିଳା ଶ୍ରମିକମାନଙ୍କ ପାଇଁ ୧୯ ଲକ୍ଷ ୫୨ ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି । ବ୍ୟୟିତ ଅର୍ଥ ମଧ୍ୟରୁ ୨ କୋଟି ୫୩ ଲକ୍ଷ ୫୯ ହଜାର ଟଙ୍କା ମୂଲ୍ୟର ୭୪୬୯ ମେଟ୍ରିକ୍ ଟନ୍ ଚାଉଳ ଏବଂ ୭୩୩୩ ମେଟ୍ରିକ୍ ଟନ୍ ଗହମ ଶ୍ରମିକମାନଙ୍କୁ ମଜୁରୀର ଅଂଶ ସ୍ୱରୂପ ଦିଆଯାଇଛି ।

ଗତ ନଭେମ୍ବର ମାସରେ ଏହି କାର୍ଯ୍ୟକ୍ରମରେ ୧ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୭ ଲକ୍ଷ ୭୩ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଥିଲା । ବ୍ୟୟିତ ଅର୍ଥ ମଧ୍ୟରୁ ୧୧ ଲକ୍ଷ ୯୮ ହଜାର ଟଙ୍କା ମୂଲ୍ୟର ୬୯୯ ମେଟ୍ରିକ୍ ଟନ୍ ଚାଉଳ ଓ ଗହମ ଶ୍ରମିକମାନଙ୍କୁ ସେମାନଙ୍କର ମଜୁରୀ ଅଂଶ ବାବଦ ଦିଆଯାଇଥିଲା ।

## ତିନିଗୋଟି ନୂତନ କ୍ରିକ୍ ଜଳସେଚନ ପ୍ରକଳ୍ପ

କଟକ ଜିଲ୍ଲା ରାଜକନିକା ବ୍ଲକ୍‌ର କାଳିକାପୁର, ରବାଂଗ ଓ ଗୋପାଳପୁରଠାରେ ନୂତନ କ୍ରିକ୍ (ଜୋର) ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସେଚ, ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ସେକ୍ ମତଲୁବ୍ ଅଲ୍ଲୀ ନଭେମ୍ବର ୨୨ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ତିନିଗୋଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ୬୭ ଲକ୍ଷ ୩ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ସଂପୂର୍ଣ୍ଣ ହେଲେ ରାଜକନିକା ବ୍ଲକ୍‌ର ମୋଟ୍ ୪୨ଟି ଗ୍ରାମରେ ଖରିଫ୍ ଋତୁରେ ୧,୩୮୫ ହେକ୍ଟର ଏବଂ ରବି ଋତୁରେ ୮୧୫ ହେକ୍ଟର ଜମିରେ ଜଳସେଚନର ସୁଯୋଗ ସୃଷ୍ଟି ହୋଇ ପାରିବ ।

ଚଳିତ ଆର୍ଥିକ ବର୍ଷରେ ୩୭ ଲକ୍ଷ ଟଙ୍କା ଏବଂ ଆସନ୍ତା ବର୍ଷ ପାଇଁ ୩୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ୧୮୬ ଶ୍ରମ ଦିବସ ସୃଷ୍ଟି ହୋଇ ପାରିବ ।

ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କାଳିକା-ପୁର ଏବଂ ରବାଂଗଠାରେ ଆଳି ବିଧାନସଭା ସଦସ୍ୟ ଶ୍ରୀ ଦୋଳଗୋବିନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାମାନଙ୍କରେ ସେଚ ମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜଳସେଚନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରଗତିଶୀଳ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ନୂତନ ପ୍ରକଳ୍ପଗୁଡ଼ିକ ଦ୍ୱାରା ସ୍ଥାନୀୟ ଚାଷୀମାନେ ବିଶେଷ ଭାବରେ ଉପକୃତ ହୋଇ ପାରିବେ ବୋଲି କହିଥିଲେ ।

## ଉଚ୍ଚ ମାଧ୍ୟମିକ ସ୍ତରରେ ଧନ୍ଦାମୂଳକ ପାଠ୍ୟକ୍ରମ

ଚଳିତ ଶିକ୍ଷାବର୍ଷଠାରୁ +୨ ସ୍ତରରେ ଧନ୍ଦାମୂଳକ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ମୋଟ୍ ୩୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯିବ । ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିବା ସଙ୍ଗେସଙ୍ଗେ ଆବଶ୍ୟକୀୟ ପାଣ୍ଠି ମଧ୍ୟ ମିଳି ସାରିଛି । ରାଜ୍ୟର ସବୁ ଜିଲ୍ଲାର +୨ ସ୍ତରର ବିଦ୍ୟାର୍ଥୀମାନଙ୍କୁ ଏହି ସୁଯୋଗ ଦେବା ଲାଗି ପ୍ରତି ଶିକ୍ଷାମଣ୍ଡଳର ୨ଟି ଶିକ୍ଷାନୁଷ୍ଠାନରେ ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମ ଆରମ୍ଭ କରାଯାଉଥିବା ବେଳେ କୋରାପୁଟ ଜିଲ୍ଲାରେ ୩ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଏହି ସୁବିଧା ପାଇପାରିବେ ।

ଯେଉଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୃତ୍ତିଗତ ଶିକ୍ଷା ଆରମ୍ଭ କରାଯାଉଛି ସେଗୁଡ଼ିକ ହେଲା: କଟକ-୧ ଶିକ୍ଷାମଣ୍ଡଳର ବିଦ୍ୟାଧରପୁରସ୍ଥ ସି. ଆର. ଆର. ଆଇ ଓ ସାଲେପୁର ହାଇସ୍କୁଲ, କଟକ-୨ ଶିକ୍ଷାମଣ୍ଡଳର ଅହିୟାସ ଓ ଯାଜପୁର ରୋଡ୍‌ର ଏନ୍. ସି. ହାଇସ୍କୁଲ, କଟକ-୩ ଶିକ୍ଷାମଣ୍ଡଳର ମଧୁସୂଦନ ବିଦ୍ୟାପୀଠ କଲହାନଭ ଜଗନ୍ନାଥ ସରକାରୀ ହାଇସ୍କୁଲ । ଅନ୍ୟ ଜିଲ୍ଲାଗୁଡ଼ିକର ଯେଉଁ ବିଦ୍ୟାଳୟମାନଙ୍କରେ ଧନ୍ଦାମୂଳକ ପାଠ୍ୟକ୍ରମ ଆରମ୍ଭ ହୋଇଛି ସେଗୁଡ଼ିକ ହେଲା : ପୁରୀ ଜିଲ୍ଲାର ହରିଜନ ଓ ଆଦିବାସୀ କଲ୍ୟାଣ ଅଧୀନରେ ଥିବା ତପୋବନ ହାଇସ୍କୁଲ ଓ ମେଣ୍ଢାଶାଳ ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼ ଜିଲ୍ଲାର କାନ୍‌ସ୍ଗ ଓ ବି. ଏସ୍. ସରକାରୀ ହାଇସ୍କୁଲ, ଗଞ୍ଜାମ ଜିଲ୍ଲାର ଭାଞ୍ଜଗିରୀ ଓ ବୁରା ହାଇସ୍କୁଲ, ଫୁଲବାଣୀ ଜିଲ୍ଲାର ନୂଆଗାଁ ଓ ଏ. କେ. ଓ ହାଇସ୍କୁଲ । କୋରାପୁଟ ଜିଲ୍ଲାର ଯେଉଁ ୩ଟି ବିଦ୍ୟାଳୟରେ ନୂତନ ପାଠ୍ୟକ୍ରମ ଆରମ୍ଭ କରା-ଯାଉଛି ସେଗୁଡ଼ିକ ହେଲା : ହରିଜନ ଓ ଆଦିବାସୀ କଲ୍ୟାଣ ଅଧୀନସ୍ଥ ଜୈନାସପୁର ଓ ସୁନାବେଡ଼ା ହାଇସ୍କୁଲ ଏବଂ ମାଲକାନ୍‌ଗିରି ହାଇସ୍କୁଲ, କଳାହାଣ୍ଡି ଜିଲ୍ଲାର ଧରମଗଡ଼ ଓ ବୁଆପଦା ହାଇସ୍କୁଲ । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଓ ବିଶୋଇ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଜିଲ୍ଲାର ମାଦ୍‌କମବେଡ଼ା ଓ ଆନନ୍ଦପୁର ବି. ଏନ୍. ସ୍କୁଲରେ ଛାତ୍ରଛାତ୍ରୀମାନେ ଏହି ସୁବିଧା ଲାଭ କରି ପାରିବେ । ସେହିପରି ବଲାଙ୍ଗୀର ଜିଲ୍ଲାର ପି. ଆର. ହାଇସ୍କୁଲ ଓ ପାଟଣାଗଡ଼ର ରାମାଇ ହାଇସ୍କୁଲ, ସମ୍ବଲପୁର ଜିଲ୍ଲାର ଏଲ୍. ଏଲ୍. ବାଳିକା ଉଚ୍ଚବିଦ୍ୟାଳୟ ଓ ଦେଓଗଡ଼ ହାଇସ୍କୁଲ, ବାଲେଶ୍ୱର ଜିଲ୍ଲାର ଖଇରାପଡ଼ା ଓ ବାଗୁରାଇ ହାଇସ୍କୁଲ ଏବଂ ଢେଙ୍କାନାଳ ଜିଲ୍ଲାର ଅନୁଗୁଳ ଓ ହାଣ୍ଡିଧୁଆ ସରକାରୀ ହାଇସ୍କୁଲ ।

ଏହି ପାଠ୍ୟକ୍ରମରେ ବିହନ ଉତ୍ପାଦନ, ଫାର୍ମ ମେକାନିକ୍, ଉଦ୍ୟାନ, କୃଷିଭିତ୍ତିକ ରସାୟନ ପ୍ରୟୋଗ, କୁକୁଡ଼ା ଓ ଗୋପାଳନ,

ରେଡ଼ିଓ ଓ ଟେଲିଭିଜନ, ଦୃଶ୍ୟ ଓ ଶ୍ରାବ୍ୟ ଟେକ୍‌ନିସିୟାନ୍, ମଧୁର ଜଳ ମାଛ ଚାଷ, ବୀମା, ଷ୍ଟେନୋଗ୍ରାଫି, ମୋଟରଯାନ ବିଦ୍ୟା, ବିଦ୍ୟୁତ ମୋଟର ଓ୍ୱାଇଣ୍ଡିଂ, ବୈଦ୍ୟୁତିକ ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଓ ମରାମତି ଏବଂ ଲେଦ୍ ପରିଚାଳନା ଇତ୍ୟାଦି ବିଷୟ ଅନ୍ତର୍ଭୁକ୍ତ ।

## ରବି ଫସଲ ପାଇଁ ଉଠାଜଳସେଚନ ବ୍ୟବସ୍ଥା

ଚଳିତ ରବି ଫସଲ ପାଇଁ ରାଜ୍ୟର ଏକଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଉଠା ଜଳସେଚନର ସୁଯୋଗ ସୃଷ୍ଟି କରିବା ନିମନ୍ତେ ଓଡ଼ିଶା ଉଠା ଜଳସେଚନ ନିଗମ ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ ୧୩ଟି ଜିଲ୍ଲାରେ ୯ ହଜାର ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୯୦ ହଜାର ୫୬୦ ହେକ୍ଟର ଜମିରେ ପାଣି ଯୋଗାଇ ଦିଆଯିବାର ସୁଯୋଗ ସୃଷ୍ଟି କରାଯାଇଛି । ନିକଟ ଭବିଷ୍ୟତରେ ଆଉ ଅଧିକ ପାଞ୍ଚଶହ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

କଟକ ଜିଲ୍ଲାରେ ସର୍ବାଧିକ ୨,୫୮୧ଟି ପ୍ରକଳ୍ପ ଜରିଆରେ ୩୩,୨୨୯ ହେକ୍ଟର, ବାଲେଶ୍ୱରରେ ୧,୭୮୮ଟି ପ୍ରକଳ୍ପ ଜରିଆରେ ୧୩,୦୭୩ ହେକ୍ଟର, କୋରାପୁଟରେ ୭୫୦ଟି ପ୍ରକଳ୍ପ ଜରିଆରେ ୬,୦୦୬ ହେକ୍ଟର, ଗଞ୍ଜାମରେ ୮୮୮ଟି ପ୍ରକଳ୍ପ ଜରିଆରେ ୫୫୧୭ ହେକ୍ଟର, ଢେଙ୍କାନାଳରେ ୩୮୫ଟି ପ୍ରକଳ୍ପ ଜରିଆରେ ୫୨୬୩ ହେକ୍ଟର, କେନ୍ଦୁଝରରେ ୪୦୧ଟି ପ୍ରକଳ୍ପ ଜରିଆରେ ୫୦୧୦ ହେକ୍ଟର, ସମ୍ବଲପୁରରେ ୪୨୧ଟି ପ୍ରକଳ୍ପ ଜରିଆରେ ୫୧୨୮ ହେକ୍ଟର, ମୟୂରଭଞ୍ଜରେ ୫୧୨ଟି ପ୍ରକଳ୍ପ ଜରିଆରେ ୪୪୪୫ ହେକ୍ଟର, ସୁନ୍ଦରଗଡ଼ରେ ୨୫୮ଟି ପ୍ରକଳ୍ପ ଜରିଆରେ ୩୦୬୩ ହେକ୍ଟର, ପୁରୀରେ ୩୫୧ଟି ପ୍ରକଳ୍ପ ଜରିଆରେ ୩୦୪୯ ହେକ୍ଟର, ବଲାଙ୍ଗିରରେ ୨୧୩ଟି ପ୍ରକଳ୍ପ ଜରିଆରେ ୨୬୩୨ ହେକ୍ଟର, କଳାହାଣ୍ଡିରେ ୩୦୧ଟି ପ୍ରକଳ୍ପ ଜରିଆରେ ୨୮୭୪ ହେକ୍ଟର, ଏବଂ ଫୁଲବାଣୀ ଜିଲ୍ଲାରେ ୧୫୧ଟି ପ୍ରକଳ୍ପ ଜରିଆରେ ୧୨୭୧ ହେକ୍ଟର ଜମିରେ ଜଳ ସେଚନ କରାଯିବ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଉଠା ଜଳସେଚନ ନିଗମ ପକ୍ଷରୁ ଗତ ଖରିଫ ଫସଲ ପାଇଁ ସମଗ୍ର ରାଜ୍ୟର ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଏକର ଜମିରେ ଜଳସେଚନର ସୁଯୋଗ ସୃଷ୍ଟି କରାଯାଇଥିଲା ।

## ପାଞ୍ଚ ହଜାର ନୂତନ ଉଠା ଜଳସେଚନ ପ୍ରକଳ୍ପ

ରାଜ୍ୟରେ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୮ମ ପଞ୍ଚ ବାର୍ଷିକ ଯୋଜନା କାଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାର ଆର୍ଥିକ ସହାୟତାରେ ୫ ହଜାର ନୂତନ ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ଉଠା ଜଳସେଚନ ନିଗମ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ୮୫୦ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ କଟକ ଜିଲ୍ଲାରେ ସର୍ବାଧିକ ୨୧,୫୦୦ ହେକ୍ଟର ଜମିରେ ଜଳସେଚନର ସୁଯୋଗ ସୃଷ୍ଟି କରାଯିବା ଲକ୍ଷ୍ୟ ରହିଥିବା ସ୍ଥଳେ ବାଲେଶ୍ୱର ଜିଲ୍ଲାରେ ୬୫୦ଟି ପ୍ରକଳ୍ପ ଜରିଆରେ ୧୩ ହଜାର ହେକ୍ଟର, ସମ୍ବଲପୁର ଜିଲ୍ଲାରେ ୫୦୦ ଟି ପ୍ରକଳ୍ପ ଜରିଆରେ ୧୨,୫୦୦ ହେକ୍ଟର, ଢେଙ୍କାନାଳ ଜିଲ୍ଲାରେ ୩୫୦ଟି ପ୍ରକଳ୍ପ ଜରିଆରେ ୧୦,୫୦୦ ହେକଟର, କୋରାପୁଟ ଜିଲ୍ଲାରେ ୪୦୦ଟି ପ୍ରକଳ୍ପ ଜରିଆରେ ୧୦ ହଜାର ହେକ୍ଟର, ପୁରୀ ଜିଲ୍ଲାରେ ୩୫୦ଟି ପ୍ରକଳ୍ପ ଜରିଆରେ ୯,୫୦୦ ହେକ୍ଟର, ବଲାଙ୍ଗୀର ଜିଲ୍ଲାରେ ୨୫୦ଟି ପ୍ରକଳ୍ପ ଜରିଆରେ ୭,୫୦୦ ହେକ୍ଟର, ମୟୂରଭଞ୍ଜ ଜିଲ୍ଲାରେ ୩୫୦ଟି ପ୍ରକଳ୍ପ ଜରିଆରେ ୭ ହଜାର ହେକ୍ଟର, ସୁନ୍ଦରଗଡ଼ ଜିଲ୍ଲାରେ ୩୫୦ଟି ପ୍ରକଳ୍ପ ଜରିଆରେ ୭ ହଜାର ହେକ୍ଟର, କେନ୍ଦୁଝର ଜିଲ୍ଲାରେ ୨୫୦ଟି ପ୍ରକଳ୍ପ ଜରିଆରେ ୬୨୫୦ଟି ହେକ୍ଟର, ଗଞ୍ଜାମ ଜିଲ୍ଲାରେ ୩୦୦ଟି ପ୍ରକଳ୍ପ ଜରିଆରେ ୬ ହଜାର ହେକ୍ଟର, କଳାହାଣ୍ଡି ଜିଲ୍ଲାରେ ୨୦୦ଟି ପ୍ରକଳ୍ପ ଜରିଆରେ ୫ ହଜାର ହେକ୍ଟର ଏବଂ ଫୁଲବାଣୀ ଜିଲ୍ଲାରେ ୨୦୦ଟି ପ୍ରକଳ୍ପ ଜରିଆରେ ୫ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସେଥିମଧ୍ୟରୁ ସପ୍ତମ ଯୋଜନାର ପ୍ରଥମ ତିନିବର୍ଷ (୧୯୮୫-୮୬ରୁ ୧୯୮୭-୮୮) ମଧ୍ୟରେ ଏହି ନିଗମ ପକ୍ଷରୁ ୨୦୦୪ଟି ନୂଆ ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ୪୨.୮୧୯ ହେକ୍ଟର ଅତିରିକ୍ତ ଜମିରେ ଜଳସେଚନର ସୁବିଧା କରାଯାଇ ପାରିଛି । ଏହା ଫଳରେ ଗତ ମାର୍ଚ୍ଚ ମାସ ସୁଦ୍ଧା ସମଗ୍ର ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଉଠା ଜଳସେଚନ ପ୍ରକଳ୍ପର ସର୍ବମୋଟ ସଂଖ୍ୟା ୧୦,୨୪୭ରୁ ବୃଦ୍ଧି ପାଇଛି ଏବଂ ସମୁଦାୟ ୨ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମି ପାଇଁ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଛି ।

## କଣ୍ଟାଫଳ ମତ୍ସ୍ୟ ପ୍ରକଳ୍ପର ଅଗ୍ରଗତି

ବାଲେଶ୍ୱର ଜିଲ୍ଲା କଣ୍ଟାଫଳ ଅଞ୍ଚଳର ସାମୂହିକ ବିକାଶ ଏବଂ ଗରିବ ମତ୍ସ୍ୟଜୀବୀ ସଂପ୍ରଦାୟର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ନରୱେ ସରକାରଙ୍କ ସଂପୂର୍ଣ୍ଣ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା "କଣ୍ଟାଫଳ-ମତ୍ସ୍ୟ ପ୍ରକଳ୍ପ"ର ଅଗ୍ରଗତିରେ ନରୱେ ସରକାରଙ୍କ ପ୍ରତିନିଧି-ବୃନ୍ଦ ଗଭୀର ସନ୍ତୋଷ ପ୍ରକାଶ କରିଛନ୍ତି ।

ରାଜ୍ୟ ସଚିବାଳୟଠାରେ "କଣ୍ଟାଫଳ ମତ୍ସ୍ୟ ପ୍ରକଳ୍ପ"ର ତୃତୀୟ ବାର୍ଷିକ ବୈଠକ ରାଜ୍ୟ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ନରୱେ ସରକାରଙ୍କ ଏକ ପାଞ୍ଚ ଜଣିଆ ପ୍ରତିନିଧି ନୂଆଦିଲ୍ଲୀସ୍ଥିତ ନରୱେ ଦୂତାବାସର

ରେସିଡେଣ୍ଟ୍ ରିପ୍ରେଜେଣ୍ଟେଟିଭ୍ ଶ୍ରୀ ପେର. ଏ ଗୁର୍‌ଦ୍ରେନଙ୍କ ନେତୃତ୍ୱରେ ଏହି ବୈଠକରେ ଯୋଗଦେଇ ସମୀକ୍ଷା କରିଥିଲେ । ପୂର୍ବରୁ ପ୍ରତିନିଧି ଦଳର ଶ୍ରୀ ଟେରଜି. ଇ. ମାର୍ଟିନ୍‌ସେନ୍, ଶ୍ରୀମତୀ ଇଙ୍ଗ୍ରିଡ୍‌ସ୍ ଓ୍ୟାରନ୍, ଶ୍ରୀମତୀ ଆନେ. ଏମ୍. କିର ଏବଂ ଶ୍ରୀ ମାଇକେଲ ଯର୍ଚ୍ଚ ସ୍ମିଥ୍ ଗତ ନଭେମ୍ବର ୫ ତାରିଖରେ ଦିଲ୍ଲୀରୁ ଆସି ୪ ଦିନ ଧରି ଜଗତସିଂହପୁର ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ମଞ୍ଜୁରୀ ହୋଇଥିବା ମୋଟ ୪ କୋଟି ୩୫ ଲକ୍ଷ ଟଙ୍କା ମଧ୍ୟରୁ ପ୍ରକଳ୍ପର ପ୍ରଥମ ବର୍ଷ ୧୯୮୬-୮୭ ଆର୍ଥିକ ବର୍ଷରେ ୩୮ ଲକ୍ଷ ୮୬ ହଜାର ଏବଂ ୧୯୮୭-୮୮ରେ ୧ କୋଟି ୯୨ ଲକ୍ଷ ୩୮ ହଜାର ଟଙ୍କା ବ୍ୟୟ କରାଯାଇଛି । ହରିଦିପଦାଠାରୁ ବାହାବଳପୁର ପର୍ଯ୍ୟନ୍ତ ୧୬ କି. ମି. ଦୈର୍ଘ୍ୟ ବିଶିଷ୍ଟ ଏକ ପକ୍କା ରାସ୍ତା ନିର୍ମାଣ କରାଯାଇ ଦୁଇ-ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଛି । ନିର୍ମାଣାଧୀନ ଗୋଟିଏ ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ପ୍ରାୟ । ଜାନୁଆରୀ ମାସ ସୁଦ୍ଧା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ସାରଧା, ସିଇଦା, ତୁବଲଗଡ଼ ଏବଂ ଜଗତପୁର ଗ୍ରାମମାନଙ୍କରେ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟ କରିବ । ୫ଟି ପ୍ରାଥମିକ ସ୍କୁଲ ଗୃହ ମଧ୍ୟରୁ ଗୋଟିକର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସ୍କୁଲ ଚାଲୁଅଛି । ଅନ୍ୟ ଦୁଇଟି ସଂପୂର୍ଣ୍ଣ ପ୍ରାୟ ଏବଂ ସ୍କୁଲ ଖୁବ୍‌ଶୀଘ୍ର ଚାଲୁ ହେବ । ଆଉ ଦୁଇଟି ସ୍କୁଲ ଆସନ୍ତା ଶିକ୍ଷା ବର୍ଷଠାରୁ କାର୍ଯ୍ୟକାରୀ ହେବ । ବାହାବଳପୁର ଗ୍ରାମ ନଦୀ ମୁହାଁଣରେ ଏକ ଲାଇଟ୍ ହାଉସ୍ ନିର୍ମାଣ କରାଯାଉଛି । ସନ୍ଧ୍ୟା ହେବା ସଙ୍ଗେସଙ୍ଗେ ଲାଗି ଯାଉଥିବା ଏକ ଉଚ୍ଚ ଶକ୍ତି ସଂପନ୍ନ ଲାଇଟ୍ ଆପେ ଆପେ ଜଳି ଉଠିବ ଏବଂ ୫ କି.ମି. ବ୍ୟାପୀ ସମୁଦ୍ର ଅଞ୍ଚଳ ମଧ୍ୟରେ ଆଲୋକିତ କରିବ—ଯାହା ଫଳରେ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରରେ ମାଛର ସନ୍ଧାନ ପାଇପାରିବେ ଏବଂ ସୁବିଧାରେ ମାଛ ଧରିପାରିବେ । ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଅତ୍ୟାଧୁନିକ ମାଛଧରା "ଜେଟି"ର ଅଗ୍ରଗତିରେ ମଧ୍ୟ ପ୍ରତିନିଧି-ମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏହି ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କର ୫୦ଟି ଦେଶୀ ଡଙ୍ଗାରେ ଚଳିତ ବର୍ଷ ଇଞ୍ଜିନ ଯୋଗାଇ ଦିଆଯାଇ ଇଞ୍ଜିନ୍ ଚାଳିତ ଡଙ୍ଗାରେ ପରିଣତ କରାଯିବ । ୪୦୦ ଗରିବ ମତ୍ସ୍ୟଜୀବୀଙ୍କୁ ବିନା ମୂଲ୍ୟରେ ମାଛଧରା ଜାଲ ଯୋଗାଇ ଦିଆଯିବ । ମହିଳାମାନଙ୍କ ଆତ୍ମନିଯୁକ୍ତି ଯୋଗାଇ ଦେବା ନିମନ୍ତେ ସୁଯୋଗ ସୃଷ୍ଟି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ୧୬ଟି ଗ୍ରାମ୍ୟ ରାସ୍ତାର ଉନ୍ନତି କରାଯିବ ଏବଂ ୨୯ଟି ପ୍ରାଥମିକ ସ୍କୁଲ ଗୃହର ଉନ୍ନତି କରାଯିବ । ଚଳିତ ବର୍ଷ ଗୋଟି ପାଇଁ ମୋଟ ୮୪ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଆବଶ୍ୟକସ୍ଥଳେ ଆହୁରି ଅଧିକ ଅର୍ଥ ଯୋଗାଇ ଦିଆଯିବା ନିଷ୍ପତ୍ତି ନିଆଯାଇଛି ।

## ଇନ୍ଦିରା ଆବାସ ଯୋଜନାରେ ଉପକୃତ ପରିବାର

ଓଡ଼ିଶାରେ ଗତ ୧୯୮୬-୮୭ ମସିହା ପ୍ରାରମ୍ଭରୁ କାର୍ଯ୍ୟକାରୀ କରାଯାଇଥିବା ଇନ୍ଦିରା ଆବାସ ଯୋଜନାରେ ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ମୋଟ ୧୩,୫୭୮ଟି ବାସଗୃହ ନିର୍ମାଣ କରାଯାଇ ବାସହୀନ ପରିବାରଙ୍କୁ ଯୋଗାଇ ଦିଆଯାଇଛି । ଏହି ବାସଗୃହଗୁଡ଼ିକର ନିର୍ମାଣ ଏବଂ ନୂତନ କଲୋନିରେ ପାନୀୟ ଜଳ, ବିଦ୍ୟାଳୟ ଓ ରାସ୍ତା ନିର୍ମାଣ ପ୍ରଭୃତି ଆନୁସଙ୍ଗିକ ସୁବିଧା ସୁଯୋଗ ବାବଦରେ ରାଜ୍ୟସରକାର ମୋଟ ୧୬ କୋଟି ୬୮ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ କରିଛନ୍ତି ।

ଇନ୍ଦିରା ଆବାସ ଯୋଜନାରେ ସମ୍ବଲପୁର, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ଯଥାକ୍ରମେ ୧୭୧୫, ୧୬୫୬ ଓ ୧୧୦୪ଟି ବାସଗୃହ ନିର୍ମିତ ହୋଇଛି । କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାରେ ଯଥାକ୍ରମେ ୧୦୬୩ ଓ ୧୦୫୪ଟି ବାସଗୃହ ନିର୍ମିତ ହୋଇଥିବା ସ୍ଥଳେ ବାଲେଶ୍ୱର ଜିଲ୍ଲାରେ ୯୮୯, ସୁନ୍ଦରଗଡ଼ ଜିଲ୍ଲାରେ ୮୯୮ ଫୁଲବାଣୀ ଜିଲ୍ଲାରେ ୮୭୦, ଢେଙ୍କାନାଳ ଜିଲ୍ଲାରେ ୮୪୨, କଟକ ଜିଲ୍ଲାରେ ୮୪୧, ବଲାଙ୍ଗିର ଜିଲ୍ଲାରେ ୮୩୨, ମୟୂରଭଞ୍ଜ ଜିଲ୍ଲାରେ ୮୦୯ ଏବଂ ପୁରୀ ଜିଲ୍ଲାରେ ୭୦୫ଟି ବାସଗୃହ ନିର୍ମିତ ହୋଇ ବାସହୀନ ବ୍ୟକ୍ତିମାନଙ୍କୁ ଥଇଥାନ କରାଯାଉଛି ।

## ଛଅ କୋଟି ତେର ଲକ୍ଷ ଟଙ୍କା ବୃତ୍ତି

ଗତ ଆର୍ଥିକ ବର୍ଷରେ ରାଜ୍ୟରେ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍ ପ୍ରବେଶିକା ବୃତ୍ତି ବାବଦରେ ସରକାର ୩ କୋଟି ୮୬ ଲକ୍ଷ ୪୦ ହଜାର ଟଙ୍କା ଏବଂ ପ୍ରବେଶି-କାଉର ବୃତ୍ତି ବାବଦରେ ୨ କୋଟି ୨୭ ଲକ୍ଷ ୮୦ ହଜାର ଟଙ୍କା ଏପରି ସମୁଦାୟ ୬ କୋଟି ୧୩ ଲକ୍ଷ ୨୦ ହଜାର ଟଙ୍କା ବୃତ୍ତି ମଞ୍ଜୁର କରିଥିଲେ ।


ତନ୍ମଧ୍ୟରେ ପ୍ରାକ୍ ପ୍ରବେଶିକା ବୃତ୍ତି ବାବଦରେ ହରିଜନ ଛାତ୍ରଛାତ୍ରୀମାନଙ୍କ ପାଇଁ ମଞ୍ଜୁର କରାଯାଇଥିବା ୧ କୋଟି ୯୫ ଲକ୍ଷ ୧୪ ହଜାର ଟଙ୍କା ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ୧ କୋଟି ୯୧ ଲକ୍ଷ ୨୬ ହଜାର ଟଙ୍କା ଅନ୍ତର୍ଭୁକ୍ତ । ଏହି ବୃତ୍ତି ଅର୍ଥ ବଣ୍ଟନ କରାଯିବା ଫଳରେ ୧ଲକ୍ଷ ୪୫ ହଜାର ୯୦୫ ଜଣ ହରିଜନ ଓ ୮୫ ହଜାର ୭୧୯ ଜଣ ଆଦିବାସୀ ଛାତ୍ର ଛାତ୍ରୀ ଉପକୃତ ହୋଇଛନ୍ତି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପ୍ରାକ୍ ପ୍ରବେଶିକା ବୃତ୍ତି ପ୍ରଦାନ ଲାଗି ୧ ଲକ୍ଷ ୫୭ ହଜାର ୩୬ ଜଣ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ୧ କୋଟି ୯୫ ଲକ୍ଷ ଟଙ୍କା ଏବଂ ୯୦ ହଜାର ୫୪ ଜଣ ଆଦିବାସୀ ପିଲାଙ୍କ ପାଇଁ ୧କୋଟି ୮୫ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି ।

ସେହିପରି ଗତବର୍ଷ ପ୍ରବେଶିକୋତ୍ତର ବୃତ୍ତି ବାବଦରେ ମଞ୍ଜୁର କରାଯାଇଥିବା ସମୁଦାୟ ୨ କୋଟି ୨୬ ଲକ୍ଷ ୮୦ ହଜାର ଟଙ୍କା ମଧ୍ୟରେ ହରିଜନ ପିଲାଙ୍କ ପାଇଁ ମଞ୍ଜୁର ହୋଇଥିବା ୧କୋଟି ୨୮ ଲକ୍ଷ ୩୦ ହଜାର ଟଙ୍କା ଏବଂ ଆଦିବାସୀ ପିଲାଙ୍କର ୮୮ ଲକ୍ଷ ୫୦ ହଜାର ଟଙ୍କା ଅନ୍ତର୍ଭୁକ୍ତ । ଏହି ବୃତ୍ତି ବଣ୍ଟନ ଦ୍ୱାରା ୧୬,୫୦୮ଜଣ ହରିଜନ ଓ ୯,୫୨୦ଜଣ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୧୭,୩୩୧ ଜଣ ହରିଜନ ପିଲାଙ୍କୁ ଏହି ବୃତ୍ତି ପ୍ରଦାନ ଲାଗି ୧ କୋଟି ୩୭ ଲକ୍ଷ ୮୪ ହଜାର ଟଙ୍କା ଏବଂ ୯୯୯୯ ଜଣ ପିଲାଙ୍କ ପାଇଁ ୧କୋଟି ୭ଲକ୍ଷ ୪୭ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ହରିଜନ ଓ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରିବା ଲାଗି ସରକାର ପ୍ରାକ୍ ପ୍ରବେଶିକା ସ୍ତରଠାରୁ ପ୍ରବେଶିକୋତ୍ତର ସ୍ତର ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ବୃତ୍ତି ପ୍ରଦାନ କରୁଛନ୍ତି । ପ୍ରାକ୍ ପ୍ରବେଶିକା ବୃତ୍ତି ଯୋଜନାନୁସାରେ ମ: ଇ: ସ୍କୁଲର ବିଦ୍ୟାର୍ଥୀ ବାଳକ ଓ ବାଳିକାମାନଙ୍କୁ ବାର୍ଷିକ ଯଥାକ୍ରମେ ୧୦୦ ଟଙ୍କା ଓ ୧୫୦ ଟଙ୍କା ହାରରେ ବୃତ୍ତି ପ୍ରଦାନ କରାଯାଇଥାଏ । ଉଚ୍ଚଇଂରାଜୀ ବିଦ୍ୟାଳୟର ବିଦ୍ୟାର୍ଥୀ ବାଳକ ଓ ବାଳିକାମାନଙ୍କୁ ଯଥାକ୍ରମେ ବାର୍ଷିକ ୧୫୦ ଟଙ୍କା ଓ ୨୦୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯାଏ । ଏହା ବ୍ୟତୀତ ଉଚ୍ଚ-ଇଂରାଜୀ ଓ ମଧ୍ୟଇଂରାଜୀ ବିଦ୍ୟାଳୟର ଅନ୍ତେବାସୀ ବାଳକ-ବାଳିକାମାନଙ୍କ ମାସିକ ୬୫ ଟଙ୍କାଠାରୁ ୫୦ ଟଙ୍କା ଯାଏ ବୃତ୍ତି ଦିଆଯାଇ ଥାଏ । ସେହିପରି ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରୁଥିବା ହରିଜନ ଆଦିବାସୀ-ଛାତ୍ରଛାତ୍ରୀମାନଙ୍କୁ ଭାରତ ସରକାରଙ୍କ ନିୟମାନୁସାରେ ପ୍ରବେଶିକୋତ୍ତର ବୃତ୍ତି ପ୍ରଦାନ କରାଯାଉଛି ।

## ବିଂଶସୂତ୍ରୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା

କୋରାପୁଟ ଜିଲ୍ଲା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଇଛି ଯେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଗତ ଜୁନ୍‌ମାସ ଶେଷ ସୁଦ୍ଧା ୨୪୫ ଟି ଦରିଦ୍ର ପରିବାର ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଉପକୃତ ହେବା ସଙ୍ଗେସଙ୍ଗେ ପୂର୍ବରୁ ସାହାଯ୍ୟ ପାଇ ମଧ୍ୟ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରି ନଥିବା ୨୬୬୨ ଜଣଙ୍କୁ ଆଉଥରେ ଋଣ ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳ ଶ୍ରମିକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ଚଳିତ ବର୍ଷ ଜୁନ୍ ସୁଦ୍ଧା ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନା ଏବଂ ଗ୍ରାମାଞ୍ଚଳ ଭୂମିହୀନଙ୍କ ନିଯୁକ୍ତି ଯୋଜନାରେ ଯଥାକ୍ରମେ ୩.୫୯ ଲକ୍ଷ ଓ ୫.୨୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ସେହିପରି ଭୂ-ସଂସ୍କାର କାର୍ଯ୍ୟକ୍ରମକୁ ଯଥାଯଥ ଭାବେ କାର୍ଯ୍ୟକାରୀ କରାଯାଇ ୯.୩୦ ଏକର ଉଦ୍‌ବୃତ୍ତ ଜମିକୁ ଭୂମିହୀନ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମରେ ଏହି ଜିଲ୍ଲାର ୪୦୬୯ ଟି ଗ୍ରାମକୁ ଜଳ ଯୋଗାଇ ଦିଆଯାଇଛି । ଦୁଇଟି ସନ୍ତାନ ନୀତିକୁ ଲାଗୁ କରାଯାଇ ୨,୧୮୬ଜଣଙ୍କର ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଛି । ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ୫୭୦୯ ଜଣଙ୍କୁ ବିଭିନ୍ନ ପ୍ରତିଷେଧକ ଟିକା ଦିଆଯାଇଛି । ଉଭୟ ହରିଜନ ଓ ଆଦିବାସୀମାନଙ୍କୁ ନ୍ୟାୟ ଦେବା କାର୍ଯ୍ୟକ୍ରମରେ ୯୯୦ ଜଣ ଉପକୃତ ହୋଇଛନ୍ତି । ଗ୍ରାମାଞ୍ଚଳକୁ ଶକ୍ତି ଯୋଗାଇବାରେ ବର୍ତ୍ତମାନ ସୁଦ୍ଧା ୩୫ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଯାଇ ଥିବାର ବୋଲି ଜଣାଯାଇଛି ।



ଇ.ଆର୍.ଆର୍.ପି. ଯୋଜନାରେ ..

# ଯୁବଶକ୍ତି ଓ ପ୍ରଗତି

ଶ୍ରୀ ବରଦା ପ୍ରସନ୍ନ ଦାସ

"ଭାରତର ସର୍ବାଙ୍ଗୀନ ଉନ୍ନତି ଓ ପ୍ରଗତି ପାଇଁ ଅସଂଖ୍ୟ ଭଲ ଯୁବକ ଆବଶ୍ୟକ ।"

—ସ୍ୱାମୀ ବିବେକାନନ୍ଦ

ବିଶ୍ୱ ବରେଣ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଜାନୁୟାରୀ ୧୨ ତାରିଖ । ୧୯୮୫ ମସିହାଠାରୁ ଏହି ବର୍ଷଟିକୁ ଆନ୍ତର୍ଜାତିକ ଯୁବବର୍ଷ ରୂପେ ପାଳନ କରିବା ନିମନ୍ତେ ପରିକଳ୍ପନା କରାଯାଇଥିଲା । ଏହି ଦିବସଟିକୁ ପ୍ରତିବର୍ଷ ଯୁବ ଦିବସ ରୂପେ ପାଳନ କରିବାପାଇଁ ଭାରତର ଯୁବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଏହି ଉପଲକ୍ଷେ ମସ୍କୋଠାରେ ବିଶ୍ୱ ଯୁବସମ୍ମେଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହାଛଡ଼ା ପରସ୍ପର ମଧ୍ୟରେ ଐକ୍ୟ ଓ ଭାତୃଭାବ ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ସ୍ଥାନରେ ରାଜ୍ୟସ୍ତରୀୟ ଯୁବ ସାଂସ୍କୃତିକ ସମ୍ମେଳନ, ଯୁବ ସମାରୋହ ଆଦି ଉତ୍ସାହ ଓ ଉଦ୍ଦୀପନାସହ ପାଳିତ ହୋଇ ଆସୁଅଛି । ସ୍ୱାମୀ ବିବେକାନନ୍ଦ ତାଙ୍କର ଯୁବାବସ୍ଥାରେ ବିଶ୍ୱ ବନ୍ଦନୀୟ ହୋଇପାରିଥିଲେ । (ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତର ପ୍ରଧାନମନ୍ତ୍ରୀ ତାଙ୍କର ବିଗତ ଶାସନକାଳ ମଧ୍ୟରେ ଧୈର୍ଯ୍ୟ ଓ ସାହସର ସହିତ ଯେଉଁସବୁ ସମସ୍ୟାର ସମାଧାନ କରି ଲୋକପ୍ରିୟତା ଅର୍ଜନ କରିବା ସଙ୍ଗେ ସଙ୍ଗେ ଦେଶର ପ୍ରଗତି ପାଇଁ ବିଭିନ୍ନ ନୂତନ ପଦକ୍ଷେପମାନ ନେଇଛନ୍ତି ତାହାହିଁ ପ୍ରକୃତ ଯୁବଶକ୍ତିର ପରିଚୟ ଦିଏ ) ।

## ସଂସ୍କାରକ ସ୍ୱାମୀ ବିବେକାନନ୍ଦ ଓ ଯୁବ ଛାତ୍ର ସମାଜ

ସ୍ୱାମୀଜୀ, ଦେଶର ଯୁବସମାଜ ଶକ୍ତିର ଉତ୍ସ ବୋଲି ଭାବି ସେହିମାନଙ୍କ ଉଦ୍ଦେଶ୍ୟରେ କହିଥିଲେ—"ନିର୍ଭୀକ ନ ହେଲେ ଚଳିବ ନାହିଁ" । ଦେଶ ଓ ଜାତି ଦେଶର ଯୁବକମାନଙ୍କଠାରୁ ଯଥେଷ୍ଟ ଆଶା କରିଛି । ଯୁବକମାନଙ୍କୁ ନିର୍ଭୀକ ହେବାକୁ ପଡ଼ିବ । କେହି ଦରିଦ୍ର ବୋଲି ଭାବିବା ଠିକ୍ ନୁହେଁ । ମଣିଷ ହିଁ ଟଙ୍କା ତିଆରି କରିବାକୁ କ୍ଷମ, ଏକଥା କେହି ଭୁଲି ଯାଅ ନାହିଁ ।

ବିଶ୍ୱର ସକଳ ଉନ୍ନତି ମଣିଷ ଦ୍ୱାରାହିଁ ସମ୍ଭବ ହୋଇଛି । ନିଜ ଉପରେ ବିଶ୍ୱାସ ରଖି ଶକ୍ତି ବୃଦ୍ଧିକର, ସତ୍‌କାର୍ଯ୍ୟ ସଫଳ ହେବ । ଛାତ୍ର ସମାଜ ପ୍ରତି ସ୍ୱାମୀଜୀ ଉପଦେଶ ଦେଇ କହିଛନ୍ତି ଯେ ଛାତ୍ର ବିଶୃଙ୍ଖଳ ହୋଇଗଲେ ସେ ସୁନାଗରିକ ହୋଇପାରିବ ନାହିଁ । ଚରିତ୍ରହୀନ ହୋଇଗଲେ ଦେଶ ଓ ଜାତି ତାହାଦ୍ୱାରା ଉପକୃତ ହେବ ନାହିଁ । ଛାତ୍ର ଏକାଗ୍ରତା ବଳରେ ଅସାଧ୍ୟ କାର୍ଯ୍ୟକୁ ସାଧନ କରିପାରେ । ଛାତ୍ର ଏକାଗ୍ର ଚିତ୍ତରେ ଯେ କୌଣସି କାର୍ଯ୍ୟକରେ, ତାହା ସଫଳ ହେବ ବୋଲି ବିବେକାନନ୍ଦ ବାରମ୍ବାର ଛାତ୍ର ସମାଜକୁ ସଚେତନ କରିଦେଇଛନ୍ତି ।

ଛାତ୍ର ବ୍ରହ୍ମଚର୍ଯ୍ୟ ପାଳନପ୍ରତି ଗୁରୁତ୍ୱ ଦେବା ଉଚିତ । ଏହି ବ୍ରତ ପାଳନ କରି ନ ପାରିଲେ ଛାତ୍ର ଜୀବନ ବୃଥା ହୁଏ । ଏହି ଜୀବନରେ ଛାତ୍ର ନିଜକୁ ପ୍ରସ୍ତୁତ କରେ । ସେ ଭୋଗ ବିଳାସରେ ସମୟ ନ କଟାଇ ଭବିଷ୍ୟତ ପାଇଁ କର୍ମପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ । ଭବିଷ୍ୟତ ପାଇଁ ସେ ତାର ମୂଳଦୁଆ ସୁଦୃଢ଼ କରେ । ଏହି ସମୟରେ ସଂଯମତା ଶିକ୍ଷା କରିଥାଏ । ସଂଯମତା ମଣିଷକୁ ବହୁ ଉଚ୍ଚକୁ ନେଇଯାଏ । ଏହି ସଂଯମ ଓ

ଶୃଂଖଳାଦୋଷ ପ୍ରମୁଖ ଗୁଣଗୁଡ଼ିକ ଯଦି ଛାତ୍ର ଆୟର କରିବାରେ ସାମର୍ଥ୍ୟ ହରାଏ, ତେବେ ଛାତ୍ର ଜୀବନ ତାର ବିଫଳ ହୁଏ । ବ୍ରହ୍ମଚର୍ଯ୍ୟ ଫଳରେ ଛାତ୍ର ଅସୀମ ଶକ୍ତିର ଅଧିକାରୀ ହୋଇପାରେ । ତେଣୁ ସ୍ୱାମୀ ବିବେକାନନ୍ଦ ଛାତ୍ର ସମାଜକୁ ଏହି ବ୍ରହ୍ମଚର୍ଯ୍ୟ ପାଳନରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ ।

ପ୍ରତ୍ୟେକ ଯୁଗ ପ୍ରବର୍ତ୍ତକ ଯେପରି ନବ ସଂସ୍କାର ପାଇଁ ସଂଗ୍ରାମୀ ହୋଇଥାଆନ୍ତି, ସଂସ୍କାରକ ବିବେକାନନ୍ଦ ମଧ୍ୟ ଦେଶ ଓ ଜାତିର ପ୍ରଗତି ପାଇଁ ତାହା କରିଛନ୍ତି । ପ୍ରତ୍ୟେକ ସଂସ୍କାରକ ତାଙ୍କ ପୂର୍ବବର୍ତ୍ତୀ ସଂସ୍କାରକଙ୍କ ସଂସ୍କାର ଚେତନାକୁ ନିଜର ସ୍ୱକୀୟ କାନ୍ତୁର୍ଯ୍ୟମାନ ଦୀପ୍ତ ଚେତନାରେ ଆଚ୍ଛାଦିତ କରି ନ ପାରିଲେ, ତାଙ୍କ ନବ ଚେତନା ପ୍ରକାଶ ଲାଭ କରି ପାରେ ନାହିଁ । ସେ ନିଜ ଆଦର୍ଶ ଓ ନୀତିପାଇଁ ଯେଉଁ ନୂତନ ସଂସ୍କାର ଲାଗି ପ୍ରେରଣା ଦେଇଥିଲେ, ତାହା ଫଳରେ ଭାରତ ଏକ ଦିଗ୍‌ଦର୍ଶନ ପାଇ ପାରିଥିଲା । ଆଧ୍ୟାତ୍ମିକ ଜଗତ ସହିତ ସଂପର୍କ ସ୍ଥାପନ କରିବାପାଇଁ ସେ ବ୍ୟଗ୍ର ହେଉଥିଲେ । ଆଧ୍ୟାତ୍ମିକ ଚେତନାରେ ବିବେକାନନ୍ଦ ଉଦ୍‌ବୁଦ୍ଧ ହୋଇ ପ୍ରକାଶ କରିଛନ୍ତି ଯେ, ଏହି ଆଧ୍ୟାତ୍ମିକ ଚିନ୍ତାଧାରା ଯେତେବେଳେ ମଣିଷ ହୃଦୟରେ ସୃଷ୍ଟି ହୋଇପାରିବ, ତା'ରି ଫଳରେ ମଣିଷ ଊର୍ଦ୍ଧ୍ୱାୟିତ ଜଗତର ସନ୍ଧାନ ପାଇପାରିବ ।

## ଯୁବଶକ୍ତି ଓ ପ୍ରଶାସନିକ ସଂସ୍କାର

ଯଥାର୍ଥ ପ୍ରଶାସନିକ ପରିବର୍ତ୍ତନ ଉପରେ ଦେଶର ଉନ୍ନତି ନିର୍ଭର କରେ । ଯଦ୍ୱାରା ବିଶେଷତଃ ସମାଜର ଅବହେଳିତ ଶ୍ରେଣୀ ଉପକୃତ ହେବା ସଙ୍ଗେ ସଙ୍ଗେ ସାମାଜିକ ସଂସ୍କାର ସମ୍ଭବ ହୋଇଥାଏ । ଯୁବ ମାନସର ପ୍ରତୀକ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ପ୍ରଶାସନିକ ସଂସ୍କାର ବିଷୟ ଚିନ୍ତା କରାଯାଉଛି । ଏ ଦିଗରେ ଯୁବକମାନଙ୍କ ସହଯୋଗ ଓ ଯୁବ ଶକ୍ତିର ବିନିଯୋଗ ନିତାନ୍ତ ଆବଶ୍ୟକ । କାରଣ ଯୁବକ ପରଂପରାକୁ ଲଂଘନ କରିବାକୁ ଚାହେ । ତଥାକଥିତ ଚିନ୍ତାଧାରାକୁ ବିଶ୍ୱାସ କରେନା । ନିତ୍ୟ ନୂତନତାର ସ୍ୱପ୍ନ ଦେଖେ । ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ । ତାର ପ୍ରତିଭା ଓ ସୃଜନୀଶକ୍ତି ବଳରେ ସେ ନବଚେତନା ଓ ସଂସ୍କାର ପାଇଁ ପ୍ରୟାସୀ ହୋଇଥାଏ । ଦେଶର ପ୍ରଗତିପାଇଁ ସେ ସମାଜକୁ ବୈପ୍ଲବିକ ଆହ୍ୱାନ ଜଣାଏ । କଳାବଜାରୀ, ଦୁର୍ନୀତିଖୋର ଓ ପୁଞ୍ଜିପତି ଗୋଷ୍ଠୀ ବିରୁଦ୍ଧରେ ସେ ବିଦ୍ରୋହୀ ହୋଇଉଠେ । ସେ ସର୍ବଦା ଜାଗ୍ରତ । ଏକ ନୂତନ ସୃଷ୍ଟି ପାଇଁ ତାର ଅନ୍ତରାତ୍ମା ବିଚଳିତ ହୁଏ । ସେ ନିର୍ଭୟର ସହ ଯେ କୌଣସି ସମସ୍ୟାର ସମାଧାନ ପାଇଁ ଆଗଭର ହୋଇଉଠେ ।

ଯୁବ ମନରେ ସଦା ନୂତନ ଆଶାର ସଞ୍ଚାର ଲାଭକରେ । ତା'ର ନିର୍ମଳ ଓ ନିଷ୍କଳଙ୍କ ହୃଦୟରେ କାର୍ଯ୍ୟକ୍ଷେତ୍ରରେ ସେ ସମସ୍ତ ବିଷୟକୁ ନୂତନ ଦୃଷ୍ଟି କୋଣରୁ ଚିନ୍ତାକରେ । ଅତଏବ ଏହି ଯୁବ ସମାଜ ଦ୍ୱାରା ଅସାଧ୍ୟ ସାଧ୍ୟ, ଯୁବ ଶକ୍ତି ଦ୍ୱାରା ଶାସନରେ ପରିବର୍ତ୍ତନ ଓ ଦେଶର ପ୍ରଗତି ସମ୍ଭବ ହୁଏ । ଯୁବ ବୟସରେ ଧର୍ମ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ, ପ୍ରେରଣା ଓ ଆଲୋକ ଦେବାରେ ସକ୍ଷମ ହୋଇ ପାରିଥିଲେ ସ୍ୱାମୀ ବିବେକାନନ୍ଦ ।

ଆଜି ଯେତେବେଳେ ବିଶ୍ୱରେ ପରମାଣୁ ବୋମାର ଆତଙ୍କ ଖେଳି ଯାଇଛି, ତା ସାଙ୍ଗକୁ ଆତଙ୍କବାଦୀଙ୍କ ଅମାନୁଷିକ କାର୍ଯ୍ୟକଳାପ, ସାମ୍ପ୍ରଦାୟିକତା ଓ ଗୋଷ୍ଠୀଗତ ବିଶୃଂଖଳାର ବାତାବରଣ ସୃଷ୍ଟି ହୋଇଛି, ଏଇ ସନ୍ଧିଗ୍ଧ ମୁହୂର୍ତ୍ତରେ ଦେଶବାସୀ ଶାନ୍ତି ପାଇଁ ବ୍ୟାକୁଳିତ ହୋଇ ଉଠିଛନ୍ତି । ଏଇ ଅବସରରେ ୧୯୮୬ ମସିହା ଆନ୍ତର୍ଜାତିକ ଶାନ୍ତିବର୍ଷ ରୂପେ ପାଳିତ ହୋଇ ଯାଇଛି । ତେଣୁ ଏହାହିଁ ହେଉଛି ଉପଯୁକ୍ତ ସମୟ ଯେଉଁ ସମୟରେକି ରାଜ୍ୟ ତଥା ଦେଶର ଭବିଷ୍ୟତ ଯୁବସମାଜ ତାଙ୍କର ଆଦର୍ଶ, ଧୀଶକ୍ତି ଓ ସାଙ୍ଗଠନିକ ଶକ୍ତି ବଳରେ କଣ୍ଟକିତ ପଥକୁ ଅତିକ୍ରମ କରି ଦରିଦ୍ର ଲୋକମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏବଂ ନିର୍ମଳ ଓ ଅଖଣ୍ଡ ଭାରତ ଗଠନ ପାଇଁ ଆଗେଇ ଆସିବା ଉଚିତ । ସେଇମାନଙ୍କଠାରୁ ଏ ଦେଶ ତଥା ଜାତି ଅନେକ କିଛି ଆଶା କରେ । ଅତଏବ ଏହି ଶୁଭ ବେଳାରେ ସମସ୍ତ ଯୁବ ସମାଜ ପ୍ରତିଜ୍ଞାବଦ୍ଧ ହୋଇ ତାଙ୍କର ଦୈନନ୍ଦିନ ଜୀବନରେ ଦେଶର ସଂହତି ଓ ପ୍ରଗତି ପାଇଁ ଚିନ୍ତାକରି କାର୍ଯ୍ୟକଲେ ମଙ୍ଗଳ ସୁନିଶ୍ଚିତ ।

---

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଟିଟିଲାଗଡ଼, ଜି: ବଲାଙ୍ଗୀର ।

---

**ଆମ ଦେଶର ସମ୍ବିଧାନ ଓ ଆଇନ କାନୁନକୁ ଆଖିରେ ରଖି ନାରୀ ଜାତିକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବାକୁ ହେବ ଓ ସମାଜର କୁସଂସ୍କାରକୁ ଦୂର କରିବାକୁ ହେବ ।**

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

Telegram : FINCORISSA

TELEX:0676-225
PABX : 21123, 21125
21172, 21173

# ORISSA STATE FINANCIAL CORPORATION

## O. M. P. SQUARE, CUTTACK-3

We have been on the industrial scene of Orissa for the last 32 years. We are the pioneer financial institution for industrial financing in the State. So far, we have financed 17,000 units with over Rs. 300 crores till 31st March, 1988.

We have crossed Rs. 380 crores mark in respect of effective sanction and disbursed Rs. 300 crores. We also disburse Central and State Capital Investment Subsidy and IDBI Seed Capital loan and Government's Seed loan to bridge the gap in equity. We have provided soft loan to 673 units amounting to Rs. 434·87 lakhs from our special share capital to meet the short fall in promoter's contribution. We operate IDBI's Refinance Scheme for Rehabilitation NRI investment on softer terms.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.

WE PROVIDE :

1. Term-loan up to Rs. 60 lakhs to create fixed assets
2. Soft-loan up to Rs. 4 lakhs to Technician Entrepreneurs
3. Term-loan up to Rs. 2 lakhs with 10% margin to educated unemployed
4. Loans to Technician Entrepreneurs with 15% margin
5. Loans to Medical Graduates for X-ray, E.C.G. and Electro-medical equipments.
6. Rehabilitation/Modernisation assistance with rate of interest 10 to 11½%
7. Composite-loans and loans for setting up Bio-gas Plants, Wind Mills and Solar appliances.

We assure you of our best services. For details please call on the Managing Director or our Regional Manager/Branch Manager.

**MANAGING DIRECTOR**



# ଜାତୀୟ ସଂହତି ପାଇଁ ବୁଦ୍ଧ ବାଣୀ

ଶ୍ରୀ ବଳରାମ ରାଉତ

ଅଧୁନା ଜାତୀୟ ସଂହତି ସମସ୍ୟାଟି ସମସ୍ତଙ୍କ ମନକୁ ଆଲୋଡ଼ିତ କରୁଛି । ଜାତୀୟ ସଂହତି କଅଣ ? ଏହାକୁ ରକ୍ଷା କରିବାର ଆବଶ୍ୟକତା ଏବେ କାହିଁକି ଅଧିକ ମାତ୍ରାରେ ଉପଲବ୍ଧି କରାଯାଉଛି ? କଣ କଲେ ଆମ ଦେଶରେ ଜାତୀୟ ସଂହତି ସୁରକ୍ଷିତ ହେବ ?

ଗୋଟିଏ ଦେଶ ବା ଗୋଟିଏ ଜାତିର ଅଧିବାସୀମାନେ ସେମାନଙ୍କର ଭାଷା, ଆଚାରବେଭାର, ଚାଲିଚଳନ, ରୀତିନୀତିର ଭିନ୍ନତା ଭିତରେ ପରସ୍ପର ସହିତ ବୁଝାମଣା, ସ୍ନେହ ଓ ପ୍ରେମର ଦୃଢ଼ ବନ୍ଧନରେ ଥାଇ ଦେଶ ଓ ଦଶର କଲ୍ୟାଣ ସାଧନ ପଥରେ ଅଗ୍ରସର ହେବାର ସଦ୍‌ଗୁଣକୁ ଜାତୀୟ ସଂହତି କୁହାଯାଏ । ବର୍ତ୍ତମାନ ମଣିଷ ଭିତରେ, ଜାତି ଜାତି ଭିତରେ, ଦେଶ ଦେଶ ଭିତରେ ମତାନ୍ତର, ମନାନ୍ତର ଲାଗିରହିଛି । ଏହାର କାରଣ ବହୁମୁଖୀ । ଧନପାଇଁ, କ୍ଷମତାପାଇଁ, ଯଶ ପାଇଁ ପରସ୍ପର ଭିତରେ ବିରୋଧଭାବ ରହିବା ମଣିଷ ଚରିତ୍ରର ଏକ ବଡ଼ ଦୋଷ । କିନ୍ତୁ ଗୋଟିଏ ଦେଶରେ ରହି ଗୋଟିଏ ଦେଶର ପାଣିପବନରେ ଲାଳିତ ପାଳିତ ହୋଇ, ଗୋଟିଏ ଦେଶମାତୃକାର ଅଞ୍ଚଳ ଛାୟାରେ ଦିନ ଅତିବାହିତ କରି ଏପରି ବିରୋଧଭାବ, କପଟ ଛଳନା, ହିଂସା ଦ୍ୱେଷ ସେ ଜାତିପକ୍ଷରେ ସେ ସେ ଦେଶ ପକ୍ଷରେ କ୍ଷତି କରିବ ଏକଥା ସମସ୍ତେ ଉପଲବ୍ଧି କଲେଣି ।

ଭାରତ ପରି ଏକ ବିରାଟ ଦେଶରେ ଅନେକ ଭାଷାଭାଷୀ ଅଛନ୍ତି । ଆମର ଖାଦ୍ୟପେୟ, ବେଶଭୂଷା, ଆଚାର, ବ୍ୟବହାର ସବୁଥିରେ ପ୍ରଭେଦ ରହିଛି । କିନ୍ତୁ ସବୁ ଭିନ୍ନତା ଭିତରେ ବି ଆମେ ଗୋଟିଏ ମା'ର ସନ୍ତାନ । ଆମେ ଭାରତୀୟ । ଗୋଟିଏ ତୋରିରେ ଗୁନ୍ଥା ଆମେ ଅନେକ ରଂଗର ସୁବାସିତ ଫୁଲ ଅଥବା ଗୋଟିଏ ଗୋଲାପର ଆମେ ଅନେକ ପାଖୁଡ଼ା । ତେଣୁ ଆପଣା ଭିତରେ ଏତେ କଳହ ହିଂସା କପଟ କାହିଁକି ?

ଅହିଂସା ଆଚରଣ କରି ପରସ୍ପର ସହିତ ସ୍ନେହ, ପ୍ରେମ ବନ୍ଧନରେ ବାନ୍ଧି ହୋଇ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିବାକୁ ଆମ ଜାତିର ପିତା ଗାନ୍ଧିଜୀ ଆପ୍ରାଣ ଉଦ୍ୟମ କରିଥିଲେ । ଏ ଦେଶ ପାଇଁ ସେ ନିଜ ଜୀବନ ମଧ୍ୟ ବଳୀ ଦେଲେ । ଆଜି ସେ ସ୍ୱର୍ଗପୁରୀରେ ଥାଇ ଆମର ଦୁରାବସ୍ଥା ଦେଖି ମର୍ମାହତ ହେଉଥିବେ ଆମର ଏ ଅଧୋପତନ ପାଇଁ ଦାୟୀ ଏଇ ହିଂସା କପଟରୂପୀ ଅକ୍‌ଟୋପାସ କବଳରୁ କଅଣ ମୁକ୍ତି ନାହିଁ ?

ସବୁ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ଅଛି । ସବୁ ପାପର ପ୍ରାୟଶ୍ଚିତ ଅଛି । ସେଥିପାଇଁ ଆମ ଧର୍ମଗ୍ରନ୍ଥ ସମୂହର ପ୍ରଚାରିତ ଆଦର୍ଶ, ନୀତିନିୟମ, ଉପଦେଶ ଆମକୁ ପାଳନ କରିବାକୁ ପଡ଼ିବ । ଯେମିତି ବାଇବେଲ କହେ ହିଂସା କପଟ ଛଳନା କର ନାହିଁ । କୋରାନ୍, ଗୀତା, ଗ୍ରନ୍ଥ ସାହେବ, ତ୍ରିପିଟକ ବି ସେଇ ନୀତି ଓ ଆଦର୍ଶ ପ୍ରଚାର କରନ୍ତି । ସେହି ଉପଦେଶ ଦିଅନ୍ତି । ମିଥ୍ୟା କୁହ ନାହିଁ, ହିଂସା କର ନାହିଁ, କପଟ ଛଳନା ପରିହାର କରି ସୁସ୍ଥ ସବଳ ଜୀବନଯାପନ କର । ଏଇ ହେଉଛି ଆମ ଧର୍ମଗ୍ରନ୍ଥ ସମୂହର ଆଦର୍ଶ ଏବଂ ଉପଦେଶ ।

ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବର ଅନେକ ବର୍ଷ ପୂର୍ବରୁ ଏଇ ଭାରତ ଭୂମିରେ ଜନ୍ମଗ୍ରହଣ କରିଥିଲେ ଶାକ୍ୟସିଂହ । ନିଜର ସାଧନା ଓ ତପସ୍ୟା ବଳରେ ସେ ଶାକ୍ୟସିଂହରୁ ହେଲେ ବୁଦ୍ଧ । ଖାଲି ଭାରତ କାହିଁକି ଭାରତ ବାହାରେ ତାଙ୍କ ଅହିଂସାର ବାଣୀ ପ୍ରଚାର କରି ପାପତାପ କ୍ଲିଷ୍ଟ

ମଣିଷକୁ ନିର୍ବାଣର ପଥ ଦେଖାଇଗଲେ । ଆମେ ହୁଏତ ଧୀରେ ଧୀରେ ସେହି ମହାନ୍ ଆତ୍ମାକୁ ଭୁଲିଯାଉଛୁ । କିନ୍ତୁ ଯେତେଦିନ ଯାଏ ଏଇ ମଣିଷ ସଭ୍ୟତା ଥିବ ତାଙ୍କ ଅହିଂସାର ଅମରବାଣୀ ଅନୁରଣିତ ହେଉଥିବ ଏଇ ବିଶାଳ ଧରାପୃଷ୍ଠରେ ।

ଆଜି ଯେତେବେଳେ ଭାରତ ଏକ ସନ୍ଧିସନ୍ଧି କ୍ଷଣରେ ଉପସ୍ଥିତ, ଅନାସ୍ଥର ହିଂସା ରକ୍ତପାତରେ ଏ ଦେଶ ଜର୍ଜର ଏବଂ ଆମର ଜାତୀୟ ସଂହତି ବିପନ୍ନ ହେବାକୁ ବସିଛି, ଏତିକିବେଳେ ଭଗବାନ ବୁଦ୍ଧଙ୍କର ଅମରବାଣୀ ପଠନ, ଅନୁସରଣ, ଅନୁଶୀଳନ ଏବଂ ପାଳନ ଆମକୁ ପାପ ମାର୍ଗରୁ ନିବୃତ୍ତ କରି ଆମର ଜାତୀୟଚେତନା ଉଦ୍‌ବୁଦ୍ଧ କରିବା ସଙ୍ଗେସଙ୍ଗେ ଆମର ଜାତୀୟ ସଂହତି ସୁଦୃଢ଼ କରିବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

ବୌଦ୍ଧମାନଙ୍କର ଧର୍ମଗ୍ରନ୍ଥର ନାମ ତ୍ରିପିଟକ । ଏହା ତିନି ଭାଗରେ ବିଭକ୍ତ । ବିନୟପିଟକ, ସୁତ୍ତପିଟକ ଏବଂ ଅଭିଧର୍ମ ପିଟକ । ବିନୟ ପିଟକରେ ପାଞ୍ଚଟି ଗ୍ରନ୍ଥ, ସୁତ୍ତପିଟକରେ ପାଞ୍ଚଟି ଗ୍ରନ୍ଥ ଓ ଅଭିଧର୍ମ ପିଟକରେ ୭ଟି ଗ୍ରନ୍ଥ । ସୁତ୍ତପିଟକରେ ପାଞ୍ଚଟି ଗ୍ରନ୍ଥ ମଧ୍ୟରେ ଖୁଦ୍ଦକ ନିକାୟ ହେଉଛି ଗୋଟିଏ ଗ୍ରନ୍ଥ ଯାହାପୁଣି ପନ୍ଦରଟି ଭାଗରେ ବିଭକ୍ତ । ଏଇ ପନ୍ଦରଟି ଭାଗ ଭିତରୁ ଧର୍ମପଦ ହେଉଛି ଗୋଟିଏ ଗ୍ରନ୍ଥ । ବୁଦ୍ଧ ବିଭିନ୍ନ ସମୟରେ ତାଙ୍କ ଶିଷ୍ୟମାନଙ୍କୁ ଉପଦେଶ ଛଳରେ ଯାହା କହିଥିଲେ ତାହା ଧର୍ମପଦରେ ସନ୍ନିବେଶିତ ହୋଇଛି । ବୁଦ୍ଧ ଏଇ ଉପଦେଶ ସମୂହ ସେତେବେଳର ପ୍ରଚଳିତ ଭାଷା ପାଳିରେ ଦେଇଥିଲେ । ତେଣୁ ଏ ଗ୍ରନ୍ଥକୁ ମଧ୍ୟ ପାଳି ଧର୍ମପଦ କୁହାଯାଏ । ବୁଦ୍ଧଙ୍କ ମହାନିର୍ବାଣ ପରେ ଏହା ଲିଖିତ ଆକାରରେ ପ୍ରଚଳିତ ହେଲା । ପରେପରେ ଏହା ଅନ୍ୟାନ୍ୟ ଭାରତୀୟ ତଥା ଭାରତ ବାହାର ଭାଷାରେ ଅନୁଦିତ ହେଲା ।

ଧର୍ମପଦରେ ଛବିଶଟି ବର୍ଗ ଓ ଚାରିଶହ ତେଇଶଟି ଶ୍ଳୋକ ବା ଗାଥା ଅଛି । ପ୍ରତ୍ୟେକଟି ଶ୍ଳୋକରେ ସନ୍ନିବେଶିତ ଉପଦେଶ ପାପତାପ କ୍ଳିଷ୍ଟ ମଣିଷର ଅନ୍ତରକୁ ଛୁଇଁପାରିଲା ଭଳି ହୋଇଛି । ପ୍ରଥମ ବର୍ଗରେ କୁହାଯାଇଛି ମନକୁ ନିର୍ମଳ କର । କଳୁଷିତ ମନ ନେଇ କେହି କେବେ ଭଲକାମ କରିପାରିବ ନାହିଁ । ପୁଣି କୁହାଯାଇଛି ହିଂସା ଦ୍ୱେଷ ବୈରଭାବ ମନରୁ ତ୍ୟାଗ ନ କଲେ କଦାପି ଶାନ୍ତି ମିଳିବ ନାହିଁ ।

ଯମକ ବର୍ଗର ଏହି ଶ୍ଳୋକ ହେଉଛି–

ନାହିଁ ବରେନ ବରୋନି ସମନ୍ତୀଧ କୁଦାଚନଂ
ଅବରେନ ଚ ସମ୍ମନ୍ତିଏସ ଧମ୍ମୋ ସନନ୍ତନୋ ॥

ଓଡ଼ିଆରେ ତାର ଭାବାର୍ଥ ହେଉଛି–

ଅନିତ୍ୟ ସଂସାରେ କେହି
କରି କେବେ ବୈର ଆଚରଣ
ଆଉ କାର ହିଂସା ଦ୍ୱେଷ ଯେତେ
କରିଛି କି ମୂଳ ଉତ୍ପାଟନ ?

ବୈରଭାବ ଦୂରକଲେ ମନୁ
ମିଳେ ସଦା ସୁବିମଳ ଶାନ୍ତି ।

ଶାନ୍ତ ଆଚରଣ ସିନା ଶାନ୍ତି ଆଣେ
ସନାତନ ଧର୍ମର ଏ ନୀତି ।

ତେଣୁ ଯଦି ଆମେ ମନ ନିର୍ମଳ କରି ବୈରଭାବ ଦୂରକରିବା ତାହାହେଲେ ଏ ଭାରତବର୍ଷରେ ଶାନ୍ତି ପ୍ରତିଷ୍ଠା ହେବ ।

ଆଉ ଏକ ଅଧ୍ୟାୟ ଚିତ୍ତବଗ୍‌ଗରେ ମଣିଷର ଚପଳ ଚଂଚଳ ମନକୁ ନିୟନ୍ତ୍ରଣ କରିବା ପାଇଁ ଉପଦେଶ ଦିଆଯାଇଛି । କେବଳ ଆମ ଚିତ୍ତର ଚଂଚଳତା ହେତୁ ଆମେ ସବୁ ଅନୀତି କାର୍ଯ୍ୟ କରୁଛୁ, ଯାହା ଫଳରେ ଆମର ଜାତୀୟସଂହତି ବିପନ୍ନ ହେବାକୁ ବସିଛି । ଧୀରସ୍ଥିର ଚିତ୍ତରେ ଯେଉଁକାମ କରଯାଏ ତାହା ନିଜପ୍ରତି, ଦେଶପ୍ରତି ଓ ଜାତିପ୍ରତି ଶୁଭଂକରୀ ହୁଏ । ତେଣୁ ଚଂଚଳ ଚିତ୍ତକୁ ନିୟନ୍ତ୍ରଣ କରିବାକୁ କୁହାଯାଇଛି :

ଦୁନ୍ନିଗ୍ରହସ୍ସ ଲହୁନୋ ଯତ୍ଥ କାମ
ନିପାତିନେ,
ଚିତ୍ତସ୍ସ ଦମଥୋ ସାଧୁ ଚିତ୍ତଂଦାନ୍ତଂ
ସୁଖାବହମ୍ ।

ଏହି ଶ୍ଳୋକରେ ଓଡ଼ିଆ କବିତାରେ ଅନୁବାଦ ଏହିପରି :–

କଷ୍ଟସାଧ୍ୟ ଏ ଚିତ୍ତର ନିୟନ୍ତ୍ରଣ,
ଲଘୁଗାମୀ ମଣିଷର ମନ ।
କିଞ୍ଚିତ ମାତ୍ରାରେ ଆସି ପ୍ରଲୋଭନ
ଏ ଚିତ୍ତକୁ କରେ ଆକର୍ଷଣ ।
ଏପରି ଚଂଚଳ ଆଉ ଚପଳ ଚିତ୍ତକୁ
ଦମନ କରିବା ସିନା ଶ୍ରେୟ ।
ଚିତ୍ତର ଦମନ ତେଣୁ ଆମ କାମ୍ୟ
ନିୟନ୍ତ୍ରିତ ଚିତ୍ତ ସୁଖାବହ ।

ଆମ ଚରିତ୍ରର ଗୋଟିଏ ବଡ଼ଦୋଷ ହେଉଛି; ଆମେ ସର୍ବଦା ଅନ୍ୟର ଦୋଷ ଦେଖୁ । ଅନ୍ୟ କାର୍ଯ୍ୟର ସମାଲୋଚନା କରୁ । କିନ୍ତୁ ନିଜର କି ଦୋଷ ଅଛି, ନିଜକାର୍ଯ୍ୟ କେତେଦୂର ସଂଗତ ତାହା ବିଚାର କରୁନାହୁଁ । ଏଥିପାଇଁ ଆମ ଭିତରେ ମତାନ୍ତର, ମନାନ୍ତର ହୁଏ । ଆମେ ଅସଂଯତ ହୋଇ ଅନ୍ୟର ଦୋଷ ଦୁର୍ବଳତାର ନିନ୍ଦା କରିବା ଫଳରେ ଶତ୍ରୁ ଉତ୍ପାତ ହୁଏ । ପୁଷ୍ପବର୍ଗରେ ଭଗବାନ ବୁଦ୍ଧ କହିଛନ୍ତି : ପ୍ରଥମେ ନିଜର ଦୋଷକୁ ଦେଖ, ନିଜ କାର୍ଯ୍ୟର ସମୀକ୍ଷା କର ।

ନ ପରେସଂ ବିଲୋମାନି ନ ପରେସଂ କତାକତଂ
ଅତ୍ତନୋ'ଵ ଅବେକ୍ଖେୟ୍ୟ
କତାନି ଅକତାନି ଚ ।

ଓଡ଼ିଆ କବିତା :—

ଉଚିତ ନୁହଁଇ କେବେ ଖୋଜିବାଟା
ଆଉ କା'ର ଦୋଷ ଦୁର୍ବଳତା
ଅନ୍ୟ କା'ର କୃତାକୃତ କର୍ମ ନେଇ
କେବେହେଲେ କରନାହିଁ ଚିନ୍ତା ।
ଅନ୍ୟର ଭବନା ଡେଇଁ ଶୁଦ୍ଧମନେ
ନିଜେ କର ନିଜର ସମୀକ୍ଷା ।
ଆପଣାର କୃତାକୃତ କର୍ମର ପରୀକ୍ଷା
ହେଉ ତୁମ ଜୀବନର ଦୀକ୍ଷା ।

ଏବେ ସାଧାରଣ ଲୋକଠାରୁ ଆରମ୍ଭ କରି ପଦସ୍ଥ ଅଧିକାରୀ, ନେତା ସମସ୍ତେ ସୁନ୍ଦର କଥା କହନ୍ତି ମାତ୍ର ତାକୁ କାର୍ଯ୍ୟରେ ପରିଣତ କରନ୍ତି ନାହିଁ, ଏହା ଫଳରେ ଆମ ଉପରେ ସାଧାରଣ ଲୋକଙ୍କର ସନ୍ଦେହ ଜାତହୁଏ । ସନ୍ଦେହରୁ ଶତ୍ରୁତା ଜନ୍ମନିଏ । ଯେମିତି ଫୁଲ ସୁନ୍ଦର ଓ ବର୍ଣ୍ଣଯୁକ୍ତ ହୋଇ ସୁଗନ୍ଧ ଶୂନ୍ୟ ହେଲେ ନିଷ୍ଫଳ ହୁଏ ସେହିପରି ସୁଭାଷିତବାଣୀ କାର୍ଯ୍ୟରେ ପାଳିତ ନହେଲେ ନିଷ୍ଫଳ ହୁଏ । ପୁଷ୍ପ ବର୍ଗରେ ବୁଦ୍ଧ କହିଛନ୍ତି :—

ଯଥାପି ରୁଚିରଂ ପୁପ୍ଫଂ ବଣ୍ଣବନ୍ତଂ
ଅଗନ୍ଧକଂ
ଏବଂ ସୁଭାସିତା ବାଚା ଅଫଳାହୋତି
ଅକୁବ୍ବତୋ

ଓଡ଼ିଆ କବିତାରେ ରୂପାନ୍ତର :—

ପୁଷ୍ପ ହୋଇ ବର୍ଣ୍ଣଯୁକ୍ତ ସୁନ୍ଦର ରୁଚିର ହେଲେ ଗନ୍ଧହୀନ
ବୃଥା ହୁଏ ତାହାର ଜୀବନ ।
ସେହିପରି ସୁଭାଷିତ ବାଣୀ ଯଦି,
ହୁଏ ନାହିଁ କର୍ମରେ ପାଳିତ ।
ପରିଣତି ହୁଏ ତାର ଫଳହୀନ
ଅକାରଣ ବ୍ୟର୍ଥ ।

ଆମେ ପ୍ରତିଦିନ ଅନେକ କାମକରୁ । ମାତ୍ର କେତେକ କାମ କରିବା ପରେ ଆମକୁ ଅନୁତାପ କରିବାକୁ ପଡ଼େ । ଆମ କୁକର୍ମର କୁଫଳ ସ୍ୱରୂପ ପରସ୍ପର ଭିତରେ ଶ୍ରଦ୍ଧା ପରିବର୍ତ୍ତେ ବୈରଭବ ଜାତହୁଏ । ଯାହାଦ୍ୱାରା ପ୍ରତିବେଶୀ ସହିତ, ଜାତି ସହିତ, ଦେଶବାସୀ ସହିତ ଶତ୍ରୁତା ହୁଏ । ତେଣୁ ଆମକୁ ଏମିତି କାମ କରିବାକୁ ହେବ ଯାହା ପାଇଁ ଅନୁତାପ କରିବାକୁ ପଡ଼ିବ ନାହିଁ । ବୁଦ୍ଧ ସେଥିପାଇଁ ଧର୍ମପଦର ବାଲୋବଗ୍ଗରେ କହିଛନ୍ତି :—

ନତଂ କମ୍ମକତଂ ସାଧୁ ଯଂ କତ୍ୱା
ଅନୁତପ୍ପତି
ଯସ୍ସ ଅସ୍ସୁମୁଖୋ ରୋଦଂ ବିପାକଂ
ପଟି ସେବତି ।

ଅର୍ଥାତ୍—

ଉତ୍ତମ ନୁହେଁ ସେ କର୍ମ ଯାହାପାଇଁ
କରିବାକୁ ହୁଏ ଅନୁତାପ,
ଯାହାର କୁଫଳପାଇଁ ଅଶ୍ରୁମୁଖେ
କର ତୁମେ କାତର ବିଳାପ ।

ଅଧୁନା ଆମଦେଶରେ ନରହତ୍ୟା ଲାଗି ରହିଛି । ଯେ କୌଣସି ଆଳରେ ସାମାନ୍ୟତମ କାରଣ ପାଇଁ ଜଣେ ଆଉ ଜଣକୁ ହତ୍ୟା କରୁଛି । ନରହତ୍ୟା ମହାପାପ ଏକଥା ସବୁ ଧର୍ମ-ଗ୍ରନ୍ଥରେ ଲିପିବଦ୍ଧ ।

ଦଣ୍ଡବଗ୍ଗୋନାରେ କୁହାଯାଇଛି :—

ସବ୍ବେ ତସନ୍ତି ଦଣ୍ଡସ୍ସ ସବ୍ବେ ଭାୟନ୍ତି
ମଚ୍ଚୁନୋ
ଅତ୍ତାନଂ ଉପମଂ କତ୍ୱା ନ ହନେୟ୍ୟ
ନ ଘାତୟେ ।

ଅର୍ଥାତ୍ ସମସ୍ତେ ଦଣ୍ଡକୁ ଭୟ କରନ୍ତି । ସମସ୍ତେ ମଧ୍ୟ ମୃତ୍ୟୁକୁ ଭୟ କରନ୍ତି । ଏଣୁ ସମସ୍ତଙ୍କୁ ନିଜପରି ଜ୍ଞାନକରି କାହାକୁ ମାରିବ ନାହିଁ କିମ୍ବା ମରାଇବ ନାହିଁ । ଆମେ ଯଦି ବୁଦ୍ଧଙ୍କର ଏହି ମହାନ୍‌ବାଣୀ ପାଳନ କରିବା ତେବେ ଆମ ଦେଶରେ ସଂଘଟିତ ହେଉଥିବା ନରହତ୍ୟା ଆଉ ହେବ ନାହିଁ ।

ପ୍ରତ୍ୟେକ ମନୁଷ୍ୟର କାମ୍ୟ ହେଉଛି ସୁଖ । ସୁଖ-ଶାନ୍ତିରେ କାଳାତିପାତ କରିବାପାଇଁ ମଣିଷ ସର୍ବଦା ବ୍ୟାକୁଳ । କିନ୍ତୁ ଆଜି ଆମ ଦେଶରେ ଜଣେ ଆଉ ଜଣଙ୍କର ସୁଖ ନଷ୍ଟକରୁଛି, ଶାନ୍ତିଭଙ୍ଗ କରୁଛି । ଏହା ହେଉଛି ଦେଶରେ ଅଶାନ୍ତିର ପ୍ରଧାନ କାରଣ । ଆମର କିଛି କାମନା ଥାଇପାରେ କିନ୍ତୁ ଏସବୁ ହାସଲ କରିବା ଛଳରେ ଆମେ ଅନ୍ୟର ସୁଖଶାନ୍ତି ନଷ୍ଟ କରିବା କାହିଁକି ? ଅନ୍ୟ ସହିତ ଶତ୍ରୁତା ଆଚରଣ କରିବା କାହିଁକି ?

ବୁଦ୍ଧ କହିଛନ୍ତି :—

ସୁସୁଖଂ ବତ ଜୀବାମ ବେରିନେସୁ
ଅବେରିନୋ,
ବେରିନେସୁ ମନୁସ୍ସେସୁ ବିହରାମ
ଅବେରିନୋ ।

ଅର୍ଥାତ୍ ଆମ୍ଭେମାନେ ଶତ୍ରୁମାନଙ୍କ ଭିତରେ ଶତ୍ରୁତା ତ୍ୟାଗ କରି ସୁଖରେ ବଞ୍ଚିବା । ବୈରୀ ମନୁଷ୍ୟମାନଙ୍କ ଭିତରେ ଅବୈରୀ ଅର୍ଥାତ୍ ମିତ୍ର ହୋଇ ବୈର ଭାବ ତ୍ୟାଗକରି ବିହାର କରିବା ।

ସେ ପୁନଶ୍ଚ କହିଛନ୍ତି:—

ନତ୍ଥି ରାଗ ସମୋ ଅଗ୍ନି
ନତ୍ଥି ଦୋଷ ସମ କଲି
ନତ୍ଥି ଖନ୍ଧ ସମାଦୁଃଖା,
ନତ୍ଥି ସନ୍ତି ପରଂ ସୁଖଂ ।

ରାଗତୁଲ୍ୟ ଅଗ୍ନି ନାହିଁ, ଦୋଷ ତୁଲ୍ୟ ଅପରାଧ ନାହିଁ । ଧନବୃଦ୍ଧି ତୁଲ୍ୟ ଦୁଃଖ ନାହିଁ ଏବଂ ଶାନ୍ତିରୁ ବଳି ସୁଖ ନାହିଁ । ତେଣୁ ଆମକୁ ରାଗ ବା କ୍ରୋଧ ପରିହାର କରିବାକୁ ହେବ । କ୍ରୋଧ ବିଷୟରେ ବୁଦ୍ଧ କହିଛନ୍ତି:—

ଅକ୍‌କୋଧେନ ଜିନେ କୋଧଂ,
ଅସାଧୁଂ ସାଧୁନାଂ ଜିନେ ।
ଜିନେ କଦର୍ଯ୍ୟଂ ଦାନେନ,
ସଚ୍ଚେନ ଅଲିକ ବାଦିନଂ ।

ଅର୍ଥାତ୍ ଅକ୍ରୋଧ ଦ୍ୱାରା କ୍ରୋଧକୁ ଜୟ କରିବ । ସାଧୁ ଆଚରଣ ଦ୍ୱାରା ଅସାଧୁକୁ ଜୟ କରିବ । କୃପଣ ଲୋକକୁ ଦାନ ଦ୍ୱାରା ଜୟ କରିବ ଏବଂ ମିଥ୍ୟାବାଦୀକୁ ସତ୍ୟ କହି ଜୟ କରିବ ।

## ଆମେ ଅନ୍ୟ ସହିତ ଶତ୍ରୁତା କରୁ କାହିଁକି ?

ଏହାର କେବଳ ଏକମାତ୍ର କାରଣ ହେଉଛି ନିଜ ସୁଖର ଅନୁସନ୍ଧାନ । ଆମେ ଭାବୁ ଆମର ସୁଖପାଇଁ ଅନ୍ୟକୁ ଦୁଃଖ ଦେଲେ କ୍ଷତି ନାହିଁ । ଆଜି ଦେଶରେ ହିଂସାକାଣ୍ଡ, ଲୁଟ-ତରାଜ, ନାରୀଧର୍ଷଣ ଭଳି ଜଘନ୍ୟ ଅପରାଧ ଯେଉଁମାନେ କରନ୍ତି ସେମାନେ ଆପଣାର କଳ୍ପିତ ସୁଖ ପଛରେ ଧାଇଁଛନ୍ତି । ଏ ପାର୍ଥିବ ସୁଖ କାମନାରୁହିଁ ଅନ୍ୟ ପ୍ରତି ବୈରଭାବ ଜାତ ହୁଏ । ପରସ୍ପର ସହିତ ଶତ୍ରୁତା ହୁଏ । ସେଥିପାଇଁ ବୁଦ୍ଧ କହିଛନ୍ତି—ଯଦି କେହି ଅନ୍ୟକୁ ଦୁଃଖ ଦେଇ ନିଜର ସୁଖ ଖୋଜେ ସେ ବୈରଭାବରେ ସଂଶ୍ଳିଷ୍ଟ ହୋଇ ବୈରଭାବରୁ କଦାପି ମୁକ୍ତ ହୁଏ ନାହିଁ । କ୍ରୋଧ ମଣିଷର ପ୍ରଭୁତ କ୍ଷତି କରେ । ଅନ୍ୟ କାହା ଉପରେ ରାଗିଯାଇ ଆମେ ତାର ସାମୟିକ କ୍ଷତି କରିପାରୁ, ମାତ୍ର ଆମର କ୍ଷତି ହୁଏ ତା ଠାରୁ ଅଧିକ । କ୍ରୋଧର ସର୍ବନାଶୀ ପ୍ରଭାବରେ ଆମେ ବାରମ୍ବାର କ୍ରୋଧାନ୍ୱିତ ହୋଇ କୁକର୍ମ କରୁ । ସେଥିପାଇଁ ଯେ ପ୍ରକୃତ ବିଜ୍ଞ ଲୋକ ସେ କ୍ରୋଧ ପରିହାର କରେ ।

ଭଗବାନ ବୁଦ୍ଧ ତୃଣୀ ବା ତୃଷ୍ଣା ବର୍ଗରେ କହିଛନ୍ତି—

ଯେ ରାଗରତ୍ତାନୁ ପତନ୍ତି ସ୍ରୋତଂ ସୟଂକତଂ
ମକ୍‌କଟକୋ’ ବ ଜାଲଂ ।
ଏତମ୍ପି ଛେତ୍ୱାନ ବଜନ୍ତି ଧୀରା ଅନପେକ୍‌ଖୀନୋ,
ସବ୍ବ ଦୁକ୍‌ଖଂ ପହେତ୍ୱା ।

ଅର୍ଥାତ୍ ବୁଢ଼ିଆଣୀ ଯେପରି ନିଜ ତିଆରି ଜାଲ ଭିତରେ ନିଜେ ଆବଦ୍ଧ ହୋଇ ରହେ, ରାଗାସକ୍ତ ଲୋକ ନିଜ କୃତ ତୃଷ୍ଣା ସ୍ରୋତରେ ଅନୁଗମନ କରି ରହିବାକୁ ବାଧ୍ୟ ହୁଅନ୍ତି । ତାକୁ ଅତିକ୍ରମ କରିପାରନ୍ତି ନାହିଁ । ତେଣୁ ପଣ୍ଡିତମାନେ କ୍ରୋଧତ୍ୟାଗ କରି ଦୁଃଖ ପରିହାର ପୂର୍ବକ ଶାଶ୍ୱତ ଆନନ୍ଦ ଲାଭ କରନ୍ତି ।

ଧର୍ମପଦରେ ସନ୍ନିବେଶିତ ଅନେକ ଉପଦେଶ ମଧ୍ୟରୁ କେତୋଟି ମାତ୍ର ଉଦାହରଣ ଦିଆଗଲା । ମଣିଷ ସୁସ୍ଥ ସୁନ୍ଦର ଜୀବନଯାପନ କରିବାକୁ, କାମ କ୍ରୋଧ ପ୍ରଭୃତି ରିପୁ-ମାନଙ୍କୁ ନିୟନ୍ତ୍ରଣ କରିବାକୁ ବୁଦ୍ଧ ଉପଦେଶ ଦେଇଅଛନ୍ତି । ମୁଖ୍ୟତଃ କ୍ରୋଧ ବା ରାଗ ତ୍ୟାଗ କରିବା ଏବଂ ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଦୃଷ୍ଟି ନଦେଇ ତାର ଭଲଗୁଣକୁ ଆଦର କରିବା ଉଚିତ । ନିଜର ଦୋଷ ଦୁର୍ବଳତା ଦୂର କରି ଆତ୍ମସଂଯମ ସାଧନା ବଳରେ ଜୀବନରେ ସୁଖଶାନ୍ତି ଲାଭ କରିବା ପାଇଁ ସେ ମନୁଷ୍ୟକୁ ଆହ୍ୱାନ ଦେଇ ଅଛନ୍ତି । ତେଣୁ ଆମେ କୁକର୍ମ ନକରି ସଦ୍‌ଗୁଣର ଉପାସନା କଲେ ଖାଲି ଆମେ କାହିଁକି ଆମର ଜାତି ଓ ଦେଶ ସୁଖଶାନ୍ତିରେ ସମୟ ଅତିବାହିତ କରିବ । ଦେଶର ଜାତୀୟ ସଂହତି ସୁଦୃଢ଼ ହେବ ଏବଂ ଭାରତ ଏକ ମହାନ ରାଷ୍ଟ୍ର ଭାବରେ ପୃଥିବୀ ପୃଷ୍ଠରେ ଖ୍ୟାତି ଲାଭ କରିବ ।

ଏବେ ଭାରତରେ ଜାତୀୟତାର ନୂତନ ଜାଗରଣ ଆସିଛି । ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ ଅତି ଉଚ୍ଚରେ । ଖାଲି ଧର୍ମପଦକୁ ଏକ ଧର୍ମଗ୍ରନ୍ଥ ଭାବରେ ଗ୍ରହଣ ନକରି ଯଦି ସାହିତ୍ୟ ଭାବରେ ଗ୍ରହଣ କରାଯାଏ, ଏଥିରେ ସନ୍ନିବେଶିତ ସାହିତ୍ୟର ଶାଶ୍ୱତ ପ୍ରଭାବ ଆମକୁ ଯେ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବ ଏଥିରେ ସନ୍ଦେହ ନାହିଁ ।

(*) ପ୍ରବନ୍ଧରେ ସନ୍ନିବେଶିତ ଓଡ଼ିଆ କବିତା ନିଜସ୍ୱ ଅନୁବାଦ ।

ଯୁଗ୍ମଶାସନ ସଚିବ,
ଗ୍ରାମଗୋଷ୍ଠୀ ଓ ଗ୍ରାମ୍ୟ ପୁର୍ନଗଠନ ବିଭାଗ, ସଚିବାଳୟ

ଆମେ ଯେପରି ଦ୍ରୁତ ଗତିରେ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି କରିଛୁ, ତାର ତୁଳନା ଇତିହାସରେ ନାହିଁ । ପଣ୍ଡିତ ଜବାହରଲାଲ ନେହେରୁ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କେବଳ ଯେ ସ୍ୱାବଲମ୍ବୀ ହୋଇ ପାରିଛି, ତାହା ନୁହେଁ, ବରଂ ଆମର ଭବିଷ୍ୟତ ଅସୁବିଧା ଦିନମାନଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ଶସ୍ୟ ମହଜୁଦ୍ କରି ରଖିବା ସମର୍ଥ ହୋଇ ପାରିଛି । •ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ବଣ୍ଡା : ପଣସରୁ ପଇସା : ହାଟ ସଉଦା



ଶ୍ରୀ ଚବିକୃଷ୍ଣନାଥ ସାହୁ

କୋରାପୁଟ ବଣ ଜଙ୍ଗଲରେ ବାସକରେ ବଣ୍ଡା, ମାଲକାନଗିରି ସବ୍‌ଡ଼ିଭିଜନରେ ବଣ୍ଡା ପାହାଡ଼ରେ, ପାହାଡ଼ ଉପରେ ଏକ ନିରିଶଟି ଗାଁରେ ବାସ କରନ୍ତି ଏଇ ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟଟି । ସମୟର ଆହ୍ୱାନକୁ ଖାତିର ନକରି, ବଣ ଜଙ୍ଗଲରେ ଶୀକାର କରନ୍ତି ବଣ୍ଡାମାନେ । ବୟସ୍କା ଯୁବତୀ ବିବାହ କରେ ଅପରିଣତ କିଶୋରକୁ । ସଲପ ମଦଖାଇ ଜୀବନକୁ ବିପର୍ଯ୍ୟସ୍ତ କରେ ବଣ୍ଡା । ହସ ଖୁସିର ଜୀବନରେ ବେଳେ ବେଳେ ଦୁଃଖର ନଈ ବହିଯାଏ ।

ବଣ୍ଡା ଜୀବନ ଧାରାରେ ଏଇମିତି ଅନେକ ଅସଙ୍ଗତି, ଅନେକ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ତଥାପି ସରଳତା ଭରିଥାଏ ବଣ୍ଡା ହୃଦୟରେ । ବଣ ପାହାଡ଼କୁ ନିଜର କରି, ତାରି ଭିତରେ ନିଜର ସଂସାର ପାତିଥାଏ ବଣ୍ଡା । ବଣ, ଜଙ୍ଗଲରୁ ଫଳମୂଳ, କନ୍ଦା ସଂଗ୍ରହ କରି, ଜଙ୍ଗଲରୁ ଧାନ, ଅଳସୀ, କାନ୍ଦୁଲ ପ୍ରଭୃତି ଚାଷକରି, କୌଣସି ମତେ ଚଳିଯାଏ ବଣ୍ଡା । ମାତ୍ର ଆଜିର ଜଙ୍ଗଲ ସମ୍ପଦ କମି କମି ଗଲାବେଳେ, ବଣ୍ଡାର ଅପରିବର୍ତ୍ତିତ ଜୀବନ ଚଳାଇବା ତାକୁ ବଡ଼ ଅସୁବିଧାରେ ପକାଇଥାଏ । ଦୁଇ ପାହାଡ଼ ମଝିରେ ଝରଣା ପାଣିରେ କିଛି ଧାନ ଚାଷକରି ବଣ୍ଡା, ପୋଡୁ ଚାଷକରି କିଛି କାନ୍ଦୁଲ, ଅଳସି, ସୁଆଁ ପ୍ରଭୃତି ପାଏ । ବର୍ଷଯାକର ଚାହିଦାକୁ ଚାହିଁ, ଏତିକି ଖାଦ୍ୟ ତାକୁ ନିଅଣ୍ଟ ହୁଏ ।

ଏଇ ପରିସ୍ଥିତିରେ, ବଣ୍ଡା ପାହାଡ଼ ଜଙ୍ଗଲରେ ଥିବା ପଣସ ଗଛଗୁଡ଼ିକ ତା'ର ଅର୍ଥନୀତିକୁ ବହୁ ସ୍ଥାନରେ ସ୍ୱଚ୍ଛଳ କରେ । କେହି ବାବୁ ଗଲେ, ପଣସ ଗଛରୁ ମିଳୁଥିବା ଅର୍ଥ ତା'ର ରୋଜଗାରର ଏକ ମୁଖ୍ୟ ଉତ୍ସ । ବଣ୍ଡା ପାହାଡ଼ର ପଣସ ଗଛଗୁଡ଼ିକ କାଳକ୍ରମେ ବଣ୍ଡାମାନଙ୍କର ଅଧିକାରରେ ଥାଏ । ଫଳରେ ପଣସ ଗଛଗୁଡ଼ିକ ପାଇଁ ଏକ ଅଲିଖିତ ମାଲିକାନା ଲୋକମାନଙ୍କ ଭିତରେ ପ୍ରତିଷ୍ଠିତ ହୋଇ ଯାଇଥାଏ ।

କେତେକ ବଣ୍ଡା ନିଜ ଜମିରେ ପଣସ ଗଛ ଲଗାଇ ଥାଆନ୍ତି; ମାତ୍ର ବିକ୍ଷିପ୍ତ ଭାବରେ ଜଙ୍ଗଲରେ ଥିବା ପଣସ ଗଛଗୁଡ଼ିକ ସେମାନଙ୍କୁ ଅଧିକ ଭାବରେ ସାହାଯ୍ୟ କରେ । ଏଇ ଲେଖକ ଏ ସମ୍ପର୍କରେ ଏକ କୌତୂହଳପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି । ଛୋଟ ଅବସ୍ଥାରେ ପଣସଗଛଟିଏ ଯେଉଁ ବଣ୍ଡା ଆବିଷ୍କାର କରେ, ପରବର୍ତ୍ତୀ ସମୟ ପାଇଁ ସେ ତା'ର ମାଲିକ ହୋଇଥାଏ । ଏଥିରେ ଯଦି ବାଧା ଉପୁଜେ, ମାଡ଼ଗୋଳ, ପିଟାପିଟି, ଏପରିକି ନରହତ୍ୟା ମଧ୍ୟ ଘଟିଯାଏ । ଏ ଦିଗରେ ବଣ୍ଡାମାନେ ଖୁବ ସ୍ୱାର୍ଥପର ଓ ଆତ୍ମ କୈନ୍ଦ୍ରିକ । ବଣ୍ଡା କେବଳ ନିଜର କଥା ଭାବେ । ସେଠି ତାଙ୍କ ବାପା, ଭାଇ କିମ୍ବା ଆତ୍ମୀୟ ସ୍ୱଜନଙ୍କ ପ୍ରଶ୍ନ ଉଠେ ନାହିଁ । ନିଜର ଅଧିକାରରେ ଥିବା ଗଛଟିଏ କିମ୍ବା ଜୀବଜନ୍ତୁଟିଏ ଅନ୍ୟ କାହାରିକୁ ସହଜରେ ଦିଏନାହିଁ । ଜୋର ଜବରଦସ୍ତ କିଏ ଛଡ଼େଇ ନେବାକୁ ଚାହିଁଲେ, ଭୀଷଣ ବିଶୃଙ୍ଖଳା ସୃଷ୍ଟିହୁଏ । ଶୁଣାଯାଏ, ଗୋଟିଏ ମୂଷାକୁ ନେଇ ଯାଇଥିବାରୁ, ପୁଅ ତାର ବାପକୁ ତୀର ବିନ୍ଧି ମାରିଦେଇଥିଲା ।

ପଣସ ଗଛର ମାଲିକାନାରେ ସେମାନେ ଖୁବ୍ ନିର୍ମମ । କେହି ଅନ୍ୟର ଗଛରୁ ପଣସଟିଏ ତୋଳି ନେଇ ପାରେନାହିଁ । ଅଧିକାର ସାବ୍ୟସ୍ତ କରିବାତ ଦୂରର କଥା । ପୁଣି ସେ ଦରକାର ବେଳେ ତା'ର ମାଲିକାନା ଅନ୍ୟକୁ ବିକିଦିଏ । ବର୍ତ୍ତମାନ ଗୋଟିଏ

ପଣସ ଗଛର ମୂଲ୍ୟ ଶହେରୁ ଦୁଇଶହ ଟଙ୍କା ହୁଏ । ଜଣ ଜଣଙ୍କ ଅଧିକାରରେ ଏକାଧିକ ପଣସ ଗଛ ଥିବାର ଦେଖାଯାଏ ।

ଗଛରେ ପଣସ ପାଚିଲେ ବଣ୍ଡା ସାଧାରଣତଃ ସେଗୁଡ଼ିକୁ ହାଟକୁ ନେଇ ବିକ୍ରିକରେ । କଞ୍ଚା ଓ ପାଚିଲା ପଣସ ବିକ୍ରିକରି ଗୋଟିଏ ଗଛରୁ ବର୍ଷକରେ ଶହେରୁ ପାଞ୍ଚଶହ ଟଙ୍କା ଯାଏ ପାଏ । ଏଇ ପଇସାରେ ବର୍ଷ ଯାକର ଖଦି, ଖାଦି ଯୋଗାଡ଼ କରେ । ପଣସରୁ ପଇସା ପରି ସଲପ ଗଛରୁ ପଇସା ମଧ୍ୟ ତା'ର ଅର୍ଥନୀତିକୁ ସାହାଯ୍ୟ କରେ । ମାତ୍ର ସଲପ ଗଛକୁ ପାନୀୟ ଭାବରେ ବ୍ୟବହାର କରୁଥିବାରୁ, ସଲପରୁ ପଇସା ସଂଗ୍ରହ କରି ନିଜ କାମରେ ଲଗାଇ ପାରେ ନାହିଁ ।

ବଣ୍ଡାମାନେ ଖୁବ୍ ମିତବ୍ୟୟୀ । ଅଧିକ ପଇସା ପାଇଲେ ସଞ୍ଚୟ କରନ୍ତି ସିନା, ବିନା କାରଣରେ ଖର୍ଚ୍ଚ କରି ଦିଅନ୍ତି ନାହିଁ । ପଣସରୁ କିଛି ଉଦ୍‌ବୃତ୍ତ ପଇସା ପାଇଲେ, ସେମାନେ ବାଉଁଶ ନଳୀରେ ସାଇତି ରଖନ୍ତି । ଏବେ କେହି କେହି କାଠବାକ୍ସ କଲେଣି । ପଣସରୁ ସଞ୍ଚିତ ପଇସା ବେଳେ ବେଳେ ପର୍ବ ପର୍ବାଣୀ ଏବଂ ବାହାଘରରେ ଖର୍ଚ୍ଚ କରନ୍ତି । ପୁଣି କେବେ ଅନ୍ୟ କାର୍ଯ୍ୟରେ ସେ ପଇସା ଖର୍ଚ୍ଚ କରନ୍ତି । ପଣସକୁ ଖାଦ୍ୟ-ଭାବରେ ମଧ୍ୟ ବ୍ୟବହାର କରନ୍ତି, ମଞ୍ଜିକୁ ତରକାରୀ କରନ୍ତି ।

ତା'ଛଡ଼ା ଆଖପାଖ ଜଙ୍ଗଲ, ଘରବାଡ଼ି, କ୍ଷେତରେ ଯାହା ଫସଲ ହୁଏ, ତାକୁ ବିକନ୍ତି । ଖଇରପୁଟ ବ୍ଲକର ମୁଣ୍ଡିଗୁଡ଼ା ସାପ୍ତାହିକ ହାଟରେ ବେଶୀ ପରିମାଣରେ ଯୋଗ ଦିଅନ୍ତି । ମୁଗ, ବିରି, ଲଙ୍କା, ପରିବାପତ୍ର, ଯାହା ଅଳ୍ପ ବହୁତ ଅମଳ କରନ୍ତି, ସେ ସବୁକୁ ହାଟରେ ବିକି ଦିଅନ୍ତି । ଜଙ୍ଗଲର ଶିଆଳି ମଞ୍ଜି, ପାଢ଼େଇ ଫଳ ଏବଂ ଝୋଲ ଆମ୍ବ ମଧ୍ୟ ବିକନ୍ତି । କଦଳୀ ଫଳିଲେ ବିକ୍ରୀ କରନ୍ତି । ଲଲି ଫଳକୁ ରାନ୍ଧି ବିକ୍ରୀ କରନ୍ତି । ଫୁଲ ଝାଡ଼ୁଣୀ ତିଆରି କରି ବିକନ୍ତି ।


ହାଟରୁ କିଣି ଆଣନ୍ତି ଲୁଣ, କିରାସିନି, ଶୁଖୁଆ, ଲୁଗାପଟା, ସାର୍ଟ, ଗଞ୍ଜି, ଷ୍ଟୀଲେଜ ମାଳି, ଖଡୁ, ରିଙ୍ଗା ପାଇଁ ସୂତା ପ୍ରଭୃତି । ବଣ୍ଡାମାନଙ୍କ ଅର୍ଥନୈତିକ ଜୀବନ ଏମିତି ସାଧାରଣ ତଥା ତାତ୍ପର୍ଯ୍ୟ ପୂର୍ଣ୍ଣ । ଆଧୁନିକ ମଣିଷର ଅବଶ୍ୟକତା ତାଙ୍କୁ କାବୁ କରିନାହିଁ । ଜୀବନର ମୋହ ତାଙ୍କୁ ଛାଡ଼ିନାହିଁ । ଏମିତି ଏକ ସାଧାରଣ, ସରଳ ଜୀବନ ବିତାଇ ଚାଲିଛି ବଣ୍ଡା ସମାଜ ।

ଏଇ ଲେଖକ ୧୯୭୭ ରୁ ୧୯୭୯ ମସିହା, ଦୁଇବର୍ଷ ବଣ୍ଡାମାନଙ୍କ ନିକଟ ସମ୍ପର୍କରେ ଆସି ଖୁବ୍ ଅନ୍ତରଙ୍ଗ ଭାବରେ ସେମାନଙ୍କ ଜୀବନଚର୍ଯ୍ୟା ଅନୁଧ୍ୟାନ କରିଛି ଏବଂ ସ୍ପଷ୍ଟ ହୃଦବୋଧ ହୋଇଛି ଯେ, ବଣ୍ଡା ଅର୍ଥନୀତି ଓ ସାମାଜିକ ଧାରାରେ ଏକ ଚମତ୍କାରପ୍ରଦ ପରିବର୍ତ୍ତନ ଆଣିବାକୁ ହେଲେ, ସେମାନଙ୍କ ସହ ଏକାତ୍ମ ହେବାକୁ ପଡ଼ିବ । ସେମାନଙ୍କ ଅଭାବ ଓ ଅଭିଯୋଗକୁ ଆଗରେ ରଖି ଯୋଜନା ପ୍ରଣୟନ କରିବାକୁ ହେବ । ତା' ସହିତ, ଯୋଜନାର ରୂପାୟନ ମଧ୍ୟ ନିଷ୍ଠାର ସହ କରିବାକୁ ପଡ଼ିବ । ଶେଷକଥା ବଣ୍ଡା ଅର୍ଥନୀତିର ବିକାଶ ପ୍ରଥମ, ଆଉ ସବୁ ପରେ ।

---

ଭୂ ଅର୍ଜନ ଓ ଥଇଥାନ ଅଧିକାରୀ,
ବଡ଼ନାଳ ଜଳସେଚନ ଯୋଜନା, କେନ୍ଦୁଗଡ଼ା, କୋରାପୁଟ ।





OGP—MP-VI (I. & P. R.) 39—10,000—1-1-1989



ବେଜିଙ୍ଗ୍‌ଠାରେ ଆଲୋଚନାରେ
ଅଧ୍ୟକ୍ଷ ଶ୍ରୀ ଡେଙ୍ଗ୍ କାଇଓପିଙ୍ଗ୍ ଓ
ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ

Vol. XLIV No. 6 UTKAL PRASANGA Regd No. O-05/88
Licence No. C. R. N. P. 5—Licensed to post without Pre-Payment



ଆସ ଭାରତର ପାଲାଙ୍କି ଭାଇରେ
ଘୁର-ଝିଂକାର ଜୋରେ ....





